# ଧରିତ୍ରୀ
DHARITRI

ବାଲେଶ୍ୱର, ଗୁରୁବାର, ଜୁନ୍ ୧୭/୨୦୨୧ (୧୨ ପୃଷ୍ଠା) | Balasore, Thursday, June 17/2021 | ★★★★

୪୭ଶ ଭାଗ ୨୦୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ନାଇଟ୍‌ଙ୍କ ଦୃଢ଼ ବ୍ୟାଟିଂ**
ବ୍ରିଷ୍ଟଲଠାରେ ବୁଧବାର ଆରମ୍ଭ ହୋଇଥିବା ଭାରତ ବିପକ୍ଷ ମହିଳା କ୍ରିକେଟ ଟେଷ୍ଟ ମ୍ୟାଚରେ ଦୃଢ଼ ବ୍ୟାଟିଂ କରିଛନ୍ତି ଇଂଲଣ୍ଡ ଅଧିନାୟିକା ହିଥର ନାଇଟ୍।

୧୨

୧୧

**ଚିତ୍ର ଆଙ୍କୁଛନ୍ତି ସୋନମ୍**
କରୋନା ଯୋଗୁ ବାହାରକୁ କମ୍ ବାହାରି ଅଧିକ ସମୟ ଚିତ୍ର ଆଙ୍କିବାରେ ବ୍ୟସ୍ତ ରହୁଛନ୍ତି ଅଭିନେତ୍ରୀ ସୋନମ କପୁର।



# କଟକଣା ଆଂଶିକ କୋହଳ

**ଭୁବନେଶ୍ୱର,୧୬।୬(ବ୍ୟୁରୋ)**

ରାଜ୍ୟରେ କୋଭିଡ୍-୧୯ ସଂକ୍ରମଣ ହ୍ରାସ ପାଇବାରେ ଲାଗିଛି। ତଥାପି ଏହା ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସିନାହିଁ। ଗତ କିଛି ଦିନ ହେବ ସଂକ୍ରମଣ କମୁଥିବାରୁ ରାଜ୍ୟ ସରକାର ମେ' ୫ରୁ ରାଜ୍ୟରେ ଲଗାଇଥିବା କଟକଣାରେ ଆଂଶିକ କୋହଳ କରିଛନ୍ତି। ଆସନ୍ତା ଜୁଲାଇ ୧ ଯାଏ ଏହା ବଳବତ୍ତର ରହିବ। ବୁଧବାର ଏ ନେଇ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।

ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ୧୭ ଜିଲାରେ ସଂକ୍ରମଣ ହାର ୫ ପ୍ରତିଶତରୁ କମ୍ ରହୁଥିବାରୁ ସେହିସବୁ ଜିଲାଗୁଡ଼ିକରେ ଲକ୍‌ଡାଉନକୁ ଅଧିକ କୋହଳ କରାଯାଇଥିବାବେଳେ ଉପକୂଳବର୍ତ୍ତୀ ୧୩ ଜିଲାରେ ସଂକ୍ରମଣ ହାର ଅଧିକ ରହୁଥିବାରୁ ଲକ୍‌ଡାଉନକୁ କିଛିମାତ୍ରାରେ କୋହଳ କରାଯାଇଛି।

- ସାରା ରାଜ୍ୟରେ ଖୋଲିବ ମିଠା, ଉଠା ଦୋକାନ
- ୫୦%ରେ ଚାଲିବ ସରକାରୀ, ବେସରକାରୀ କାର୍ଯ୍ୟାଳୟ
- ସପ୍ତାହାନ୍ତ ଶଟ୍‌ଡାଉନ ବଳବତ୍ତର
- ଅଟୋମୋବାଇଲ ଦୋକାନ ଖୋଲିବ



ରାଜ୍ୟର ସମସ୍ତ ଜିଲାକୁ ୨ଟି ବର୍ଗରେ ବିଭକ୍ତ କରାଯାଇଛି। ସଂକ୍ରମଣ ହାର ୫ ପ୍ରତିଶତରୁ କମ୍ ଥିବା ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ୧୭ ଜିଲାକୁ କାଟାଗୋରି-'ଏ'ରେ ରଖାଯାଇଥିବାବେଳେ ଉପକୂଳବର୍ତ୍ତୀ ୧୩ ଜିଲାକୁ କାଟାଗୋରି-'ବି'ରେ ରଖାଯାଇଛି।

କାଟାଗୋରି-ଏ' ଜିଲାଗୁଡ଼ିକରେ ସକାଳ ୬ରୁ ଅପରାହ୍ନ ୫ଟା ଯାଏ ସମସ୍ତ ଦୋକାନ ବଜାର ଖୋଲା ରହିବ। ସେହିପରି କାଟାଗୋରି- ବି'ରେ ଥିବା ଜିଲାଗୁଡ଼ିକରେ ☞ପୃଷ୍ଠା-୪

**କାଟାଗୋରି-'ଏ'ରେ ୧୭ ଜିଲା**

**ସକାଳ ୬ରୁ ଅପରାହ୍ନ ୫ଟା ଯାଏ ସବୁ ଦୋକାନ ଖୋଲିବ**

ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ସୁବର୍ଣ୍ଣପୁର, ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ, କୋରାପୁଟ, ନବରଙ୍ଗପୁର, ମାଲକାନଗିରି ଏବଂ ରାୟଗଡ଼ା ।

**କାଟାଗୋରି -ବି'ରେ ୧୩ ଜିଲା**

**ସକାଳ ୬ରୁ ଅପରାହ୍ନ ୧ଟା ଯାଏ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲିବ**

ଖୋର୍ଦ୍ଧା, ପୁରୀ, ନୟାଗଡ଼, କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର, ଅନୁଗୋଳ, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଏବଂ କେନ୍ଦୁଝର ।

## ପେଟ୍ରୋଲ ୨୬, ଡିଜେଲ ୧୪ ପଇସା ବଢ଼ିଲା

**ଚଳିତ ମାସ ୯ଥର ବଢ଼ିଲାଣି ଦର**

**ଭୁବନେଶ୍ୱର,୧୬।୬**

ଗୋଟିଏ ଦିନର ବିରତି ପରେ ବୁଧବାର ପୁଣି ଥରେ ତେଲ ଦର ବୃଦ୍ଧି ହୋଇଛି। ଫଳରେ ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୨୬ ପଇସା ବଢ଼ି ୯୭.୪୨ ଟଙ୍କା ଏବଂ ଡିଜେଲ ୧୪ ପଇସା ଊର୍ଦ୍ଧ୍ୱରେ ରହି ୯୫.୨୫ଟଙ୍କାରେ ବିକ୍ରି ହେଉଛି। ବର୍ତ୍ତମାନ ସାରା ଦେଶରେ ☞ପୃଷ୍ଠା-୪

## ବାଧ୍ୟତାମୂଳକ ହେଲା ସୁନା ହଲ୍ ମାର୍କିଂ

**ନୂଆଦିଲ୍ଲୀ,୧୬।୬**

ସୁନାଗହଣା ଉପରେ ହଲ୍‌ମାର୍କିଂ ବାଧ୍ୟତାମୂଳକ ନିୟମ ବୁଧବାରଠାରୁ କାର୍ଯ୍ୟକାରୀ ହୋଇଛି। ସାରା ଦେଶରେ ଏହି ନିୟମ ଲାଗୁ କରିବା ଲାଗି ୨୦୧୯ରେ ସରକାର ଘୋଷଣା କରିଥିଲେ। ନିୟମ କାର୍ଯ୍ୟକାରୀ ନେଇ ଚଳିତ ବର୍ଷ ଜାନୁୟାରୀ ୧୫କୁ ସମୟ ଧାର୍ଯ୍ୟ କରାଯାଇଥିଲା। ପରେ ଏହାକୁ ୪ ମାସ ବଢ଼ାଯାଇ ପ୍ରଥମେ ଜୁନ୍ ପହିଲା ଏବଂ ପରେ ଜୁନ୍ ୧୫ ଯାଏ ମହଲତ ଦିଆଯାଇଥିଲା। ମହାମାରୀ ଯୋଗୁ ଜୁଏଲର୍ସମାନେ କିଛି ସମୟ ଲୋଡ଼ିଥିଲେ। ☞ପୃଷ୍ଠା-୪

## ଟୁଇଟରର ଆଇନଗତ ସୁରକ୍ଷା ଶେଷ କଲା କେନ୍ଦ୍ର

**ନୂଆଦିଲ୍ଲୀ,୧୬।୬**

- ବାକ୍ ସ୍ୱାଧୀନତା ଆଳରେ ଆଇନରୁ ବର୍ତ୍ତିପାରିବେ ନାହିଁ ପ୍ଲାଟ୍‌ଫର୍ମ
- ଭାରତରେ ରହିବାର ଅଛି ତ ଆଇନ ମାନିବାକୁ ପଡ଼ିବ: ରବିଶଙ୍କର

ସୋସିଆଲ ନେଟ୍‌ୱର୍କିଂ ସାଇଟ୍ ଟୁଇଟର ନୂଆ ସୂଚନା ଓ ପ୍ରଯୁକ୍ତିବିଦ୍ୟା(ଆଇଟି) ଆଇନର ଅନୁପାଳନ କରି ନ ଥିବା ଦର୍ଶାଇ କେନ୍ଦ୍ର ସରକାର ଏହାର ଆଇନଗତ ସୁରକ୍ଷାକୁ ଶେଷ କରିଛନ୍ତି। ଫଳରେ ଗାଜିଆବାଦର ଅବ୍‌ଦୁଲ ସମାଦଙ୍କ ଉପରେ ଆକ୍ରମଣ ମାମଲାରେ ଟୁଇଟର ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ ବୋଲି ବୁଧବାର ଆଇଟି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଘଟଣାର ଏକ ଭିଡିଓ କ୍ଲିପ୍ ସୋସିଆଲ ମିଡିଆରେ ଭାଇରାଲ ହୋଇଛି, ଯାହାକୁ ମାନିପୁଲେଟେଡ୍ ବୋଲି କୁହାଯାଉଛି। ଟୁଇଟର ଏହାକୁ ଫ୍ଲାଗ୍ କରି ନ ଥିବାରୁ ଏହା ବିରୋଧରେ ମାମଲା ରୁଜୁ ହୋଇଛି।

ଟୁଇଟର୍‌କୁ ନେଇ କେନ୍ଦ୍ର ସରକାର କଡ଼ା ଆଭିମୁଖ୍ୟ ପ୍ରକାଶ କରିଛନ୍ତି। ଆଇଟି ମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି, ସରକାର ଟୁଇଟରକୁ ଅନେକ ଥର ସୁଯୋଗ ଦେଇଛନ୍ତି। କିନ୍ତୁ ଏହି ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ସରକାରଙ୍କ ନୂଆ ଆଇଟି ଗାଇଡ୍‌ଲାଇନ୍ ନ ମାନିବାକୁ ପସନ୍ଦ କରିଛି। ଗାଜିଆବାଦ ମାମଲାରେ ଫେକ୍ ନ୍ୟୁଜ୍ ବିରୋଧୀ ଅଭିଯାନରେ ଟୁଇଟର୍‌ର ମନମୁଖି କାର୍ଯ୍ୟ ସାମ୍ନାକୁ ଆସିଛି। ଯଦି କୌଣସି ବିଦେଶୀ ସଂସ୍ଥା ନିଜକୁ ଭାରତରେ ଅଭିବ୍ୟକ୍ତି ସ୍ୱାଧୀନତାର ଧ୍ୱଜାବାହକ ଦର୍ଶାଇ ଆଇନରୁ ବର୍ତ୍ତିଯିବା ପାଇଁ ଉଦ୍ୟମ କରେ, ତାହା ବେକାର ହେବ। ମେ' ୨୬ରୁ କାର୍ଯ୍ୟକାରୀ ହୋଇଥିବା ଇଣ୍ଟରମିଡିଆରି ଗାଇଡ୍‌ଲାଇନ୍‌କୁ ଟୁଇଟର ମାନିନାହିଁ। ଟୁଇଟର ନିଜ ଫ୍ୟାକ୍ଟ ଚେକିଂ ମେକାନିଜମ୍‌କୁ ନେଇ ଉତ୍ସାହିତ। କିନ୍ତୁ ଯୁପି ☞ପୃଷ୍ଠା-୪



## ଜୁଲାଇ ୨୫ ପର୍ଯ୍ୟନ୍ତ ଶ୍ରୀମନ୍ଦିର ବନ୍ଦ

**ପୁରୀ ଅଫିସ, ୧୬।୬:** ମହାମାରୀ କରୋନା ପୁଣି ଭକ୍ତ ଓ ଭଗବାନଙ୍କ ମଧ୍ୟରେ ପାଚେରି ସୃଷ୍ଟି କରିଛି। କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ଜୁଲାଇ ୨୫ ପର୍ଯ୍ୟନ୍ତ ସାଧାରଣ ଭକ୍ତଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ବନ୍ଦ ରହିବ। ରଥଯାତ୍ରା ପରେ ଦର୍ଶନ ପ୍ରସଙ୍ଗରେ ଆଲୋଚନା ହୋଇ ନିଷ୍ପତ୍ତି ନିଆଯିବ। ଏ ନେଇ ବୁଧବାର ଭକ୍ତନିବାସ ପରିସରରେ ଅନୁଷ୍ଠିତ ଛତିଶା ନିଯୋଗ ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ଏହି ସୂଚନା ଦେଇଛନ୍ତି। କରୋନାର ଦ୍ୱିତୀୟ ଲହରକୁ ଦୃଷ୍ଟିରେ ରଖି ପ୍ରଥମେ ଏପ୍ରିଲ ୨୪ରୁ ମେ ୧୫ ପର୍ଯ୍ୟନ୍ତ ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ବନ୍ଦ ରଖିବାକୁ ନିଷ୍ପତ୍ତି ☞ପୃଷ୍ଠା-୪




ଏବେ ହେବ ଆଶ୍ଚର୍ଯ୍ୟର ବର୍ଷା
QR କୋଡ୍ ସ୍କାନ୍ କରନ୍ତୁ
ରେନ୍ ସୁଟ୍
ରେନ୍ ଜ୍ୟାକେଟ୍ ଏବଂ ଚୀଟର୍
ରେନ୍‌କୋଟ୍ । ପୋଞ୍ଚୋ
ରେଞ୍ଜ ₹1049ରୁ ଆରମ୍ଭ
LIGHTWEIGHT NON-PVC ODOUR-FREE
WILDCRAFT
READY FOR ANYTHING
Exclusive Online Partner
Flipkart Myntra
ଆପଣଙ୍କ ନିକଟତମ ସକଳ ୱାଇଲଡକ୍ରାଫ୍ଟ ଏକ୍ସକ୍ଲୁଜିଭ୍ ଷ୍ଟୋର୍ ଏବଂ ଲୀଡିଙ୍ଗ୍ ଡୀଲର୍ ଆଉଟ୍‌ଲେଟ୍‌ରେ ଉପଲବ୍ଧ !
ପଣ୍ଡା ଟ୍ରାଭେଲ୍ ମାର୍ଟ - ଭୁବନେଶ୍ୱର - 7008429496 । ରାଜରତନ - ଭୁବନେଶ୍ୱର/କଟକ - 9937294808 । ଶ୍ରୀ ଦୁର୍ଗା-ଭୁବନେଶ୍ୱର/ବ୍ରହ୍ମପୁର - 0674-2393928 ।
ମୁର୍ତ୍ତୀ ଜେନେରାଲ୍ ଷ୍ଟୋର୍ - ବ୍ରହ୍ମପୁର - 9040172984 । ରୂପ୍ ଗ୍ୟାଲାକ୍ସୀ - ବଲାଙ୍ଗୀର - 7077968256 । ବ୍ୟବସାୟ ସମ୍ବନ୍ଧରେ ଯୋଗାଯୋଗ କରନ୍ତୁ : 9938418273 । 9438477296

୨,୫୪୨ ମୃତ, ୬୨,୨୨୪ ସଂକ୍ରମିତ

ଦେଶରେ ଗତ ୨୪ ଘଣ୍ଟାରେ ୬୨,୨୨୪ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୨,୫୪୨ ଆକ୍ରାନ୍ତଙ୍କ ଜୀବନ ଯାଇଛି। ମୋଟ ସଂକ୍ରମିତଙ୍କ ସଂଖ୍ୟା ୨,୯୬,୩୩,୧୦୫ ଓ ମୃତକଙ୍କ ସଂଖ୍ୟା ୩,୭୯,୫୭୩କୁ ବଢ଼ିଥିବା ବୁଧବାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂଚନା ଦେଇଛି।



## ଶାରଳା ଆମେରିକାରେ ବିଚାରପତି

ଭାରତୀୟ ବଂଶୋଭବ ଶାରଳା ବିଦ୍ୟା ନାଗଲାଙ୍କୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କନେକ୍ଟିକଟ୍ ରାଜ୍ୟରେ ବିଚାରପତି ନିଯୁକ୍ତ କରିଛନ୍ତି। ନାଗଲା ୨୦୧୭ରୁ କନେକ୍ଟିକଟ୍ ଜିଲାର ଆମେରିକା ଆର୍ଟର୍ନି ଅଫିସ୍‌ରେ ମେଜର କ୍ରାଇମ୍ ୟୁନିଟ୍‌ର ଡେପୁଟି ଚିଫ୍ ଅଛନ୍ତି। ବିଚାରପତି ପଦରେ ନିଯୁକ୍ତ ହେବାରେ ନାଗଲା ପ୍ରଥମ ଦକ୍ଷିଣ ଏସିଆ ବଂଶୋଭବ। ୨୦୧୨ରେ ସେ ଆମେରିକା ଆର୍ଟର୍ନି ଅଫିସ୍‌ରେ ଯୋଗଦେଇଥିଲେ। ଏ ପର୍ଯ୍ୟନ୍ତ ସେ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ସୁଚାରୁରୂପେ ଦାୟିତ୍ୱ ତୁଲାଇଛନ୍ତି।



## ଲିନା ଏଫ୍‌ଟିସି ମୁଖ୍ୟ

ଫେସ୍‌ବୁକ୍, ଗୁଗଲ, ଆମାଜନ, ଆପଲ୍ ଭଳି ଟେକ୍ କମ୍ପାନୀଗୁଡ଼ିକର ପ୍ରମୁଖ ସମାଲୋଚିକା ତଥା ପାକିସ୍ତାନ ବଂଶୋଭବ ଲିନା ଖାନ୍(୩୨)ଙ୍କୁ ଆମେରିକା ଫେଡେରାଲ ଟ୍ରେଡ୍ କମିଶନ(ଏଫ୍‌ଟିସି)ର ମୁଖ୍ୟ ଭାବେ ରାଷ୍ଟ୍ରପତି ଜୋ ବାଇଡେନ୍ ନିଯୁକ୍ତ କରିଛନ୍ତି। କମିଶନ୍‌ର ୫ ସଦସ୍ୟଙ୍କ ମଧ୍ୟରୁ ସେ ସିନେଟ୍‌ରେ ୬୯-୨୮ ଭୋଟ୍ ପାଇବା ପରେ ଶପଥ ନେଇଥିଲେ। ଲିନା କଲମ୍ବିଆ ୟୁନିଭର୍ସିଟି ଲ' ସ୍କୁଲରେ ପ୍ରଫେସର ଥିଲେ। ୨୦୧୭ରେ ୟେଲ୍ ଲ' ଛାତ୍ରୀ ଭାବେ 'ଆମାଜନ୍‌ସ୍ ଆଣ୍ଟିଟ୍ରଷ୍ଟ ପାରାଡକ୍ସ' ସ୍କଲାର କାମ ପାଇଁ ବେଶ୍ ଚର୍ଚ୍ଚିତ ହୋଇଥିଲେ।

## ୩୩୦ କୋଟି ଦେଲେ ସ୍କଟ୍



ଆମେରିକାର ଶିକାଗୋ ସହରରେ ଥିବା ୨ଟି କଲେଜକୁ ଆମାଜନ ପ୍ରତିଷ୍ଠାତା ଜେଫ୍ ବେଜୋସ୍‌ଙ୍କ ପୂର୍ବତନ ସ୍ତ୍ରୀ ମାକ୍‌କେଞ୍ଜି ସ୍କଟ୍ ୪୫ ମିଲିୟନ ଡଲାର (ପ୍ରାୟ ୩୩୦ କୋଟି ଟଙ୍କା) ଦାନ କରିଛନ୍ତି। ସିଟି କଲେଜ ଅଫ୍ ଶିକାଗୋର ଏକ ବ୍ରାଞ୍ଚ୍ କେନେଡି-କିଙ୍ଗ୍ କଲେଜକୁ ସ୍କଟ୍ ୫ ମିଲିୟନ ଡଲାର ଦେଇଛନ୍ତି। ୟୁନିଭର୍ସିଟି ଅଫ୍ ଇଲିନୋଏସ୍-ଚିକାଗୋ ସ୍କଟ୍‌ଙ୍କଠାରୁ ୪୦ ମିଲିୟନ ଡଲାର ଦାନ ଆକାରରେ ପାଇଛି। ଏ ପର୍ଯ୍ୟନ୍ତ ସ୍କଟ୍ ୨୮୬ ସଙ୍ଗଠନକୁ ୨.୭ ବିଲିୟନ ଡଲାର ଦାନ କରିସାରିଲେଣି।

## ସଂକ୍ଷେପରେ

### ଏଲ୍‌ଜେପି ଫାଟ: ଜେଡିୟୁକୁ ଦାୟୀ କଲେ ଚିରାଗ



ନୂଆଦିଲ୍ଲୀ, ୧୬।୬(ପି.ଟି.): ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି)ରେ ବିଭାଜନ ପାଇଁ ଏହାର ନେତା ଚିରାଗ ପାଶ୍ୱାନ ସଂଯୁକ୍ତ ଜନତା ଦଳ (ଜେଡିୟୁ)କୁ ଦାୟୀ କରିଛନ୍ତି। ତାଙ୍କ ଦାଦା ପଶୁପତି କୁମାର ପାରସଙ୍କ ନେତୃତ୍ୱରେ ଗୋଟିଏ ଗୋଷ୍ଠୀ ନେଇଥିବା ନିଷ୍ପତ୍ତିକୁ ଚିରାଗ ପ୍ରତ୍ୟାଖ୍ୟାନ କରିଛନ୍ତି। ଦଳର ସମ୍ବିଧାନ ସେମାନଙ୍କୁ ଏଭଳି କୌଣସି କ୍ଷମତା ଦେଇନାହିଁ ବୋଲି ଚିରାଗ କହିଛନ୍ତି। ଦଳରେ ଫାଟ ପରେ ଚିରାଗ ପ୍ରଥମ ଥର ପାଇଁ ବୁଧବାର ଗଣମାଧ୍ୟମରେ ମୁହଁ ଖୋଲିଛନ୍ତି। ସେ ନିଜକୁ ସିଂହପୁତ୍ର ବୋଲି କହିବା ସହ ତାଙ୍କ ବାପା ରାମବିଲାସ ପାଶ୍ୱାନଙ୍କ ଦ୍ୱାରା ପ୍ରତିଷ୍ଠିତ ଦଳ ପାଇଁ ଲଢ଼େଇ ଜାରି ରଖିବେ ବୋଲି କହିଛନ୍ତି। ଦଳରେ ବିଭାଜନ ପାଇଁ ଚିରାଗ ସିଧାସଳଖ ଜେଡିୟୁକୁ ଦାୟୀ କରିଥିବାବେଳେ ଭାଜପାର ମଧ୍ୟ ଏଥିରେ ଭୂମିକା ଥିବା କହିଛନ୍ତି। ତେବେ ଯାହା ଘଟିଛି ତାହା ଦଳର ଆଭ୍ୟନ୍ତରୀଣ ମାମଲା ହୋଇଥିବାରୁ ସେ ଅନ୍ୟ କାହାକୁ ଟାର୍ଗେଟ କରୁନାହାନ୍ତି ବୋଲି କହିଥିଲେ।

### ନେପାଳରେ ବନ୍ୟା: ୫୦ ନିଖୋଜ

କାଠମାଣ୍ଡୁ, ୧୬।୬: ନେପାଳରେ ମଙ୍ଗଳବାରଠାରୁ ବର୍ଷା ଲାଗି ରହିଥିବାରୁ ମେଲାମ୍‌ଚି ଏବଂ ଇନ୍ଦ୍ରାବତୀ ନଦୀରେ ବନ୍ୟା ଆସିଛି। ଏଥିଯୋଗୁ ବିଭିନ୍ନ ସ୍ଥାନରେ ଭୂସ୍ଖଳନ ହୋଇଛି। ରାଜଧାନୀ କାଠମାଣ୍ଡୁଠାରୁ ୭୦ କି.ମି. ଉତ୍ତରରେ ଥିବା ସିନ୍ଧୁପାଲ ଚୌକରେ ବନ୍ୟା ଯୋଗୁ ଅନେକଙ୍କ ମୃତ୍ୟୁ ଘଟିଥିବାବେଳେ ୫୦ରୁ ଊର୍ଦ୍ଧ୍ୱ ଲୋକ ନିଖୋଜ ଅଛନ୍ତି। ବିପନ୍ନଙ୍କ ଉଦ୍ଧାର ଓ ସ୍ଥାନାନ୍ତର କାର୍ଯ୍ୟ ଜାରି ରହିଛି। ଏଥିଯୋଗୁ ଅନେକ ଗ୍ରାମ, ରାଜପଥ, ଭିତ୍ତିଭୂମି ଆଦି ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି।

### କୋଭିଡ୍‌ରେ ସିଂହ ମୃତ

ଚେନ୍ନାଇ, ୧୬।୬: ଚେନ୍ନାଇର ଭଣ୍ଡାଲୁର ଚିଡ଼ିଆଖାନାରେ ବୁଧବାର ଆଉ ଏକ ସିଂହର କୋଭିଡ୍‌ରେ ମୃତ୍ୟୁ ଘଟିଛି। ଗତ ୩ ତାରିଖରେ ପଥବନଥାନ ନାମକ ଏହି ୧୨ ବର୍ଷର ସିଂହ କୋଭିଡ୍ ପଜିଟିଭ୍ ଚିହ୍ନଟ ହେବା ପରେ ଚିକିତ୍ସାଧୀନ ରହିଥିଲା। କୋଭିଡ୍‌ରେ ପ୍ରାଣ ହରାଇବାରେ ପଥବନଥାନ ଦ୍ୱିତୀୟ ଏସୀୟ ସିଂହ। ଜୁନ୍ ୩ରେ ଉକ୍ତ ଚିଡ଼ିଆଖାନାର ଏକ ୯ ବର୍ଷର ସିଂହୀ କୋଭିଡ୍‌ରେ ପ୍ରାଣ ହରାଇଥିଲା। ତେବେ ଉକ୍ତ ସିଂହୀଠାରେ କରୋନାର କୌଣସି ଲକ୍ଷଣ ଦେଖାଯାଇ ନ ଥିଲା।

### ଗୁଜରାଟରେ ହେବ ସାମୁଦ୍ରିକ ଇତିହାସ ମ୍ୟୁଜିୟମ

ନୂଆଦିଲ୍ଲୀ, ୧୬।୬: ଗୁଜରାଟର ଲୋଥାଲଠାରେ ଦେଶର ୫,୦୦୦ ବର୍ଷର ସାମୁଦ୍ରିକ ଇତିହାସକୁ ନେଇ ଏକ ସଂଗ୍ରହାଳୟ ପ୍ରତିଷ୍ଠା କରାଯିବ। ଏନେଇ ଦୁଇ ମନ୍ତ୍ରଣାଳୟ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବିବୃତି ଅନୁଯାୟୀ ନ୍ୟାଶନାଲ ମେରିଟାଇମ୍ ହେରିଟେଜ୍ କମ୍ପ୍ଲେକ୍ସ (ଏନ୍‌ଏମ୍‌ଏଚ୍‌ସି) ବିଶ୍ୱସ୍ତରୀୟ ହେବ। ଏହା ଭାରତର ସାମୁଦ୍ରିକ ଐତିହ୍ୟ ଭାବେ ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନ ସ୍ଥଳରେ ପରିଣତ ହେବ ବୋଲି କୁହାଯାଇଛି। ଏହି ପ୍ରକଳ୍ପ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟର ସାଗରମାଳା କାର୍ଯ୍ୟକ୍ରମର ଅଂଶବିଶେଷ। ଭାରତର ହଜାର ହଜାର ବର୍ଷ ତଳର ସାମୁଦ୍ରିକ ଶକ୍ତି ଉକ୍ତ କମ୍ପ୍ଲେକ୍ସରେ ପ୍ରଦର୍ଶିତ ହେବ ବୋଲି ସଂସ୍କୃତି ମନ୍ତ୍ରୀ ପ୍ରହ୍ଲାଦ ପଟେଲ କହିଛନ୍ତି।

# ବିବାଦରେ ବ୍ୟବଧାନ ବୃଦ୍ଧି

**କରୋନା ଭାକ୍ସିନର ଦୁଇଟି ଡୋଜ୍ ମଧ୍ୟରେ ବ୍ୟବଧାନ ବୃଦ୍ଧିକୁ ନେଇ ବିବାଦ ସୃଷ୍ଟି ହୋଇଛି। ପୂର୍ବରୁ ପ୍ରଥମ ଓ ଦ୍ୱିତୀୟ ଡୋଜ୍ ମଧ୍ୟରେ ୬-୮ ସପ୍ତାହ ବ୍ୟବଧାନ ରଖାଯାଇଥିବାବେଳେ ଏହାକୁ ୧୨-୧୬ ସପ୍ତାହ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ମେ' ୧୩ରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏହି ଘୋଷଣା କରାଯାଇଥିଲା, ଯେତେବେଳେ କି ଭାରତରେ ସଂକ୍ରମଣ ବୃଦ୍ଧି ଯୋଗୁ ଟିକାର ଚାହିଦା ତୁଳନାରେ ଯୋଗାଣ କମ୍ ଥିଲା। ଆଷ୍ଟ୍ରାଜେନିକାର ଦୁଇ ଡୋଜ୍ ମଧ୍ୟରେ ଏହି ବ୍ୟବଧାନ ୩ ସଦସ୍ୟ ବିଶିଷ୍ଟ ଉପଦେଷ୍ଟା କମିଟିର ପରାମର୍ଶକ୍ରମେ ବୃଦ୍ଧି କରାଯାଇଛି ବୋଲି କେନ୍ଦ୍ର ସରକାର ସେତେବେଳେ ଯୁକ୍ତି ବାଢ଼ିଥିଲେ। କେନ୍ଦ୍ରର ସଫେଇକୁ ଏବେ ଉପଦେଷ୍ଟା କମିଟି ଖଣ୍ଡନ କରିଛି। ଆମେ ବ୍ୟବଧାନ ବଢ଼ାଇବା ପାଇଁ କହି ନ ଥିଲୁ ବୋଲି କମିଟି ସ୍ପଷ୍ଟ କରିବା ପରେ କେନ୍ଦ୍ର ପାଇଁ ଅଡୁଆ ସ୍ଥିତି ସୃଷ୍ଟି ହୋଇଛି। ଫଳରେ ବୈଜ୍ଞାନିକ ତଥ୍ୟ ଆଧାରରେ ବ୍ୟବଧାନ ବଢ଼ାଯାଇଥିଲା ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ହର୍ଷବର୍ଦ୍ଧନ ଟୁଇଟରରେ ପୁଣି ସଫେଇ ଦେଇଛନ୍ତି।**




## କୋଭିଶିଲ୍ଡ ବ୍ୟବଧାନର ଅନୁଧ୍ୟାନ ହେବ

ନୂଆଦିଲ୍ଲୀ, ୧୬।୬(ପି.ଟି.)

କୋଭିଶିଲ୍ଡ ଟିକାର ଦୁଇ ଡୋଜ୍ ମଧ୍ୟରେ ବ୍ୟବଧାନର ଅନୁଧ୍ୟାନ କରାଯାଇ ପକ୍ଷକ୍ଷେପ ନିଆଯିବ ବୋଲି ଇମ୍ୟୁନାଇଜେଶନ ଉପଦେଷ୍ଟା ସଂସ୍ଥା ଏନ୍‌ଟିଏଜିଆଇ କାର୍ଯ୍ୟକାରୀ ଗ୍ରୁପ୍‌ର ଅଧ୍ୟକ୍ଷ ଏନ.କେ. ଆରୋରା କହିଛନ୍ତି। ମିଳିଥିବା ତଥ୍ୟ ଏବଂ ଆଂଶିକ ତଥା ସମ୍ପୂର୍ଣ୍ଣ ଇମ୍ୟୁନାଇଜେଶନର ଫଳାଫଳ ରିପୋର୍ଟକୁ ମଧ୍ୟ ବିଚାରକୁ ନିଆଯିବ। ବିଜ୍ଞାନସମ୍ମତ ନିଷ୍ପତ୍ତି ଆଧାରରେ ଏଭଳି ପରିବର୍ତ୍ତନ କରାଯାଇଥିଲା। ନ୍ୟାଶନାଲ ଟେକ୍‌ନିକାଲ ଆଡଭାଇଜରି ଗ୍ରୁପ୍ ଅନ୍ ଇମ୍ୟୁନାଇଜେଶନ ସଦସ୍ୟମାନଙ୍କ ମଧ୍ୟରେ ଏହାକୁ ନେଇ ଭିନ୍ନ ମତ ନାହିଁ ବୋଲି ଆରୋରା କହିଛନ୍ତି। ବ୍ୟବଧାନ କମାଇବାକୁ ଭାକ୍ସିନ ପ୍ଲାଟ୍‌ଫର୍ମ କହିଲେ ଏହାର ଯୋଗ୍ୟତା ଓ ଜ୍ଞାନ ଆଧାରରେ କମିଟି ନିଷ୍ପତ୍ତି ନେବ।



ପ୍ରଧାନମନ୍ତ୍ରୀଙ୍କ ମିଛ ଭାବମୂର୍ତ୍ତିକୁ ବଞ୍ଚାଇବା ପାଇଁ କେନ୍ଦ୍ରର ଉଦ୍ୟମ ଭାଇରସକୁ ବ୍ୟାପକ କରୁଛି। ଏଥିରେ ଲୋକଙ୍କ ଜୀବନ ଯାଉଛି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଟୁଇଟ୍ କରିବା ସହ ପ୍ୟାନେଲର ବିନା ସହମତିରେ ଡୋଜ୍ ବ୍ୟବଧାନ ବଢ଼ାଯାଇଥିବା କହିଛନ୍ତି। ଅନ୍ୟପକ୍ଷେ କୋଭିଶିଲ୍ଡ ଡୋଜ୍ ମଧ୍ୟରେ ବ୍ୟବଧାନ ବଢ଼ିବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ ସମର୍ଥନ କରିଛନ୍ତି। ବୈଜ୍ଞାନିକ ତଥ୍ୟ ଆଧାରରେ ସ୍ୱଚ୍ଛତାର ସହ ଏହି ନିଷ୍ପତ୍ତି ନିଆଯାଇଥିବା ସେ କହିଛନ୍ତି। ଦୁଇ ଡୋଜ୍ ମଧ୍ୟରେ ବ୍ୟବଧାନ ବଢ଼ାଇବା ପାଇଁ ମତାମତ ଦେଇ ନ ଥିଲେ ବୋଲି କେତେଜଣ ବୈଜ୍ଞାନିକ ଦାବି କରିବା ପରେ ସରକାରଙ୍କ ପକ୍ଷରୁ ଏଭଳି ସ୍ପଷ୍ଟୀକରଣ ଦିଆଯାଇଛି।

## କୋଭାକ୍ସିନ୍‌ରେ ନାହିଁ ବାଛୁରୀ ରକ୍ତ

ନୂଆଦିଲ୍ଲୀ, ୧୬।୬: କରୋନା ଟିକା କୋଭାକ୍ସିନ୍‌ରେ 'କାଫ୍ ସିରମ୍' ଥିବା ନେଇ ସୋସିଆଲ ମିଡିଆରେ ବିଭିନ୍ନ ପୋଷ୍ଟ ହେଉଥିବାବେଳେ କେନ୍ଦ୍ର ସରକାର ଏହା ଉପରେ ସ୍ପଷ୍ଟୀକରଣ ରଖିଛନ୍ତି। କୋଭାକ୍ସିନ୍‌ରେ କାଫ୍ ସିରମ ନ ଥିବା ଏବଂ ଏ ନେଇ ମିଥ୍ୟା ପ୍ରଚାର କରାଯାଉଥିବା କେନ୍ଦ୍ର କହିଛି।

ଏହି ଭାକ୍ସିନରେ ୨୦ ଦିନରୁ କମ୍ ବୟସ ବାଛୁରୀର ଜମାଟ ବାନ୍ଧିଥିବା ରକ୍ତ ରହିଥିବା ନେଇ କଂଗ୍ରେସ ମୁଖ୍ୟପାତ୍ର ଗୌରବ ପାଢ଼ୀ ଟୁଇଟ୍ କରିଥିଲେ। ଜବାବରେ କେନ୍ଦ୍ର ସରକାର କହିଛନ୍ତି, ନବଜାତ ବାଛୁରୀ ସିରମ୍‌କୁ କେବଳ ଭୂତାଣୁ କୋଷିକାର ବିକାଶ ପାଇଁ ବ୍ୟବହାର କରାଯାଏ। ପୋଲିଓ, ରେବିଜ୍, ଇନ୍‌ଫ୍ଲୁଏଞ୍ଜା ଆଦି ଟିକା ପାଇଁ ଭେରୋ କୋଷିକା କୌଶଳ ବ୍ୟବହାର ହେଉଛି। ଏହି କୋଷିକା ବିକଶିତ ହେବାପରେ ତାହାକୁ ପାଣି, ରାସାୟନିକ ପଦାର୍ଥ ଦ୍ୱାରା ପରିଷ୍କାର କରାଯାଏ, ଯାହାକୁ ବଫର୍ ବୋଲି ମଧ୍ୟ କୁହାଯାଏ। ବାରମ୍ବାର ଧୁଆଯାଇ ସେଥିରୁ କାଫ୍ ସେରମ୍‌କୁ ସମ୍ପୂର୍ଣ୍ଣ ହଟାଯାଇଥାଏ। ଭ୍ୟାକ୍ସିନ ପ୍ରସ୍ତୁତିର ଅନ୍ତିମ ପର୍ଯ୍ୟାୟରେ କୌଣସି କାଫ୍ ସିରମ୍ ସେଥିରେ ରହି ନ ଥାଏ। ଭାକ୍ସିନ ପ୍ରସ୍ତୁତିବେଳେ ଭୂତାଣୁ କୋଷର ବିକାଶ ପାଇଁ କାଫ୍ ସିରମ୍ ବ୍ୟବହୃତ ହେଉଥିଲେ ହେଁ ସାର୍ସ-କୋଭ-୨ ସେଲ୍ ଗ୍ରୋଥ୍ ପାଇଁ ଏହାକୁ ଉପଯୋଗ କରାଯାଇ ନ ଥିବା ଏବଂ ଏଥିରେ କେବଳ ନିଷ୍କ୍ରିୟ ଭୂତାଣୁ ରହିଛି ବୋଲି କୋଭାକ୍ସିନ ପ୍ରସ୍ତୁତକାରୀ କମ୍ପାନୀ ଭାରତ ବାୟୋଟେକ୍ କହିଛି।

## ସୁପ୍ରିମକୋର୍ଟ ଗଲା ଦିଲ୍ଲୀ ପୋଲିସ

ନୂଆଦିଲ୍ଲୀ, ୧୬।୬

ଗତବର୍ଷ ଫେବୃୟାରୀ ୨୪ରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧୀ ବିକ୍ଷୋଭ ବେଳେ ପୂର୍ବ ଦିଲ୍ଲୀରେ ଘଟିଥିବା ଦଙ୍ଗା ପାଇଁ ଷଡ଼ଯନ୍ତ୍ର ରଚିବା ମାମଲାରେ ଦିଲ୍ଲୀ ହାଇକୋର୍ଟ ୩ ଷ୍ଟୁଡେଣ୍ଟ ଆକ୍ଟିଭିଷ୍ଟଙ୍କୁ ମଙ୍ଗଳବାର ଜାମିନ ଦେଇଛନ୍ତି। ଦିଲ୍ଲୀ ପୋଲିସ ବୁଧବାର ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି।

ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ଛାତ୍ରୀ ଦେବାଙ୍ଗନା କଲିତା ଓ ନତାଶା ନରୱାଲ ଏବଂ ଜାମିଆ ମିଲିଆ ଇସ୍‌ଲାମିଆ ଛାତ୍ର ଆସିଫ ଇକ୍‌ବାଲ ତନ୍‌ହାଙ୍କୁ ସାମ୍ପ୍ରଦାୟିକ ହିଂସା ମାମଲାରେ ଦିଲ୍ଲୀ ହାଇକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ବେଆଇନ କାର୍ଯ୍ୟକଳାପ ନିରୋଧୀ ଆଇନ (ୟୁଏପିଏ) ଧାରା ୧୫,୧୭ କିମ୍ବା ୧୮ ଅନୁସାରେ ଅପରାଧ ବିବେଚନା ହେବା ଭଳି କୌଣସି କାର୍ଯ୍ୟ ଏମାନେ କରିନାହାନ୍ତି। ବିକ୍ଷୋଭ ପ୍ରଦର୍ଶନ କରିବା ସମ୍ବିଧାନ ପ୍ରଦତ୍ତ ନାଗରିକଙ୍କ ମୌଳିକ ଅଧିକାର। ଏହାକୁ

### ସିଏଏ ଦଙ୍ଗା ଜାମିନ

ଆତଙ୍କବାଦୀ କାର୍ଯ୍ୟ ଭାବେ ଅଭିହିତ କରାଯାଇପାରିବ ନାହିଁ। ସମ୍ବିଧାନ ପ୍ରଦତ୍ତ ବିକ୍ଷୋଭ ଅଧିକାର ଓ ଆତଙ୍କବାଦୀ କାର୍ଯ୍ୟକଳାପ ମଧ୍ୟରେ ରହିଥିବା ସୀମାରେଖାକୁ ରାଷ୍ଟ୍ର ଅସ୍ପଷ୍ଟ କରିଦେଇଛି। ଏପରି ଅସ୍ପଷ୍ଟତା ବଢ଼ି ଚାଲିଲେ ଗଣତନ୍ତ୍ର ବିପଦରେ ପଡ଼ିଯିବ ବୋଲି ମଙ୍ଗଳବାର ହାଇକୋର୍ଟ ୧୧୩, ୮୩ ଓ ୭୨ ପୃଷ୍ଠା ସମ୍ବଳିତ ୩ଟି ପୃଥକ୍ ରାୟ ଦେଇଥିଲେ। ହାଇକୋର୍ଟଙ୍କ ରାୟ ଆସିବା ପରେ ୩ ଛାତ୍ର ନେତା ନିଜ ନିଜ ତ୍ୱରିତ ମୁକ୍ତି ପାଇଁ ଏକ ସ୍ଥାନୀୟ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅନ୍ୟପକ୍ଷେ ହାଇକୋର୍ଟଙ୍କ ରାୟକୁ ନେଇ ଅସନ୍ତୁଷ୍ଟ ଦିଲ୍ଲୀ ପୋଲିସ ଜାମିନ ପ୍ରଦାନକୁ ବୁଧବାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛି। ୟୁଏପିଏ ସମ୍ପର୍କରେ ହାଇକୋର୍ଟଙ୍କ ବ୍ୟାଖ୍ୟାକୁ ନେଇ ଆମେ ସନ୍ତୁଷ୍ଟ ନୋହୁଁ। ତେଣୁ ସର୍ବୋଚ୍ଚ ଅଦାଲତରେ ସ୍ୱତନ୍ତ୍ର ଲିଭ୍ ପିଟିଶନ (ଏସ୍‌ଏଲ୍‌ପି) ଦାଖଲ କରିଛୁ ବୋଲି ଦିଲ୍ଲୀ ପୋଲିସ ଏକ ବିବୃତିରେ କହିଛି।

## ଲାବ୍‌ରୁ ବାହାରିନି ଭୂତାଣୁ: ବ୍ୟାଟ୍ ଓମ୍ୟାନ

ବେଜିଂ, ୧୬।୬

ଚାଇନାର ଉହାନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜିରୁ କରୋନା ଭୂତାଣୁ ଲିକ୍ ହୋଇଥିବା କଥା ଭୁଲ୍ ବୋଲି କହିଛନ୍ତି ଚାଇନା ବ୍ୟାଟ୍ ଓମ୍ୟାନ ଭାବେ ପରିଚିତ ଡା. ଶି ଝେଙ୍ଗଲି। କରୋନାଜନିତ ସ୍ୱାସ୍ଥ୍ୟ ସଙ୍କଟ ପାଇଁ ତାଙ୍କ ଇନ୍‌ଷ୍ଟିଚ୍ୟୁଟ୍‌କୁ ବଦନାମ କରାଯାଉଥିବା ସେ କହିଛନ୍ତି। ବାଦୁଡ଼ି କରୋନା ଭାଇରସ୍ ଉପରେ ଗବେଷଣା କରୁଥିବା ଶି ଝେଙ୍ଗଲି ନ୍ୟୁୟର୍କ ଟାଇମ୍‌ସକୁ କହିଛନ୍ତି, କୌଣସି ଘଟଣା ଘଟି ନ ଥିଲେ ଏହାର ପ୍ରମାଣ କିପରି ଦିଆଯାଇପାରିବ। ଗତ ମାସରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କରୋନା ଭୂତାଣୁର ମୂଳ ଜାଣିବାକୁ ଗୋଇନ୍ଦା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଯାଞ୍ଚରେ ଚାଇନା ଲାବ୍‌ରୁ ଭାଇରସ୍ ବାହାରିଥିବା ଦିଗକୁ ମଧ୍ୟ ତଦନ୍ତ ପରିସରକୁ ନେବାକୁ କହିଥିଲେ। ୨୦୧୭ରେ


ଶି ଝେଙ୍ଗଲି

ଶି ଏବଂ ତାଙ୍କ ସହଯୋଗୀ ଉହାନ୍ ଲାବୋରେଟୋରିରେ ପରୀକ୍ଷଣ ବେଳେ ବିଭିନ୍ନ ପ୍ରକାର ନମୁନା ନେଇ ହାଇବ୍ରିଡ୍ ବ୍ୟାଟ୍ କରୋନା ଭୂତାଣୁ ସୃଷ୍ଟି କରିଥିବା ନ୍ୟୁୟର୍କ ଟାଇମ୍‌ସ ପକ୍ଷରୁ ରିପୋର୍ଟ ପ୍ରକାଶ ପାଇଛି। ଏହି ହାଇବ୍ରିଡ୍ କେତେମାତ୍ରାରେ ସଂକ୍ରାମକ ଏବଂ ନୂଆ ରୂପ ଧାରଣ କରିବାରେ କିପରି ସଫଳ ହେଉଛି ତାହା ଉପରେ ଗବେଷଣା କରାଯାଉଥିଲା ବୋଲି ଏହି ଖବରକାଗଜ କହିଛି। ତେବେ ଏପରି କୌଣସି ଗବେଷଣା କରାଯାଇ ନ ଥିଲା ବୋଲି ଶି କହିଛନ୍ତି।


ଲକ୍‌ଡାଉନ ଯୋଗୁ ବନ୍ଦ ଥିବା ତାଜମହଲ ବୁଧବାର ଖୋଲିବା ପରେ ପର୍ଯ୍ୟଟକମାନେ ସେଲ୍‌ଫି ନେଉଛନ୍ତି।

## ୭୦ କୋଭିଡ୍ ଅନାଥଙ୍କ ଦାୟିତ୍ୱ ନେଲା ଲକ୍ଷ୍ନୌ ୟୁନିଭର୍ସିଟି

ଲକ୍ଷ୍ନୌ, ୧୬।୬

ଉତ୍ତରପ୍ରଦେଶ ସ୍ଥିତ ଲକ୍ଷ୍ନୌ ୟୁନିଭର୍ସିଟି କରୋନାରେ ରୋଜଗାରିଆ ମାତାପିତାଙ୍କୁ ହରାଇଥିବା ୭୦ ଅନାଥ ପିଲାଙ୍କ ଦାୟିତ୍ୱ ନେଇଛି। ଏଥିସହ ଲକ୍ଷ୍ନୌ, ବାରାଣସୀ, ପ୍ରୟାଗରାଜ, ସୁଲତାନପୁର ସମେତ ଅନ୍ୟ ଜିଲାଗୁଡ଼ିକର ଶିକ୍ଷକମାନେ ପ୍ରାୟ ୧ ହଜାର ପିଲାଙ୍କ ଖର୍ଚ୍ଚ ବହନ କରିବେ ବୋଲି ଜଣାଯାଇଛି। କୋଭିଡ୍‌ରେ ଅସହାୟ ହୋଇ ପଡ଼ିଥିବା ପିଲାଙ୍କୁ ଶିକ୍ଷାଦାନ ସମେତ ଅନ୍ୟାନ୍ୟ ସହାୟତା ଯୋଗାଇଦେବାକୁ ଯୋଗୀ ସରକାର 'ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ବାଲ ସେବା ଯୋଜନା' କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନାରେ ସମ୍ପୃକ୍ତ ପିଲାଙ୍କୁ ମାସିକ ୪ ହଜାର ଟଙ୍କା ସହାୟତା ପ୍ରଦାନର ବ୍ୟବସ୍ଥା ରହିଛି।

## ଜେନେଭାରେ ବାଇଡେନ୍-ପୁଟିନ୍ ସମିଟ୍

ଜେନେଭା, ୧୬।୬

ଆମେରିକା ଓ ରୁଷିଆ ମଧ୍ୟରେ ଦୀର୍ଘ ବର୍ଷ ହେଲା ଉତ୍ତେଜନା ଲାଗି ରହିଥିବାବେଳେ ଜେନେଭା ସମ୍ମିଳନୀ ଅବସରରେ ଦୁଇ ରାଷ୍ଟ୍ରପତି ଜୋ ବାଇଡେନ୍ ଓ ଭ୍ଲାଡିମିର ପୁଟିନ ବୁଧବାର ପରସ୍ପର କରମର୍ଦ୍ଦନ କରିଛନ୍ତି। ଜାନୁୟାରୀ ୨୦ରେ ବାଇଡେନ୍ ଆମେରିକା ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ଥିଲା ପୁଟିନଙ୍କ ସହ ପ୍ରଥମ କରମର୍ଦ୍ଦନ। ଜେନେଭାରେ ଆମେରିକା-ରୁଷିଆ ବୁଝାମଣା ୧୯୮୫ରେ ତତ୍କାଳୀନ ୟୁଏସ୍ ରାଷ୍ଟ୍ରପତି ରୋନାଲ୍ଡ ରେଗାନ ଏବଂ ସୋଭିଏଟ୍ ନେତା ମିଖାଇଲ୍ ଗୋର୍ବାଚେଭ୍‌ଙ୍କ ମଧ୍ୟରେ ହୋଇଥିବା ଶୀତଳ ଯୁଦ୍ଧ ସମିଟ୍‌କୁ ମନେ ପକାଇଦେଇଛି। ଯଦିଓ ସେତେବେଳର ଉତ୍ତେଜନା ଏବେ ନାହିଁ, ତଥାପି ଦୁଇଟି ରାଷ୍ଟ୍ରପତି ନିର୍ବାଚନ ବେଳେ ଆମେରିକୀୟ ସଂସ୍ଥା ଉପରେ ସାଇବର ଆକ୍ରମଣଠାରୁ ଆରମ୍ଭ କରି ମାନବାଧିକାର ଉଲ୍ଲଂଘନ, ୟୁକ୍ରେନ ଓ ଅନ୍ୟ ୟୁରୋପୀୟ ରାଷ୍ଟ୍ର ବିରୋଧରେ ଆକ୍ରମଣାତ୍ମକ ମନୋଭାବ ଆଦି ଅନେକ ଅଭିଯୋଗ ୱାଶିଂଟନ ମସ୍କୋ ବିରୋଧରେ ଆଣିଛି।

## ପାକ୍ ଏନ୍‌ଜିଓର କଳା କାରନାମା

# ଭାରତ ନାଁରେ ବିପୁଳ ଅର୍ଥ ସଂଗ୍ରହ

ୱାଶିଂଟନ, ୧୬।୬




**ଭାରତରେ କରୋନା ଭାଇରସ୍‌ର ଦ୍ୱିତୀୟ ଲହର ଯୋଗୁ ଅକ୍ସିଜେନ ସଙ୍କଟ ଦେଖାଦେଇଥିଲା। ଭାରତ ପକ୍ଷରୁ ଦିଆଯାଇଥିବା ସହାୟତା ବଦଳରେ ବିଶ୍ୱର ଅନେକ ଦେଶ ସହଯୋଗର ହାତ ବଢ଼ାଇଥିଲେ। ଏହାକୁ ଦେଖି କେତେକ ପାକିସ୍ତାନୀ ସଙ୍ଗଠନ ଭାରତକୁ ସହାୟତା ଦେବା ନାଁରେ କ୍ରାଉଡ୍ ଫଣ୍ଡିଂର ସାହାରା ନେଇଥିଲେ। ସଂଗୃହୀତ ଅର୍ଥ ଏବେ ଆତଙ୍କବାଦୀ କାର୍ଯ୍ୟକଳାପରେ ଉପଯୋଗ ହେବା ଆଶଙ୍କା ସୃଷ୍ଟି ହୋଇଛି।**

କରୋନା ସଙ୍କଟ ସମୟରେ ଆମେରିକାରେ ପାକିସ୍ତାନର କେତୋଟି ଦାତବ୍ୟ ସଂସ୍ଥା ମହାମାରୀ ମୁକାବିଲାରେ ଭାରତକୁ ସହାୟତା ଦେବା ନାଁରେ କୋଟି କୋଟି ଡଲାର ସଂଗ୍ରହ କରିଛନ୍ତି। ଏହି ରାଶିର ବ୍ୟବହାର ଆତଙ୍କବାଦୀ କାର୍ଯ୍ୟକଳାପ ପରିଚାଳନା ଓ ସରକାର ବିରୋଧୀ ପ୍ରଦର୍ଶନର ଆୟୋଜନ ପାଇଁ କରାଯାଉଥିବା ନେଇ ଏକ ରିପୋର୍ଟରେ ଆଶଙ୍କା କରାଯାଇଛି। ଡିସ୍‌ଇନ୍‌ଫୋ ଲାବ୍ ପକ୍ଷରୁ କୋଭିଡ୍-୧୯ ସ୍କାମ୍ ୨୦୨୧ ରିପୋର୍ଟରେ ଦାବି କରାଯାଇଛି ଯେ କୋଭିଡ୍-୧୯ ଆଳରେ ପାକିସ୍ତାନର ଦାତବ୍ୟ ସଙ୍ଗଠନଗୁଡ଼ିକ ମାନବ ଇତିହାସର ଅନ୍ୟତମ ବଡ଼ ଦୁର୍ନୀତି କରିଛନ୍ତି। ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ 'ହେଲ୍ପ ଇଣ୍ଡିଆ ବ୍ରିଦ୍' ନାମରେ ଏକ ଅଭିଯାନ ଚଳାଇ କରୋନା ଦ୍ୱିତୀୟ ଲହରର ସାମ୍ନା କରୁଥିବା ଭାରତରେ ଭେଣ୍ଟିଲେଟର, ମେଡିକାଲ ଅକ୍ସିଜେନ ଓ ଟିକା ସମେତ ଅନ୍ୟ ସ୍ୱାସ୍ଥ୍ୟ ସୁବିଧା ଉପଲବ୍ଧ କରାଇବା ପାଇଁ ଆର୍ଥିକ ସହଯୋଗ ଦେବାକୁ ଚ୍ୟାରିଟି ସଂସ୍ଥାଗୁଡ଼ିକ ଅନୁରୋଧ କରିଥିଲେ।

ବିଶ୍ୱରେ ଭାରତର ଭଲ ଛବି ଥିବା ଦେଖି ବହୁ ସଂଖ୍ୟକ ଲୋକ ମୋଟା ଅଙ୍କର ଅର୍ଥ ଦାନ କରିଥିଲେ। ଏହି ସଙ୍ଗଠନଗୁଡ଼ିକର ସମ୍ପର୍କ ପାକିସ୍ତାନୀ ସେନା ଇଙ୍ଗିତରେ ପରିଚାଳିତ ଆତଙ୍କବାଦୀ ସଙ୍ଗଠନ ସହିତ ରହିଥିବା ସାମ୍ନାକୁ ଆସିଛି। ଚ୍ୟାରିଟି ନାମରେ ସଂଗୃହୀତ ଅର୍ଥର ବ୍ୟବହାର ବିକ୍ଷୋଭ ପ୍ରଦର୍ଶନ ଓ ଆତଙ୍କବାଦୀ କାର୍ଯ୍ୟକଳାପରେ ଖର୍ଚ୍ଚ କରାଯାଇପାରେ। ଭାରତକୁ ସାହାଯ୍ୟ ଆଳରେ ଏଭଳି କାମ କରିଥିବା ଚ୍ୟାରିଟି ସଂସ୍ଥା ମଧ୍ୟରେ ଇସ୍‌ଲାମିକ୍ ମେଡିକାଲ ଆସୋସିଏଶନ ଅଫ୍ ନର୍ଥ ଆମେରିକା (ଇମାନା) ସାମିଲ ଅଛି। ୨୦୨୧ ଏପ୍ରିଲ ୨୭ରେ ଇମାନା ହ୍ୟାସ୍‌ଟ୍ୟାଗ୍ ହେଲ୍ପ ଇଣ୍ଡିଆ ବ୍ରିଦ୍ ଅଭିଯାନ ଆରମ୍ଭ କରିଥିଲା। ଏଥିରେ ପ୍ରାଥମିକ ଭାବେ ୧.୮ କୋଟି ଡଲାର ସଂଗ୍ରହର ଲକ୍ଷ୍ୟ ରଖାଯାଇଥିଲା। ତେବେ ଏହି ସଂସ୍ଥା ମିଛ କହି ଲୋକଙ୍କଠାରୁ କେତେ ଅର୍ଥ ନେଇଛି ସେନେଇ କିଛି ସ୍ପଷ୍ଟ କରିନାହିଁ। ସଂଗୃହୀତ ଅର୍ଥ କେବେ ଓ କେଉଁ କାର୍ଯ୍ୟରେ ଲଗାଯାଇଛି ତାହା ମଧ୍ୟ କହିନାହିଁ। ଆମେରିକାରେ ଥିବା ଅନ୍ୟ ଚ୍ୟାରିଟି ସଙ୍ଗଠନଗୁଡ଼ିକ ମଧ୍ୟ ଏଭଳି

### ଆତଙ୍କବାଦୀଙ୍କୁ ଫଣ୍ଡିଂ ଆଶଙ୍କା

ଭାବେ ଅର୍ଥ ସଂଗ୍ରହ କରିଛନ୍ତି। ରିପୋର୍ଟରେ ଏହାକୁ ମାନବ ଇତିହାସରେ ସବୁଠୁ ନିକୃଷ୍ଟ ଭ୍ରଷ୍ଟାଚାର ମଧ୍ୟରୁ ଅନ୍ୟତମ ବୋଲି କୁହାଯାଇଛି। ଅଭିଯାନ ଚଳାଇଥିବା ସଙ୍ଗଠନ ଇମାନା ଆମେରିକାର ଇଲିନୋଇସ୍‌ରେ ସକ୍ରିୟ ରହିଛି। ଏହି ସଂସ୍ଥା ୧୯୬୭ରେ ପ୍ରତିଷ୍ଠା ହୋଇଥିଲା। ଡକ୍ଟର ଇସ୍‌ମାଇଲ ମେହର ଇମାନା ଏହାର ଅଧ୍ୟକ୍ଷ। ମୁଖ୍ୟତଃ ଡକ୍ଟର ଇମାନା 'ହେଲ୍ପ ଇଣ୍ଡିଆ ବ୍ରିଦ୍'ର ଯୋଜନା ତିଆରି କରିଥିଲେ। ପ୍ରକାଶ ଯେ, ଇମାନାର କୌଣସି ସ୍ଥାନରେ ଅଫିସ କିମ୍ବା ବ୍ରାଞ୍ଚ୍ ନାହିଁ। ଏଥିଲାଗି ଏହି ସଂସ୍ଥାକୁ ଅର୍ଥ ସଂଗ୍ରହ କରିବାରେ ରୋକାଯାଇ ପାରିନାହିଁ। ଏକ ଆକଳନ ଅନୁସାରେ ସଂଗୃହୀତ ରାଶି ୩୦-୧୫୮ କୋଟି ଡଲାର ହେବ।

## ସବୁ ଭାରିଆଣ୍ଟ ପାଇଁ ଫଳପ୍ରଦ ୨-ଡିଜି




ନୂଆଦିଲ୍ଲୀ, ୧୬।୬

ଡିଆର୍‌ଡିଓ ଦ୍ୱାରା ବିକଶିତ କୋଭିଡ୍ ଔଷଧ ୨-ଡିଜି ସବୁ ଭାରିଆଣ୍ଟ ପାଇଁ ଫଳପ୍ରଦ ବୋଲି ଏକ ନୂଆ ଅଧ୍ୟୟନରୁ ଜଣାପଡ଼ିଛି। ଉକ୍ତ ଅଧ୍ୟୟନ ଅନୁଯାୟୀ ୨-ଡିଜି ଔଷଧ ସାର୍ସ-ସିଓଭି-୨ ଭୂତାଣୁ ବହୁଗୁଣିତ ହେବାକୁ କମାଇଦେଇଥାଏ। ଏଥିସହିତ ସେଲ୍‌ଗୁଡ଼ିକର ସଂକ୍ରମଣ ଓ ମୃତ ସେଲ୍ ହ୍ରାସ କରିଥାଏ। ଉକ୍ତ ଔଷଧକୁ ପଥ୍ୟ ଚିକିତ୍ସାରେ ବ୍ୟବହାର କରିବା ଲାଗି ପ୍ରସ୍ତାବ ଦିଆଯାଇଛି। ଏହି ଅଧ୍ୟୟନ ଜୁନ୍ ୧୫ରେ ପ୍ରକାଶିତ ହୋଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୭,୭୫,୫୧,୪୦୨ | ୩୮,୪୦,୪୪୬ | ୧୬,୨୦,୨୦,୦୪୬ |
| ଭାରତ | ୨,୯୬,୮୪,୧୦୪ | ୩,୭୯,୬୦୧ | ୨,୮୪,୫୪,୯୩୮ |
| ଓଡ଼ିଶା | ୮,୬୩,୦୬୧ | ୩୪୩୨(+୫୩) | ୮,୧୭,୩୫୯ |

ବୁଧବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଅସନ୍ତୋଷ ସ୍ୱର ଚପାଇବା ନିନ୍ଦନୀୟ





ଗତବର୍ଷ ଫେବୃୟାରୀ ୨୪ରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧୀ ବିକ୍ଷୋଭ ବେଳେ ପୂର୍ବ ଦିଲ୍ଲୀରେ ଘଟିଥିବା ଦଙ୍ଗା ପାଇଁ ଷଡ଼ଯନ୍ତ୍ର ରଚିବା ମାମଲାରେ ଦିଲ୍ଲୀ ହାଇକୋର୍ଟ ୩ ଷ୍ଟୁଡେଣ୍ଟ ଆକ୍ଟିଭିଷ୍ଟଙ୍କୁ ମଙ୍ଗଳବାର ଜାମିନ ଦେଇଛନ୍ତି। ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ଛାତ୍ରୀ ଦେବାଙ୍ଗନା କଲିତା ଓ ନତାଶା ନରୱାଲ ଏବଂ ଜାମିଆ ମିଲିଆ ଇସ୍‌ଲାମିଆ ଛାତ୍ର ଆସିଫ୍ ଇକ୍‌ବାଲ ତନ୍‌ହା ସାମ୍ପ୍ରଦାୟିକ ହିଂସା ଭିଆଇନାହାନ୍ତି। ଶାନ୍ତିପୂର୍ଣ୍ଣ ଉପାୟରେ ବିକ୍ଷୋଭ କରିବା ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାର। ଏହାକୁ ଆତଙ୍କବାଦୀ କାର୍ଯ୍ୟ ରୂପେ ଅଭିହିତ କରାଯାଇପାରିବ ନାହିଁ ହାଇକୋର୍ଟ ରାୟ ଦେଇଛନ୍ତି। ଏହି ପ୍ରସଙ୍ଗରେ ଧରିତ୍ରୀ ପକ୍ଷରୁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବରିଷ୍ଠ ଆଇନଜୀବୀମାନଙ୍କ ମତାମତ ଲୋଡ଼ାଯାଇଥିଲା। କେନ୍ଦ୍ର ସରକାର ଅସନ୍ତୋଷର ସ୍ୱରକୁ ଚପାଇଦେବା ପାଇଁ ଉଦ୍ୟମ କରୁଥିବା ଦର୍ଶାଇ ଅଧିକାଂଶ ଓକିଲ ହାଇକୋର୍ଟଙ୍କ ରାୟକୁ ସ୍ୱାଗତ କରିଛନ୍ତି।

### ଛାତ୍ରୀଛାତ୍ରଙ୍କୁ ଆତଙ୍କବାଦୀ ସଜାଉଛି କେନ୍ଦ୍ର



ଭାରତର ଯେ କୌଣସି ନାଗରିକ ସାମ୍ବିଧାନିକ ଆଇନ ଅନୁସାରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିପାରିବେ। ଛାତ୍ରୀଛାତ୍ରଙ୍କୁ ଆତଙ୍କବାଦୀଙ୍କ ସହ ତୁଳନା କରି ସେମାନଙ୍କ ବିରୋଧରେ ସଙ୍ଗିନ ଦଫା ଲଗାଇ କୋର୍ଟ ଚାଲାଣ କରିବା କେତେ ଯୁକ୍ତିଯୁକ୍ତ ତାହା କେବଳ ତଦନ୍ତକାରୀ ସଂସ୍ଥା ହିଁ କହିପାରିବ। ସେମାନଙ୍କ ବିରୋଧରେ କୌଣସି ସଙ୍ଗିନ ଅଭିଯୋଗ ନ ଥିବା ଦିଲ୍ଲୀ ହାଇକୋର୍ଟ ତର୍ଜମା କରି ଜାଣିବା ପରେ ଜାମିନ ପ୍ରଦାନ କଲେ। ତଦନ୍ତକାରୀ ସଂସ୍ଥାକୁ ଏହା ଏକ ଶକ୍ତ ଚାପୁଡ଼ା କହିଲେ ଅତ୍ୟୁକ୍ତି ହେବ ନାହିଁ। ଅଭିଯୁକ୍ତଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବାବେଳେ ଅପରାଧ ସହ ତାଙ୍କର ସମ୍ପର୍କ କିପରି ରହିଛି, ତାକୁ ଉକ୍ତ ତଦନ୍ତକାରୀ ସଂସ୍ଥା ବ୍ୟାଖ୍ୟା କରିଥାଏ। କେନ୍ଦ୍ର ସରକାରଙ୍କ ବିରୋଧରେ ସାରା ଦେଶରେ ବ୍ୟାପୁଥିବା ଅସନ୍ତୋଷକୁ ଦବାଇବା ପାଇଁ ଛାତ୍ରୀଛାତ୍ରୀଙ୍କୁ ଆତଙ୍କବାଦୀ ସଜାଇ ଦିଆଯାଇଛି।

-ବନ ମହାନ୍ତି, ବରିଷ୍ଠ ଆଇନଜୀବୀ, ଭୁବନେଶ୍ୱର

### ଗିରଫଦାରି ସମ୍ବିଧାନ ବିରୋଧୀ



ଭାରତୀୟ ସମ୍ବିଧାନ ୧୯୫୦ ଭାଗ ୩ ଧାରା ୧୩ର ମୌଳିକ ଅଧିକାରକୁ କେହି ଛଡ଼ାଇ ନେଇପାରିବେ ନାହିଁ। ଧାରା ୧୫, ୧୭, ୧୮କୁ ଖିଲାପ କରି ଛାତ୍ରୀଛାତ୍ରଙ୍କୁ ପୋଲିସ ଗିରଫ କରିବା ସମାନତା ଅଧିକାରକୁ କ୍ଷୁଣ୍ଣ କରିଛି। ଧାରା ୧୫ ଧର୍ମ, ଜାତି, ବର୍ଣ୍ଣ, ଲିଙ୍ଗ ଓ ଜନ୍ମସ୍ଥାନ କାରଣରୁ ପକ୍ଷପାତିତା କରିବା ଉଚିତ ନୁହେଁ। ଧାରା ୧୭ ହେଉଛି ଅସ୍ପୃଶ୍ୟତା ଉଚ୍ଛେଦ। ଧାରା ୧୮ ହେଉଛି ଉପାଧିର ଉଚ୍ଛେଦ। ତେଣୁ ଜେଏନ୍‌ୟୁ ଛାତ୍ରୀଛାତ୍ର ଶନ୍ତିପୂର୍ଣ୍ଣ ଭାବେ ଧାରଣା ଦେଇଥିଲେ। ସେମାନେ କୌଣସି ଆତଙ୍କବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତ ନ ଥିଲେ। ସେମାନଙ୍କୁ ଗିରଫ କରି ଏପରି ସଙ୍ଗିନ ଦଫା ଲଗାଇବା ସମ୍ବିଧାନ ବିରୋଧୀ କାର୍ଯ୍ୟ। ତଦନ୍ତକାରୀ ସଂସ୍ଥାଗୁଡ଼ିକ ଏଭଳି ଆଭିମୁଖ୍ୟ ପ୍ରଦର୍ଶନ କରିବା ଗ୍ରହଣୀୟ ନୁହେଁ, ଯାହାକୁ ଦିଲ୍ଲୀ ହାଇକୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି।

-ନିରଞ୍ଜନ କାନୁନ୍‌ଗୋ, ବରିଷ୍ଠ ଆଇନଜୀବୀ, ଭୁବନେଶ୍ୱର

### ରାୟର ପୁନର୍ବିଚାର ଜରୁରୀ



ମୌଳିକ ଅଧିକାର ପାଇଁ ଲଢ଼େଇ କରିବା ନାଗରିକଙ୍କ ସାମ୍ବିଧାନିକ ଅଧିକାର। କିନ୍ତୁ ମୌଳିକ ଅଧିକାର ଆଳରେ ଦଙ୍ଗା, ପୋଡ଼ାଜଳା, ଆତଙ୍କ ସୃଷ୍ଟି କରିବା ସମ୍ପୂର୍ଣ୍ଣ ବେଆଇନ କାର୍ଯ୍ୟ। ଦିଲ୍ଲୀ ହାଇକୋର୍ଟଙ୍କ ରାୟକୁ ମୁଁ ସମ୍ମାନ ଜଣାଉଛି। ବିକ୍ଷୋଭ ପ୍ରଦର୍ଶନ ସାମ୍ବିଧାନିକ ଏବଂ ମୌଳିକ ଅଧିକାରଭୁକ୍ତ ବୋଲି କୋର୍ଟ ରାୟ ଦେଇଛନ୍ତି। କିନ୍ତୁ ସେହି ସମୟରେ ଘଟିଥିବା ଦଙ୍ଗାକୁ ଅନୁଧ୍ୟାନ କଲେ ଜଣାପଡ଼େ ଏହା ଦେଶ ପାଇଁ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଥିଲା। ଏବେ ଏହି ରାୟକୁ ଅରାଜକ ସୃଷ୍ଟିକାରୀ ତତ୍ତ୍ୱ ଢାଲ ଭାବେ ବ୍ୟବହାର କରିବେ। ଏପରି କି ଦେଶରେ ଅସାମ୍ବିଧାନିକ କାର୍ଯ୍ୟକଳାପ ବୃଦ୍ଧି ପାଇପାରେ। ତେଣୁ ଏହି ରାୟର ପୁନର୍ବିଚାର ଜରୁରୀ। ଦିଲ୍ଲୀ ପୋଲିସ ଏହି ରାୟ ବିରୋଧରେ ସୁପ୍ରିମକୋର୍ଟରେ ଅପିଲ କରିପାରିବ।

- ଶାରଦା ସାମଲ, ସମ୍ପାଦକ, ପୁରୀ ବାର୍ ଆସୋସିଏଶନ୍

### ରାୟ ଯୁକ୍ତିଯୁକ୍ତ



କୌଣସି ବ୍ୟକ୍ତି ନ୍ୟାୟ ପାଇବାରୁ ବଞ୍ଚିତ ହେଲେ ଅଥବା ତାଙ୍କର ମୌଳିକ ଅଧିକାର କ୍ଷୁଣ୍ଣ ହେଲେ ସେ ରାସ୍ତାକୁ ଓହ୍ଲାଇଥାନ୍ତି। ଶାନ୍ତିପୂର୍ଣ୍ଣ ଭାବେ କରାଯାଉଥିବା କୌଣସି ବିକ୍ଷୋଭକୁ ଅସାମ୍ବିଧାନିକ ବୋଲି କୁହାଯାଇପାରିବ ନାହିଁ। ସିଏଏ ବିରୋଧୀ ବିକ୍ଷୋଭ ବେଳେ ପୋଲିସ ଦ୍ୱାରା ଗିରଫ ହୋଇଥିବା ଜେଏନ୍‌ୟୁ ଛାତ୍ରୀଙ୍କ ସମେତ ୩ଜଣଙ୍କୁ ଦିଲ୍ଲୀ ହାଇକୋର୍ଟ ସାମ୍ପ୍ରଦାୟିକ ହିଂସା ମାମଲାରେ ଜାମିନ ପ୍ରଦାନ କରିଛନ୍ତି। କୋର୍ଟଙ୍କ ଏହି ରାୟ ଯୁକ୍ତିଯୁକ୍ତ। ମୁଁ ଏହାକୁ ସମ୍ମାନ ଜଣାଉଛି।

-ଶିଶିର ପରିଡ଼ା, ପୂର୍ବତନ ସଭାପତି, ଖୋର୍ଦ୍ଧା ଓକିଲ ସଂଘ

### ଜାମିନ ପ୍ରତ୍ୟେକ ବନ୍ଦୀଙ୍କ ସାମ୍ବିଧାନିକ ଅଧିକାର

ଆତ୍ମଘାତୀ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ପାଇଁ ସମ୍ବିଧାନରେ ସ୍ୱତନ୍ତ୍ର ନିୟମ ରହିଛି। ଏହି ଆଇନ ଅନୁଯାୟୀ ଜାମିନ ଆବେଦନକାରୀଙ୍କ ଶୁଣାଣି ସମୟରେ ସରକାରୀ ଓକିଲଙ୍କର ମତାମତ ଶୁଣିବା ସହ କେସ୍ ଡାଏରୀକୁ କୋର୍ଟ ତର୍ଜମା କରିବା ଜରୁରୀ। ଜାମିନ ଆବେଦନକାରୀ ଆତ୍ମଘାତୀ କାର୍ଯ୍ୟକଳାପ କରିନାହାନ୍ତି ବୋଲି କୋର୍ଟଙ୍କ ହୃଦ୍‌ବୋଧ ହେଲେ ତାଙ୍କୁ ଜାମିନ ପ୍ରଦାନ କରିବା କ୍ଷମତା କୋର୍ଟଙ୍କର ରହିଛି।



ଜାମିନ ପ୍ରତ୍ୟେକ ବନ୍ଦୀଙ୍କର ଏକ ସାମ୍ବିଧାନିକ ଅଧିକାର। ଏ ସମସ୍ତ ତଥ୍ୟକୁ କୋର୍ଟ ବିଚାରକୁ ନେଇ ଛାତ୍ରୀଛାତ୍ରଙ୍କୁ ଜାମିନ ପ୍ରଦାନ କରିଛନ୍ତି। ୟୁଏପିଏ ଧାରା ୧୫ରେ ଆତ୍ମଘାତୀ କାର୍ଯ୍ୟକଳାପର ବର୍ଣ୍ଣନା କରାଯାଇଛି। ଧାରା ୧୬ରେ ଆତ୍ମଘାତୀ କାର୍ଯ୍ୟକଳାପର ଦଣ୍ଡବିଧାନ ସମ୍ପର୍କରେ ଉଲ୍ଲେଖ ରହିଛି। ଧାରା ୧୭ରେ ଯଦି କୌଣସି ବ୍ୟକ୍ତି ଆତ୍ମଘାତୀ କାର୍ଯ୍ୟକଳାପ ପାଇଁ ଧନ ଏକତ୍ରିତ କରିଥାନ୍ତି ତାହାପାଇଁ କି ଦଣ୍ଡବିଧାନ ହେବ ତାହା ମଧ୍ୟ ଉଲ୍ଲେଖ ରହିଛି। ସେହିପରି ଧାରା ୧୮ରେ ଆପରାଧିକ ଷଡଯନ୍ତ୍ର ପାଇଁ ୫ ବର୍ଷରୁ ଆଜୀବନ କାରାଦଣ୍ଡ ପାଇଁ ଆଇନ ଅନୁସାରେ ବ୍ୟବସ୍ଥା ରହିଛି। ଜାମିନ ଶୁଣାଣି ସମୟରେ ଏହି ଧାରାଗୁଡିକ ପ୍ରାଥମିକ ତଦନ୍ତ ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ ସାବ୍ୟସ୍ତ ହୋଇପାରିନାହିଁ। ଅଭିଯୁକ୍ତ ଛାତ୍ରୀଛାତ୍ର ବିକ୍ଷୋଭ ସମୟରେ କୌଣସି ଅସ୍ତ୍ରଶସ୍ତ୍ର ବ୍ୟବହାର କରି ନ ଥିଲେ। ତେଣୁ ତାଙ୍କୁ କୋର୍ଟ ଜାମିନ ପ୍ରଦାନ କରିଛନ୍ତି।

-ଦେବାଶିଷ ପଣ୍ଡା, କ୍ରିମିନାଲ ଆଡଭୋକେଟ, କଟକ

### ଶାସକଙ୍କ ଅହଂକାର ବିରୋଧରେ ରାୟ



ଶାନ୍ତିପୂର୍ଣ୍ଣ ବିକ୍ଷୋଭ ନାଗରିକଙ୍କ ମୌଳିକ ଅଧିକାର। ଏହି କଥାକୁ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ସ୍ୱୀକୃତି ଦେବା ସ୍ୱାଗତଯୋଗ୍ୟ। ପ୍ରଭୁ ସତ୍ତାଧାରୀ ଶାସକ ବର୍ଗ କ୍ଷମତା ଅହଂକାରରେ ଲୋକଙ୍କୁ ଭୟ ଦେଖାଇ ଶାସନ କରିବା ନୀତି ବିରୋଧରେ ଏହି ରାୟ। ବର୍ତ୍ତମାନ ସମୟ ଆସିଛି ଦେଶଦ୍ରୋହ ଓ ସାମ୍ପ୍ରଦାୟିକ ହିଂସା ଆଇନର ତର୍ଜମା ହେବା ଉଚିତ।

-ପୀତବାସ ପଣ୍ଡା, ଗଞ୍ଜାମ ଓକିଲ ସଂଘର ପୂର୍ବତନ ସମ୍ପାଦକ

### ସାମ୍ବିଧାନିକ ଦାୟିତ୍ୱ ତୁଲାଇଛନ୍ତି ହାଇକୋର୍ଟ



ସିଏଏ ବିରୋଧୀ ବିକ୍ଷୋଭ ବେଳେ ପୋଲିସ ଗିରଫ କରିଥିବା ଛାତ୍ରୀଛାତ୍ରଙ୍କୁ ସାମ୍ପ୍ରଦାୟିକ ହିଂସା ମାମଲାରେ ହାଇକୋର୍ଟ ଜାମିନ ଦେଇ ସାମ୍ବିଧାନିକ ଦାୟିତ୍ୱ ସମ୍ପାଦନ କରିଛନ୍ତି। ଏହା ସ୍ୱାଗତଯୋଗ୍ୟ। ୟୁଏପିଏ ଧାରା ୧୫, ୧୭ କିମ୍ବା ୧୮ ଅନୁସାରେ ସମ୍ବିଧାନ ସମ୍ମତ ମୌଳିକ ଅଧିକାରର ସୁରକ୍ଷା ପାଇଁ ବିକ୍ଷୋଭରତ ଛାତ୍ରୀଛାତ୍ରଙ୍କୁ ଆତଙ୍କବାଦୀ କାର୍ଯ୍ୟକଳାପ ସହ ବିଚାର କରି ସେମାନଙ୍କ ବିରୋଧରେ ମାମଲା ରୁଜୁ କରିବା ଠିକ୍ ନୁହେଁ। ଶାନ୍ତିପୂର୍ଣ୍ଣ ବିକ୍ଷୋଭ ସାମ୍ବିଧାନିକ ଅଧିକାର। ସମ୍ବିଧାନ ପ୍ରଦତ୍ତ ସମସ୍ତ ମୌଳିକ ଅଧିକାରରେ ସରକାରଙ୍କ ହସ୍ତକ୍ଷେପ ଓ ଜନବିରୋଧୀ ଆଇନକୁ ବିକ୍ଷୋଭ ପ୍ରଦର୍ଶନ ମାଧମରେ ବିରୋଧ କରିବା ଅସାମ୍ବିଧାନିକ ନୁହେଁ।

-ରବୀନ୍ଦ୍ର କୁମାର ମହାନ୍ତି, ବରିଷ୍ଠ ଆଇନଜୀବୀ, ଜଗତ୍‌ସିଂହପୁର

### ବିକ୍ଷୋଭକାରୀଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ବେଆଇନ



ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ ଆତଙ୍କବାଦୀ କାର୍ଯ୍ୟ ନୁହେଁ। ବିକ୍ଷୋଭରତ ଛାତ୍ରୀଛାତ୍ରଙ୍କ ବିରୋଧରେ ପୋଲିସ ଲଗାଇଥିବା ଦଫାରେ ମାମଲା ରୁଜୁ କରିବା ବେଆଇନ। କାରଣ ସେମାନଙ୍କ ବିକ୍ଷୋଭର ଉଦ୍ଦେଶ୍ୟ ଦେଶର ସାର୍ବଭୌମତ୍ୱ ଓ ଏକତାକୁ ନଷ୍ଟ କରିବା ନ ଥିଲା। ସରକାର ଅସନ୍ତୋଷର ସ୍ୱରକୁ ଚପାଇଦେବା ପାଇଁ ୟୁଏପିଏ ଆଇନର ଅପବ୍ୟବହାର କରୁଛନ୍ତି, ଯାହାକି ବନ୍ଦ ହେବା ଆବଶ୍ୟକ।

- କୃପାସିନ୍ଧୁ ଷଡ଼ଙ୍ଗୀ, ବରିଷ୍ଠ ଆଇନଜୀବୀ, ବାରିପଦା

### ମାମଲାକୁ ସମ୍ପୂର୍ଣ୍ଣ ଖାରଜ କରିଥିଲେ ଭଲ ହୋଇଥାଆନ୍ତା



ଜାମିନ ଦେବା କୋର୍ଟଙ୍କ ନିଜସ୍ୱ ଅଧିକାର। ବିଚାର ପୂର୍ବରୁ ଜାମିନ ପ୍ରଦାନ ଏକ ସ୍ୱାଭାବିକ ପ୍ରକ୍ରିୟା। ଯଦି କୋର୍ଟ ବା ନ୍ୟାୟାଧୀଶ ବିଚାର କରନ୍ତି ଯେ, ଜାମିନ ଦ୍ୱାରା ସାମାଜିକ ସଂହତି ନଷ୍ଟ ହେବାର ଆଶଙ୍କା ନାହିଁ ଓ ବିଚାର ପ୍ରକ୍ରିୟା ବେଳେ ମୁଦାଲା ସହଯୋଗ କରିବେ ତେବେ ଜାମିନ ଦେବାରେ କୌଣସି ଅସୁବିଧା ନାହିଁ। ଖଣ୍ଡପୀଠ ଦ୍ୱିତୀୟ ମନ୍ତବ୍ୟ ନ ଦେଇ ଅଭିଯୁକ୍ତଙ୍କ ବିରୋଧରେ ହୋଇଥିବା ଏତଲାକୁ ସମ୍ପୂର୍ଣ୍ଣ ଖାରଜ କରିଦେଇଥିଲେ ଅଧିକ ଯୁକ୍ତିସଙ୍ଗତ ହୋଇଥାଆନ୍ତା। ଏହି ମନ୍ତବ୍ୟ ଅନେକ ଫଳଶୂନ୍ୟ ଆଲୋଚନାର କେନ୍ଦ୍ର ହେବ। ଖଣ୍ଡପୀଠ ନିଜ ଆଡୁ ବାକ୍ ସ୍ୱାଧୀନତାର ସୀମା ନିର୍ଦ୍ଧାରଣ କରିଥିଲେ ଅନେକ ବିବାଦକୁ ନିର୍ବିଘ୍ନରେ ଏଡ଼ାଇ ଦିଆଯାଇ ପାରିଥାନ୍ତା।

-ଗୋପାଳକୃଷ୍ଣ ପରିଡ଼ା, ବରିଷ୍ଠ ଆଇନଜୀବୀ, କେନ୍ଦୁଝର ଜିଲା କୋର୍ଟ

### ଆଇନ ପରିସରରେ ରହି କାର୍ଯ୍ୟ କରନ୍ତୁ ସରକାର



ସମ୍ବିଧାନର ଅନୁଚ୍ଛେଦ ୯୧ ସ୍ୱାଧୀନ ମତବ୍ୟକ୍ତ କରିବା ଅଧିକାର ଦେଇଛି। ଏଣୁ ସିଏଏ ବିରୋଧୀ ବିକ୍ଷୋଭରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କ ବିରୋଧରେ ବୋଧହୁଏ ଅଦାଲତ ୟୁଏପିଏ ଧାରା ୧୫, ୧୭ କିମ୍ବା ୧୮ ଅନୁସାରେ କୌଣସି ଆପାତତଃ ପ୍ରମାଣ ପାଇନାହାନ୍ତି। ତେଣୁ ଆତଙ୍କବାଦୀଙ୍କ ପାଇଁ ଉଦ୍ଦିଷ୍ଟ ଏଇ ଆଇନ ବଳରେ ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କ ବିରୋଧରେ ମାମଲା ରୁଜୁ କରିବାର ଯୁକ୍ତିଯୁକ୍ତତାକୁ ନେଇ କୋର୍ଟ ପ୍ରଶ୍ନ କରିଛନ୍ତି। ଶାନ୍ତିପୂର୍ଣ୍ଣ ଉପାୟରେ ବିକ୍ଷୋଭ କରିବା ଅଧିକାର ସମ୍ବିଧାନ ଦେଇଛି। ତେଣୁ ବ୍ୟବସ୍ଥା ବିରୋଧରେ ଗଣତନ୍ତ୍ରର ପରିଧି ମଧରେ ଯଦି କେହି ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରନ୍ତି, ତାଙ୍କ ବିରୁଦ୍ଧରେ ଆତଙ୍କବାଦୀ ନିରୋଧୀ ଆଇନ ଲାଗୁ କରିବା ଦୁର୍ଭାଗ୍ୟଜନକ। ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶମାନ ପରେ ସରକାର ଓ ପ୍ରଶାସନ ଏ ଦିଗରେ ଗମ୍ଭୀରତା ସହ ଚିନ୍ତା କରି ସାମ୍ବିଧାନିକ ବିଧିବ୍ୟବସ୍ଥା ଅନୁଯାୟୀ ଆଇନର ପରିସର ମଧରେ କାର୍ଯ୍ୟ କରିବା ଉଚିତ।

-ପ୍ରମୋଦ କୁମାର ମିଶ୍ର, ବରିଷ୍ଠ ଆଇନଜୀବୀ, ବଲାଙ୍ଗୀର

### ଦିଲ୍ଲୀ ହାଇକୋର୍ଟଙ୍କ ରାୟ ସ୍ୱାଗତଯୋଗ୍ୟ



ଦିଲ୍ଲୀ ଦଙ୍ଗା ନେଇ ହାଇକୋର୍ଟଙ୍କ ରାୟକୁ ସ୍ୱାଗତ କରୁଛି। ବିକ୍ଷୋଭ ପ୍ରଦର୍ଶନକୁ କେବେହେଲେ ଆତଙ୍କବାଦୀ କାର୍ଯ୍ୟ ଭାବେ ଅଭିହିତ କରାଯାଇପାରିବ ନାହିଁ। ସେହିପରି ଆତଙ୍କବାଦୀଙ୍କ ପାଇଁ ଉଦ୍ଦିଷ୍ଟ ଆଇନ ବିକ୍ଷୋଭରତ ଛାତ୍ରୀଛାତ୍ରଙ୍କ ବିରୋଧରେ ପ୍ରୟୋଗ କରାଯିବା ଆଦୌ ଯୁକ୍ତିଯୁକ୍ତ ନୁହେଁ। ଦେଶଦ୍ରୋହୀ କହି ଯେଉଁଭଳି ଜଣେ ପରେ ଜଣଙ୍କୁ ଗିରଫ କରାଯାଉଛି, ଅସନ୍ତୋଷର ସ୍ୱରକୁ ଚପାଇଦେବା କେନ୍ଦ୍ର ସରକାର ସେଭଳି କାର୍ଯ୍ୟାନୁଷ୍ଠାନ ନେଉଥିବା ସେଥିରୁ ସ୍ପଷ୍ଟ ହେଉଛି। ବେଆଇନ କାର୍ଯ୍ୟକଳାପ ନିରୋଧୀ ଆଇନ(ୟୁଏପିଏ)ର ଅପବ୍ୟବହାର କରାଯାଉଛି ବୋଲି କହିଲେ ମଧ୍ୟ କିଛି ଅତ୍ୟୁକ୍ତି ହେବ ନାହିଁ।

-ଶିରୀଶ ବଲ୍ଲଭ ମିଶ୍ର, ବରିଷ୍ଠ ଆଡ଼ଭୋକେଟ୍, ବରଗଡ଼

# ଅସୁରକ୍ଷିତ ବେଦାନ୍ତ ଖଣି ତଦନ୍ତ ଆଜିଠୁ



ଓସ୍ତପାଳ କ୍ରୋମାଇଟ୍ ଖଣି।

**ଡିଜିଏମ୍‌ଏସ୍ ଅଧିକାରୀ ଦେଲେ ସୂଚନା**

ଯାଜପୁର ଅଫିସ, ୧୬।୬

ଯାଜପୁର ଜିଲା ସୁକିନ୍ଦା ଅଞ୍ଚଳରେ ବେଦାନ୍ତ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଓସ୍ତପାଳ କ୍ରୋମାଇଟ ଖଣି ଅସୁରକ୍ଷିତ ରହିଛି। ଏନେଇ ହୋଇଥିବା ଅଭିଯୋଗ ଉପରେ ଗୁରୁବାରଠାରୁ ତଦନ୍ତ ଆରମ୍ଭ ହେବ। ଏ ସଂକ୍ରାନ୍ତରେ ଭାରତ ସରକାରଙ୍କ ଡାଇରେକ୍ଟର ଜେନେରାଲ ଅଫ୍ ମାଇନ୍ସ ସେଫ୍‌ଟି(ଡିଜିଏମ୍‌ଏସ୍)ର ଭୁବନେଶ୍ୱର କ୍ଷେତ୍ର ଡେପୁଟି ଡାଇରେକ୍ଟର ଇନୁମୁଲା ସତ୍ୟନାରାୟଣ ବୁଧବାର ଇ-ମେଲ୍ ଯୋଗେ ଅଭିଯୋଗକାରୀ ସୁରେଶ କୁମାରଙ୍କୁ ସୂଚନା ଦେଇଛନ୍ତି। ଉକ୍ତ ସୂଚନା ଅନୁଯାୟୀ ଡିଜିଏମ୍‌ଏସ୍‌ର ଅଧିକାରୀ ଗୁରୁବାର ୧୭।୬।୨୦୨୧ ପୂର୍ବାହ୍ନ ୧୦ଟାରୁ ୧୮।୬।୨୦୨୧ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ତଦନ୍ତ କରିବେ। ଅଭିଯୋଗକାରୀ ସୁରେଶ କୁମାରଙ୍କୁ ଏହି ତଦନ୍ତ ସମୟରେ ଉପସ୍ଥିତ ରହିବାକୁ ଉକ୍ତ ଇ-ମେଲ୍ ସୂଚନାରେ ଦର୍ଶାଯାଇଛି। ସୂଚନାଯୋଗ୍ୟ ଯେ, ସୁରେଶ କୁମାର ଓସ୍ତପାଳ କ୍ରୋମାଇଟ ଖଣି ଗୁରୁତର ଭାବେ ଅସୁରକ୍ଷିତ ହୋଇଥିବା ନେଇ କେନ୍ଦ୍ର ସରକାରଙ୍କ ୱେବ୍‌ପୋର୍ଟାଲ 'ସେଣ୍ଟ୍ରାଲାଇଜଡ୍ ପବ୍ଲିକ ଗ୍ରିଭାନ୍ସ ରିଡ୍ରେସ ଆଣ୍ଡ ମନିଟରିଂ ସିଷ୍ଟମ୍' ମାଧ୍ୟମରେ ଗତ ୯।୪।୨୦୨୧ ଏବଂ ୧୬।୪।୨୦୨୧ରେ ଅଭିଯୋଗ କରିଥିଲେ। ଏନେଇ ଧରିତ୍ରୀରେ ସବିଶେଷ ତଥ୍ୟ ଭିତ୍ତିକ ଖବର ଗତ ୧୫।୬।୨୦୨୧ରେ ପ୍ରକାଶ ପାଇଥିଲା। ଏହାପରେ ଡିଜିଏମ୍‌ଏସ୍ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଓସ୍ତପାଳ ଖଣି ଗର୍ତ୍ତଠାରୁ ମାତ୍ର ୨୦ ମିଟର ଦୂରରେ ଥିବା ୬୮ ମିଟର ଡମ୍ପ ଶ୍ରମିକ ତଥା କର୍ମଚାରୀଙ୍କ ପାଇଁ ବିପଦ ଭାବେ ଠିଆ ହୋଇଛି। ଏହା ପୂର୍ବରୁ ୪ ଥର ଡମ୍ପ ଭୁଶୁଡି ଶ୍ରମିକଙ୍କ ପାଇଁ ବିପଦର କାରଣ ହୋଇସାରିଛି। ଯେତେ ଥର ଅଭିଯୋଗ କରାଯାଇଥିଲେ ହେଁ ବିଭାଗ ସ୍ତରରେ କୌଣସି ପଦକ୍ଷେପ ନିଆଯାଉ ନାହିଁ ବୋଲି ସୁରେଶ କୁମାର ତାଙ୍କ ଅଭିଯୋଗରେ ଦର୍ଶାଇ ଆସିଛନ୍ତି। ଅନ୍ୟପକ୍ଷେ ଏହି ବିପଦରୁ ତ୍ରାହି ପାଇବାକୁ ବେଦାନ୍ତ ଅନ୍ୟକୁ ଲିଜ୍ ଦେବାକୁ ଯୋଜନା ରଖିଛି। ତେବେ ଉପଯୁକ୍ତ ଭାବେ ନିରପେକ୍ଷ ତଦନ୍ତ କରାଗଲେ ବେଦାନ୍ତର ଏଭଳି ବେଆଇନ ଉତ୍ତୋଳନ ଉପରେ ରହସ୍ୟ ଉନ୍ମୋଚନ ହୋଇପାରିବ ବୋଲି ଅଭିଯୋଗକାରୀ ଓ ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି।

# ୩ ପରୀକ୍ଷାଫଳ ଆଧାରରେ ମୂଲ୍ୟାୟନ

**ସିବିଏସ୍‌ଇ ଦ୍ୱାଦଶ**
- ଆଜି ସୁପ୍ରିମକୋର୍ଟରେ ରିପୋର୍ଟ ଦାଖଲ କରିବ କମିଟି
- ଜୁଲାଇ ୨୦ ସୁଦ୍ଧା ସିଆଇଏସ୍‌ସିଇ ଦ୍ୱାଦଶ ପରୀକ୍ଷାଫଳ ଘୋଷଣା

ଭୁବନେଶ୍ୱର, ୧୬।୬ (ବ୍ୟୁରୋ)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦ୍ୱାଦଶ ପରୀକ୍ଷା ବାତିଲ ହେବା ପରେ ମୂଲ୍ୟାୟନ ପଦ୍ଧତି କ'ଣ ରହିବ ତାହାକୁ ନେଇ ଏବେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍କଣ୍ଠା ଲାଗି ରହିଛି। ଏପରିସ୍ଥଳେ ୧୩ ଜଣିଆ କମିଟି ଗଠନ ହୋଇଥିବାବେଳେ ଦଶମ, ଏକାଦଶ ଓ ଦ୍ୱାଦଶ ପ୍ରି-ବୋର୍ଡ ପରୀକ୍ଷା ଫଳକୁ ଆଧାର କରି ମୂଲ୍ୟାୟନ କରାଯିବ ବୋଲି କମିଟି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ତେବେ ସିବିଏସ୍‌ଇ ପକ୍ଷରୁ ଏ ସଂକ୍ରାନ୍ତରେ ବିଧିବଦ୍ଧ ଭାବେ ଘୋଷଣା କରାଯାଇ ନ ଥିଲେ ମଧ୍ୟ ମିଳିଥିବା ସୂଚନାନୁସାରେ, ଦଶମ ୩୦%, ଏକାଦଶ ୩୦% ଓ ଦ୍ୱାଦଶ ପ୍ରିବୋର୍ଡ ପରୀକ୍ଷାର ୪୦%କୁ ନେଇ ମାର୍କ ଦିଆଯିବ। ଏହି ଆଧାରରେ ପରୀକ୍ଷା ଫଳ ଘୋଷଣା କରିବ। ତେବେ କେଉଁ ପଦ୍ଧତି ଅନୁସାରେ ପରୀକ୍ଷା ଫଳ ଘୋଷଣା କରିବ ସେନେଇ ଗୁରୁବାର ସୁପ୍ରିମକୋର୍ଟରେ ରିପୋର୍ଟ ଦାଖଲ କରିବ ସିବିଏସ୍‌ଇ। ଅନ୍ୟପଟେ କାଉନ୍‌ସିଲ ଫର୍ ଇଣ୍ଡିଆନ୍ ସ୍କୁଲ ସାର୍ଟିଫିକେଟ୍ ଏକ୍‌ଜାମିନେଶନ (ସିଆଇଏସ୍‌ସିଇ) ଜୁଲାଇ ୨୦ ସୁଦ୍ଧା ଦ୍ୱାଦଶ ପରୀକ୍ଷା ଫଳ ଘୋଷଣା କରିବ ବୋଲି ଆଶା ରଖିଛି। ଏକାଦଶ ଓ ଦ୍ୱାଦଶର ଇଣ୍ଟରନାଲ ପରୀକ୍ଷା ମାର୍କକୁ ନେଇ ସିଆଇଏସ୍‌ସିଇ ମୂଲାୟନ କରିବ। ଏଥିସହିତ ୨୦୧୫ରୁ ୨୦୨୦ ମଧ୍ୟରେ ସର୍ବାଧିକ ମାର୍କକୁ ମଧ୍ୟ ବିଚାରକୁ ନିଆଯିବ ବୋଲି ଜଣାପଡ଼ିଛି।

# ୩,୪୩୨ ଛୁଇଁଲା କରୋନା ମୃତ୍ୟୁ

**ଆଉ ୩,୫୩୫ ଚିହ୍ନଟ, ୪୪ ମୃତ**

**ଭୁବନେଶ୍ୱର, ୧୬।୬(ବ୍ୟୁରୋ):** ରାଜ୍ୟରେ ସଂକ୍ରମଣ ହ୍ରାସ ପାଉଛି, କିନ୍ତୁ ମୃତ୍ୟୁ ସଂଖ୍ୟା ଏବେ ବି ୪୦ ଉପରେ ରହୁଛି। ଗତ ୨୪ ଘଣ୍ଟାରେ ଆଉ ୪୪ଜଣଙ୍କ ଜୀବନ ନେଇଛି କରୋନା। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୫ଜଣ ଥିବାବେଳେ ଗଞ୍ଜାମ, କଳାହାଣ୍ଡି, ପୁରୀରୁ ୪ଜଣ ଲେଖାଏ ରହିଛନ୍ତି। ସେହିପରି ସୁନ୍ଦରଗଡ଼, ରାୟଗଡ଼ା, ଝାରସୁଗୁଡ଼ା, ଓ ଜଗତ୍‌ସିଂହପୁର, କଟକରୁ ୩ଜଣ ଲେଖାଏ, ବରଗଡ଼, ବୌଦ୍ଧ ଓ ମୟୂରଭଞ୍ଜରୁ ୨ଜଣ ଲେଖାଏ, ସମ୍ବଲପୁର, ନୂଆପଡ଼ା, କେନ୍ଦୁଝର, କନ୍ଧମାଳ, ଢେଙ୍କାନାଳ ଓ ଗଜପତିରୁ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଫଳରେ ରାଜ୍ୟରେ କରୋନାଜନିତ ମୃତ୍ୟୁ ୩,୪୩୨କୁ ବୃଦ୍ଧି ପାଇଛି।

ସେପଟେ ରାଜ୍ୟରେ ଆଉ ୩,୫୩୫ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୨,୦୧୬ଜଣ କ୍ୱାରାଣ୍ଟାଇନ ସେଣ୍ଟରରୁ ବାହାରିଥିବାବେଳେ ୧,୫୧୯ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି।

**CORRIGENDUM**

We would like to inform that on 14th June 21, NEXA Advertisement was inadvertently published with the tag line of 'NEXA is Now Open'.

**ଦି ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍**
(ଭାରତ ସରକାରଙ୍କ ଅଧିକୃତ ସଂସ୍ଥା)
କ୍ଷେତ୍ରୀୟ କାର୍ଯ୍ୟାଳୟ, ୧ମ ମହଲା, ଆଲୋକ ଭାରତୀ ଟାୱାର୍ସ, ସହିଦ ନଗର, ଭୁବନେଶ୍ୱର-୭୫୧୦୦୭

**ନୋଟିସ୍**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସ୍ଥାନରେ ଥିବା ମାଇକ୍ରୋ ଅଫିସ୍ ଗୁଡିକୁ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିର୍ଦ୍ଦେଶାନୁଯାୟୀ ଏବଂ କିଛି ଅନିର୍ବାଯ୍ୟ କାରଣବଶତଃ ତା.୩୧.୦୮.୨୦୨୧ରିଖ ଠାରୁ ବନ୍ଦ କରି ଦିଆଯାଉଅଛି ।

| କ୍ର. ନଂ. | ବନ୍ଦ ହେବାକୁ ଯାଉଥିବା ମାଇକ୍ରୋ ଅଫିସ୍‌ର ନାମ ଏବଂ ଠିକଣା | ବରିଷ୍ଠ ମଣ୍ଡଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ଠିକଣା ଏବଂ ଯୋଗାଯୋଗ ନଂ. |
|---|---|---|
| ୧. | ସୋରୋ ମାଇକ୍ରୋ ଅଫିସ୍ (୫୫୦୮୦୪), ମେନ୍ ରୋଡ୍, ଉତ୍ତରେଶ୍ୱର, ବାଲେଶ୍ୱର-୭୫୬୦୪୫ | ବାଲେଶ୍ୱର ମଣ୍ଡଳ କାର୍ଯ୍ୟାଳୟ, ୨ୟ ମହଲା, ଚର୍ଚ୍ଚ ବିଲ୍ଡିଂ, ବିବେକାନନ୍ଦ ମାର୍ଗ, ବାଲେଶ୍ୱର-୭୫୬୦୦୧, ମୋବାଇଲ ନଂ.: ୯୪୩୭୩୨୬୨୦୦ |
| ୨. | ହୀରାକୁଦ ମାଇକ୍ରୋ ଅଫିସ୍ (୫୫୦୯୦୬), ଆଜାଦ ହିନ୍ଦ ଚୌକ, ହୀରାକୁଦ, ସମ୍ବଲପୁର-୭୬୮୦୧୬ | ସମ୍ବଲପୁର ମଣ୍ଡଳ କାର୍ଯ୍ୟାଳୟ, ୧ମ ମହଲା, ବୁଢାରାଜା, ସମ୍ବଲପୁର-୭୬୮୦୦୪, ମୋବାଇଲ ନଂ.: ୯୪୩୭୩୧୬୧୭୫ |

ଏଣୁ ଉପରୋକ୍ତ କାର୍ଯ୍ୟାଳୟ ତରଫରୁ ବୀମା ସୁବିଧା ପାଉଥିବା ସମସ୍ତ ହିତାଧିକାରୀ ଓ ବୀମା ପଲିସିଧାରୀମାନଙ୍କୁ ଅନୁରୋଧ କରାଯାଉଅଛି ଯେ, ଯଦି ସେମାନେ ବୀମାଜନିତ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ହୁଅନ୍ତି, ତେବେ ଏହାର ବରିଷ୍ଠ ମଣ୍ଡଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ଅନୁରୋଧ। ଏହି ନୋଟିସ୍‌କୁ ଆମ୍ଭ ଉପରୋକ୍ତ ମାଇକ୍ରୋ ଅଫିସ୍ ଗୁଡିକ ବନ୍ଦ ନିମନ୍ତେ ୬୦ ଦିନିଆ ପ୍ରାକ୍ ନୋଟିସ୍ ରୂପେ ବିବେଚନା କରାଯାଇପାରେ ।

ଉପ-ମହାପ୍ରବନ୍ଧକ
ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ

**୨ ସପ୍ତାହ ପାଇଁ ବଢ଼ିଲା ଆଂଶିକ ଲକ୍‌ଡାଉନ୍ ।**




# ଏଥର ବିନା ଭକ୍ତରେ ସ୍ନାନଯାତ୍ରା

- ବିଭିନ୍ନ ଚ୍ୟାନେଲରେ ସିଧା ପ୍ରସାରଣ ବ୍ୟବସ୍ଥା କରାଯିବ
- ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ୧୪୪ ଧାରା ଜାରି ହେବ

ପୁରୀ ଅଫିସ, ୧୬।୬

ମହାମାରୀ କରୋନା କଟକଣା କାରଣରୁ ଚଳିତବର୍ଷ ବିନା ଭକ୍ତରେ ସ୍ନାନଯାତ୍ରା ଅନୁଷ୍ଠିତ ହେବ। ସ୍ୱଳ୍ପ ସଂଖ୍ୟକ ସେବାୟତ ଓ ଶ୍ରୀମନ୍ଦିର କର୍ମଚାରୀଙ୍କୁ ନେଇ ନୀତିକାନ୍ତି କରାଯିବ। ଦେବସ୍ନାନ ପୂର୍ଣ୍ଣିମା ତଥା ସ୍ନାନଯାତ୍ରା ଦିନ ବଡ଼ଦାଣ୍ଡ ସମେତ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ୧୪୪ ଧାରା ଜାରି କରାଯିବ। ସେହିପରି ବିଭିନ୍ନ ଟିଭି ଚ୍ୟାନେଲରେ ସ୍ନାନଯାତ୍ରାର ସିଧା ପ୍ରସାରଣ ବ୍ୟବସ୍ଥା କରାଯିବ। ଫଳରେ ଶ୍ରଦ୍ଧାଳୁମାନେ ଘରେ ବସି ମହାପ୍ରଭୁଙ୍କ ହାତୀବେଶ ଦର୍ଶନ କରିପାରିବେ। ବୁଧବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ଏ ସଂକ୍ରାନ୍ତ ବୈଠକ ପରେ ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ଚଳିତ ମାସ ୨୪ତାରିଖରେ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ତଥା ସ୍ନାନଯାତ୍ରା ପଡୁଛି। ମହାପ୍ରଭୁ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରି ହାତୀବେଶରେ ଲକ୍ଷାଧିକ ଭକ୍ତଙ୍କୁ ଦର୍ଶନ ଦେବେ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ବୁଧବାର ଏ ନେଇ ଦଇତାପତି ନିଯୋଗ ସହ ଶ୍ରୀମନ୍ଦିର ପ୍ରଶାସନର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅଧ୍ୟକ୍ଷତା କରିଥିଲେ। ବୈଠକରେ ପୂର୍ବ ବର୍ଷର ବକେୟା ଅର୍ଥ, ଚଳିତବର୍ଷ ଶାନ୍ତିଶୃଙ୍ଖଳାର ସହ ସ୍ନାନଯାତ୍ରା ଓ ରଥଯାତ୍ରା ନୀତି ସମ୍ପାଦନ କରାଯିବା ସମ୍ପର୍କରେ ଆଲୋଚନା ହୋଇଥିଲା। ସ୍ନାନଯାତ୍ରା ପାଇଁ ୨୨ ତାରିଖରେ ଦଇତାପତି ସେବାୟତମାନେ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରି ନୀତିକାନ୍ତି ଆରମ୍ଭ କରିବେ। ୨୩ ତାରିଖ ରାତି ୧ଟାରେ ପହଣ୍ଡି କରାଯିବାକୁ ସ୍ଥିର ହୋଇଛି। ସେହିଭଳି ୧୫ ଦିନ ଅଣସର ହେବ। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ମୁତାବକ ବିନା ଭକ୍ତରେ ସ୍ନାନଯାତ୍ରା ହେବାକୁ ଥିବାରୁ ସ୍ନାନମଣ୍ଡପ ଉପରେ ଅଯଥା ଗହଳି ନ କରିବାକୁ ନିଷ୍ପତ୍ତି ହୋଇଛି। ବିଶେଷକରି ମହାପ୍ରଭୁଙ୍କ ହାତୀବେଶରେ ଶ୍ରୀବିଗ୍ରହଙ୍କ ସମ୍ମୁଖରେ ଅଯଥା ଗହଳି ନ କରିବାକୁ ପରାମର୍ଶ ଦିଆଯାଇଛି। ଏଥିପାଇଁ ପ୍ରଶାସନ ସମସ୍ତ ସେବାୟତଙ୍କ ସହଯୋଗ କାମନା କରିଛି। ଛତିଶା ନିଯୋଗ ବୈଠକ ପରେ ଏସ୍‌ଓପି ଅନୁଯାୟୀ କାର୍ଯ୍ୟ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଅନ୍ୟପକ୍ଷରେ ଗତବର୍ଷ ବିନା ଭକ୍ତରେ ଦେବସ୍ନାନ ପୂର୍ଣ୍ଣିମା ହୋଇଥିବାରୁ ଦଇତାପତି ସେବାୟତମାନେ ଅନେକ କ୍ଷତି ସହିଥିଲେ। ସେମାନଙ୍କ ବକେୟା ପ୍ରାପ୍ୟ ସହ କ୍ଷତିପୂରଣ ରାଶି ଦେବାକୁ ନିଯୋଗ ପକ୍ଷରୁ ବୈଠକରେ ଦାବି ଉପସ୍ଥାପନ କରାଯାଇଛି। ସୂଚନାଯୋଗ୍ୟ, ଏହାପୂର୍ବରୁ ଜିଲାପାଳ ବିଭିନ୍ନ ସେବାୟତ ନିଯୋଗ ସହ ଆଲୋଚନା କରିଥିଲେ। ସେହିପରି ଜିଲା ପୋଲିସ ପ୍ରଶାସନ ପକ୍ଷରୁ ଦୁଇ ପର୍ଯ୍ୟାୟରେ ବୈଠକ ଅନୁଷ୍ଠିତ ହୋଇଥିଲା।

# ସବୁ ଜିଲାରେ ଗାଡ଼ି ପଞ୍ଜୀକରଣ, ବିକ୍ରୟକୁ ଅନୁମତି

ଭୁବନେଶ୍ୱର, ୧୬।୬(ବ୍ୟୁରୋ)

ରାଜ୍ୟ ସରକାର ଲକ୍‌ଡାଉନ୍ କଟକଣାକୁ ସାମାନ୍ୟ କୋହଳ କରିଛନ୍ତି। ସମସ୍ତ ଜିଲାରେ ଅଟୋମୋବାଇଲ୍ ଶୋ'ରୁମ୍‌ଗୁଡ଼ିକ ଖୋଲାଯିବା ସହ ନୂତନ ଗାଡ଼ି ପଞ୍ଜୀକରଣ ଓ ବିକ୍ରୟ ପାଇଁ ଅନୁମତି ପ୍ରଦାନ କରାଯାଇଛି। ଏନେଇ ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସ୍‌ଟିଏ) ପକ୍ଷରୁ ଟୁଇଟର ମାଧ୍ୟମରେ ସୂଚନା ଦିଆଯାଇଛି। ଅଟୋମୋବାଇଲ୍ ଡିଲରଗୁଡ଼ିକ ଗୁରୁବାରଠାରୁ ବାହନ ଆପ୍ ମାଧ୍ୟମରେ ନୂତନ ଗାଡ଼ି ପଞ୍ଜୀକରଣ କରିପାରିବେ। ଏନେଇ ଅନୁମତି ପ୍ରଦାନ କରିବାକୁ ଏସ୍‌ଟିଏ ପକ୍ଷରୁ ଆର୍‌ଟିଓଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଡିଲରମାନେ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ସମସ୍ତ କରୋନା କଟକଣାକୁ ମାନି ଶୋ'ରୁମ୍ ଖୋଲିବା ସହ ଗାଡ଼ି ବିକ୍ରୟ କରିପାରିବେ। ସୂଚନାଯୋଗ୍ୟ, ସଂକ୍ରମଣ ହ୍ରାସ ପାଇବା ପରେ ଗତ ୩୧ ତାରିଖରେ ସୁନ୍ଦରଗଡ଼, ନୂଆପଡ଼ା ଓ ଗଜପତି ଜିଲାରେ ନୂତନ ଗାଡ଼ି ପଞ୍ଜୀକରଣ ଏବଂ ବିକ୍ରୟ ପାଇଁ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଥିଲା।

**ଆଜିର ମନ୍ତବ୍ୟ**

"ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ନୂଆଦିଲ୍ଲୀ ମୁକ୍ତ, ଅବାଧ ନୌଚଳାଚଳ ଲାଗି ଆହ୍ୱାନ ଦେଇଆସିଛି।
-ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ




## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ..............................


ଗୁଗୁଲୁ
ପରିବାରବର୍ଗ


ରଜନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୧୧ ବନ୍ଧୁକ, ୫୧ ଗୁଳି ଜବତ: ୪ ଗିରଫ





ଗିରଫ ୪ ଅଭିଯୁକ୍ତ । ଜବତ ବନ୍ଧୁକ, ମାଗାଜିନ୍ ଓ ଗୁଳି ।

- ଖୋଲୁଛି ଧଳସାମନ୍ତ ଭ୍ରାତାଙ୍କ ବନ୍ଧୁକ କାରବାରର ଗୁମର
- ୩ ମାସରେ ୪୩ ବନ୍ଧୁକ, ୨୨୫ ଗୁଳି ଜବତ

**କଟକ ଅଫିସ,୧୬।୬**

ଓଡ଼ିଶା ପାଲଟିଛି ଚୋରା ବନ୍ଧୁକର ଭଣ୍ଡାର । ଗ୍ୟାଙ୍ଗଷ୍ଟର ଧଳସାମନ୍ତ ଭ୍ରାତାଙ୍କ ଅପରାଧିକ ସାମ୍ରାଜ୍ୟର ଖୋଳତାଡ କରୁକରୁ କମିଶନରେଟ୍ ପୋଲିସକୁ ମିଳିଲାଣି ବିପୁଳ ପରିମାଣର ବନ୍ଧୁକ ଓ ଗୁଳି । ଅନୁଗୋଳ ଜିଲା ତାଳଚେରର ଟୁକୁନା ସ୍ୱାଇଁ ଧରାପଡିବା ପରେ ଧଳସାମନ୍ତ ଭ୍ରାତାଙ୍କ ଚୋରା ବନ୍ଧୁକ କାରବାରର ଗୁମର ଖୋଲିବାରେ ଲାଗିଛି । କଟକ ଡିସିପି ପ୍ରତୀକ ସିଂଙ୍କ ନେତୃତ୍ୱରେ କମିଶନରେଟ୍ ପୋଲିସ ଚଢାଉ କରି ୧୧ଟି ଚୋରା ବନ୍ଧୁକ, ୧୧ ମାଗାଜିନ୍ ଓ ୫୧ ଗୁଳି ଜବତ କରିଛି । ଏହି ଘଟଣାରେ ଟୁକୁନାଙ୍କ ସମେତ କଟକ ଶଙ୍କରପୁର ଡିଓସାହିର ସନ୍ତୋଷ ରାଉତ, ଶଙ୍କରପୁର ବାରିକ ସାହିର ଜ୍ୟୋତି ରଞ୍ଜନ ବାରିକ ଓ ନୂଆସାହିର ପ୍ରଶାନ୍ତ ରାଉତଙ୍କୁ ଗିରଫ କରାଯାଇଛି । କଟକ ଡିସିପିଙ୍କ କାର୍ଯ୍ୟାଳୟରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି, ବେଆଇନ ବନ୍ଧୁକ କାରବାର ଅଭିଯୋଗରେ ପ୍ରଶାନ୍ତ ଧଳସାମନ୍ତ ଓ ସୁଶାନ୍ତ ଧଳସାମନ୍ତଙ୍କୁ ପୋଲିସ ଗିରଫ କରିଥିଲା । ଏଥିସହ ସେମାନଙ୍କ ନିକଟରୁ ବହୁ ବନ୍ଧୁକ, ଗୁଳି ଜବତ ହୋଇଥିଲା । ପରବର୍ତ୍ତୀ ସମୟରେ ଧଳସାମନ୍ତଙ୍କ ଘର ଓ ତାଙ୍କ ସହଯୋଗୀଙ୍କ ନିକଟରୁ ୧୬ ବନ୍ଧୁକ, ୧୦୯୫ ଗୁଳି ଜବତ କରାଯିବା ସହ ଏଥିରେ ସମ୍ପୃକ୍ତ ୮ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା । ଏହାପରେ ୭ ବନ୍ଧୁକ, ୩୫ ଗୁଳି ଜବତ କରାଯିବା ସହ ୧୨ ଜଣଙ୍କୁ ଗିରଫ କରାଯାଇଥିଲା । ତେବେ ଏମାନେ ଗିରଫ ହେବା ପରେ ଟୁକୁନା ବନ୍ଧୁକ ଯୋଗାଉଥିବା ନେଇ ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଥିଲା । ଡିସିପିଙ୍କ ନେତୃତ୍ୱରେ ଗଠନ ହୋଇଥିବା ସ୍ୱତନ୍ତ୍ର ଟିମ୍ ଟୁକୁନାଙ୍କୁ ଗତ ୩୦ ତାରିଖରେ ତାଳଚେରରୁ ଗିରଫ କରିଥିଲା । ସ୍ଥାନୀୟ ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଇ ୮ ଦିନ ରିମାଣ୍ଡରେ ଆଣିଥିଲା । ତାଙ୍କୁ ପଚରାଉଚରା କରିବାବେଳେ ସେ ବିହାର ମୁଙ୍ଗେର ଅଞ୍ଚଳରୁ ବନ୍ଧୁକ ଆଣି ବ୍ୟବସାୟ କରୁଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ । ଏଥିସହ ସେ ତାଳଚେରର ଏକ କଲ୍‌ଭର୍ଟ ନିକଟରେ ମାଟି ଖୋଳି ୮ ବନ୍ଧୁକ ଓ ୩୮ ଗୁଳି ଲୁଚାଇ ରଖିଥିଲେ ବୋଲି ପୋଲିସକୁ କହିଥିଲେ । ପରେ ପୋଲିସ ଉକ୍ତ ସ୍ଥାନରୁ ବନ୍ଧୁକ, ଗୁଳି ଜବତ କରିଥିଲା । ଏଥିସହ ସନ୍ତୋଷ, ଜ୍ୟୋତି ଓ ପ୍ରଶାନ୍ତଙ୍କୁ ସେ ୩ ବନ୍ଧୁକ, ୧୩ ଗୁଳି ଅପରାଧିକ କାର୍ଯ୍ୟକଳାପ ପାଇଁ ଦେଇଥିବା ପୋଲିସ ଜାଣିବାକୁ ପାଇଥିଲା । ଟୁକୁନାଙ୍କ ନାମରେ ବିଭିନ୍ନ ଥାନାରେ ୧୮ ମାମଲା ରହିଥିବାବେଳେ ସନ୍ତୋଷଙ୍କ ନାମରେ ୫, ଜ୍ୟୋତିଙ୍କ ନାମରେ ୬, ପ୍ରଶାନ୍ତଙ୍କ ନାମରେ ୯ଟି ମାମଲା ରହିଛି । ତେବେ ଗତ ୩ ମାସ ମଧ୍ୟରେ କଟକ କମିଶନରେଟ ପୋଲିସ ୪୩ ଚୋରା ବନ୍ଧୁକ ଓ ୨୨୫ ଗୁଳି ଜବତ କରିଥିବା କମିଶନର ସୂଚନା ଦେଇଛନ୍ତି ।

# ଓକିଲାତିନାମାରେ ଅତିରିକ୍ତ ଷ୍ଟାମ୍ପ ଫି’ ଲାଗୁ ୬ ସପ୍ତାହ ଘୁଞ୍ଚିଲା

**ଭୁବନେଶ୍ୱର,୧୬।୬(ବ୍ୟୁରୋ)**

ଓଡ଼ିଶା ଷ୍ଟେଟ୍ ବାର କାଉନ୍ସିଲ ଆଡ୍‌ଭୋକେଟ୍ସ ୱେଲଫେୟାର ଫଣ୍ଡ ଷ୍ଟାମ୍ପ କାର୍ଯ୍ୟକାରିକୁ ସ୍ଥଗିତ ରଖାଯାଇଛି । ପ୍ରତ୍ୟେକ ଓକିଲାତି ନାମାରେ ଏବାବଦକୁ ୧୦୦ ଟଙ୍କାର ଅତିରିକ୍ତ ଷ୍ଟାମ୍ପ ଫି ଲଗାଇବାକୁ ନୂଆ ନିୟମ କରାଯାଇଥିଲା । ହେଲେ ରାଜ୍ୟର ଆଇନଜୀବୀ ତଥା ଓକିଲ ସଂଘମାନେ ବିରୋଧ କରିବାପରେ ଏହାର କାର୍ଯ୍ୟକାରିତାକୁ ଆଉ ୬ ସପ୍ତାହ ଘୁଞ୍ଚାଇ ଦିଆଯାଇଛି । ଏନେଇ ରାଜ୍ୟ ବାର କାଉନସିଲ ସମସ୍ତ ସହକର୍ମିଙ୍କୁ ଓକିଲ ସଂଘକୁ ପତ୍ର ମାଧ୍ୟମରେ ଜଣାଇଦେଇଛି । ଏହି ନୂତନ ନିୟମ ଗତ ମେ ୧୪ରୁ କାର୍ଯ୍ୟକାରୀ ହେବାର ଥିଲା । ହେଲେ ଆରମ୍ଭରୁ ବିରୋଧ କରାଯିବାରୁ ଏହାର କାର୍ଯ୍ୟକାରିତାକୁ ପ୍ରଥମ ପର୍ଯ୍ୟାୟରେ ଜୁନ୍ ୧୭ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା । ତେବେ ରାଜ୍ୟ ବାର କାଉନ୍ସିଲ୍‌ର ଚିଠି ପାଇବା ପରେ ବୁଧବାର ଭର୍ଚୁଆଲ ମୋଡ୍‌ରେ ଖୋର୍ଦ୍ଧା ଓ ପୁରୀ ଜିଲାର ସମସ୍ତ ଓକିଲ ସଂଘ ସମେତ ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ଏକ ବୈଠକ ବସିଥିଲା । ଏଥିରେ ଭୁବନେଶ୍ୱର ଓକିଲ ସଂଘ ସଭାପତି ନିର୍ମଳ କିଶୋର ରଥ, ସମ୍ପାଦକ ରାଜକିଶୋର ଦାସ, ଉପସଭାପତି ଦେବୀଦତ୍ତ ବାରିକ, ଯୁଗ୍ମ ସମ୍ପାଦକ ଅଶୋକ ବଡ଼ପଣ୍ଡା, କୋଷାଧ୍ୟକ୍ଷ ଲିଙ୍ଗରାଜ ମହାରଣା ଓ କାର୍ଯ୍ୟକାରୀ ସଦସ୍ୟମାନେ ଯୋଗଦେଇ ଓକିଲାତିନାମାରେ ୧୦୦ ଟଙ୍କାର ଅତିରିକ୍ତ ଷ୍ଟାମ୍ପ ଫି’କୁ ପ୍ରତ୍ୟାହାର ପାଇଁ ଦାବି ରଖିଥିଲେ । ସୂଚନାଯୋଗ୍ୟ, କୋଭିଡ୍ ସମୟରେ ଏପରି ଅତିରିକ୍ତ ଷ୍ଟାମ୍ପ ଫି ଦେବା ନିୟମକୁ ପ୍ରତ୍ୟାହାର ସୋମବାର ନିଖିଳ ଓଡ଼ିଶା ଆଇନଜୀବୀ ସଂଘ ଓ ଭୁବନେଶ୍ୱର ଓକିଲ ସଂଘ ଦାବି କରି ଆନ୍ଦୋଳନ ଚେତାବନୀ ଦେଇଥିଲା ।

# ଟିକାକରଣ: ରାଶନ କାର୍ଡ ପରିଚୟ ପତ୍ର ହୋଇପାରିବ

ଭୁବନେଶ୍ୱର, ୧୬।୬(ବ୍ୟୁରୋ) – ଏଣିକି ରାଶନ କାର୍ଡକୁ ମଧ୍ୟ ଟିକାକରଣବେଳେ ପରିଚୟ ପତ୍ର ଭାବେ ବ୍ୟବହାର କରିହେବ । ଟିକାକରଣ ପାଇଁ କୋୱିନ ପୋର୍ଟାଲରେ ୭ ପ୍ରକାର ପରିଚୟ ପତ୍ରକୁ ହିତାଧିକାରୀମାନେ ବ୍ୟବହାର କରିବା ପାଇଁ ବ୍ୟବସ୍ଥା ରହିଛି । ନିକଟରେ ୟୁନିକ୍ ଡିଜିଟାଲ ଆଇଡେଣ୍ଟିଫିକେସନ କାର୍ଡ(ୟୁଡିଆଇଡି)କୁ ମଧ୍ୟ ସାମିଲ କରାଯାଇଥିଲା । ଏବେ ଏଥିରେ ରାଜ୍ୟ ସରକାର ରାଶନକାର୍ଡକୁ ମଧ୍ୟ ସାମିଲ କରିଛନ୍ତି । ରାଶନ କାର୍ଡରେ ନାମ, ଲିଙ୍ଗ, ଫଟୋ ଏବଂ ବୟସ ରହିଥିବାରୁ ଏହାକୁ ଟିକାକରଣ ସମୟରେ ପରିଚୟପତ୍ର ଭାବେ ବ୍ୟବହାର କରିହେବ । ଏହା ବିପିଏଲ୍ ବା ଅନ୍ତ୍ୟୋଦୟ ବର୍ଗର ହିତାଧିକାରୀଙ୍କୁ ମଧ୍ୟ ସହଯୋଗ କରିବ । ସେଣ୍ଟ ପ୍ରୋଗ୍ରାମ ଅଫିସର, ମ୍ୟାନେଜର, ଭ୍ୟାକ୍ସିନେଟରଙ୍କୁ ଏ ସମ୍ପର୍କରେ ଜଣାଇଦେବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି । ଏ ନେଇ ବୁଧବାର ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲାପାଳ, ମହାନଗର କମିଶନର ଓ ଜିଲା ମୁଖ୍ୟ ଟିକାଧିକାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି ।

# ଶିଶୁଙ୍କଠାରେ ଦୀର୍ଘମିଆଦୀ କୋଭିଡ୍ କମ୍ ଦେଖାଯାଏ

ଭୁବନେଶ୍ୱର,୧୬।୬(ବ୍ୟୁରୋ): କୋଭିଡ୍‌ରୁ ସୁସ୍ଥ ହେବା ପରେ ବି ଆକ୍ରାନ୍ତଙ୍କ ଶରୀରରେ ଅନେକ ଲକ୍ଷଣ ରହିଯାଉଛି । ଅଭିଶପ୍ତ ଅବସ୍ଥା ହୋଇଥିବା ରାତିରେ ନିଦ ନ ହେବା, ଭୋକ କମିଯିବା, ଛାତି ବଥା, କାଶ, ଧଇଁସଇଁ ଲାଗିବା, ପେଟ କାଟିବା, ମୁଣ୍ଡ ବିନ୍ଧିବା, ଚିଡ଼ିଚିଡ଼ା, ମନେ ନ ରହିବା ଭଳି ଲକ୍ଷଣ ସାଙ୍ଗକୁ ଖାଦ୍ୟନଳୀ, ଏଣ୍ଡୋକ୍ରାଇନ, ହୃଦ୍‌ରୋଗ ସହିତ ସ୍ନାୟବିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏସବୁ ଲକ୍ଷଣ ଯଦି ୩ ମାସ ବା ୧୨ ସପ୍ତାହ ରହିଲେ ଦୀର୍ଘମିଆଦୀ କୋଭିଡ୍ ବା ପୋଷ୍ଟ କୋଭିଡ୍ ସିଣ୍ଡ୍ରୋମ କୁହାଯାଏ । ଏହି ଲକ୍ଷଣ ସାଧାରଣତଃ କୋଭିଡ୍‌ରୁ ସୁସ୍ଥ ହେବା ପରେ ମାସେରୁ ଦୁଇ ମାସ ମଧ୍ୟରେ କମିଯାଇଥାଏ । କିନ୍ତୁ କିଛି ଲୋକ ଏହି ଲକ୍ଷଣ ସହ ସେମାନେ ଲଙ୍ଗ କୋଭିଡ୍ ଅବସ୍ଥାକୁ ଯାଇଥାନ୍ତି ଏବଂ ଚିକିତ୍ସାର ଆବଶ୍ୟକ କରିଥାନ୍ତି ବୋଲି କଟକ ଏସ୍‌ସିବି ମେଡିକାଲ କଲେଜର ମେଡିସିନ ବିଭାଗ ମୁଖ୍ୟ ଡା. ଜଗଦୀଶ ପଣ୍ଡା କହିଛନ୍ତି । ବୁଧବାର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ସଚେତନତାମୂଳକ କାର୍ଯ୍ୟକ୍ରମରେ ଡା. ପଣ୍ଡା କହିଛନ୍ତି, ଶିଶୁଙ୍କଠାରେ ଦୀର୍ଘମିଆଦୀ କୋଭିଡ୍ ପ୍ରାୟତଃ କମ୍ ଦେଖାଯାଏ । ଯେଉଁମାନଙ୍କ ମଧୁମେହ, କିଡ୍‌ନୀଜନିତ, ଶ୍ୱାସ, କର୍କଟ ଭଳି ଜଟିଳ ରୋଗ ଥିଲେ, ସେମାନଙ୍କଠାରେ ପୋଷ୍ଟ କୋଭିଡ୍ ଲକ୍ଷଣ ଆସେ ଏବଂ ସେମାନେ ଚିକିତ୍ସାର ଆବଶ୍ୟକ କରିଥାନ୍ତି । କିନ୍ତୁ ଦୀର୍ଘମିଆଦୀ କୋଭିଡ୍‌ରୋଗୀ ସଂକ୍ରାମକ ନୁହନ୍ତି । ତାଙ୍କଠାରୁ ରୋଗ ଡେଇଁବନି । ଏଥିରୁ ମୁକ୍ତି ପାଇଁ ପୀଡିତଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନିର୍ଭର କରେ । ଯିଏ ଯେତେ ଗୁରୁତର ଥିବେ, ଭଲ ହେବାକୁ ସେତେ ଡେରି ହୋଇଥାଏ । ସାମାନ୍ୟ ବା ମଧ୍ୟମରେ ଆକ୍ରାନ୍ତ ଥିଲେ ଶୀଘ୍ର ଭଲ ହୋଇଯାଇଥାନ୍ତି । ଯେଉଁମାନେ ଗୁରୁତର ହୋଇଥାନ୍ତି, ସେମାନଙ୍କୁ ୧ରୁ ୩ ମାସ ଲାଗିଥାଏ ବୋଲି ଡା. ପଣ୍ଡା କହିଛନ୍ତି ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କହି ଜାଣିଲେ କଦଳୀ ମୁଣ୍ଡା ବିକାଯାଏ।**
**କହି ନ ଜାଣିଲେ ମାଗୁର ମାଛ ସଢ଼ୁଥାଏ।**

ଜଣେ ଯଦି ଭଲ କଥା କହିପାରେ, ତାହେଲେ ସେ ଖରାପ ଜିନିଷକୁ ମଧ୍ୟ ଖୁବଶୀଘ୍ର ଉପଯୁକ୍ତ ମୂଲ୍ୟରେ ବିକ୍ରି କରି ଦେଇପାରେ । କହି ନ ଜାଣିଲେ ଭଲ ଜିନିଷ ମଧ୍ୟ ବିକ୍ରି ନ ହୋଇ ପଡି ରହେ । ବ୍ୟବସାୟରେ ସଫଳତା ପାଇଁ ମଧୁର ବଚନ ଓ ଉତ୍ତମ ବ୍ୟବହାରର ଅଧିକ ଗୁରୁତ୍ୱ ରହିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:**

**classifieds** Everyday 0674-2580101, 2549302




**Mo Hindustan Jewellers Bhubaneswar started online gold ornaments sale and door step delivery. Please call for more detail 9437160289 or 9437033691.** D-20835

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

## AFFIDAVIT

Before Executive Magistrate, R.Udayagiri, Gajapati, I, Puspanjali Dalai, W/o. Late Arjun Dalai, Vill: Chadiapada, Parimala, R.Udayagiri, Gajapati Dist. and my Aadhaar No. 9463 6312 3317 and my School name recorded as Puspalata Rauta. Both Puspalata Rauta & Puspanjali Dalai are same person. Henceforth, I shall be known as Puspanjali Dalai for all purpose.
D-66660


## ପ୍ରଥମ ପୃଷ୍ଠାରୁ...

### ବାଧ୍ୟତାମୂଳକ ...

ହଲ୍ ମାର୍କକୁ ଶୁଦ୍ଧତାର ପ୍ରତୀକ ଭାବେ ଧରାଯାଇଥାଏ । ଏହା ଜୁଏଲର୍ସଙ୍କ ବିଶ୍ୱସନୀୟତାକୁ ବଢ଼ାଇବାରେ ସହାୟକ ହୋଇଥାଏ । ଏହି ବ୍ୟବସ୍ଥା ପ୍ରଥମେ ଇଚ୍ଛାଧୀନ ରହିଥିଲା । ବର୍ତ୍ତମାନ ସରକାର ଏହାକୁ ବାଧ୍ୟତାମୂଳକ ଭାବେ ଲାଗୁ କରିଛନ୍ତି । ସରକାର ପର୍ଯ୍ୟାୟ ଭିତ୍ତିରେ ଏ ନେଇ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ଶେଷ କରିବେ । ପ୍ରଥମ ପର୍ଯ୍ୟାୟରେ ଦେଶର ୨୫୬ ଜିଲାରେ ଏହା ଲାଗୁ ହେବ । ଫଳରେ ଏହି ଜିଲାଗୁଡ଼ିକରେ ଜୁଏଲର୍ସମାନେ କେବଳ ୧୪, ୧୮ ଏବଂ ୨୨ କ୍ୟାରେଟ ସୁନାଗହଣା ବିକ୍ରି କରିପାରିବେ । ଉଲ୍ଲେଖଯୋଗ୍ୟ, ୨୦୦୦ ଏପ୍ରିଲଠାରୁ ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡସ(ବିଆଇଏସ୍) ପକ୍ଷରୁ ହଲ୍ ମାର୍କିଂ ସ୍କିମ୍ କାର୍ଯ୍ୟକାରୀ କରାଯାଇଥିଲା । ବର୍ତ୍ତମାନ ଏହି ସ୍କିମ୍ ପରିସରରେ ୪୦% ଜୁଏଲର୍ସ କାର୍ଯ୍ୟ କରୁଛନ୍ତି । ଅଂଶୀଦାରଙ୍କ ସହ ବିସ୍ତୃତ ଆଲୋଚନା ପରେ ସୁନା ଶିଳ୍ପରେ ବାର୍ଷିକ ୪୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାରବାର କରୁଥିବା ବ୍ୟବସାୟୀଙ୍କୁ ଏହି ନିୟମ ପରିସରରୁ ବାହାରେ ରଖାଯାଇଛି । ସରକାରଙ୍କ ବାଣିଜ୍ୟ ନିୟମ ଅନୁସାରେ ଜୁଏଲେରି ରପ୍ତାନି ଏବଂ ଜୁଏଲେରିର ପୁନଃ ଆମଦାନୀ କରୁଥିବା ଟ୍ରେଡରଙ୍କ ଲାଗି ନିୟମ ବାଧ୍ୟତାମୂଳକ ନୁହେଁ । ଏହାବାଦ ଅନ୍ତର୍ଜାତୀୟ ଏକ୍‌ଜିବିସନ ମଞ୍ଜୁରୀପ୍ରାପ୍ତ ବି ଟୁ ବି ଘରୋଇ ପ୍ରଦର୍ଶନୀରେ ବ୍ୟବହାର ହେଉଥିବା ଜୁଏଲେରି ନୂଆ ନିୟମ ପରିସରରେ ଆସୁନାହିଁ । ସେହିଭଳି ସୁନା ଘଣ୍ଟା, ଫାଉଣ୍ଟେନ ପେନ୍, କୁନ୍ଦନ, ପୋଲକି ଏବଂ ଜଡାଓ ଭଳି ସ୍ୱତନ୍ତ୍ର ଧରଣର ଗହଣା କ୍ଷେତ୍ରରେ ହଲ୍ ମାର୍କିଂ କଡ଼ାକଡ଼ି କରାଯାଇନାହିଁ । ସରକାରଙ୍କ ନୂଆ ପଦକ୍ଷେପ ଦ୍ୱାରା ଗ୍ରାହକ ବିଶେଷ ଭାବେ ଲାଭବାନ ହୋଇପାରିବେ ବୋଲି ଆଶା କରାଯାଉଛି । ଏଭଳି ନିଷ୍ପତ୍ତିର କାର୍ଯ୍ୟକାରିତାକୁ ନେଇ ଜୁଏଲେରି ଶିଳ୍ପ ପକ୍ଷରୁ ସ୍ୱାଗତ କରାଯାଇଛି ।

### କଟକଣା ଆଂଶିକ ...

ସକାଳ ୬ରୁ ଅପରାହ୍ନ ୧ଟା ଯାଏ ଅତ୍ୟାବଶ୍ୟକ ଦୋକାନ ଖୋଲା ରହିବ । ଏଥିସହିତ ଉଠା ଦୋକାନୀ, ବୁଲା ବିକାଳି, ଜଳଖିଆ ଦୋକାନୀମାନଙ୍କୁ ବ୍ୟବସାୟ କରିବାକୁ ଅନୁମତି ଦିଆଯାଇଛି । ଜଳଖିଆ ଦୋକାନରୁ କେବଳ ପାର୍ସଲ ନେବାକୁ କୁହାଯାଇଛି । ସକାଳ ୬ରୁ ୯ଟା ଯାଏ ପ୍ରାତଃ ଭ୍ରମଣ, ସାଇକ୍ଲିଂ, ଜଗିଂ ଇତ୍ୟାଦି କରିବାକୁ ଅନୁମତି ଦିଆଯାଇଛି । ଦୁଗ୍ଧ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟରେ ମିଠା ଦୋକାନ ଖୋଲା ରହିବ । ସମସ୍ତ ଜିଲାରେ ବ୍ୟାଙ୍କ, ଶିଳ୍ପ ସଂସ୍ଥା, ମତ୍ସ୍ୟ ଓ ପଶୁପାଳନ, ହୋମ୍ ଡେଲିଭେରି, ପେଟ୍ରୋଲ ପମ୍ପ, ଟେଲିକମ୍ ସେବା କାର୍ଯ୍ୟ ଜାରି ରହିବ । ବିଭିନ୍ନ ନିର୍ମାଣ କାର୍ଯ୍ୟ ଏବଂ ଏଥିସହିତ ସମ୍ପୃକ୍ତ ଦୋକାନ ଖୋଲା ରହିବ । ଇଲେକ୍ଟ୍ରିକାଲ ଦୋକାନ ମଧ୍ୟ ଖୋଲା ରହିବ । ମାଲ ପରିବହନ କରୁଥିବା ଗାଡ଼ି ଚଳାଚଳ କରିବ । ମାତ୍ର ବସ୍ ଚଳାଚଳ କରିବ ନାହିଁ । ସପ୍ତାହାନ୍ତ ଶଟ୍‌ଡାଉନ ପୂର୍ବଭଳି ବଳବତ୍ତର ରହିବ । ଶୁକ୍ରବାର ସନ୍ଧ୍ୟା ୬ଟାରୁ ସୋମବାର ସକାଳ ୫ଟା ଯାଏ ଶଟ୍‌ଡାଉନ ଜାରି ରହିବ । ବାହାଘର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ପୂର୍ବ ଘୋଷିତ ଗାଇଡ୍‌ଲାଇନ ଅନୁଯାୟୀ କଟକଣା ରହିବ । ମନ୍ଦିର ବନ୍ଦ ରହିବ, କିନ୍ତୁ ନୀତିକାନ୍ତି ଚାଲୁ ରହିବ । ଯାତ୍ରା ଏବଂ ଆଉଟ୍‌ଡୋର୍ ଶୁଟିଂ ବନ୍ଦ ରହିବ । ପଶ୍ଚିମବଙ୍ଗ ଓ ଆନ୍ଧ୍ର ପ୍ରଦେଶ ଚେକ୍ ପୋଷ୍ଟରେ କଟକଣା ଜାରିରହିବ । କିନ୍ତୁ ଝାଡ଼ଖଣ୍ଡ ଓ ଛତିଶଗଡ଼ରେ ସଂକ୍ରମଣ ହ୍ରାସ ପାଇଥିବାରୁ ସେହି ସବୁ ରାଜ୍ୟ ପାଇଁ ଥିବା ଚେକ୍ ପୋଷ୍ଟରୁ କଟକଣା ହଟାଯିବ । ଲକ୍‌ଡାଉନ ସମୟରେ ଲୋକମାନଙ୍କ ଯାତାୟାତ ଉପରେ କଟକଣା ରହିବ । ଅଯଥାରେ ବାହାରେ ବୁଲିବା କିମ୍ବା ଏକାଠି ହେବା ନେଇ କଟକଣାକୁ କଡ଼ାକଡ଼ି କରାଯାଇଛି । ଲକ୍‌ଡାଉନକୁ କଡ଼ାକଡ଼ି ଭାବେ ପରିଚାଳନା କରିବାକୁ ସମସ୍ତ ଜିଲାର ଏସ୍‌ପି, ପୋଲିସ କମିଶନରଙ୍କୁ ଜଣାଇ ଦିଆଯାଇଛି । ଲକ୍‌ଡାଉନ ସମୟରେ ମାଲ ପରିବହନ ଜାରି ରହିବ । ଲକ୍‌ଡାଉନ ବେଳେ ଟିକାକରଣ ଚାଲୁ ରହିବ । ଟିକା ନେବା ପାଇଁ ଯୋଗ୍ୟ ବ୍ୟକ୍ତି ନିକଟସ୍ଥ କୋଭିଡ୍ ଟିକାକରଣ କେନ୍ଦ୍ର(ସିଭିସି)କୁ ଟାକ୍ସି, ଅଟୋରିକ୍ସା କିମ୍ବା ନିଜର ଯାନବାହନ ସାହାଯ୍ୟରେ ଯାଇପାରିବେ । ଏଥିସହିତ ଲୋକମାନେ ସରକାରୀ କିମ୍ବା ଘରୋଇ କୋଭିଡ୍ ପରୀକ୍ଷା କେନ୍ଦ୍ରକୁ ଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରିପାରିବେ । ମେଡିକାଲ କାରଣ ବ୍ୟତୀତ ଅନ୍ୟ କୌଣସି ବାହାନା ଦେଖାଇ ଲୋକମାନେ ଅନ୍ୟ ରାଜ୍ୟକୁ ଯାଇପାରିବେ ନାହିଁ । ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ । ସବୁ ବ୍ୟବସାୟିକ ମେଳା, ବୈଠକ ଆଦି ଉପରେ କଟକଣା ଜାରି କରାଯାଇଛି । ସେଲୁନ, ବିୟୁଟି ପାର୍ଲର, ସ୍ପା, ସିନେମା ହଲ୍, ମଲ୍, ମାର୍କେଟ କମ୍ପ୍ଲେକ୍ସ, ଜିମ୍ନାସିୟମ, ସ୍ପୋର୍ଟସ କମ୍ପ୍ଲେକ୍ସ, ସୁଇମିଂ ପୁଲ୍, ଥିଏଟର, ପାର୍କ, ବାର୍, ଅଡିଟୋରିୟମ, ମିନାବଜାର ଇତ୍ୟାଦି ବନ୍ଦ ରହିବ । ସେହିପରି ଯାତ୍ରା, ଖୋଲା ମଞ୍ଚ ଉପରେ କଟକଣା ଜାରି କରାଯାଇଛି । ଇନ୍‌ଡୋର କିମ୍ବା ଆଉଟ୍‌ଡୋର ଟିଭି ସିରିଏଲ କିମ୍ବା ଚଳଚ୍ଚିତ୍ର ଶୁଟିଂ ହୋଇପାରିବ ନାହିଁ । ସାମାଜିକ, ଧାର୍ମିକ, ରାଜନୈତିକ, ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରହିବ । ବିବାହ ପାଇଁ ୨୫ ଓ ଶୁଦ୍ଧିକାର୍ଯ୍ୟ ପାଇଁ ୨୦ ଜଣଙ୍କୁ ଅନୁମତି ଦିଆଯାଇଛି । ଦୈନିକ କିମ୍ବା ସାପ୍ତାହିକ ହାଟ ବଜାର, ସମସ୍ତ ପ୍ରକାର କ୍ରୀଡ଼ା କାର୍ଯ୍ୟକ୍ରମ ବନ୍ଦ ରହିବ । ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ୫୦% କର୍ମଚାରୀଙ୍କୁ ନେଇ ଚାଲିବ । ତେବେ ହସ୍ପିଟାଲ, କ୍ଲିନିକ, ଟେଲି ମେଡିସିନ, ଔଷଧ ଦୋକାନ, ମେଡିକାଲ ଉପକରଣ ଦୋକାନ, ମେଡିକାଲ ଲାବୋରେଟୋରି, କଲେକ୍ସନ ସେଣ୍ଟର ଖୋଲା ରହିବ । ଔଷଧ ପ୍ରସ୍ତୁତ ୟୁନିଟ୍, ସ୍ୱାସ୍ଥ୍ୟ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ଚାଲୁ ରହିବ । ବ୍ୟାଙ୍କ, ଏଟିଏମ୍ କାଉଣ୍ଟର ଖୋଲା ରହିବ । ତେଜରାତି, ଦୁଗ୍ଧ, ପନିପରିବା, ମାଛ, ମାଂସ, ବହି ଦୋକାନ ଖୋଲା ରହିବ । ରେଷ୍ଟୁରାଣ୍ଟ ଓ ଢାବାଗୁଡ଼ିକରେ କେବଳ ପାର୍ସଲ ବ୍ୟବସ୍ଥା ରହିବ । ହୋମ୍ ଡେଲିଭରି, ଇଣ୍ଟରନେଟ୍, ଟେଲି କମ୍ୟୁନିକେଶନ, ଇଲେକ୍ଟ୍ରୋନିକ, ଛାପା ଗଣମାଧ୍ୟମକୁ ଅନୁମତି ପ୍ରଦାନ କରାଯାଇଛି । ସକାଳ ୫ଟାରୁ ୯ଟା ଯାଏ ଖବରକାଗଜ ବିକିବା ପାଇଁ ଅନୁମତି ଦିଆଯାଇଛି । ସମସ୍ତ ଆହାର କେନ୍ଦ୍ରରେ ଖାଦ୍ୟ ପାର୍ସଲ ବ୍ୟବସ୍ଥା ରହିବ । ଅଟୋମୋବାଇଲ, ଗ୍ୟାରେଜ, ସାଇକେଲ ଦୋକାନ ଖୋଲା ରହିବ । ଲକ୍‌ଡାଉନ ସମୟରେ ମୋ ବସ୍ ୫୦% ଯାତ୍ରୀଙ୍କୁ ରେଳଷ୍ଟେଶନ ଓ ବିମାନବନ୍ଦରକୁ ନେବାକୁ ଅନୁମତି ଦିଆଯାଇଛି । ସମସ୍ତ ପ୍ରକାର ନିର୍ମାଣ କାର୍ଯ୍ୟ ଚାଲୁ ରହିବା ସହିତ ସିମେଣ୍ଟ, ରଡ୍, ହାର୍ଡୱେର ଷ୍ଟୋର ଖୋଲା ରହିବ । କୃଷି ଓ ଆନୁଷଙ୍ଗିକ କାର୍ଯ୍ୟ ଜାରିରହିବ । ପରିସ୍ଥିତିକୁ ଦେଖି ଜିଲାପାଳ ଏବଂ ମହାନଗର ନିଗମ କମିଶନରମାନେ କୋହଳ ହୋଇଥିବା କଟକଣାକୁ ପୁନର୍ବାର ଲାଗୁ କରିପାରିବେ କିମ୍ବା ସମ୍ପୃକ୍ତ ଅଞ୍ଚଳକୁ ସମ୍ପୂର୍ଣ୍ଣ ଲକ୍‌ଡାଉନ କରିପାରିବେ ।

### ଟୁଇଟର୍‌ର ଆଇନଗତ...

ଭଳି ମାମଲାରେ କାର୍ଯ୍ୟାନୁଷ୍ଠାନ ନ ନେବା ବିସ୍ମିତ କରିଛି । ଫେକ୍ ନ୍ୟୁଜ୍ ବିରୋଧୀ ଲଢ଼େଇରେ ଟୁଇଟର୍‌ର ଅସ୍ଥିରତାକୁ ଏହା ଦର୍ଶାଉଛି ବୋଲି ରବିଶଙ୍କର ‘କୁ’ରେ ଏକାଧିକ ପୋଷ୍ଟ କରି କହିଛନ୍ତି । ଭାରତୀୟ କମ୍ପାନୀଗୁଡ଼ିକ ଆମେରିକା ସମେତ ଅନ୍ୟ ଦେଶଗୁଡ଼ିକୁ ଗଲେ ସେଠାକାର ସ୍ଥାନୀୟ ଆଇନ ଓ ନିୟମକୁ ମାନିଥାଆନ୍ତି । ଟୁଇଟର୍ ଭଳି ପ୍ଲାଟ୍‌ଫର୍ମ ଭାରତୀୟ ଆଇନ ମାନିବାରେ କାହିଁକି କୁଣ୍ଠିତ ବୋଲି ସେ ପ୍ରଶ୍ନ କରିଛନ୍ତି । ଏହା ପୂର୍ବରୁ ମଙ୍ଗଳବାର ଟୁଇଟର ଅନ୍ତରୀଣ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବା ଇଣ୍ଟେରିମ୍ ଚିଫ୍ କମ୍ପ୍ଲାଏନ୍ସ ଅଫିସରଙ୍କୁ ନିଯୁକ୍ତ କରିଥିବା ନେଇ ସରକାରଙ୍କୁ ଅବଗତ କରାଇଥିଲା । ସରକାରଙ୍କ ନୂଆ ମାର୍ଗଦର୍ଶିକା ମାନିବାକୁ ପ୍ରସ୍ତୁତ ବୋଲି କହିଥିଲା । ତେବେ ଟୁଇଟର ସମ୍ପୃକ୍ତ ଅଧିକାରୀଙ୍କ ସମ୍ପର୍କରେ ବିବରଣୀ ଦେଇ ନ ଥିବା କେନ୍ଦ୍ର ପକ୍ଷରୁ କୁହାଯାଇଛି । ପ୍ରକାଶ ଯେ, ଗାଜିଆବାଦରେ ସୁଫି ଅବ୍‌ଦୁଲ ସମ୍ବାଦଙ୍କୁ ୬ ଜଣ ବ୍ୟକ୍ତି ମାଡ଼ ମାରିବା ସହ ତାଙ୍କ ଦାଢ଼ି କାଟୁଥିବା ନେଇ ଏକ ଭିଡିଓ ଦେଖିବାକୁ ମିଳିଛି । ଅଭିଯୁକ୍ତମାନେ ତାଙ୍କୁ ‘ଜୟ ଶ୍ରୀରାମ’ କହିବାକୁ ମଧ୍ୟ ବାଧ୍ୟ କରିଥିଲେ ବୋଲି ସମାଦ ଅଭିଯୋଗ ଆଣିଛନ୍ତି । ତେବେ ଉକ୍ତ ମାମଲାର କୌଣସି ସାମ୍ପ୍ରଦାୟିକ ଦିଗ ନାହିଁ । ତାଙ୍କୁ ଉଭୟ ହିନ୍ଦୁ ଓ ମୁସଲମାନ ମାଡ଼ ମାରିଛନ୍ତି । ସମାଦଙ୍କ ତାବିଜ ବିକ୍ରିକୁ ନେଇ ସେମାନେ କ୍ଷୁବ୍ଧ ଥିଲେ ବୋଲି ୟୁପି ପୋଲିସ ସଫେଇ ଦେଇଛି । ଇତିମଧ୍ୟରେ ୟୁପି ପୋଲିସ ଉକ୍ତ ଭିଡିଓର ଦୃଶ୍ୟ ପ୍ରସାର କରିବା ଅଭିଯୋଗରେ ଟୁଇଟର୍ ସମେତ ଏକ ନ୍ୟୁଜ୍ ପୋର୍ଟାଲ ଓ ଅନ୍ୟ ୬ ଜଣଙ୍କ ବିରୋଧରେ ମାମଲା ରୁଜୁ କରିଛି ।

### ପେଟ୍ରୋଲ ୨୬, ଡିଜେଲ ...

ପେଟ୍ରୋଲ ଦର ଐତିହାସିକ ରେକର୍ଡ ସ୍ତରରେ ରହିଛି । ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ଇଣ୍ଡିଆନ ଅଏଲ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ସାରା ଦେଶରେ ପେଟ୍ରୋଲ ୨୨ରୁ ୨୫ ପଇସା ଏବଂ ଡିଜେଲ ୧୨ରୁ ୧୪ ପଇସା ବଢ଼ିଛି । ଚଳିତ ମାସରେ ମୋଟ ୯ ଥର ତେଲ ଦର ବୃଦ୍ଧି ପାଇଛି । ନୂଆ ମୂଲ୍ୟ ବୃଦ୍ଧି ଯୋଗୁ ଭାରତର କେତେକ ସ୍ଥାନରେ ପେଟ୍ରୋଲ ଲିଟର ପିଛା ୧୦୮ ଟଙ୍କା ଏବଂ ଡିଜେଲ ୧୦୧ ଟଙ୍କା ସ୍ତର ଛୁଇଁଛି । ନୂଆଦିଲ୍ଲୀରେ ପେଟ୍ରୋଲ ୨୫ ପଇସା ମହଙ୍ଗା ହେବାରୁ ଦର ୯୬.୬୬ ଟଙ୍କା ରହିଛି । ସେହିଭଳି ଡିଜେଲ ୧୩ ପଇସା ବଢ଼ି ୮୭.୪୧ ଟଙ୍କାରେ ବିକ୍ରି ହେଉଛି । ସେହିଭଳି ମୁମ୍ବାଇରେ ପେଟ୍ରୋଲ ଏବଂ ଡିଜେଲ ୨୪ ଓ ୧୪ ପଇସା ଉର୍ଦ୍ଧ୍ୱରେ ରହି ଦର ଯଥାକ୍ରମେ ୧୦୨.୮୨ ଟଙ୍କା, ୯୪.୮୪ ଟଙ୍କା ରହିଛି । କୋଲକାତାରେ ଏହି ଦର ୯୬.୫୮ ଟଙ୍କା ଏବଂ ୯୦.୨୫ ଟଙ୍କା ଛୁଇଁଛି । ଏହାବାଦ ଚେନ୍ନାଇରେ ୯୭.୯୧ ଟଙ୍କା, ୯୨.୦୪ ଟଙ୍କାରେ ବିକ୍ରି ହେଉଛି । ଚଳିତ ମାସ ଅଦ୍ୟାବଧି ପେଟ୍ରୋଲ ଲିଟର ପିଛା ୨.୪୨ ଟଙ୍କାରୁ ଉର୍ଦ୍ଧ୍ୱ ଏବଂ ଡିଜେଲ ୨.୨୬ ଟଙ୍କାରୁ ଉର୍ଦ୍ଧ୍ୱ ବଢ଼ିଛି ।

### ଜୁଲାଇ ୨୫ ପର୍ଯ୍ୟନ୍ତ ...

ହୋଇଥିଲା । ତେବେ ପୁରୀ ସହରରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରୁ ପୁଣି ଜୁନ୍ ୧୫ ପର୍ଯ୍ୟନ୍ତ ଶ୍ରୀମନ୍ଦିରକୁ ବନ୍ଦ ରଖାଯାଇଥିଲା । ଏହି ନିଷ୍ପତ୍ତିର ଅବଧି ମଙ୍ଗଳବାର ସରିଛି । ରାଜ୍ୟରେ କରୋନା ପ୍ରଭାବ ସାଙ୍ଗକୁ ଆଗକୁ ରଥଯାତ୍ରା ଥିବାରୁ ଜୁଲାଇ ୨୫ ପର୍ଯ୍ୟନ୍ତ ଶ୍ରୀମନ୍ଦିର ବନ୍ଦ ରଖାଯିବାକୁ ବୁଧବାର ଛତିଶା ନିଯୋଗ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଜୁଲାଇ ୧୨ରୁ ରଥଯାତ୍ରା ଆରମ୍ଭ ହୋଇ ୨୩ରେ ନୀଳାଦ୍ରି ବିଜେ ନୀତି ସହ ଶେଷ ହେବ । ଏହାପରେ ବୈଠକ ବସି ସାଧାରଣ ଦର୍ଶନ ପାଇଁ ଶ୍ରୀମନ୍ଦିର ଖୋଲାଯିବା ସମ୍ପର୍କରେ ନିଷ୍ପତ୍ତି ନିଆଯିବ । ସେହିପରି ଚଳିତବର୍ଷ କୋଭିଡ୍ ଗାଇଡ୍ ଲାଇନ ଅନୁଯାୟୀ ବିନା ଭକ୍ତରେ ଘୋଷଯାତ୍ରା କରାଯିବ । ଆଗାମୀ ଦୁଇ ତିନି ଦିନ ମଧ୍ୟରେ ପୁଣି ଛତିଶା ନିଯୋଗ ବୈଠକ ବସି ନୀତିକାନ୍ତି ଚୂଡ଼ାନ୍ତ କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଛନ୍ତି ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଯେଉଁ କାମ ଆରମ୍ଭ କରିବେ ସେଥିରେ ସଫଳତା ମିଳିବ । କଷ୍ଟ ସ୍ୱୀକାରପୂର୍ବକ କୌଣସି ବ୍ୟକ୍ତି ଲୋକଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିପାରନ୍ତି । ବାଣିଜ୍ୟ, ବ୍ୟବସାୟ, ପରିବହନରେ ପ୍ରତିବନ୍ଧକ ଦୂରେଇବାରେ ଲାଗିବ । ସହକର୍ମୀମାନଙ୍କ ସହ ଆଲୋଚନା କ୍ରମେ ପୂର୍ବ ସ୍ଥିରୀକୃତ କାର୍ଯ୍ୟାରମ୍ଭ ହୋଇପାରେ ।

**ବୃଷ**
ଆନୁଷ୍ଠାନିକ କ୍ଷେତ୍ରରେ ସମସ୍ୟା ସମାଧାନ ପୂର୍ବକ କାମ ହାସଲରେ ସମର୍ଥ ହେବେ । ବନ୍ଧୁଙ୍କ କାର୍ଯ୍ୟକଳାପ ମନରେ ଦୁଃଖ ଦେଇପାରେ, କିନ୍ତୁ କିଛି କହିପାରିବେ ନାହିଁ । ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି କରିବେ, କିନ୍ତୁ ପରିବହନରେ ଝଗଡ଼ାର ସମ୍ଭାବନା ରହିଛି । ପାରିବାରିକ ସ୍ତରରେ ବିନୟପୂର୍ଣ୍ଣ କଥା କହି ପରିସ୍ଥିତିକୁ ସଜାଡି ନେଇପାରନ୍ତି ।

**ମିଥୁନ**
ଦିନସାରା କଠିନ ପରିଶ୍ରମଜନିତ ଆଜି ଅପରାହ୍ନରେ ଦେହଟା ଟିକିଏ ଭଲ ଲାଗି ନ ପାରେ । ବ୍ୟବସାୟ କ୍ଷେତ୍ରରେ କୌଶଳ ଖଟାଇ କାର୍ଯ୍ୟ ହାସଲ ପାଇଁ ଚେଷ୍ଟିତ ହେବେ । କଚେରି ମାମଲାର ଶୁଣାଣି ବିଳମ୍ବ କାରଣରୁ ବ୍ୟସ୍ତତା ଅନୁଭବ କରିପାରନ୍ତି । କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରି କାମ ହାସଲ କରିପାରନ୍ତି ।

**କର୍କଟ**
କର୍ମକ୍ଷେତ୍ରରେ ସମସ୍ୟା ରହିଥିଲେ ମଧ୍ୟ କେତେକ ନୂତନ ସୁଯୋଗ ପାଇ ମନ ହାଲୁକା ହୋଇଯିବ । କୌଣସି ଭୁଲ୍ ଖବର ପାଇ ବିବ୍ରତ ହେବାକୁ ପଡ଼ିପାରେ । ଅଟକି ରହିଥିବା ନିର୍ମାଣ କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇ ଖୁସି ହେବେ । ଧାତୁ, ଅଳଙ୍କାର, ଗୃହୋପକରଣ କିମ୍ବା ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବାକୁ ମନ ବଳାଇପାରନ୍ତି ।

**ସିଂହ**
ପ୍ରତିବନ୍ଧକ ମଧ୍ୟରେ କେତେକ ସ୍ଥଗିତ କାମ ସକାଶେ ଚିନ୍ତିତ ରହିପାରନ୍ତି । ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହୋଇପାରେ । ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଥିଲେ ମଧ୍ୟ ସମ୍ପୂର୍ଣ୍ଣ ଭଲ ନ ହୋଇଥିବାରୁ ବ୍ୟସ୍ତତା ଅନୁଭବ କରିବେ । ବ୍ୟବସାୟ, ବାଣିଜ୍ୟ, ନିର୍ମାଣ, ଗୃହ, ଜମି, ପରିବହନ ପ୍ରଭୃତିରୁ ଖୁସି ରହିବେ ।

**କନ୍ୟା**
ପାରିବାରିକ କ୍ଷେତ୍ରରେ ମତାନ୍ତର କାରଣରୁ ଦ୍ୱନ୍ଦ୍ୱରେ ପଡ଼ି କେତେକ କାମକୁ ଆରମ୍ଭ କରିପାରିବେ ନାହିଁ । ଲେଖାପଢ଼ା, ପ୍ରକାଶନ, ପ୍ରଶାସନ, ମାଲିମକଦ୍ଦମା ଓ ସଭାସମିତି କ୍ଷେତ୍ରରେ ଶୁଭଫଳ ପାଇବେ । ବନ୍ଧୁମାନଙ୍କ ସାହାଯ୍ୟରେ ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କୀୟ ଚିନ୍ତା ଦୂର ହେବ । ଜଣେ ବନ୍ଧୁଙ୍କ ଟାଣ କଥାକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ ।

**ତୁଳା**
ଆଜି କୌଣସି ସମ୍ପର୍କୀୟ ବ୍ୟକ୍ତିଙ୍କ ଦ୍ୱାରା ସ୍ଥଗିତ କର୍ମ ସମ୍ପାଦନ କରିବାର ସୂଚନା ରହିଛି । କୌଣସି ଆନୁଷ୍ଠାନିକ କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇ ଖୁସି ହୋଇପାରନ୍ତି । ଉପରିସ୍ଥଙ୍କ କାମର ଚାପରେ ସାମୟିକ ବିବ୍ରତ ହେବାର ଆଶଙ୍କା ରହିଛି । ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ସାମୟିକ ମନ୍ଥର କରିପାରେ ।

**ବିଛା**
ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜିର କାମଗୁଡ଼ିକ କରିବାରେ ସଫଳତା ପାଇବେ । ଅନ୍ୟ ଉପରେ ପୂର୍ଣ୍ଣ ଭରସା କଲେ ସମସ୍ୟାରେ ଛନ୍ଦି ହୋଇପାରନ୍ତି । ସାଧାରଣ କଥାକୁ ଅସାଧାରଣ ଭାବେ କଳ୍ପନା କରି ଆଶଙ୍କାଗ୍ରସ୍ତ ହେବେ । ପ୍ରଶାସନ, ସାମ୍ବାଦିକତା, ସଭାସମିତି ଏବଂ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ସଫଳତା ପାଇବେ ।

**ଧନୁ**
ଆଜି ଛୋଟ କଥାକୁ କେନ୍ଦ୍ରକରି ନିଜ ଲୋକଙ୍କ ସହ ଯୁକ୍ତିତର୍କ କରିବେ । ଆନୁଷ୍ଠାନିକ କାମରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କଷ୍ଟ ହେବ । ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରନ୍ତୁ, ନତୁବା ହଇରାଣ ହୋଇପାରନ୍ତି । କେତେକ କ୍ଷେତ୍ରରେ ନିଜ ଲୋକମାନେ ପରୋକ୍ଷ ଶତ୍ରୁତା କରି ସମସ୍ୟାକୁ ବଢ଼ାଇଦେବେ ।

**ମକର**
ବହୁଦିନରୁ ଅଟକି ରହିଥିବା କାର୍ଯ୍ୟଟି ଆକସ୍ମିକ ଭାବରେ ଆଜି ସମାଧାନ ହୋଇଯିବ । କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ । ଆଜିର ଯାତ୍ରାରେ ଲକ୍ଷ୍ୟ ପୂରଣ ହେବ ଓ ଖାଲି ହାତରେ ଫେରିବେ ନାହିଁ । ପାରିବାରିକ କ୍ଷେତ୍ରରେ କୌଣସି ଆଳ ଦେଖାଇ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି ।

**କୁମ୍ଭ**
ସବୁ କିଛି ଠିକ୍ ଥିଲେ ମଧ୍ୟ କର୍ମକ୍ଷେତ୍ରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ । ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ । ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି । ଅଧିକାଂଶ ସମୟ ଅନ୍ୟମନସ୍କ ନ ରହି ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ ।

**ମୀନ**
ଅନୁକୂଳ ଗ୍ରହସ୍ଥିତି କାରଣରୁ ବିଭିନ୍ନ ଦିଗରୁ ସାହାଯ୍ୟ ପାଇ ସ୍ଥଗିତ କାମ ତ୍ୱରାନ୍ୱିତ କରିବେ । ପରିବାରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ । ଧାତୁ, ଅଳଙ୍କାର ଔଷଧପତ୍ର କିମ୍ବା ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି । ବ୍ୟବସାୟ, ପରିବହନ, ଆଇନ ଅଦାଲତ ଓ ଜମିଜମା କ୍ଷେତ୍ରରୁ ସଫଳତା ପାଇବେ ।

ଆଜି ବସୁମତୀ ସ୍ନାନ, ଜ୍ୟେଷ୍ଠ ଶୁକ୍ଳ ସପ୍ତମୀ ଗୁରୁବାର, ଜୁନ୍ ୧୭ ତାରିଖ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ତିରୋଧାନ ଦିବସ, ରାଶିନକ୍ଷତ୍ର-ପୂର୍ବାଫାଲ୍‌ଗୁନୀ/ସିଂହ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ସକାଳ ଘ.୦୫।୧୧ ଗତେ ଘ.୦୬।୦୪ ମଧ୍ୟେ, ଘ.୦୯।୩୫ ଗତେ ଘ.୧୧।୨୧ ମଧ୍ୟେ ମାହେନ୍ଦ୍ରବେଳା । ଅପରାହ୍ନ ଘ.୦୩।୪୫ ଗତେ ଘ୦୬।୨୩ ମଧ୍ୟେ ଅମୃତବେଳା । ଦିବା ଘ.୦୧।୨୬ ଗତେ ଘ.୦୩।୦୫ ମଧ୍ୟେ ରାହୁକାଳ ।

# କୋଭିଡ୍ ଯୁଦ୍ଧରେ ଡାକ୍ତର ଗୋଷ୍ଠୀ ଆଗରେ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬।୬(ବ୍ୟୁରୋ)



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭିଡିଓ କନ୍‌ଫରେନ୍ସରେ ନବ ନିଯୁକ୍ତ ଡାକ୍ତରମାନଙ୍କ ସହ କଥା ହେଉଛନ୍ତି। ନିକଟରେ ୫-ଟି ସଚିବ ଭି.କେ.ପାଣ୍ଡିଆନ।

ରାଜ୍ୟ ସରକାର ସ୍ୱାସ୍ଥ୍ୟ କ୍ଷେତ୍ରକୁ ପ୍ରାଥମିକତା ଦେଉଛନ୍ତି। ସେଥିପାଇଁ ସ୍ୱାସ୍ଥ୍ୟ ଭିତ୍ତିଭୂମି କ୍ଷେତ୍ରରେ ୮,୫୦୦କୋଟି ଟଙ୍କା ବିନିଯୋଗ କରାଯାଉଛି। ଓଡ଼ିଶା ପ୍ରଶାସନିକ ସେବା ଆୟୋଗ(ଓପିଏସ୍‌ସି) ଦ୍ୱାରା ନବନିଯୁକ୍ତ ୭୮୬ ଡାକ୍ତରଙ୍କ ସହ ଭିଡିଓ କନ୍‌ଫରେନ୍ସରେ ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଗତ କିଛିବର୍ଷ ଭିତରେ ବହୁ ସଂଖ୍ୟାରେ ସ୍ୱାସ୍ଥ୍ୟ କର୍ମୀ ନିଯୁକ୍ତି ଦିଆଯାଇଛି। କରୋନା ମହାମାରୀ ବେଳେ ଡାକ୍ତରମାନଙ୍କ ଭୂମିକାକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ସମାଜରେ ଡାକ୍ତରମାନଙ୍କର ସ୍ୱତନ୍ତ୍ର ସମ୍ମାନ ରହିଛି। ଜନ୍ମ ଓ ମୃତ୍ୟୁ ସମୟରେ ଲୋକମାନେ ଡାକ୍ତରଙ୍କୁ ଭଗବାନ ମନେକରନ୍ତି। କରୋନା ସମୟରେ ଗତ ଦେଢ଼ବର୍ଷ ହେବ ଡାକ୍ତରମାନେ ଆଗ ଧାଡ଼ିର କରୋନା ଯୋଦ୍ଧା ଭାବେ କାର୍ଯ୍ୟ କରୁଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଡାକ୍ତର ଗୋଷ୍ଠୀଙ୍କୁ ପ୍ରଶଂସା କରିଛନ୍ତି। ଜନସାଧାରଣଙ୍କ ସେବାକୁ ବାଛିଥିବାରୁ ନବନିଯୁକ୍ତ ଡାକ୍ତରମାନଙ୍କୁ ମୁଖ୍ୟମନ୍ତ୍ରୀ ସ୍ୱାଗତ କରିଛନ୍ତି। ଦୀର୍ଘ ବର୍ଷ କଠିନ ପରିଶ୍ରମ ବଳରେ ଡାକ୍ତର ହେବାର ସୌଭାଗ୍ୟ ଅର୍ଜନ କରିଥିବାରୁ ପରିବାର ଗର୍ବ ଅନୁଭବ କରୁଥିବେ। ଡାକ୍ତର ଗୋଷ୍ଠୀର ତୁମେମାନେ ରୋଲ୍ ମଡେଲ ବୋଲି କହିବା ସହ ଆଗାମୀ ଦିନରେ ସମସ୍ତ ପ୍ରକାର ସଫଳତା ହାସଲ କରିବା ନେଇ ମୁଖ୍ୟମନ୍ତ୍ରୀ କାମନା କରିଛନ୍ତି।

କରୋନା ମହାମାରୀ ସମଗ୍ର ବିଶ୍ୱ ସମେତ ଓଡ଼ିଶାରେ ଗୁରୁତର ପ୍ରଭାବ ପକାଇଛି। ରାଜ୍ୟର ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଗଭୀର ଚାପ ପଡୁଛି। ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀଙ୍କ ଉତ୍ସର୍ଗୀକୃତ କାର୍ଯ୍ୟ ପାଇଁ ଆମେ ଏହି ଲଢ଼େଇରେ ଅନେକ ଲୋକଙ୍କ ଜୀବନ ବଞ୍ଚାଇବାରେ ସଫଳ ହୋଇପାରିଛୁ। ଯଦିଓ କୋଭିଡ୍ ସଂକ୍ରମଣ ହ୍ରାସପାଉଛି ତଥାପି ଆମକୁ ସତର୍କ ରହିବାକୁ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କଠିନ ସମୟରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଯୋଗ ଦେଇଥିବାରୁ ନବନିଯୁକ୍ତ ଡାକ୍ତରମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ ନବନିଯୁକ୍ତ ଡାକ୍ତରମାନଙ୍କ ସହ ଆଲୋଚନା ବେଳେ ୫-ଟି ବ୍ୟବସ୍ଥାକୁ ନିଜ ସେବାରେ ବାଧ୍ୟତାମୂଳକ ଭାବେ ପାଳନ କରି ଗରିବ ଲୋକଙ୍କ ସେବାରେ ନିଜକୁ ଉତ୍ସର୍ଗ କରିବାକୁ ପରାମର୍ଶ ଦେଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ।

- ୭୮୬ ନବନିଯୁକ୍ତ ଡାକ୍ତରଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା
- ସ୍ୱାସ୍ଥ୍ୟ ଭିତ୍ତିଭୂମି ପାଇଁ ୮୫୦୦ କୋଟି ବିନିଯୋଗ

# ବିବାଦର ସମାଧାନ କରିବାକୁ ଯାଇ ଅଡୁଆରେ ବିଧାୟକଙ୍କ ପୁଅ

କେନ୍ଦୁଝର/ଆନନ୍ଦପୁର, ୧୬।୬ (ସ୍ୱ.ପ୍ର.)

**ମାମଲା ଚପାଇବା ପାଇଁ ଧମକଚମକ ଦେବା ଅଡିଓ ଭାଇରାଲ**

ଏକ ପ୍ରେମ ଘଟଣାକୁ ନେଇ କେନ୍ଦୁଝର ଜିଲା ଘଷିପୁରା ନିର୍ବାଚନ ମଣ୍ଡଳୀର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କ ପୁଅ ଦେବାଶିଷ ପାତ୍ର ବିବାଦରେ ଛନ୍ଦି ହୋଇପଡ଼ିଛନ୍ତି। ମାମଲା ଚପାଇ ଦେବା ପାଇଁ ପ୍ରତାରଣାର ଶିକାର ହୋଇଥିବା ଜଣେ ଯୁବତୀଙ୍କୁ ସେ ଧମକଚମକ ଦେଉଥିବା ଏକ ଅଡିଓ ଭାଇରାଲ ହେବା ପରେ ଏହି ଘଟଣା ପଦାକୁ ଆସିଛି।

ସୂଚନା ଅନୁଯାୟୀ, ରାମଚନ୍ଦ୍ରପୁର ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସହିତ ପଦନପୁର ଗ୍ରାମର ସୁଜିତ ଜେନାଙ୍କର ୩ବର୍ଷ ହେଲା ପ୍ରେମସମ୍ପର୍କ ରହିଥିଲା। ସୁଜିତ ବିବାହିତ ଜାଣିବା ପରେ ଯୁବତୀଜଣକ ଏହାର ପ୍ରତିବାଦ କରିଥିଲେ। ଯୁବତୀଙ୍କଠାରୁ ସୁଜିତ ୬୦ହଜାର ଟଙ୍କା ଧାର ମାଗିନେଇଥିବା ଅଭିଯୋଗ ହୋଇଛି। ସୁଜିତ ଉକ୍ତ ଯୁବତୀ ଓ ତାଙ୍କ ପରିବାର ଲୋକଙ୍କୁ ମାରିଦେବାକୁ ଧମକ ଦେବା ଘଟଣାକୁ ନେଇ ଗତ ୧୪ ତାରିଖରେ ଯୁବତୀ ରାମଚନ୍ଦ୍ରପୁର ଥାନାରେ ଲିଖିତ ଏତଲା ଦେଇଥିଲେ। ପୋଲିସ ଏକ ମାମଲା(ନଂ.୯୯/୨୧) ରୁଜୁ କରି ବୁଧବାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତେବେ ଏତଲା ଦେବା ସମୟରେ ସୁଜିତଙ୍କ ଭାଇ ଓ ବିଜେଡିର କେତେଜଣ ନେତା ଆପୋଷ ସମାଧାନ କରିବା ପାଇଁ ଯୁବତୀଙ୍କ ପରିବାର ଲୋକଙ୍କୁ ପ୍ରବର୍ତ୍ତାଇଥିବା ଅଭିଯୋଗ ହୋଇଛି। ସମାଧାନ ନ ହେବାରୁ ବିଧାୟକଙ୍କ ପୁଅ ଦେବାଶିଷ ୧୫ ତାରିଖରେ ସମ୍ପୃକ୍ତ ଯୁବତୀଙ୍କ ଘରକୁ ଯାଇ ବୁଝାଶୁଝା କରି ସମାଧାନ କରିବାକୁ କହିଥିଲେ ଏବଂ ନ କଲେ ଭବିଷ୍ୟତରେ ଅସୁବିଧାରେ ପଡ଼ିବ ବୋଲି କହିଥିବା ଭାଇରାଲ ଅଡିଓରୁ ଜଣାପଡ଼ିଛି।

ଅନ୍ୟପକ୍ଷରେ ସୁଜିତଙ୍କ ସ୍ତ୍ରୀ ସମ୍ପୃକ୍ତ ଯୁବତୀଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ସେ ଏତଲାରେ ଦର୍ଶାଇଛନ୍ତି, ଯୁବତୀ ଜଣକ ତାଙ୍କ ସ୍ୱାମୀଙ୍କୁ ଫସାଇ ଏଭଳି ଘଟଣା ଘଟାଉଛନ୍ତି। ଏ ସଂକ୍ରାନ୍ତରେ ବିଧାୟକଙ୍କ ପୁଅ ଦେବାଶିଷଙ୍କୁ ପଚାରିବାରୁ ସେ ଘଟଣା ସମ୍ପର୍କରେ ବୁଝାଇବାକୁ ତାଙ୍କ ଘରକୁ ଯାଇଥିଲେ, କାହାରିକୁ ଧମକ ଚମକ ଦେଇ ନାହାନ୍ତି କିମ୍ବା ଅଡିଓରେ ମଧ୍ୟ ସେଭଳି ଉକ୍ତି ନାହିଁ। ରାଜନୈତିକ ଉଦ୍ଦେଶ୍ୟ ରଖି ତାଙ୍କ ବିରୋଧରେ ଏଭଳି ଅପପ୍ରଚାର କରାଯାଉଛି ବୋଲି କହିଛନ୍ତି।

# ଟେଲିଫୋନ ଟାୱାରରେ ଚଢ଼ିଲେ ଯୁବକ

ଝାରସୁଗୁଡ଼ା ଅଫିସ,୧୬।୬

ଝାରସୁଗୁଡ଼ା ସଦର ଥାନା ଏକାତାଳି ଗ୍ରାମର ଉଦ୍ଧବ ପଟେଲଙ୍କ ପୁଅ କ୍ରିଷ୍ଣା ବୁଧବାର ଘରେ ଝଗଡାକରି ଗାଁରେ ଥିବା ଏକ ଟେଲିଫୋନ ଟାୱାରରେ ଚଢିଯାଇଥିଲେ। ଗ୍ରାମବାସୀ ସଦର ଥାନାରେ ଜଣାଇବା ପରେ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚିଥିଲେ। ସେମାନେ କ୍ରିଷ୍ଣାଙ୍କୁ ବୁଝାଶୁଝା କରି ଓହ୍ଲାଇବା ପାଇଁ କହିଥିଲେ ମଧ୍ୟ ସେ ଶୁଣି ନ ଥିଲେ। ଅଗ୍ନିଶମ କର୍ମଚାରୀ ଟାୱାରରେ ଚଢି ଉଦ୍ଧାର ପାଇଁ ଉଦ୍ୟମ କରିଥିଲେ। କିନ୍ତୁ କ୍ରିଷ୍ଣା ଯଦି କେହି ଉପରକୁ ଚଢିବା ପାଇଁ ଚେଷ୍ଟା କରିବ ତା'ହେଲେ ସେ ତଳକୁ ଡେଇଁ ପଡିବେ ବୋଲି ଧମକ ଦେଇଥିଲେ। ପରେ କ୍ରିଷ୍ଣାଙ୍କ ଦାବି ଅନୁଯାୟୀ ଅଗ୍ନିଶମ କର୍ମଚାରୀ ଟାୱାରରେ ଚଢି ତାଙ୍କୁ ୫ହଜାର ଟଙ୍କା ଦେଇଥିଲେ। ଟଙ୍କା ପାଇ କ୍ରିଷ୍ଣା ଶାନ୍ତ ହୋଇଥିଲେ। ତଳକୁ ଓହ୍ଲାଇବା ପୂର୍ବରୁ ସୁରକ୍ଷା ପାଇଁ ତାଙ୍କୁ ବେଲ୍ଟ ପିନ୍ଧିବାପାଇଁ କୁହାଯାଇଥିଲା ବେଳେ ପୁଣିଥରେ ଡେଇଁପଡିବାକୁ ଧମକ ଦେଇଥିଲେ। ଦୀର୍ଘ ୩ ଘଣ୍ଟା କାଳ ପୋଲିସ ଓ ଅଗ୍ନିଶମ କର୍ମଚାରୀ କସରତ କଲାପରେ କ୍ରିଷ୍ଣା ତଳକୁ ଓହ୍ଲାଇଥିଲେ। ପୋଲିସ ତାଙ୍କୁ ଥାନାକୁ ନେଇ ପଚରାଉଚରା ଚଳାଇଛି। ଏ ନେଇ ତଦନ୍ତକାରୀ ପୋଲିସ ଅଧିକାରୀ ପୁରୁଷୋତ୍ତମ ସାହୁ କହିଛନ୍ତି, ଯୁବକ ଜଣଙ୍କ ମଦ ପିଇବା ପାଇଁ ବୁଧବାର ସକାଳେ ମାରପିଟ କରିବା ଫଳରେ ତାଙ୍କ ବାପା ଥାନାରେ ଜଣାଇଥିଲେ। ମଧ୍ୟାହ୍ନରେ ପୁଣି ମା'ବାପାଙ୍କୁ ଟଙ୍କାମାଗି ପିଟାପିଟି କରିଥିଲେ। ଟଙ୍କା ନ ଦେବାରୁ ଆତ୍ମହତ୍ୟା ପାଇଁ ଧମକ ଦେଇଥିଲେ । ଉଦ୍ଧାର କାର୍ଯ୍ୟରେ ସଦର ଥାନା ଏସ୍‌ଆଇ ପୁରୁଷୋତ୍ତମ ସାହୁ, ଅଗ୍ନିଶମ ଅଧିକାରୀ ରମେଶ ମହାନ୍ତି, କର୍ମଚାରୀ ବିମଳ ବାଗ, ସଦାନନ୍ଦ ଭୋଇ ସାମିଲ ହୋଇଥିଲେ।

## ପୋଲିସ-ମାଓବାଦୀ ଗୁଳି ବିନିମୟ
## ୬ ହାର୍ଡକୋର ମାଓବାଦୀ ନିହତ

ମାଲକାନଗିରି,୧୬।୬(ଡି.ଏନ୍.ଏ.)

ମାଲକାନଗିରି ଜିଲା ସୀମାନ୍ତ ଆନ୍ଧ୍ରପ୍ରଦେଶ ବିଶାଖାପାଟଣା ଜିଲା କାୟାଉର ଥାନା ଅନ୍ତର୍ଗତ ମେଟା ଜଙ୍ଗଲରେ ବୁଧବାର ଭୋରରୁ ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୬ ହାର୍ଡକୋର ମାଓବାଦୀ ନିହତ ହୋଇଛନ୍ତି। ମେଟା ଜଙ୍ଗଲରେ ମାଓବାଦୀମାନେ ମେଳିକରି ଏକ ବଡ଼ଧରଣର ଅଘଟଣ ଘଟାଇବା ଲାଗି ବୈଠକ କରୁଥିବା ଆନ୍ଧ୍ରର ଗ୍ରେହାଉଣ୍ଡ ଯବାନ ଗୋଇନ୍ଦା ସୂତ୍ରରୁ ଖବର ପାଇଥିଲେ। ଯବାନମାନେ ତୁରନ୍ତ ସମ୍ପୃକ୍ତ ଅଞ୍ଚଳକୁ ଯାଇ କୋମ୍ବିଂ ଅପରେଶନ ଆରମ୍ଭ କରିଦେଇଥିଲେ। ଏହି ସମୟରେ ଉଭୟ ପକ୍ଷଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଗୁଳିଚାଳନା ପରେ ପୋଲିସର ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ଯବାନମାନେ ଜଙ୍ଗଲରେ ତଲାସି କରିବାରୁ ୬ ଜଣ ମାଓବାଦୀଙ୍କ ମୃତଦେହ ମିଳିଥିଲା। ସେମାନଙ୍କ ମଧ୍ୟରେ ଡାକ୍ତର ଅଶୋକ, ରଣଧର ସହ ଅନ୍ୟ ୪ ମାଓବାଦୀ ଅଛନ୍ତି। ପୋଲିସ ମାଓବାଦୀଙ୍କ ବ୍ୟବହୃତ ଅନେକ ସାମଗ୍ରୀ ଜବତ କରିଛି । ଏବେ ମଧ୍ୟ ସମ୍ପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଜାରି ରହିଛି। ତେବେ ମାଓବାଦୀଙ୍କ ମୃତଦେହ ଏବଂ ଜବତ ସାମଗ୍ରୀ ପୋଲିସ ହେଡ୍‌କ୍ୱାର୍ଟର୍ସକୁ ଆସିବା ପରେ ସବିଶେଷ ତଥ୍ୟ ମିଳିପାରିବ ବୋଲି ଆନ୍ଧ୍ର ପୋଲିସ ପକ୍ଷରୁ କୁହାଯାଇଛି ।

# ପଡ଼ିରହିଛି ୧୦ ହଜାର କୋଟିର ଲୁହାପଥର

ଭୁବନେଶ୍ୱର,୧୬।୬(ବ୍ୟୁରୋ)



ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତା।

ରାଜ୍ୟର କୋଭିଡ୍ ମହାମାରୀ ସମୟରେ ରାଜ୍ୟ ତଥା କେନ୍ଦ୍ର ଅର୍ଥନୀତିରେ ରାଜସ୍ୱ ବୃଦ୍ଧି, ଇସ୍ପାତ ଶିଳ୍ପରେ ପ୍ରତିଯୋଗିତାକୁ ସମତୁଲ ରଖିବା ସହ ସ୍ଥାନୀୟ ଅଞ୍ଚଳରେ ରୋଜଗାର ସୃଷ୍ଟି କରିବା ପାଇଁ ଓଡ଼ିଶା ସରକାର ଏମ୍‌ଏମ୍‌ଡିଆର ଆକ୍ଟ ଅନୁସାରେ ରାଜ୍ୟର ଖଣି ଅଞ୍ଚଳରେ ପଡ଼ି ରହିଥିବା ୧୦ ହଜାର କୋଟି ଟଙ୍କା ମୂଲ୍ୟର ଲୁହାପଥରକୁ ବଜାରରେ ବିକ୍ରି କରିବା ପାଇଁ ଭାଜପା ଦାବି କରିଛି। ଏ ପରିପ୍ରେକ୍ଷୀରେ ଭାଜପା ବିଧାୟକମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏବଂ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଚିଠି ଲେଖି ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି। ବୁଧବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଭାଜପା ବିଧାୟକ ଦଳର ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି ଯେ, ୨୦୨୦ ମାର୍ଚ୍ଚରେ ରାଜ୍ୟର ଖଣି ନିଲାମ କରାଯାଇଥିଲା, ଯାହାର ମୋଟ କ୍ଷମତା ୫୮ରୁ ୬୦ ନିୟୁତ ମେଟ୍ରିକ ଟନ୍ ଆକଳନ କରାଯାଇଥିଲା। ସେଥିମଧ୍ୟରୁ ୧୬.୫ ନିୟୁତ ମେଟ୍ରିକ ଟନ୍ ଖଣିଜ ପଦାର୍ଥ ପଡ଼ି ରହିଛି, ଯାହାର ଆନୁମାନିକ ମୂଲ୍ୟ ୧୦,୦୦୦ କୋଟି ଟଙ୍କା ହେବ। ରାଜ୍ୟ ସରକାର ଉପଯୁକ୍ତ ପଦକ୍ଷେପ ନ ନେବା ଦ୍ୱାରା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଲେଭି ଓ ଟିକସ ବାବଦରେ ୧୦ ହଜାର କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

- ବିକ୍ରି କରିବାକୁ ଦାବି
- ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଭାଜପା ବିଧାୟକ

## ଓଡ଼ିଶାରେ ଖଣି ନିଲାମ ପ୍ରକ୍ରିୟା ସ୍ୱଚ୍ଛ ଓ ନିରପେକ୍ଷ: ବିଜେଡି

ଓଡ଼ିଶା ଭାରତର ଏକମାତ୍ର ରାଜ୍ୟ ଭାବେ ସ୍ୱଚ୍ଛତା ଓ ନିରପେକ୍ଷତାର ସହ ଖଣି ନିଲାମ କରିଛି। ଏଥିପାଇଁ ଓଡ଼ିଶାକୁ ପ୍ରଶଂସା ମିଳୁଥିବା ବେଳେ ଭାଜପା ବିଧାୟକ ରାଜନୈତିକ ଉଦ୍ଦେଶ୍ୟ ରଖି ଭିତ୍ତିହୀନ ମନ୍ତବ୍ୟ ଦେଉଛନ୍ତି ବୋଲି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି । ଭାଜପା ଅଭିଯୋଗର ଜବାବ ଦେଇ ସେ କହିଛନ୍ତି ଯେ, ଯାହା ମନେହେଉଛି ମୋହନ ମାଝି ଖଣି ଅଧିନିୟମ ଏବଂ ନିୟମ ଆଦି ବିଷୟରେ ଟିକିନିଖି ଭାବେ ଅବଗତ ନ ଥିବାରୁ ସେ ଏପରି ଭିତ୍ତିହୀନ ବିବୃତି ଦେଉଛନ୍ତି । ଯଦି ତାଙ୍କର କୌଣସି ସନ୍ଦେହ ଅଛି, ତେବେ ସେ ଏହି ଘଟଣାରେ ତଦନ୍ତ କରିବାକୁ କେନ୍ଦ୍ରକୁ କହିପାରିବେ। ଏଥିରେ ବିଜେଡି ସରକାରଙ୍କ କିଛି ଲୁଚାଇବାର ନାହିଁ। ରାଜନୈତିକ ଦୃଷ୍ଟିରୁ ଗଣମାଧ୍ୟମରେ ତିଷ୍ଠି ରହିବାକୁ ସେ ଏପରି କପୋଳକଳ୍ପିତ ଏବଂ ଭିତ୍ତିହୀନ ବିବୃତି ଦେଉଛନ୍ତି।


**ODISHA JOINT ENTRANCE EXAMINATION-2021 (OJEE-2021)**

No: OJEE / 206 DATE:14.06.2021

**NOTICE REGARDING EXTENSION OF LAST DATE OF APPLICATION**

No.h-06:- In view of the COVID -19 pandemic, the Odisha Joint Entrance Examination (OJEE – 2021), which was tentatively scheduled during 17th to 24th June, 2021, has been postponed. The revised dates of the Examination will be notified, on assessment of the situation, in the 1st week of July.

Further, the last date for submission of online application forms for all the courses under OJEE-2021 is extended up to 12.07.2021 and last date for fee payment up to 14.07.2021.

Sd./- CHAIRMAN, OJEE
Odisha

OIPR-14020/11/0004/2122


# ପରୀ ପରେ ବେବିନାଙ୍କୁ ହତ୍ୟା

ନୟାଗଡ଼ ଅଫିସ/ଦଶପଲ୍ଲା, ୧୬।୬(ଡି.ଏନ୍.ଏ.)

- ନିଖୋଜର ୪ ଦିନ ପରେ ମିଳିଲା ମୃତଦେହ
- ମୁଣ୍ଡ ଗଣ୍ଡି ଅଲଗା ହୋଇ ପଡ଼ିଥିଲା
- ହତ୍ୟାକାରୀ ଦେଖାଇଲେ ମୃତଦେହ

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ବାଣିଗୋଛା ଥାନା ନୂଆଗାଁ ପଞ୍ଚାୟତ ଧୁନ୍ଧୁଗାଡିଆ ଗାଁର ୫ ବର୍ଷୀୟା ଶିଶୁକନ୍ୟା ବେବିନା ନାୟକଙ୍କୁ ହତ୍ୟା କରାଯାଇଛି। ବେବିନାଙ୍କ ହତ୍ୟା ପରୀ ହତ୍ୟାକାଣ୍ଡକୁ ମନେ ପକାଇ ଦେଇଛି। ଏହି ଘଟଣାରେ ପୋଲିସ ସାଗର ଦଳେଇ(୨୦) ନାମକ ଜଣେ ଯୁବକଙ୍କୁ ଗିରଫ କରିଛି । ତାଙ୍କ ସୂଚନା ଅନୁଯାୟୀ, ବୁଧବାର ବେବିନାଙ୍କ ମୃତଦେହ ବୁଦା ଭିତରୁ ଜବତ କରାଯାଇଛି । ତାଙ୍କ ମୁଣ୍ଡ ଗଣ୍ଡି ଅଲଗା ସ୍ଥାନରୁ ମିଳିଛି। ବେବିନାଙ୍କୁ ବଳାତ୍କାର କରାଯାଇଥିବା ସନ୍ଦେହ କରାଯାଉଛି। ନିଖୋଜର ୪ ଦିନ ପରେ ପୋଲିସ ବେବିନାଙ୍କ ମୃତଦେହ ଜବତ କରିବା ପରେ ନୂଆଗାଁ ପଞ୍ଚାୟତରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ଗତ ୧୨ ତାରିଖରେ ବେବିନା ଗାଁ ଦାଣ୍ଡରେ ଖେଳୁଥିବାବେଳେ ହଠାତ୍ ନିଖୋଜ ହୋଇ ଯାଇଥିଲେ। ପରିବାର ପକ୍ଷରୁ ଖୋଜାଖୋଜି ପରେ ତାଙ୍କ ପତ୍ତା ମିଳି ନ ଥିଲା । ୧୩ ତାରିଖରେ ବାଣିଗୋଛା ଥାନାରେ ଅଭିଯୋଗ ପରେ ପୋଲିସ ପକ୍ଷରୁ ୪ ଦିନ ଧରି ସର୍ଚ୍ଚ ଅପରେଶନ ଜାରି ରହିଥିଲା। ତେବେ ବେବିନା ସମ୍ପର୍କରେ ପୋଲିସ କିଛି ସୂଚନା ପାଉ ନ ଥିଲା। ଏଭଳିସ୍ଥଳେ କୌଣସି ସୂତ୍ରରୁ ଗାଁର ସାଗର ଦଳେଇ ଉପରେ ପୋଲିସର ସନ୍ଦେହ ହୋଇଥିଲା। ପୋଲିସ ସାଗରଙ୍କୁ ଅଟକ ରଖି ମଙ୍ଗଳବାରଠାରୁ ପଚରାଉଚୁରା କରୁଥିଲା। ବୁଧବାର କନ୍ଧମାଳରୁ ସନ୍ଧାନୀ କୁକୁର ଆସି ଘଟଣାସ୍ଥଳରେ ପହଞ୍ଚି ଥିଲେ ମଧ୍ୟ କିଛି ନ ପାଇ ଫେରିଥିଲା। ନୟାଗଡ଼ ଏସ୍‌ପି ଓ ଏସ୍‌ଡିପିଓ ବେବିନାଙ୍କ ଗାଁକୁ ଯାଇ ତଦନ୍ତ କରିଥିଲେ। ବାରମ୍ବାର ଜେରା ପରେ ବୁଧବାର ପୋଲିସ ନିକଟରେ ସାଗର ମୁହଁ ଖୋଲିଥିଲେ । ବେବିନାଙ୍କୁ ହତ୍ୟା କରିଥିବା ସେ ସ୍ୱୀକାର କରିଥିଲେ । ବୁଦା ଭିତରେ ମୃତଦେହ ଫୋପାଡ଼ିଥିବା କହିଥିଲେ। ଏନେଇ ବାଣିଗୋଛା ଥାନା ଆଇଆଇସି ବୈଦ୍ୟନାଥ ଭୋଇ କୁହନ୍ତି, ହତ୍ୟାକାରୀ ସାଗରଙ୍କ ସୂଚନା ଅନୁସାରେ ମୁଣ୍ଡ ଗଣ୍ଡି ଅଲଗା ହୋଇଥିବା ମୃତଦେହ ଜବତ ହୋଇଛି। ସେ ଶିଶୁକନ୍ୟାଙ୍କୁ କାହିଁକି ହତ୍ୟା କଲେ, ବଳାତ୍କାର ହୋଇଛି କି ନାହିଁ ସେ ନେଇ ସାଗର କିଛି କହିନାହାନ୍ତି । ହତ୍ୟା କରିବା ପରେ ସେ ମୃତଦେହ ଫୋପାଡ଼ି ଦେଇଥିବା କହୁଛନ୍ତି। ପୁଣି କେଉଁଥିରେ ମୁଣ୍ଡ ଗଣ୍ଡି ଅଲଗା କରାଯାଇଛି ସେ ସଂକ୍ରାନ୍ତରେ ଅଭିଯୁକ୍ତ କୌଣସି ସୂଚନା ଦେଇନାହାନ୍ତି । ତଦନ୍ତ ଚାଲୁ ରହିଛି । ପୋଲିସ ଏକ ମାମଲା (ନଂ.୨୯/୨୧) ରୁଜୁ କରି ଅଧିକ ତଦନ୍ତ ଚଳାଇଛି।


**OFFICE OF THE NOTIFIED AREA COUNCIL, BALIMELA**

Lt. No. 1241/NAC/2021 Dated: 11.06.2021

**e-NOTICE**

**BID IDENTIFICATION No. EOBLMT03-2021-22**

No. C-393: Bid document consisting of Specifications the schedule of quantities and the set of terms and condition of contract and other necessary documents can be seen in the Government website i.e. **www.tendersorissa.gov.in**.

| | | |
|---|---|---|
| 1. | Name of the Works | : Civil Works |
| 2. | Number of works | : 24 Nos. for Civil Works |
| 3. | Estimated Cost | : As mentioned in the DTCN |
| 4. | Period of Completion | : 01 to 06 Months |
| 5. | Date and time of availability of Bid documents in the portal | : From 3.00 P.M. of Dt.16.06.2021 to 5.00 P.M. of Dt.28.06.2021 |
| 6. | Last date & time for receipt of Bids in the portal | : 5.00 P.M. of Dt.28.06.2021 |
| 7. | Original BID document, Paper Cost, EMD, APSD & other necessary documents must be reached on or before 2 P.M. of Dt.29.06.2021 by Regd. Post/Speed Post only. | |
| 8. | Bids received online shall be opened on 3.00 P.M. of Dtd.29.06.2021. | |
| 9. | Name and address of the Officer Inviting Bid | : Executive Officer, NAC, Balimela. |

Further details can be seen from the Procurement portal: **www.tendersorissa.gov.in**.

**Sd./- Executive Officer, NAC, Balimela**
**OIPR-13140/11/0001/2122**



**ODISHA COMPUTER APPLICATION CENTRE**
ocac
**REQUEST FOR PROPOSAL**
Enq.No.:- OCAC-SEGP-SPD-0040-2020- 21019

Odisha Computer Application Centre (OCAC) invites Request for Proposal (RFP) for selection of Implementing Agency (IA) for implementation of Automation system for Odisha Building & Other Construction Workers' Welfare Board. For details please visit websites www.ocac.in & www.odisha.gov.in. The last date and time for submission of proposals by **02:00 PM of 15.07.2021**. OCAC reserves the right to accept/ reject any/ all bids without assigning any reason thereof.

**General Manager(Admin), OCAC,** Plot No.-N-1/7-D, Acharya Vihar, P.O.-RRL, Bhubaneswar-751013, Ph.-2567280/ 2567064/ 2567295
**No. U-09** **OIPR-16003/11/0007/2122**



**OFFICE OF THE MUNICIPAL COUNCIL, TALCHER**

No.2338/ Dt.11.06.21

**QUOTATION CALL NOTICE**

No.C-388:- Sealed quotations are invited in prescribed forms from the intending reputed firms/ suppliers/ Authorised Dealers / Agencies for supply of the following art painting accessories of Talcher Municipality. The quotation should reach the undersigned on or before dt.11.06.2021 to dt.22.06.2021 at 1.00 P.M. and the quotations will be opened on the same day at 4.00 P.M. Municipal Office in the presence of the suppliers or their authorised representatives if present. No quotations will be entertained after the scheduled date & time. The suppliers should quote their rates inclusive of all taxes and delivery at Municipal Office, Talcher.

The undersigned reserves the right to cancel any or all the quotation without assigning any reason thereof. The undersigned also reserves the right to put on and to supply at any time in case of non supply irregular supply substandard or bad quality materials.

| Sl. No. | Description | Unit |
|---|---|---|
| 1) | Modern Art or terracottac are painting at different boudary wall, MCC-I & MCC-II inside the Municipality area as per direction of Engineer-in-charge with all cost including priming, plastic emulsion paint, labour, materials etc. complete in all respect. | Rate per sqm. |

**Sd./- Executive Officer, Talcher Municipality**
OIPR-13077/11/0007/2122


# ବିଶ୍ୱର ୫୦ ସହର ମଧ୍ୟରେ ରାଉରକେଲା

ରାଉରକେଲା ଅଫିସ, ୧୬।୬

**ବ୍ଲୁମ୍‌ବର୍ଗ-୨୦୨୧ ଗ୍ଲୋବାଲ ମେୟର୍ସ ଚ୍ୟାଲେଞ୍ଜ**

'ବ୍ଲୁମବର୍ଗ-୨୦୨୧ ଗ୍ଲୋବାଲ ମେୟର୍ସ ଚ୍ୟାଲେଞ୍ଜ' ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେଇ ରାଉରକେଲା ସହର ଚୂଡ଼ାନ୍ତ ପର୍ଯ୍ୟାୟକୁ ମନୋନୀତ ହୋଇଛି। ଫଳରେ ଏହି କାର୍ଯ୍ୟକ୍ରମ ଅଧୀନରେ ବିଶ୍ୱର ୫୦ଟି ପ୍ରମୁଖ ସହର ମଧ୍ୟରେ ରାଉରକେଲା ସ୍ଥାନ ପାଇଛି। କୋଭିଡ୍ ମହାମାରୀ ଭଳି ଏକ ଜଟିଳ ସମୟରେ ଅର୍ଥନୈତିକ ପୁନରୁଦ୍ଧାର ଏବଂ ସାମଗ୍ରିକ ଅଭିବୃଦ୍ଧି, ସ୍ୱାସ୍ଥ୍ୟ ଏବଂ ଜନକଲ୍ୟାଣ, ଜଳବାୟୁ ଓ ପରିବେଶ, ଉତ୍ତମ ଶାସନ ଓ ସମାନତା ଆଦି ବିଷୟକୁ ଆଧାର କରି ଆସିଥିବା ୬୩୦ଟି ପ୍ରସ୍ତାବକୁ ନେଇ ଏହି ପ୍ରତିଯୋଗିତା କରାଯାଇଥିଲା। ସେଥିମଧ୍ୟରୁ ଅଭିନବ ତଥା ଉଦ୍ଭାବନଶୀଳ ପ୍ରକଳ୍ପ ପ୍ରସ୍ତାବ ଲାଗି ରାଉରକେଲା, ପୁଣେ ସମେତ ୫୦ଟି ସହର ଫାଇନାଲିଷ୍ଟ ହୋଇପାରିଛନ୍ତି। ରାଉରକେଲା ସହରରେ ସୌରଚାଳିତ ତଥା ଚଳମାନ ଶୀତଳଭଣ୍ଡାର ବ୍ୟବସ୍ଥା କରି ଲୋକଙ୍କ ଘର ପାଖରେ ତାଜା ପନିପରିବା ଓ ଫଳ ଆଦି ପହଞ୍ଚାଇବା ଏହି ପ୍ରକଳ୍ପର ମୂଳ ଲକ୍ଷ୍ୟ। ଏହା ମାଧ୍ୟମରେ ଚାଷୀ, କ୍ଷୁଦ୍ର ବ୍ୟବସାୟୀଙ୍କ ସହିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ଜୀବିକା ଓ ଆର୍ଥିକ ବିକାଶ ହୋଇପାରିବ। ଚୂଡ଼ାନ୍ତ ପର୍ଯ୍ୟାୟ ପ୍ରତିଯୋଗିତାରେ ରାଉରକେଲା ଉତ୍ତୀର୍ଣ୍ଣ ହୋଇ ୧୫ଟି ଶ୍ରେଷ୍ଠ ସହର ତାଲିକାରେ ସ୍ଥାନ ପାଇବ ବୋଲି ବୁଧବାର ଏକ ଖବରଦାତା ସମ୍ମିଳନୀ କରି ମହାନଗର ନିଗମ କମିଶନର ଦିବ୍ୟଜ୍ୟୋତି ପରିଡ଼ା ଆଶାବ୍ୟକ୍ତ କରିଛନ୍ତି।


**CITY HEALTH SOCIETY, NUHM, BHUBANESWAR**
**Office of the ADUPHO, Bhubaneswar,**
**National Health Mission, Odisha**
**Department of Health & Family Welfare, Government of Odisha**
**CPMU-UH, MCW Center , Unit-II, Bhubaneswar- 751009**
**Phone No: 0674-2532033, email-id : cpmunhmbbsr4@gmail.com**
**Adv. No. 31 /CPMU/NUHM/ BBSR** **Date:14.06.2021**

**TENDER NOTICE**
**(SUPPLY OF LAPTOP & DESKTOP AND PERIPHERALS FOR CITY HEALTH SOCIETY, BHUBANESWAR)**

No. E-158: Sealed Tenders in prescribed format are invited from the Manufacturers/Authorized Dealers for supply of Laptop, Desktop and peripherals for City Health Society, Bhubaneswar under NUHM.
The bidder should submit two separate sealed packets i.e. one for Technical Bid and another for Financial Bid to be superscribed on the cover of the packets separately and to be kept in a single cover which should be superscribed as **"TENDER FOR SUPPLY OF LAPTOP, DESKTOP & PERIPHERALS FOR CITY HEALTH SOCIETY, BHUBANESWAR**.
The last date of receipt of tender is 28.06.2021 up to 2.00 P.M. & tender will be opened on same day at 3.30 P.M. in the office of undersigned .The list of all the items with detail specification, eligibility criteria and Tender Terms and Conditions may be downloaded from website of Bhubaneswar Municipal Corporation i.e. **www.bmc.gov.in**.
The undersigned has reserve right to reject any or all tenders without assigning any reason thereof. All legal disputes if any relating to the quotations are subject to Jurisdiction in the Court of Law situated at Bhubaneswar, Odisha only.

**OIPR-10029/11/0004/2122** **Sd./- ADUPHO, BHUBANESWAR**



Your classified advertisement published in Dharitri will be listed free in Dharitri online edition :
**www.dharitri.com**

> ଭାରତ ହେଉଛି ବିଶ୍ୱର ବିଭିନ୍ନ ରାଷ୍ଟ୍ର-ଜାତିର ଗୁରୁ। ଭାରତ ମଧ୍ୟ ସେମାନଙ୍କର ଆତ୍ମାର ଚିକିତ୍ସକ- ଏବଂ ସେମାନଙ୍କର ଗଭୀର ନୈତିକ ବ୍ୟାଧିଗୁଡ଼ିକର ଆରୋଗ୍ୟ କର୍ତ୍ତା। ଏହି ବିଶ୍ୱକୁ ଏକ ନୂତନ ଜୀବନ ପଥରେ ଚାଳିତ କରିବା ପାଇଁ ସେ ବିଧାତାଙ୍କ ଦ୍ୱାରା ଆଦିଷ୍ଟ ହୋଇଛି। ଏଇ ଭାରତ ହିଁ ପୃଥିବୀରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବ। -ଶ୍ରୀଅରବିନ୍ଦ





# ଇନ୍ଧନ ଟିକସ କ'ଣ ଏକମାତ୍ର ବିକଳ୍ପ

ଡ. ସନ୍ତୋଷ କୁମାର ମହାପାତ୍ର

ତୈଳ ବା ଇନ୍ଧନ ବିନା ପାଦେ ଆଗକୁ ଯିବା ଅସମ୍ଭବ। ଏହାର ମୂଲ୍ୟବୃଦ୍ଧି ଘଟିଲେ ଧନୀ ଓ ଗରିବ ସମସ୍ତେ ପ୍ରଭାବିତ ହୁଅନ୍ତି। କିନ୍ତୁ ଗରିବ, ନିମ୍ନମଧ୍ୟବିତ୍ତ ବେଶି ପ୍ରଭାବିତ ହୋଇଥାନ୍ତି। କାରଣ ତୈଳମୂଲ୍ୟ ବୃଦ୍ଧି ଦ୍ୱାରା ଅତ୍ୟାବଶ୍ୟକ ସାମଗ୍ରୀ,ଏପରିକି ସବୁ ଦ୍ରବ୍ୟ, ଉପାଦାନର ପରିବ୍ୟୟ, ମାଲପରିବହନ, ଗମନାଗମନ ଆଦି ଅଧିକ ବ୍ୟୟସାପେକ୍ଷ ହୋଇଥାଏ। ଦରଦାମ ସାଙ୍ଗକୁ ମୁଦ୍ରାସ୍ଫୀତି ବୃଦ୍ଧି ଜନତାଙ୍କ କ୍ରୟଶକ୍ତି, ଜୀବନର ମାନ ହ୍ରାସ କରିବା ସହିତ ସାମଗ୍ରିକ ଚାହିଦା ଏବଂ ଆର୍ଥିକ ଅଭିବୃଦ୍ଧିକୁ ନିମ୍ନମୁଖୀ କରେ। ତେଲଦର ବଢ଼ିଲେ ତାହାର ସିଧା ମାଡ଼ ପଡ଼େ କ୍ଷୁଦ୍ର ବ୍ୟବସାୟୀ, ସାଧାରଣ ଓ ମଧ୍ୟବିତ୍ତଙ୍କ ଉପରେ। ସଂକ୍ଷେପରେ କହିଲେ ତୈଳ ସାମଗ୍ରୀ ଦର ବୃଦ୍ଧି ଚାହିଦା, ଯୋଗାଣ ଏବଂ ଅର୍ଥନୀତି ଉପରେ କୁପ୍ରଭାବ ପକାଏ। ଏଣୁ ଏସବୁ ସାମଗ୍ରୀ ମୂଲ୍ୟ ସ୍ଥିର କଲାବେଳେ ବା ବୃଦ୍ଧିକରିଲା ବେଳେ ସରକାର ଚିନ୍ତାକରିବା ଉଚିତ। ସବୁବେଳେ ଅନ୍ୟ ବିକଳ୍ପ ଖୋଜିବା ଆବଶ୍ୟକ।

କିନ୍ତୁ ବର୍ତ୍ତମାନ ତୈଳଦର ଅସହ୍ୟ ହେବା ସତ୍ତ୍ୱେ ଏହା ହ୍ରାସ କରା ନ ଯାଇ,ଏହା ସପକ୍ଷରେ ଯୁକ୍ତି କରାଯାଉଛି ଯେ କୋଭିଡ ରିଲିଫ ପଦକ୍ଷେପ, ଟିକା ଏବଂ କଲ୍ୟାଣ ଯୋଜନାରେ ଖର୍ଚ୍ଚକରିବା ପାଇଁ କେନ୍ଦ୍ର ଅର୍ଥ ସଞ୍ଚୟ କରୁଛି। ତେଲ ଟିକସ ବାବଦରେ ଯେଉଁ ଅର୍ଥ ଆସୁଛି ତାହା ଦେଶର ବିକାଶ ପାଇଁ ବ୍ୟୟ ହେଉଛି। କିନ୍ତୁ ବାସ୍ତବରେ ଏପଟେ ସରକାର ମହାମାରୀ ପାଇଁ ବ୍ୟୟବୃଦ୍ଧି କରିଲାବେଳେ ଅନ୍ୟ ବ୍ୟୟହ୍ରାସ କରୁଛନ୍ତି, ଯାହା ଲୋକେ ଜାଣନ୍ତି ନାହିଁ। ପ୍ରତିବର୍ଷ ଉଭୟ ନାମାଙ୍କନ ଏବଂ ବାସ୍ତବ ମୂଲ୍ୟରେ(ଯେତେବେଳେ ମୁଦ୍ରାସ୍ଫୀତିକୁ ବିଚାରକୁ ନିଆଯାଏ) ବଜେଟର ଆକାର ବୃଦ୍ଧି ପାଇଥାଏ। ଏଣୁ ଯିଏ ସରକାର କରିବ ସିଏ ଯୋଜନା କିଛି କରିବାକୁ ବାଧ୍ୟ, କିନ୍ତୁ ଯୋଜନା ବାବଦ ବ୍ୟୟ ତେଲ ଉପରେ ଟିକସ ଅଧିକ ଧାର୍ଯ୍ୟ କରି ଆଦାୟ କରିବା ଅନୁଚିତ। ୨୦୨୧-୨୨ବଜେଟରେ ଯେଉଁ ୩୪.୮୩ଲକ୍ଷ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା, ସେଥିରେ ଟିକା ଏବଂ ମହାମାରୀ ଖର୍ଚ୍ଚକୁ ବିଚାରକୁ ନିଆଯାଇଥିଲା। ବଜେଟର ଏହି ବ୍ୟୟରୁ ମହାମାରୀ ଏବଂ ଅନ୍ୟକ୍ଷେତ୍ରରେ କେତେ ବ୍ୟୟ କରିଛନ୍ତି, ତାହା ସରକାର ସ୍ପଷ୍ଟ କରିବା ଉଚିତ। ପୁନଶ୍ଚ ଆମ ଦେଶରେ ମହାମାରୀ ଜନିତ ବିତ୍ତୀୟ ପାକେଜ (ଟଙ୍କା ଦୃଷ୍ଟିରୁ) ଅନ୍ୟ ଦେଶ ତୁଳନାରେ ବହୁତ କମ୍।

ଏମିତି କ'ଣ କେଉଁଠି ଲେଖାହୋଇଛି ଯେ, ତେଲ ଉପରେ ଟିକସ ଦ୍ୱାରା ଯେଉଁ ଅର୍ଥ ଆସିବ ସେସବୁ ଦେଶର ବିକାଶ ଓ ଗରିବଙ୍କ ପାଇଁ ବ୍ୟୟ ହେବ। ଅନ୍ୟ ଟିକସ ଦ୍ୱାରା ଆସୁଥିବା ଅର୍ଥ ଏ ସବୁ ଜନମଙ୍ଗଳ କାର୍ଯ୍ୟ ପାଇଁ କ'ଣ ବ୍ୟୟ ହୋଇପାରିବ ନାହିଁ? ଯେଉଁ ଅତିଧନୀ ବ୍ୟକ୍ତିବିଶେଷଙ୍କ ସଂଖ୍ୟା ଏବଂ ତାଙ୍କ ସମ୍ପଦ, କର୍ପୋରେଟଙ୍କ ଲାଭ ପ୍ରବଳ ବୃଦ୍ଧିପାଇଛି, ତାହା ଉପରେ ସମ୍ପଦକର ଧାର୍ଯ୍ୟ କରିବା ସହ କର୍ପୋରେଟ ଟିକସ ବୃଦ୍ଧିକରି ପ୍ରଚୁର ସମ୍ବଳ ସଂଗ୍ରହ କରାଯାଇପାରିବ। କିନ୍ତୁ ତେଲିଆମୁଣ୍ଡରେ ତେଲ ପରି ଧନିକଙ୍କୁ ରିହାତିଦେଲା ବେଳେ, ସରକାର ସାଧାରଣ ଜନତାଙ୍କ ଉପରେ ଟିକସ ବୋଝ ଲଦୁଛନ୍ତି। ପୂର୍ବ ସରକାର ଅମଳରେ ତ ବେଶି ଜନମଙ୍ଗଳ କାର୍ଯ୍ୟ ହେଉଥିଲା, କିନ୍ତୁ ତୈଳଦର ଏତେ ଚଢ଼ା ନଥିଲା। ତୈଳ ସାମଗ୍ରୀ ଦରବୃଦ୍ଧି ଯୋଗୁ ଲୋକଙ୍କ ପକେଟରେ ଯେଉଁ କଣା ହେବ, ତାହାଦ୍ୱାରା ସେମାନେ ବହୁଗୁଣ କ୍ଷତିଗ୍ରସ୍ତ ହେବେ। ଏହା ଅର୍ଥ ଗରିବଙ୍କୁ ହାତରେ ନ ମାରି ଭାତରେ ମାରିବା। ଗୋଟିଏ ପଟେ ସରକାର କିଛି ଯୋଜନା କଥା ଯାହା କହୁଛନ୍ତି ତାହା ଦ୍ୱାରା ଯେଉଁ ଗରିବ, ଚାଷୀ, ଶ୍ରମିକ ଯେତିକି ଉପକୃତ ହେବେ, ତୈଳ ଦର ଅଧିକା ହେବା ଯୋଗୁ ବେଶି କ୍ଷତିଗ୍ରସ୍ତ ହେବେ। ଏତେ ଯୋଜନା କଥା ନ କହି ସରକାର କେବଳ ଶିକ୍ଷା, ସ୍ୱାସ୍ଥ୍ୟ ମାଗଣାରେ ଦିଅନ୍ତୁ, ଆଉକିଛି ଦରକାର ନାହିଁ।

ପୁନଶ୍ଚ କରୋନା ମହାମାରୀ ଯୋଗୁ କୋଟି କୋଟି ଲୋକ ଜୀବିକା ହରାଇଛନ୍ତି। ଲୋକେ ଅଧିକ ଗରିବ ହୋଇଛନ୍ତି, ମଧ୍ୟବିତ୍ତ ଲୋକ ତଳକୁ ଖସିଛନ୍ତି,୯୭% ପରିବାରର ଆୟ ହ୍ରାସ ପାଇଛି। କୋଟି କୋଟି ଲୋକ ମୁଠାଏ ଭାତ, ଖଣ୍ଡେ ବସ୍ତ୍ର ପାଇଁ ସଂଗ୍ରାମ କରୁଛନ୍ତି। ଏହି ସମୟରେ ତୈଳଦର କ'ଣ ଏତେମାତ୍ରାରେ ବୃଦ୍ଧିକରିବା ଉଚିତ? ଏପରି ମୂଲ୍ୟବୃଦ୍ଧି ଏକ ନିଷ୍ଠୁର, ନିର୍ଦ୍ଦୟ ସିଦ୍ଧାନ୍ତ। ଏଭଳି ପଦକ୍ଷେପ ଏକ ଜନମଙ୍ଗଳକାରୀ ରାଷ୍ଟ୍ରରେ ଆଦୌ ଶୋଭନୀୟ ନୁହେଁ। ସାଧାରଣ ଜନତାଙ୍କ ପାଇଁ ରାଷ୍ଟ୍ରର କ'ଣ କିଛି ଦାୟିତ୍ୱ ନାହିଁ? ସମସ୍ତେ ଜାଣନ୍ତି, ମନ୍ତ୍ରୀ ଓ ସରକାରୀ ବାବୁମାନେ ସର୍ବଦା ଗାଡ଼ି ଚଢ଼ି ବୁଲନ୍ତି ସିନା, ନିଜ ପକେଟରୁ କେବେ ଗାଡ଼ିରେ ତେଲ ପକାନ୍ତି ନାହିଁ। ସରକାରୀ ତହବିଲରୁ ସେହି ଖର୍ଚ୍ଚ ଚଳିଯାଏ। ଧନିକଶ୍ରେଣୀଙ୍କର ଏତେ ଅର୍ଥ ଥାଏ ଯେ ତେଲଦର ଯଦି ଲିଟର ପିଛା ୫୦୦ଟଙ୍କା ହୁଏ ତାଙ୍କୁ ବାଧିବ ନାହିଁ। ପ୍ରତ୍ୟେକ କଥାରେ ସରକାର ଜନମଙ୍ଗଳ ଯୋଜନା କଥା କହୁଛନ୍ତି। ଗତ ୭ବର୍ଷରେ ଲୋକଙ୍କ ଜୀବନଧାରଣ ମାନରେ ଯଦି ଉନ୍ନତି ହୋଇଥାନ୍ତା, ତେବେ ଆଉ ଯୋଜନା ଆବଶ୍ୟକ ପଡ଼ନ୍ତା ନାହିଁ। କିନ୍ତୁ ଭାରତ ସବୁ ଅନ୍ତର୍ଜାତୀୟ ସୂଚକାଙ୍କରେ ବିଶ୍ୱରେ ଏତେ ନିମ୍ନରେ କାହିଁକି? ଦାରିଦ୍ର୍ୟ, କ୍ଷୁଧା, ବେକାରି, ଅସମାନତା, ଭୂମିହୀନତା ଏତେ ବ୍ୟାପକ କାହିଁକି ଏବଂ ଦିନକୁ ଦିନ ଏସବୁ କାହିଁକି ବୃଦ୍ଧିପାଉଛି? ମୁଣ୍ଡ ପିଛା ଜିଡିପି ଦୃଷ୍ଟିରୁ ୧୯୪ ଦେଶ ମଧ୍ୟରୁ ଭାରତ ୧୪୪ତମ ସ୍ଥାନରେ ରହିଛି। ଏହାର ଅର୍ଥ ହେଉଛି ୧୪୩ଟି ଦେଶ ପଛରେ ରହିଛି ଭାରତ। ଅତ୍ୟନ୍ତ ଲଜ୍ଜାକର ହେଉଛି ଆମେ ବାଂଲାଦେଶ ପଛରେ ଅଛୁ। ପୁନଶ୍ଚ ଅନ୍ୟସବୁ ଦେଶ ମଧ୍ୟ ମହାମାରୀ ଦ୍ୱାରା ପ୍ରଭାବିତ। ସେସବୁ ଦେଶରେ କାହିଁକି ତୈଳ ମୂଲ୍ୟ ଆମ ଦେଶଠାରୁ କମ୍। ଭାରତ ତୁଳନାରେ ପଡ଼ୋଶୀ ଦେଶରେ ମଧ୍ୟ ପେଟ୍ରୋଲ ଶସ୍ତା । ଫେବୃୟାରୀ ୨୦୨୧ ସୁଦ୍ଧା ଭାରତରେ ପେଟ୍ରୋଲ ମୂଲ୍ୟ ଲିଟର ପିଛା୧୦୦ଟଙ୍କା ପାଖାପାଖି ଥିଲା ବେଳେ ପଡ଼ୋଶୀ ପାକିସ୍ତାନରେ ୫୧.୧୪ଟଙ୍କା, ଶ୍ରୀଲଙ୍କାରେ ୬୦.୨୬ଟଙ୍କା, ବାଂଲାଦେଶରେ ୭୬.୪୧ଟଙ୍କା, ନେପାଳରେ ୬୮.୯୮ଟଙ୍କା, ଭୁଟାନରେ ୪୯.୫୬ ଟଙ୍କା ଥିଲା, ଏପରିକି ଆମେରିକାରେ ୫୧.୪୬ଟଙ୍କା ପାଖାପାଖି ଥିଲା। ଗ୍ୟାସୋଲିନ ହାରାହାରି ବିଶ୍ୱ ମୂଲ୍ୟ ୭୮.୭୧ ଟଙ୍କା ଥିଲା, ଯାହା ଭାରତର ହାରାହାରି ମୂଲ୍ୟ ତୁଳନାରେ ଅତିକମ୍‌ରେ ୨୦% ଶସ୍ତା।

ଅନ୍ୟ ଦେଶ ତୁଳନାରେ ଭାରତରେ ଇନ୍ଧନ ଟିକସ ଯଥେଷ୍ଟ ଅଧିକ। କେୟାର ରେଟିଂ ଅନୁଯାୟୀ, ଦିଲ୍ଲୀରେ ମାର୍ଚ୍ଚ ୧୬, ୨୦୨୦ସୁଦ୍ଧା ଭାରତ ସରକାର ପେଟ୍ରୋଲର ମୂଳମୂଲ୍ୟ (ବେସ୍ ପ୍ରାଇସ) ଉପରେ ପ୍ରାୟ ୧୩୪% ଟିକସ (ଅବକାରୀ ଶୁଳ୍କ ଏବଂ ଭାଟ୍) ଏବଂ ଡିଜେଲରୁ ୮୮% ସଂଗ୍ରହ କରୁଥିଲେ। ପରେ ଟିକସ ସରକାର ବୃଦ୍ଧି କରିଲା ପରେ ମେ ୬, ୨୦୨୦ସୁଦ୍ଧା ପେଟ୍ରୋଲ ମୂଳମୂଲ୍ୟ ଉପରେ ଟିକସ (ଅବକାରୀ ବା ଉତ୍ପାଦ ଶୁଳ୍କ ଏବଂ ଭାଟ୍) ପ୍ରାୟ୨୬୦% ଏବଂ ଡିଜେଲ ଉପରେ୨୫୬%କୁ ବୃଦ୍ଧିପାଇଥିଲା। ତୁଳନାତ୍ମକ ଭାବେ ପମ୍ପ ମୂଲ୍ୟ ଉପରେ ଇନ୍ଧନ ଟିକସ ଜର୍ମାନୀ ଏବଂ ଇଟାଲୀରେ ଖୁଚୁରା ମୂଲ୍ୟର ପ୍ରାୟ ୬୫%, ବ୍ରିଟେନରେ ୬୨%, ଜାପାନରେ ୪୫% ଏବଂ ଆମେରିକାରେ୨୦%ରୁ କମ୍‌ଥିଲା। ଦିଲ୍ଲୀରେ କେନ୍ଦ୍ରୀୟ ଏବଂ ରାଜ୍ୟ ଟିକସ ପେଟ୍ରୋଲର ପମ୍ପମୂଲ୍ୟର ୫୭% ଏବଂ ଡିଜେଲର ପମ୍ପମୂଲ୍ୟର ପ୍ରାୟ ୫୧.୪% ରହିଛି, ଯାହା ଯୁକ୍ତି କରାଯାଉଛି ଯେ କେନ୍ଦ୍ର ଅଧିକ ଟିକସ ନେଉଛି ତାହା ଭୁଲ୍। ଜାତୀୟ ରାଜଧାନୀରେ ମୋଟ ଟିକସରେ କେନ୍ଦ୍ରୀୟ ଶୁଳ୍କ ପେଟ୍ରୋଲ ଉପରେ ମୋଟ ଟିକସର ୬୦.୧% ଏବଂ ଡିଜେଲ ଉପରେ ମୋଟ ଟିକସର ୭୧.୮ % ।

ସରକାର ବିଦେଶରେ ଅଶୋଧିତ ତୈଳଦର ବୃଦ୍ଧି ଯୋଗୁ ଆମ ଦେଶରେ ବୃଦ୍ଧି ଘଟୁଛି ବୋଲି କହୁଛନ୍ତି। ଏହା ସମ୍ପୂର୍ଣ୍ଣ ସତ୍ୟ ନୁହେଁ। ଯେତେବେଳେ ଅନ୍ତର୍ଜାତୀୟ ଅଶୋଧିତ ତୈଳମୂଲ୍ୟ ବ୍ୟାରେଲ ପିଛା ୨୦ଡଲାରରୁ କମ୍ ହୋଇଗଲା, ମାର୍ଚ୍ଚ ୨୦୨୦ରୁ ମେ ୨୦୨୦ ମଧ୍ୟରେ କେନ୍ଦ୍ର ଉତ୍ପାଦ/ଅବକାରୀ ଶୁଳ୍କ ବୃଦ୍ଧି କରିଲା ବେଳେ ରାଜ୍ୟମାନେ ଭାଟ୍ ବୃଦ୍ଧି କରିଥିଲେ। ୨୦୧୪ରେ ପେଟ୍ରୋଲ ଉପରେ ଲିଟର ପିଛା ଅବକାରୀ ଶୁଳ୍କ ୯.୪୮ଟଙ୍କା ପଇସା ଥିବାବେଳେ, ଡିଜେଲ ଲିଟର ପିଛା ୩.୫୬ଟଙ୍କା ରହିଥିଲା। ମେ ୨୦୨୦ ପରେ କେନ୍ଦ୍ର ଅବକାରୀ ଶୁଳ୍କ ବଢ଼ି ପେଟ୍ରୋଲ ଲିଟର ପିଛା ୩୨.୯୮ଟଙ୍କା ଓ ଡିଜେଲ ଲିଟର ପିଛା ଟିକସ ୩୧.୮୩ ଟଙ୍କାରେ ପହଞ୍ଚିଥିଲା। ମାର୍ଚ୍ଚ ୨୦୨୦ରେ ଗ୍ୟାସ ସିଲିଣ୍ଡର ପିଛା ପ୍ରାୟ ଯେଉଁ ୨୩୧ଟଙ୍କା ସବସିଡି ମିଳୁଥିଲା ବର୍ତ୍ତମାନ ଏହା ପ୍ରାୟ ନିଲ୍। ଗ୍ୟାସ୍ ସିଲିଣ୍ଡର ମୂଲ୍ୟ ଯାହା ୨୦୧୪ ମାର୍ଚ୍ଚରେ ୪୧୦.୫୦ଟଙ୍କା ଥିଲା ତାହା ୨୦୨୧ ମାର୍ଚ୍ଚରେ ୮୧୯ ଟଙ୍କାକୁ ବୃଦ୍ଧିପାଇଛି। ଇନ୍ଧନ ସବସିଡି ମଧ୍ୟ ସରକାର ଯାହା ଦେଉଥିଲେ ତାହା ହ୍ରାସ କରାଯାଇଛି। ୨୦୨୦-୨୧ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲରୁ ଉତ୍ପାଦ ଶୁଳ୍କ ଭାବେ ୩.୯ଲକ୍ଷ କୋଟି ଟଙ୍କା ପାଖାପାଖି ଆୟ କରିଥିବା ଜଣାପଡ଼ିଛି। ପୁନଶ୍ଚ ଚିନ୍ତାଜନକ ହେଉଛି ଏହି ବୃଦ୍ଧିର ପ୍ରମୁଖ ଭାଗ ସେସ୍ ଓ ସରଚାର୍ଜରେ ଆସୁଥିବାରୁ ସେଥିରେ ରାଜ୍ୟର କିଛି ଭାଗ ମଧ୍ୟ ରହୁନାହିଁ। ଯେହେତୁ ରାଜ୍ୟଗୁଡ଼ିକରେ ଟିକସ ସଂଗ୍ରହ କରିବାର ଉତ୍ସ ପ୍ରାୟ ନାହିଁ,ଏମାନେ ବେଶି ବ୍ୟୟ କରନ୍ତି ଏବଂ କେନ୍ଦ୍ରର ଅନେକ ଉତ୍ସ ଅଛି, କେନ୍ଦ୍ର କାଳ ବିଳମ୍ବ ନ କରି ବର୍ଦ୍ଧିତ ଟିକସ ହ୍ରାସ କରିବା ଉଚିତ।

Email: skmohapatra67@gmail.com
ମୋ: ୯୪୩୭୨୦୮୭୬୨

## ଏଇ ଭାରତରେ

ନଡ଼ିଆ ଖାଇ ଶଢ଼େଇ ବାହାରେ ଫିଙ୍ଗି ଦେବାରେ ସଭଏଁ ଅଭ୍ୟସ୍ତ, କିନ୍ତୁ କେରଳର ମାରିଆ କୁରିକୋସ୍ ତାହାକୁ ସଂଗ୍ରହ କରି ସେଥିରୁ ପ୍ରସ୍ତୁତ କରୁଛନ୍ତି ଆକର୍ଷଣୀୟ ଜିନିଷ। ମାରିଆଙ୍କ ଘର ଥ୍ରୀଶୂର୍‌ରେ। ତାଙ୍କ ବୟସ ୨୬। ସେ ବିଜ୍‌ନେସ ଆଡ୍‌ମିନିଷ୍ଟ୍ରେଶନ୍‌ରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ପରେ ମୁମ୍ବାଇର ଏକ ସୋସିଆଲ୍ ଏଣ୍ଟରପ୍ରାଇଜ୍‌ରେ ବର୍ଷେ ଚାକିରି କରି ତାହାକୁ ଛାଡ଼ି ଏହି କାର୍ଯ୍ୟରେ ଲାଗିଛନ୍ତି। ସେ ଏବେ ସୁଦ୍ଧା ଶଢ଼େଇରେ ୮,୦୦୦ଟି ଜିନିଷ ତିଆରି କରି ବିକ୍ରି କରି ସାରିଲେଣି। ମୁଖ୍ୟତଃ ତାଙ୍କ ଦ୍ୱାରା ପ୍ରସ୍ତୁତ ଶଢ଼େଇପାତ୍ରର ଚାହିଦା ବେଶି। ସେ ଏଗୁଡ଼ିକୁ ଥେଙ୍ଗା ବ୍ରାଣ୍ଡରେ ବିକ୍ରି କରୁଛନ୍ତି। ବ୍ୟବସାୟୀଙ୍କୁ ଜିନିଷ ବିକ୍ରି କରିବା ସହ ଇ-କମର୍ସ ପ୍ଲାଟଫର୍ମ ମାଧ୍ୟମରେ ଖାଉଟିଙ୍କ ପାଖରେ ସିଧାସଳଖ ଏହା ପହଞ୍ଚାଇ ଦେଉଛନ୍ତି। ମାରିଆ ଉକ୍ତ କାର୍ଯ୍ୟରେ ୧୦ ଜଣ କାରିଗରଙ୍କୁ ନିଯୁକ୍ତ କରିଛନ୍ତି। ଶଢ଼େଇରେ ୪ ପ୍ରକାର ପାତ୍ର ତିଆରି କରାଯାଉଛି। ଏଥିରେ କୌଣସି କେମିକାଲ ବ୍ୟବହାର କରାଯାଉନାହିଁ। ଜିନିଷଗୁଡ଼ିକୁ କେବଳ ନଡିଆ ତେଲରେ ପଲିସ୍ କରାଯାଉଛି। ସବୁଠୁ ଛୋଟ ୧୫୦ଏମ୍.ଏଲ.ର ପାତ୍ରକୁ ୨୫୦ ଟଙ୍କା ଓ ସବୁଠୁ ବଡ଼ ୯୦୦ ଏମ୍.ଏଲ୍. ପାତ୍ରକୁ ୯୫୦ ଟଙ୍କାରେ ବିକ୍ରି କରାଯାଉଛି। ଏହା ବ୍ୟତୀତ ମାରିଆ ଶଢ଼େଇରେ ଚା'କପ୍, କ୍ୟାଣ୍ଡେଲ, କଟ୍‌ଲେରି ଏବଂ ହ୍ୟାଙ୍ଗିଙ୍ଗ୍ ପ୍ଲାଣ୍ଟର ତିଆରି କରୁଛନ୍ତି। ଏସବୁ ଲାଗି କେରଳ, ତାମିଲନାଡ୍ର ଏବଂ କର୍ନାଟକରୁ ସେ ଅର୍ଡର ପାଉଛନ୍ତି। କିଛି ମାସ ପରେ ସେ ଏହି ଜିନିଷକୁ ଆମାଜନ ମାଧ୍ୟମରେ ବଜାରକୁ ଛାଡିବା ଯୋଜନା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୭ ଜୁନ୍ ୧୯୯୬

- ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶରଦ ଯାଦବଙ୍କୁ ଜନତା ଦଳର କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି।
- ଅଖିଳ ଭାରତ ଇନ୍ଦିରା କଂଗ୍ରେସ ତିୱାରୀ ଗୋଷ୍ଠୀ ତାମିଲନାଡୁ ରାଜ୍ୟ ଶାଖାର ସଭାପତି କେ. ରାମମୂର୍ତ୍ତି ତାଙ୍କର ସମର୍ଥକମାନଙ୍କ ସହିତ ପୁନର୍ବାର ଜାତୀୟ କଂଗ୍ରେସରେ ଯୋଗଦେବା ଲାଗି ନିଷ୍ପତ୍ତି ଗ୍ରହଣ କରିଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 9 | | | |
| 8 | 3 | 4 | 5 | | | | | |
| 5 | | | | | 3 | | 2 | 6 |
| | | | | 3 | 1 | 2 | | |
| 1 | 4 | | | | | | 5 | |
| | | 3 | 9 | | 2 | | | |
| | 1 | 9 | 6 | | 7 | | | |
| | 8 | | 2 | | | | | |
| | 6 | | | | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 3 | 9 | 2 | 8 | 4 | 1 | 6 |
| 4 | 2 | 8 | 1 | 7 | 6 | 3 | 9 | 5 |
| 1 | 9 | 6 | 5 | 4 | 3 | 7 | 8 | 2 |
| 6 | 8 | 2 | 7 | 3 | 5 | 1 | 4 | 9 |
| 3 | 1 | 9 | 4 | 8 | 2 | 6 | 5 | 7 |
| 5 | 4 | 7 | 6 | 9 | 1 | 8 | 2 | 3 |
| 8 | 3 | 4 | 2 | 6 | 9 | 5 | 7 | 1 |
| 9 | 6 | 5 | 8 | 1 | 7 | 2 | 3 | 4 |
| 2 | 7 | 1 | 3 | 5 | 4 | 9 | 6 | 8 |

ଗତକାଲିର ଉତ୍ତର



# ଚେଇଁ ଶୋଇଥିବା ଲୋକ

ଶୁଭନାରାୟଣ ଶତପଥୀ

କରୋନା ସଂକ୍ରମଣ ଦ୍ୱିତୀୟ ଲହର ଆରମ୍ଭ ସମୟ। ପ୍ରାରମ୍ଭରୁ ସବୁବେଳେ ସଚେତନ କରାଯାଉଥାଏ ଯେ ମାସ୍କ ପିନ୍ଧିବା, ସାମାଜିକ ଦୂରତା, ସାନିଟାଇଜର ବ୍ୟବହାର ଆଦି ନିୟମଗୁଡ଼ିକ ସମସ୍ତେ ନିରନ୍ତର ମାନନ୍ତୁ। ସେତେବେଳେ ସାରା ବିଶ୍ୱରେ କୋଭିଡ୍‌ଜନିତ ମୋଟ ସଂକ୍ରମଣ ସଂଖ୍ୟା ପ୍ରାୟ ୧୨୭ ମିଲିୟନ ହୋଇଥିବାବେଳେ ମୃତ୍ୟୁସଂଖ୍ୟା ୨.୭୯ ମିଲିୟନରେ ପହଞ୍ଚି ସାରିଥାଏ। ଏ ତଥ୍ୟ କ'ଣ ଆମ ପାଇଁ ଅଧିକ ନ ଥିଲା? ତଥାପି ଆଜି ବି କିଛି ଲୋକ କାହିଁକି କୁହନ୍ତି ଯେ, କରୋନା ବୋଲି କିଛି ନାହିଁ, ବୁଝାପଡ଼େ ନାହିଁ । କିଏ କହେ ଏସବୁ ରାଜନୀତି ତ ଆଉ କିଏ କହେ ବ୍ୟବସାୟ ଇତ୍ୟାଦି। ଏ ମାନସିକତା କାରଣରୁ ଅନେକ ସାମାଜିକ ଦୂରତା ମାନୁନାହାନ୍ତି, ଆଉ କେତେକ ଲୋକ ପକେଟରେ ସାନିଟାଇଜର ରଖୁ ନାହାନ୍ତି। ଆଉ ମାସ୍କ କଥା ନ କହିଲେ ଭଲ। ଅନେକ ବ୍ୟକ୍ତି ବାହାରକୁ ଯାଉଛନ୍ତି କିନ୍ତୁ ମୁହଁରେ ମାସ୍କ ବହୁତ କମ୍ ଲୋକଙ୍କର ଥାଏ। କିଛି ଲୋକ ଜରିମାନା, ଆକ୍ଷେପ, ପ୍ରତିବାଦ ଭୟରେ ମାସ୍କ ପିନ୍ଧି ଯାଉଛନ୍ତି; ଯାହାଫଳରେ ମାସ୍କ ପିନ୍ଧିବାର ପ୍ରକୃତ ମୂଲ୍ୟ ଏବେ ବି ସମସ୍ତେ ବୁଝିପାରୁନାହାନ୍ତି। ଆଉ ନାକ ମୁହଁକୁ ଘୋଡ଼ାଇ ରଖି ମାସ୍କ ପିନ୍ଧୁଥିବା ଲୋକଙ୍କ ସଂଖ୍ୟା ବହୁତ କମ୍। ତେବେ ଆମେ ସମସ୍ତେ ଜାଣୁ ଯେ ମାସ୍କ ହେଉଛି କରୋନା ସଂକ୍ରମଣ ରୋକିବା ନିମନ୍ତେ ସବୁଠୁ ବଡ ଜୀବନ ରକ୍ଷାକାରୀ କବଚ। ଯଦି ଆମେ ଏହି ମାସ୍କକୁ ପାଟି ନାକରୁ ଖସାଇଦେଇ ମୁହଁର ତଳ ଭାଗରେ ରଖିବା ବା ମୁଣ୍ଡ ଉପରକୁ ଟେକିଦେବା ତା'ହେଲେ ସେ ମାସ୍କ ପିନ୍ଧିବାର ଅର୍ଥ କ'ଣ?

ଜଣେ ବ୍ୟବସାୟୀ ତାଙ୍କର ମାସ୍କଟିକୁ ମୁଣ୍ଡ ଉପରକୁ ଟେକିଦେଇ ପିନ୍ଧିଥିବାର ନଜରକୁ ଆସିଲା। ଗ୍ରାହକ ଜଣକ ଏହା ଦେଖି ପଚାରିଲେ ମଉସା ତୁମ ମାସ୍କଟିକୁ ଠିକଭାବେ ନ ପିନ୍ଧି ଏମିତି ଅବସ୍ଥାରେ କାହିଁକି ରଖିଛ? ବ୍ୟବସାୟୀ ଜଣକ କହିଲେ, ପୁଅ ଏ ପୋଲିସବାବୁମାନେ ଫାଇନ ଆଦାୟ କରୁଛନ୍ତି ବୋଲି ମୁଁ ପିନ୍ଧିଛି। ହେଇଟି ଦେଖୁନ କରୋନା ଆସିବାର ବର୍ଷେ ହେଲାଣି କାହିଁ ମୋର ଟିକେ ଛିଙ୍କ ବି ତ ହୋଇନି ! ଆଉ ଜଣେ ବ୍ୟକ୍ତିଙ୍କ ମାସ୍କ ମୁହଁତଳେ ଝୁଲୁଥିବାର ଦେଖି ବ୍ୟଙ୍ଗାତ୍ମକ ଢଙ୍ଗରେ ହରିହରବାବୁ କହିଲେ, ଆଜ୍ଞା ! ମୁହଁକୁ ବାଲାକ୍ଲ କରି ରଖିବା ପାଇଁ କ'ଣ ଏ ମାସ୍କ ପିନ୍ଧିଛନ୍ତି କି? ଉକ୍ତ ବ୍ୟକ୍ତି ଜଣକ ଦାନ୍ତ ନିକୁଟି କହିଲେ, ହେଁ ଆପଣ କେମିତି ଜାଣିଲେ? କଥା କ'ଣ କି ମୁଁ ଟିକେ କୁହାଳିଆ। ଭୁଲ୍‌ଭାଲ କହିଦେବି କାଳେ। ସେଥିପାଇଁ ମାସ୍କଟା ମୁହଁତଳକୁ ରଖିଛି। ଫଳରେ ପାଟିମେଲାଇ କଥା କହିଲା ବେଳେ କାନଆଡୁ ଭିଡି ହେବ ମାସ୍କ। ତାହା କାନକୁ କଷ୍ଟ ଦିଏ ଓ ବେଶି କଥା କହୁଥିବା ଲୋକକୁ ଅସୁବିଧାରେ ପକାଏ। ଏହା ମୋ ପାଇଁ ଏକ ଭଲ ଉପାୟ।

ସେଦିନ ଏକ ବାହାଘର ଭୋଜିରେ ଯୋଗଦେବାକୁ ମୁଁ ଯାଇଥାଏ ଢେଙ୍କାନାଳ। ବରଯାତ୍ରୀଠାରୁ ବନ୍ଧୁବାନ୍ଧବ ଓଗେର ମୋତେ ଆଶ୍ଚର୍ଯ୍ୟ ହୋଇ ଚାହିଁଥାନ୍ତି। କାରଣଟା ମୁଁ ହଠାତ୍ ଜାଣିପାରି ନ ଥିଲି। ତେବେ ଆବଶ୍ୟକୀୟ ସମୟ ବ୍ୟତିରେକ ମୁହଁରୁ ଜମାରୁ ମାସ୍କ ବାହାର କରୁ ନ ଥାଏ। ଅଧିକାଂଶ ଲୋକଙ୍କ ମୁହଁରେ ସେଠାରେ ମାସ୍କ ନ ଥାଏ। ବୋଧହୁଏ ମୁଁ ଏକୁଟିଆ ମାସ୍କ ପିନ୍ଧିଥିବାର ଦେଖି ଜଣେ ମହିଳା ମୋତେ କହିଲେ, କ'ଣ କରୋନାକୁ ଏତେ ଭୟ? ମୁଁ ଏ କଥାକୁ ନା ଥଟ୍ଟା ନା ସିରିୟସଲି ଗ୍ରହଣ କଲି । କେବଳ ଚାହିଁ ରହିଥିଲି ତାଙ୍କ ମୁହଁକୁ। କାରଣ ତାଙ୍କ ମୁହଁ ମାସ୍କ ବିନା ମୁକୁଳା। ଆଉ ଏତେଲୋକଙ୍କ ଭିତରେ ମୁଁ ସେଠାରେ ଥିଲି ଅଡ୍ ମ୍ୟାନ ବା ଭିନ୍ନ ମଣିଷ।

ଏଇ ନିକଟରେ ଜଣେ ହାର୍ଟ ପେସେଣ୍ଟ ଦେଖା ହେଲେ। ତାଙ୍କ ମୁହଁରେ ବି ମାସ୍କ ନ ଥିଲା। ପଚାରିବାରୁ କହିଲେ, ଶତପଥୀବାବୁ ବର୍ଷକ ଭିତରେ ନା ମୁଁ ମାସ୍କ, ନା ସାନିଟାଇଜର, ନା ହାତଧୁଆ ଅଭ୍ୟାସ ବାରମ୍ବାର କରିଛି। କାହିଁ କିଛି ହୋଇନି ତ ? ଆଉ ମାସ୍କ ପ୍ରସଙ୍ଗରେ ସେ କହିଲେ ମୁଁ ହାର୍ଟ ପେସେଣ୍ଟ, ମୋତେ ଶୁଦ୍ଧ ଓ ସମ୍ପୂର୍ଣ୍ଣ ଅକ୍ସିଜେନର ଆବଶ୍ୟକତା ଥିବାରୁ ମାସ୍କ ଏଥିପାଇଁ ପ୍ରତିବନ୍ଧକ ସାଜିଛି। ମୁଁ କହିଲି ତେବେ ଆପଣ ବାହାରକୁ ନ ଆସି ଓ ଘରେ ବେଶି ସମୟ କାଟନ୍ତୁ। ସେ ମୋ କଥାକୁ କେତେ ଗ୍ରହଣ କରିବେ ମୁଁ ଜାଣେନା। କିନ୍ତୁ ଏମିତି ଭିନ୍ନ ଭିନ୍ନ ଚିନ୍ତାଧାରାରେ ମଣିଷ ସମାଜରେ ରହିବା କିଛି ଅସ୍ୱାଭାବିକ ନୁହେଁ। ଖାଲି କରୋନା ଭୂତାଣୁ ସହ ଲଢ଼େଇ କରିବା ପାଇଁ ଲୋକ ଦେଖାଣିଆ ଆଚାର ବ୍ୟବହାର କଲେ କିମ୍ବା କେବଳ ନିୟମ ଭିତରେ ଫାଙ୍କ ଖୋଜିଲେ ପର୍ଯ୍ୟାୟକ୍ରମେ କରୋନା ଆସୁଥିବ ଓ ନିରୀହ ମଣିଷ ଜୀବନ ତା' ଜାଲରେ ପଡି ଛଟପଟ ହେଉଥିବ।

ମାସ୍କ କିଏ କେଉଁଠି କେମିତି ପିନ୍ଧିବ ବିଚାର ନିଜର। ବିଶେଷଜ୍ଞଙ୍କ ପରାମର୍ଶ ନେଇ ଅସୁସ୍ଥ, ରୁଗ୍‌ଣ ବ୍ୟକ୍ତି କେତେ ସମୟ ଓ କେଉଁ ପ୍ରକାରର ମାସ୍କ ବ୍ୟବହାର କରିବେ ତାହା ନିଶ୍ଚିତ ହେବା ଉଚିତ। କିନ୍ତୁ ସମାଜର ବାକି ଲୋକ ଠିକ୍ ରୂପେ ମାସ୍କ ପିନ୍ଧିବାରେ ଅସୁବିଧା କ'ଣ? ମାସ୍କ କାହିଁ ମୁହଁ ଉପରେ, ତଳେ ବା ପକେଟରେ ରଖି ମଣିଷ ବୁଲିବ? କ'ଣ ନିଜେ କରୋନାରେ ଆକ୍ରାନ୍ତ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବା?

ସେ ସମୟରୁ ଆଜି ଭିତରେ ଏହି ମାସ୍କ ପିନ୍ଧାକୁ ନେଇ ବିଶେଷ କିଛି ପରିବର୍ତ୍ତନ ହୋଇନାହିଁ। କେବଳ ମୃତ୍ୟୁ ଓ ସଂକ୍ରମଣ ସଂଖ୍ୟା ହିଁ ବଢ଼ିଛି। ଆଉ ଲକ୍‌ଡାଉନ୍ ଲାଗୁ ହୋଇଛି। ଏ ମୃତ୍ୟୁ ଓ ସଂକ୍ରମଣ ବଢ଼ିବାର କାରଣ ହେଉଛି ମାସ୍କ ଠିକ୍ ରୂପେ ବା ମୋଟେ ନ ପିନ୍ଧିବା। ପ୍ରଥମରୁ ବାରମ୍ବାର କୁହାଯାଉଥିଲା, ଆମେ ନିୟମ ମାନିଲେ ଲକ୍‌ଡାଉନ ଆସିବ ନାହିଁ। ବୋଧହୁଏ ଆମେ ଠିକ୍ ରୂପେ ନିୟମ ପାଳନ କରିବାରେ ଅସମର୍ଥ ହୋଇଛେ ; ଯେଉଁଥିପାଇଁ ପୁଣି ଲକ୍‌ଡାଉନ୍ ଆସିଲା। ଏବେଠୁ ତୃତୀୟ ଲହରର ପଦଧ୍ୱନି ଶୁଭିଲାଣି। ସେଥିପାଇଁ ଆମେ କେତେ ପ୍ରସ୍ତୁତ ଏବେଠାରୁ ନିଜକୁ ସମୀକ୍ଷା କରିବାର ବେଳ ଉପନୀତ। ଦ୍ୱିତୀୟ ଲହରର ତାଣ୍ଡବ ଏବେଯାଏ ସରିନି ; ଯାହାକୁ ନେଇ ଆମେ ଅତିଷ୍ଠ ଓ ମର୍ମାହତ। ଇତିମଧ୍ୟରେ ଅନେକ ପ୍ରିୟଜନଙ୍କୁ ହରାଇଛୁ। ଆଉ ସେ କଷ୍ଟର ପୁନରାବୃତ୍ତି ନ ହେଉ। ଏବେଠୁ ଏସବୁ ନିୟମକୁ ନିଜେ ମାନିବା ସହ ଅନ୍ୟକୁ ପାଳନ କରିବା ନିମନ୍ତେ ପ୍ରବର୍ତ୍ତାଇବା। ଏହାଦ୍ୱାରା ତୃତୀୟ ଲହର ସଂକ୍ରମଣ ଓ ମୃତ୍ୟୁ କିଛି ମାତ୍ରାରେ ହ୍ରାସ ପାଇଯାଇପାରେ।

ମୋର ଜଣେ ବାଲ୍ୟବନ୍ଧୁ କରୋନାକୁ ଭ୍ରୂକ୍ଷେପ ନ କରି ସଭା ସମିତି ଭୋଜିଭାତ ସବୁଠାରେ ବିନା ମାସ୍କ, ବିନା ସାନିଟାଇଜର, ବିନା ସାମାଜିକ ଦୂରତାରେ ଉପସ୍ଥିତ ହୋଇ ଗତବର୍ଷ କରୋନା ସଂକ୍ରମିତ ହେଲା। କୋଭିଡ୍ ହସ୍‌ପିଟାଲରେ ଦୀର୍ଘ ପନ୍ଦରଦିନ ରହଣିପରେ ଘରକୁ ଫେରିଲା। ତା'ପରଠାରୁ ମୁଁ ତାକୁ କେବେ ବିନା ମାସ୍କ, ବିନା ସାନିଟାଇଜର, ବିନା ସାମାଜିକ ଦୂରତାରେ ଦେଖିନି। ଏହା ଭିତରେ ସେ ସୁସ୍ଥ ଅଛି ମାନସିକ ଓ ଶାରୀରିକ ଭାବରେ। ସମାଜକୁ ବାର୍ତ୍ତା ଦେଉଛି ସମସ୍ତେ ମାସ୍କ ପିନ୍ଧନ୍ତୁ ଓ ସୁରକ୍ଷିତ ରୁହନ୍ତୁ। ଏହି ସଚେତନତା ଗାଁଗଣ୍ଡାଠାରୁ ଆରମ୍ଭକରି ସହର ପର୍ଯ୍ୟନ୍ତ ବ୍ୟାପକ ହେଉ। ଯେଉଁ ବ୍ୟକ୍ତି ଠିକ୍ ରୂପେ ମାସ୍କ ପିନ୍ଧୁ ନାହାନ୍ତି ଓ କ'ଣ କରୋନାକୁ ଏତେ ଭୟ କହି ବାହାଦୁରି ମାରୁଛନ୍ତି ସେମାନେ ହିଁ ହେଉଛନ୍ତି ଅଡ୍ ମ୍ୟାନ ବା ଭିନ୍ନ ମଣିଷ। ଏ ଅଡ୍ ମ୍ୟାନ ବା ଚେଇଁ ଶୋଇଥିବା ଲୋକଙ୍କୁ ଉଠାଇବାର ପ୍ରୟାସ କରାଯାଉ। ନଚେତ ପରବର୍ତ୍ତୀ ସମୟରେ ଏହି ଲୋକ ମାସ୍କ ପିନ୍ଧି କରୋନା ହେବାର ଭୁଲ୍ ଖବର ପ୍ରସାରିତ କରିପାରନ୍ତି।

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ-୯୪୩୮୪୩୨୦୨୩



# କରୋନା ଓ ହ୍ୱାଇଟ୍ ଫଙ୍ଗସ୍

ନାରାୟଣ ଚନ୍ଦ୍ର ବିଶ୍ୱାଳ

କୋଭିଡ୍ ମହାମାରୀ ସମୟରେ ଏହା ପାଟି ଓ ନାକ ରୋଗର ମୁଖଶାଳା ହୋଇଥିବାରୁ ଏହାର ବିଶେଷ ଧ୍ୟାନ ରଖିବା ନିତାନ୍ତ ଜରୁରୀ। ଏହି ସମୟରେ ଗୁଟ୍‌ଖା, ପାନ, ସିଗାରେଟ୍, ନାସ, ଖଇନିଠାରୁ ଦୂରେଇ ରୁହନ୍ତୁ। ପ୍ରତ୍ୟହ ବିଟାଡାଇନ୍ ବା କ୍ଲୋରହେକ୍ସିଡିନ କୁଳି ଦୁଇଥର କରନ୍ତୁ। କରୋନା ପ୍ରଭାବିତ ହୋଇ ଭଲ ହୋଇଥିବା ବ୍ୟକ୍ତି କୁଲୁକୁଞ୍ଚା ଓ ତଣ୍ଟିରେ କୁଳି ତିନିରୁ ପାଞ୍ଚଥର କରନ୍ତୁ। ଦାନ୍ତବିନ୍ଧା ବା ଦାନ୍ତମାଢ଼ି ବା ଗଳା ସଂକ୍ରମଣ, ଖସ୍‌ଖସ୍ ବା ଫୁଲା ଥିଲେ ତୁରନ୍ତ ଉପଚାର କରନ୍ତୁ। କୌଣସି ଅସ୍ତ୍ରୋପଚାର ଅତ୍ୟାବଶ୍ୟକ ଥିଲେ କୋଭିଡ୍ ଟେଷ୍ଟ କରି ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

ହ୍ୱାଇଟ୍ ଫଙ୍ଗସ୍ ଲକ୍ଷଣ କ'ଣ ଆସନ୍ତୁ ଜାଣିବା। ବିନା ପୋକଖିଆ ବା ଡିକେ ନ ହୋଇ ତୀବ୍ର ଭାବରେ ଦାନ୍ତ ବିନ୍ଧିବା, ମୁଣ୍ଡ ବୁଲାଇବା, ମାଢ଼ିରେ ପୂଯ ହେବା, ପଚା ଦୁର୍ଗନ୍ଧ ହେବା ଓ ଧଳା ଫିମ୍ପି ଭଳି ମାଢ଼ି, ଗାଲ, ପେଟି, ଜ୍ଞାନଦାନ୍ତ ମୂଳ ଓ ତାଳୁରେ ଫଳିଯିବା। ଦାନ୍ତ ଡାକ୍ତରଙ୍କ ପାଖକୁ ଆସିବା ପୂର୍ବରୁ ବେଞ୍ଜାଇଲ ଡାଏମିନ୍‌ରେ ଦାନ୍ତ ପାଟି କୁଲୁକୁଞ୍ଚା ଦିନକୁ ଚାରିଥର କରନ୍ତୁ। ଶର୍କରା ଲେବଲ ଦେଖି ଦାନ୍ତ ଡାକ୍ତରଙ୍କୁ ତୁରନ୍ତ ପରାମର୍ଶ କରନ୍ତୁ। ଏହା ବ୍ୟକ୍ତିଠୁ ବ୍ୟକ୍ତିକୁ ସଂକ୍ରମଣ କରେନାହିଁ। ତେଣୁ ଅତ୍ୟଧିକ ଶଙ୍କାଗ୍ରସ୍ତ ନ ହୋଇ ଔଷଧ ସେବନ ଠିକ୍ ଭାବରେ କରନ୍ତୁ। ଆସ୍କରେଜେଲସ ନାମକ କବକ ଫ୍ରିଜ୍‌ରେ ଦେଖାଦିଅନ୍ତି। ଖାଦ୍ୟ ତିନିରୁ ଅଧିକ ଦିନ ଫ୍ରିଜ୍‌ରେ ରଖନ୍ତୁ ନାହିଁ। ଫ୍ରିଜ୍, ସିଙ୍କ ବେସିନ ନିୟମିତ ସଫା କରନ୍ତୁ। ଗୁଟ୍‌ଖା, ଖଇନି, ନିଶାଠାରୁ ଦୂରରେ ରୁହନ୍ତୁ। ନଚେତ୍ ଏହା ବଢ଼ିଗଲେ ମୁଖ ହନୁହାଡ଼ ବା ମୁଖହାଡ଼, ନାକହାଡ଼ ପୂର୍ଣ୍ଣ ଅସ୍ତ୍ରୋପଚାର ସମ୍ଭାବନା ଅଛି।

ମୁଖ, ନାକ, ପାଟିର ଚିକିତ୍ସା ସମ୍ବନ୍ଧରେ କିଛି ଜାଣନ୍ତୁ। ଏହି ସମୟରେ ଲିଉକୋପ୍ଲାକିଆ, କ୍ୟାନ୍‌ସର, ଥାଇରଏଡ୍ ରୋଗ ପାଇଁ ଘଡ଼ିସନ୍ଧି ମୁହୂର୍ତ୍ତ। ତେଣୁ ସତର୍କତା ଅବଲମ୍ବନ ସହ ଦନ୍ତ ଓ କର୍ଣ୍ଣ, ନାକ ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ ଓ ପ୍ରତିକାର ବିଧେୟ। ଦାନ୍ତବିନ୍ଧା ଏକ ଭୀଷଣ ପ୍ରକ୍ରିୟା ହୋଇଥିବାରୁ ରୁଟ୍ କେନାଲ କରିଦେବା ଜରୁରୀ।

ବ୍ଲାକ ଫଙ୍ଗସ୍ କ'ଣ ପ୍ରଥମେ ବୁଝନ୍ତୁ। ମୁକରୋମାଇକୋସିସ୍ ନାମକ ମାଟିର କବକ ଏବେ ଭାଇରାଲ ହୋଇଛି। ଏହା ଏବେ କୋକୁଆ ଭୟ ସୃଷ୍ଟି କରିଛି। କୋଭିଡ୍ ପରବର୍ତ୍ତୀ ପର୍ଯ୍ୟାୟରେ ଶରୀର ପ୍ରାକୃତିକ ଆର୍ଦ୍ରସ୍ଥାନ ଆଖି, ନାକ, ମୁଖ, ପାଟି, ଗଳାରେ ଏହାର ପ୍ରତିଫଳନ ହେବା ଦେଖାଯାଉଛି।

ପାଟିରେ ହ୍ୱାଇଟ୍ ଫଙ୍ଗସ୍ କ'ଣ ଆସନ୍ତୁ ଜାଣିବା। ପାଟିରେ ହ୍ୱାଇଟ୍ ଫଙ୍ଗସ୍ ସାଧାରଣତଃ ଗୁଟ୍‌ଖା ମାଢ଼ି ସଂକ୍ରମଣ, ଯକୃତ ସମସ୍ୟାରୁ ଦେଖା ଦେଇଥାଏ। ଏବେ କୋଭିଡ୍ ସୁସ୍ଥଙ୍କଠାରେ ପ୍ରତିରୋଧକ ଶକ୍ତି କମିବାରୁ ଓ ଅଚଳାବସ୍ଥାରୁ ଏହା ବହୁଧା ପରିଲକ୍ଷିତ। ଭୟଭୀତ ନ ହୋଇ ତୁରନ୍ତ ଡେଣ୍ଟାଲ ଓ ଓରାଲ ସର୍ଜନଙ୍କ ସହ ପରାମର୍ଶ କରନ୍ତୁ। ଆମ୍ଫୋଟେରିସିନ୍ ଓ ନିଷ୍ଟାଟିନ୍ ସହ କ୍ଲିଣ୍ଡାମାଇସିନ୍‌ର ସେବନ ଏହାକୁ ଏକ ସପ୍ତାହ ମଧ୍ୟରେ ପ୍ରଶମିତ କରେ। ସଂପୂର୍ଣ୍ଣ ଏକ ପାର୍ଶ୍ୱ ମାଢ଼ି ଓ ଗାଲପାଟି ସଂକ୍ରମଣ ହେଲେ ସ୍ଥଳବିଶେଷରେ ଏହାର ଅସ୍ତ୍ରୋପଚାର କରିବାକୁ ପଡ଼ିଥାଏ।

ଯେଉଁ ବ୍ୟକ୍ତିର ମୁଣ୍ଡ ଏବଂ ବେକ ସଂକ୍ରମିତ ହେଉଛି, ତାଙ୍କଠାରେ ସେହି ଫଙ୍ଗସ୍ ନିଃଶ୍ୱାସପ୍ରଶ୍ୱାସ ନେବାର ପଥ ଯଥା ନାକ ଏବଂ ସାଇନସ୍‌କୁ ବ୍ୟାପିବାର ଆଶଙ୍କା ରହିଛି। ଏହାପରେ ଏହି ଫଙ୍ଗସ୍ ଆଖି ଚାରିପଟେ ଥିବା ହାଡ଼ ଏବଂ ମସ୍ତିଷ୍କ ମଧ୍ୟକୁ ବ୍ୟାପିବା ସମ୍ଭାବନା ଥାଏ। ତେଣୁ ଏହାର ଆଗୁଆ ଚିହ୍ନଟ ଏବଂ ଚିକିତ୍ସା ଆବଶ୍ୟକତା ରହିଛି। ଫଙ୍ଗସ୍ ସଂକ୍ରମଣଗୁଡ଼ିକ ମଧ୍ୟରେ ଏହା ସବୁଠୁ ଅଧିକ ହଠାତ୍ ଦେଖାଯାଉଥିବା ଏବଂ କ୍ଷତିକାରକ ରୋଗ। ଉକ୍ତ ରୋଗକୁ ଚିହ୍ନଟ କରିବା କଷ୍ଟସାଧ୍ୟ। ଏଥିଯୋଗୁଁ ରୋଗୀ ଆରୋଗ୍ୟ ହେବା ବିଳମ୍ବ ହୋଇଥାଏ। ଜ୍ୱର, ମୁଣ୍ଡବିନ୍ଧା, ନାକ ଏବଂ ଆଖି ଚାରିପଟେ ଚର୍ମ ଲାଲ ଏବଂ ଫୁଲିବା, ଆଖିପତା ଫୁଲିବା, ମୁହଁରେ ଯନ୍ତ୍ରଣା, ଦୃଷ୍ଟିଶକ୍ତି ନଷ୍ଟ ହୋଇଯିବା ଭଳି ବିଭିନ୍ନ ଲକ୍ଷଣ ଏହି ରୋଗରେ ଦେଖାଯାଇଥାଏ। ଅନ୍ୟ କୌଣସି ରୋଗ ଥିବା ପ୍ରମାଣିତ ହୋଇ ନଥିଲେ ମୁକରମାଇକୋସିସ୍‌ରେ ଆକ୍ରାନ୍ତ ହୋଇଥିବା ଧରିନେବା। ଏଥିପାଇଁ ଇଏନ୍‌ଟି ଡାକ୍ତରଙ୍କ ତୁରନ୍ତ ପରାମର୍ଶ ନେବା, ନାଜାଲ ଏଣ୍ଡୋସ୍କୋପି, ନାଜାଲ ସ୍ୱାବ୍ ଏବଂ ଏମ୍‌ଆରଆଇ ସ୍କାନ ଆଦି କରାଇନେବା ଆବଶ୍ୟକ। ଉଭୟ ଔଷଧ ଏବଂ ଅସ୍ତ୍ରୋପଚାର ମାଧ୍ୟମରେ ଏହି ରୋଗର ଚିକିତ୍ସା କରାଯାଇ ପାରିବ।

ବାକ୍ ଶ୍ରବଣ ବିଶେଷଜ୍ଞ ,'ଧ୍ୱନି',
କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ,
ମୋ: ୯୪୩୮୨୭୬୭୬୦

## ପାଠକ ଶ୍ରେଷ୍ଠ ବିଚାରକ

### ରାଜକୋଷ ଉପରେ କରୋନାର ଚାପ

ମହାଶୟ,

କରୋନାର ଛାଟ ରାଜ୍ୟର ଆର୍ଥିକ ସ୍ଥିତିକୁ ଦୋହଲାଇ ଦେଇଛି। ଓଡ଼ିଶା ଏବେ ଗୁରୁତର ଆର୍ଥିକ ସଙ୍କଟ ଆଡ଼କୁ ମୁହାଁଉଛି। ଚଳିତବର୍ଷ ଏପ୍ରିଲ ମାସଠାରୁ କରୋନାର ପ୍ରଭାବ ସିଧାସଳଖ ସରକାରଙ୍କ ରାଜକୋଷ ଉପରେ ପଡିଛି। କାରଣ ମେ ମାସରେ ଯେଭଳି ରାଜସ୍ୱ ସରକାରଙ୍କୁ ମିଳିବା କଥା ତାହା ମିଳିନାହିଁ। ଚଳିତବର୍ଷର ଟିକସ କମିବା ସରକାରଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ସେହିପରି ଭାରତ ସରକାରଙ୍କ ଜିଏସ୍‌ଟି କ୍ଷେତ୍ରରେ ମଧ୍ୟ ଅନୁରୂପ ଅବସ୍ଥା ସୃଷ୍ଟି ହୋଇଛି। ତେବେ ରାଜ୍ୟ ସରକାରଙ୍କ ପାଖରେ ସ୍ୱଳ୍ପ ସମ୍ବଳ ଯୋଗୁ ବିକାଶ କାର୍ଯ୍ୟରେ ବାଧା ଦେଖାଦେଇଛି। ଆଗାମୀ ଦିନରେ ସରକାରଙ୍କ ବିଭିନ୍ନ ଯୋଜନା କିଭଳି କାର୍ଯ୍ୟକାରୀ ହେବ ଏବଂ ସ୍ୱାସ୍ଥ୍ୟ ଭିତ୍ତିଭୂମି କିଭଳି ତ୍ୱରାନ୍ୱିତ ହେବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶେଷରେ କରୋନା ମହାମାରୀ ଲାଗି ରହିବା ଯୋଗୁ ରାଜ୍ୟର ପରିସ୍ଥିତି ଦେଖି ସରକାର ଋଣ ଆଡ଼କୁ ମୁହାଁଉଛନ୍ତି।

- ରୂପସା ମହାନ୍ତି, କଟକ

## ଚିରନ୍ତନୀ

କେତେ ଉଲ୍‌କା ପଡ଼େ ଖସି ଗଗନର ପଥେ
ସକରୁଣ ହାସ ଏ ଜଗତେ
ନିମିଷରେ ଦେଖାଦେଇ ନିମିଷରେ ଯାଏ ନାହିଁ ଦ୍ରବି,
ଏ ଆକାଶେ ଚିହ୍ନ ତା'ର ରହେ କାହିଁ, ରହେ କାହିଁ ଛବି!
-(ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ବଳାତ୍କାର ଉଦ୍ୟମକାରୀଙ୍କୁ ଠେଙ୍ଗାରେ ପିଟି ହତ୍ୟା**

ବୈଶିଙ୍ଗା,(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ହାତୀଖୁରୀ ପଞ୍ଚାୟତର ଶାଳବଣି ଗ୍ରାମରେ ମଙ୍ଗଳବାର ରାତିରେ ବଳାତ୍କାର ଉଦ୍ୟମକାରୀ ଜଣେ ଯୁବକଙ୍କୁ ଠେଙ୍ଗାରେ ପିଟି ହତ୍ୟା କରାଯାଇଛି। ମୃତକ ହେଲେ ସେହି ଗ୍ରାମର ବାଦଲ ସୋରେନ। ଏନେଇ ପୋଲିସ ଏକ ମାମଲା(ନଂ.୧୮୮/୨୧) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ଘରେ କେହି ନ ଥିବା ସୁଯୋଗରେ ମୃତ ବାଦଲ ସେହି ଗ୍ରାମର ଜଣେ ମହିଳାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ମହିଳା ଜଣଙ୍କ କୌଶଳ କ୍ରମେ ତାଙ୍କ ଦେଢ଼ଶୁରଙ୍କୁ ଫୋନ କରି ଡକାଇଥିଲେ। ଦେଢ଼ଶୁର ପହଞ୍ଚି ଏକ ଠେଙ୍ଗାରେ ବାଦଲଙ୍କୁ ନିସ୍ତୁକ ପିଟିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଆମ କଳା ଆମ ଗୌରବ: ମୁଖ୍ୟମନ୍ତ୍ରୀ

- ରଘୁରାଜପୁର କଳା ଶିବିର ସପ୍ତରଙ୍ଗ ଉଦ୍‌ଯାପିତ
- ଭାଗ ନେଇଥିବା ପ୍ରତି ପରିବାରକୁ ୧୦ ହଜାର ଟଙ୍କା ପ୍ରଦାନ କଲେ

ଭୁବନେଶ୍ୱର,୧୬।୬(ବ୍ୟୁରୋ)

ପୁରୀ ଜିଲା ରଘୁରାଜପୁରରେ ଜୁନ୍ ୮ରୁ ୧୬ ପର୍ଯ୍ୟନ୍ତ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା ଓଡ଼ିଶା ଲଳିତକଳା ଏକାଡେମୀ ପକ୍ଷରୁ ପାରମ୍ପରିକ ଆରମ୍ଭ କରାଯାଇଥିବା ଭିତ୍ତିଚିତ୍ର ଶିବିର ସପ୍ତରଙ୍ଗ ବୁଧବାର ଶେଷ ହୋଇଛି । ଗାଁର ସମସ୍ତ ୧୫୦ ପରିବାର ଏଥିରେ ଭାଗ ନେଇଥିଲେ। ପ୍ରତ୍ୟେକ ସେମାନଙ୍କ ଘର ବାହାର କାନ୍ଥରେ ୫୦ ବର୍ଗଫୁଟ ଅଞ୍ଚଳରେ ଏହି ପାରମ୍ପରିକ ଚିତ୍ର ଅଙ୍କନ କରିଥିଲେ । ଏଥିପାଇଁ ସେମାନଙ୍କ କଳାକୃତିକୁ ସ୍ୱୀକୃତି ସ୍ୱରୂପ ପ୍ରତି ପରିବାରକୁ ୧୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମର ଅନ୍ତିମ ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭିଡିଓ କନ୍‌ଫରେନ୍ସରେ ଏହି ଅର୍ଥ ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରଘୁରାଜପୁର ଓଡ଼ିଶାର ଗର୍ବ ଓ ଗୌରବ। ଏହି ଗାଁର ଶିଳ୍ପୀଙ୍କ ତୂଳୀରେ ରୂପ ନେଉଥିବା ପଟଚିତ୍ର ଓଡ଼ିଶା ପାଇଁ ଅନେକ ସୁନାମ ଆଣିଛି। ରଘୁରାଜପୁର ମହାନ୍ ଓଡ଼ିଶୀ ନୃତ୍ୟଗୁରୁ ସ୍ୱର୍ଗତ କେଳୁଚରଣ ମହାପାତ୍ରଙ୍କର ଜନ୍ମଭୂମି । କିଛି ବର୍ଷ ପୂର୍ବେ କୌଣସି ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ନ ଥାଇ ପୁରୀ ଯିବା ବାଟରେ ରଘୁରାଜପୁର ପରିଦର୍ଶନ କରିଥିବା ବିଷୟ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ସେ ଚାଲି ଚାଲି ପୂରା ଗାଁ ବୁଲି ଦେଖିଥିଲେ । ପ୍ରତି ଦାଣ୍ଡଘର କାନ୍ଥରେ ଅଙ୍କିତ ଚିତ୍ର ତାଙ୍କୁ ମୁଗ୍ଧ କରିଦେଇଥିଲା । ସାରା ଗାଁଟି ତାଙ୍କୁ ଆର୍ଟ ଗ୍ୟାଲେରି ପରି ଲାଗିଥିଲା। ପରେ ପରେ ଗାଁ ଲୋକ ମଣ୍ଡପରେ ସଙ୍ଗେ ସଙ୍ଗେ ଗୋଟିପୁଅ ନୃତ୍ୟର ଆୟୋଜନ କରିଥିଲେ। ରଘୁରାଜପୁର ବାସିନ୍ଦାମାନଙ୍କର ସେ ଦିନର ସେହି ଆଦର ତାଙ୍କ ପାଇଁ ଏକ ଅଭୁଲା ସ୍ମୃତିହୋଇ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରେ ଓଡ଼ିଶାର କଳା ହିଁ ତା'ର ଅନ୍ୟତମ ପରିଚୟ। ଏହାର ସୁରକ୍ଷା ଓ ବିକାଶ ପାଇଁ ସରକାର ସବୁବେଳେ କାମ କରୁଛନ୍ତି ଓ କାମ କରିଚାଲିବେ। ରଘୁରାଜପୁରରେ ଆୟୋଜିତ ଏହି ସପ୍ତରଙ୍ଗ ଭିତ୍ତିଚିତ୍ର କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ପ୍ରାମାଣିକ କରାଯାଇଥିବା ଜାଣି ମୁଖ୍ୟମନ୍ତ୍ରୀ ଆନନ୍ଦପ୍ରକାଶ କରିଥିଲେ। ୟୁ ଟ୍ୟୁବ୍ ଜରିଆରେ ସାରା ବିଶ୍ୱରେ ଆମ କଳାର ପ୍ରସାର ଦିଗରେ ସହାୟକ ହେବା ସଙ୍ଗେ ସଙ୍ଗେ ଭବିଷ୍ୟତରେ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରି କରିଛନ୍ତି।

ଜୁମ୍ ମାଧ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା ସାହିତ୍ୟ ଏବଂ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଭାଗୀୟ ସଚିବ ବିଷ୍ଣୁପଦ ସେଠୀ, ଓଡ଼ିଶା ଲଳିତକଳା ଏକାଡେମୀର ସଭାପତି ସୁଦର୍ଶନ ପଟ୍ଟନାୟକ, ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ ଦାସ, ପୁରୀ ଜିଲାପାଳ ସମର୍ଥ ବର୍ମା ଏବଂ ରଘୁରାଜପୁର ଗ୍ରାମ୍ୟ କମିଟିର ସଭାପତି ଲିଙ୍ଗରାଜ ସୁବୁଦ୍ଧି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଟିକା ନ ନେଲେ ଦୋକାନ ଖୋଲିପାରିବେ ନି ବ୍ୟବସାୟୀ

ସୁନ୍ଦରଗଡ଼, ୧୬।୬ (ଡି.ଏନ୍.ଏ.)

**ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ କଡ଼ା ନିୟମ**

ରାଜ୍ୟରେ ସମସ୍ତ ଜିଲାରେ ୧୪ ଦିନ ପାଇଁ ଲକ୍‌ଡାଉନ କଟକଣା ଆଂଶିକ କୋହଳ କରାଯାଇଛି। ଜୁନ୍ ୧୭ରୁ ଜୁଲାଇ ୧ ସକାଳ ୫ଟା ପର୍ଯ୍ୟନ୍ତ ଆଂଶିକ ଲକ୍‌ଡାଉନ କଟକଣା ଲାଗୁ କରାଯାଇଛି। କରୋନା ସଂକ୍ରମଣ ହାର କମିଥିବା ସୁନ୍ଦରଗଡ଼ ସମେତ ୧୭ ଜିଲାରେ ସକାଳ ୬ଟାରୁ ସନ୍ଧ୍ୟା ୫ଟା ଯାଏ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲା ରଖିବାକୁ କୁହାଯାଇଛି। ସୁନ୍ଦରଗଡ଼ ଜିଲାରେ କଟକଣା କୋହଳ ହେଉଥିଲେ ମଧ୍ୟ କୋଭିଡ୍ ନିୟମ ପାଳନ ଓ ଟିକାକରଣ ଉପରେ ଜିଲା ପ୍ରଶାସନ ଗୁରୁତ୍ୱ ଦେଇଛି। ଯେଉଁ ଦୋକାନୀମାନେ କୋଭିଡ୍ ଟିକା ନେଇ ନ ଥିବେ ସେମାନଙ୍କୁ ଦୋକାନ ଖୋଲିବା ପାଇଁ ଅନୁମତି ଦିଆଯିବ ନାହିଁ ବୋଲି ପ୍ରଶାସନ କଡ଼ା ନିର୍ଦ୍ଦେଶନାମା ଜାରି କରିଛି। ଏନେଇ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ସୁନ୍ଦରଗଡ଼ ପୌରପାଳିକା ପକ୍ଷରୁ ସମସ୍ତ ବ୍ୟବସାୟୀଙ୍କୁ ଏସମ୍ପର୍କରେ ଅବଗତ କରାଯିବା ସହ ଟିକା ନେଇ ନ ଥିବା ଦୋକାନୀ ତଥା ବ୍ୟବସାୟୀ ତୁରନ୍ତ ଟିକା ନେଇଯିବାକୁ ଅନୁରୋଧ କରାଯାଇଛି।


OFFICE OF THE EXECUTIVE ENGINEER
RURAL WORKS DIVISION, BARIPADA
e-mail: rw_mayurbhanj@yahoo.co.in

2nd Corrigendum to Tender Call Notice No. 01/RWD/BPD/2021-22

No.O-338:- The last date of receipt, seeking & opening of the said notice is modified as under due to prevailing Covid-19 lockdown.

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender in the office of the Executive Engineer, R.W. Division, Baripada |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Baripada | 01 (Online) / RWD- BPD of 2021-22 | Dt.30.06.21 at 11.00 A.M. | Dt.09.07.21 upto 5.00 P.M. | Dt.08.07.21 upto 5.00 P.M. | Dt.13.07.21 at 11.00 A.M. |

All other terms and conditions remain unchanged.

Sd./- Executive Engineer, R.W. Division, Baripada
OIPR-25057/11/0003/2122



ODISHA STATE CIVIL SUPPLIES CORPORATION LIMITED, MALKANGIRI UNIT

No.792 Date 13.06.2021

Corrigendum to the Tender Call Notice Floated vide Tender No.665 Dated- 16.05.2021

No. CAD-437:- In pursuance of Letter No. 8066 Dated- 11.06.2021 of Managing Director, OSCSC Ltd., Bhubaneswar, the closing date of E-Tender has been extended and fixed to 01.07.2021. The dateline of activities which follow the closing date has also been modified & mentioned in the table given below.

| Sl No. | Activity | Revised Schedule of Programme | Time |
|---|---|---|---|
| 1 | Last date for online submission of tender document with enclosures | 01.07.2021 | 5.00 P.M. |
| 2 | Date of Technical Bid Opening | 05.07.2021 | 11.00 A.M. |
| 3 | Date of submission of original document by the tenderers in support of scanned copies uploaded in the portal for verification by district office | 05.07.2021 | 11.00 A.M. |
| 4 | Technical bid evaluation, approval of the meeting procedings, uploading of the outcome of technical bid evaluation in the poral and declaration of date of Financial Bid Opening through portal | 07.07.2021 | 11.00 A.M. |

By Order's of Collector
Sd./- District Manager, OSCSC Ltd., Malkangiri
OIPR-07035/11/0007/2122


# ଶୀତଳଷଷ୍ଠୀ ଯାତ୍ରା: ଦେବଦମ୍ପତିଙ୍କ ଯୁଗଳ ଦର୍ଶନ

ସମ୍ବଲପୁର,୧୬।୬ (ବ୍ୟୁରୋ)

ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାରେ ଶିବପାର୍ବତୀଙ୍କ ବ୍ରାହ୍ମମୁହୂର୍ତ୍ତରେ ବିବାହ ଓ ଗୋଧୂଳି ଲଗ୍ନରେ କନ୍ୟା ବିଦାୟ ନୀତି ସମ୍ପନ୍ନ ହୋଇଛି। କରୋନା ମହାମାରୀ ଯୋଗୁ ନଗର ପରିକ୍ରମା କରାଯାଇ ନାହିଁ। ମନ୍ଦିର ପରିସରସ୍ଥ ସୁସଜ୍ଜିତ ମଣ୍ଡପରେ ଦେବଦମ୍ପତି ଗଣ୍ଠାଳ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ଜଗତ୍‌ଜନନୀ ମାତା ପାର୍ବତୀ ସ୍ୱର୍ଣ୍ଣ ଅଳଙ୍କାରରେ ଭୂଷିତ ହୋଇ ପାଟବସ୍ତ୍ର ପରିଧାନ ପୂର୍ବକ ନବବଧୂ ବେଶରେ ସିଂହ ଉପରେ ଉପବିଷ୍ଟ ହୋଇଥିଲେ। ମହାଦେବ ମଧ ରୌପ୍ୟ ଓ ସ୍ୱର୍ଣ୍ଣ ଅଳଙ୍କାରରେ ଆଭୁଷଣ ହୋଇ ସମ୍ବଲପୁରୀ ପାଟବସ୍ତ୍ର ପରିଧାନ କରି ବାହନ ବୃଷଭ ଉପରେ ଆରୁଢ଼ ହୋଇଥିଲେ। ଶିବପାର୍ବତୀଙ୍କ ଏହି ମନୋଲୋଭା ଯୁଗଳମୂର୍ତ୍ତି ଦର୍ଶନ କଲେ ମୋକ୍ଷ ପ୍ରାପ୍ତି ମିଳିଥାଏ ବୋଲି ବିଶ୍ୱାସ କରି ଭକ୍ତମାନେ ଦର୍ଶନ କରିଛନ୍ତି। ଝାଡୁଆପଡା ଲୋକନାଥ ବାବାଙ୍କ ମହାଆଳତି ବୁଧବାର ପୂର୍ବାହ୍ନ ୧୦ଟାରେ ହୋଇଥିଲା। ଏହାପରେ ଭକ୍ତମାନେ ଯୁଗଳମୂର୍ତ୍ତି ଦର୍ଶନ କରିଥିଲେ। ସେହିପରି ନନ୍ଦପଡା ବମବରାଡ ବାଲୁଙ୍କେଶ୍ୱର ବାବା, ମୁଦିପଡା ଜାଗେଶ୍ୱର ବାବା, ବଡବଜାର ଶୀତଳେଶ୍ୱର ବାବା, ଠାକୁରପଡା ଗୁପ୍ତେଶ୍ୱର ବାବା ଓ ବାଲିବନ୍ଧା ସୋମନାଥ ବାବାଙ୍କ



ସମ୍ବଲପୁର ଝାଡୁଆପଡା ଲୋକନାଥ ବାବା ଓ ମାତା ପାର୍ବତୀଙ୍କ ଯୁଗଳମୂର୍ତ୍ତି ।

**ମନ୍ଦିର ପ୍ରବେଶ ନୀତି ଆଜି**

ରାତିରେ ମହାଆଳତି ପରେ ଦର୍ଶନ ନୀତି ହୋଇଥିଲା। ଗୁରୁବାର ଅପରାହ୍ନ ୩ଟା ପରେ ରୀତିନୀତି ଅନୁସାରେ ଦେବଦମ୍ପତିଙ୍କ ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ ରହିଛି। ଅନ୍ୟପକ୍ଷେ ସହରର ଛୋଟବଡ ଶୈବ ପୀଠରେ ଠାକୁରଙ୍କ ମନ୍ଦିର ପ୍ରବେଶ ନୀତି ବୁଧବାର ରାତିରେ କରାଯାଇଛି।


NOTICE INVITING BID

ODISHA STATE MEDICAL CORPORATION LIMITED (OSMCL)

Infront of Ram Mandir, Convent Square, Unit - III, Bhubaneswar - 751001
Tel.: (0674) 2380660, Website: www.osmcl.nic.in, E-mail: logistics.osmcl.od@nic.in
Bid Reference No.: OSMCL/2021-22/SURGICAL-DHS-RE-TENDER/21 Date: 16.06.2021

No. CAD-452: Online Bids through **e-Tender Portal (https://tendersodisha.gov.in)** are invited from eligible bidders for supply of **Surgical, Syrings and other items** as per the particulars mentioned below:

| Sl. No. | Particulars | Date and time | |
|---|---|---|---|
| 1. | Date & time of release of bid | 16.06.2021, 3 P.M. | |
| 2. | Date & time for submission of queries by E-mail ID: **logistics.osmcl.od@nic.in** | 18.06.2021, upto 5.00 P.M. | |
| 3. | Date & time of Online bid submission | Start Date & Time<br>21.06.2021, 3 P.M. | End Date & Time<br>08.07.2021, 6 P.M. |
| 4. | Date & time for submission of Tender Documents | 09.07.2021 | 16.07.2021, till 11 A.M. |
| 5. | Date & time of Online Technical Bid Opening | 16.07.2021, 11.30 A.M. | |
| 6. | Date of Opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, prequalification criteria and terms & conditions are available in the websites: **www.osmcl.nic.in** and **https://tendersodisha.gov.in**. The authority reserves the right to accept/reject any part thereof or all the bids without assigning any reason thereof.

Sd./- Managing Director, OSMC Ltd., Odisha
OIPR-10112/11/0026/2122



NOTICE INVITING BID

ODISHA STATE MEDICAL CORPORATION LIMITED (OSMCL)

Infront of Ram Mandir, Convent Square, Unit - III, Bhubaneswar - 751001
Tel.: (0674) 2380950, Website: www.osmcl.nic.in, E-mail: logistics.osmcl.od@nic.in
Bid Reference No.: OSMCL/2021-22/DRUGS-EPM/23 Date: 16.06.2021

No. CAD-451: Online Bids through **e-Tender Portal (https://tendersodisha.gov.in)** are invited from eligible bidders for supply of **Drugs & Medical Consumables** as per the particulars mentioned below:

| Sl. No. | Particulars | Date and time | |
|---|---|---|---|
| 1. | Date & time of release of bid | 16.06.2021, 5 P.M. | |
| 2. | Date & time of Online bid submission | Start Date & Time<br>18.06.2021, 3 P.M. | End Date & Time<br>28.06.2021, 6 P.M. |
| 3. | Date & time for submission of Tender Documents, Tender Document Fee of tender document | Start Date & Time<br>29.06.2021, 10 A.M. | End Date & Time<br>02.07.2021, 11.00 A.M. |
| 4. | Date & time of Online Technical Bid Opening | 02.07.2021, 11.30 A.M. | |
| 5. | Date of Opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, prequalification criteria and terms & conditions are available in the websites: **www.osmcl.nic.in** and **https://tendersodisha.gov.in**. The authority reserves the right to accept/reject any part thereof or all the bids without assigning any reason thereof.

Sd./- Managing Director, OSMC Ltd., Odisha
OIPR-10112/11/0025/2122



OFFICE OF THE DIVISIONAL FOREST OFFICER, BALLIGUDA FOREST DIVISION
BALLIGUDA, KANDHAMAL - 762103
Tel.: 06846-243249, Fax: 06846-243066
e-mail: dfo_balliguda@yahoo.co.in

TENDER CALL NOTICE

No. 01 Date: 15.06.2021

No. MM-99: Sealed tenders are invited from the reputed manufacturers/distributers/dealers for supply of good quality Hexa Fibre Net/Tree Guard UV protected of size height 1.8 mtr × dia 0.45 mtr. of 400 Gsm having mesh size 2.5cm × 2.5cm required at different locations of Balliguda Forest Division. The tender form and documents can be obtained from the O/o. D.F.O., Balliguda Division from 17.06.2021 to 24.06.2021 on any of the working day during office hours on payment of Rs.2000/- (Rupees two thousand) only in shape of non-refundable Demand Draft on any Nationalized Bank (Except ICICI, IDBI, AXIX like Private Banks) in favour of the Divisional Forest Officer, Balliguda Forest Division payable at SBI Balliguda, Main Branch. The interested dealer/manufacturer/distributer can submit his/their quotation on any or the working day during office from 17.06.2021 to 24.06.2021 in person or authorized representative on or before 24.06.2021 through Speed Post/Regd. Post. The sealed tenders will be opened in the chamber of D.F.O., Balliguda on at 5.00 P.M. The sealed tenders should accompany GST Clearance, IT Clearance etc. The undersigned reserves the rights to reject any or all tender without assigning any reason thereof.

Sd./- Divisional Forest Officer
Balliguda Forest Division
OIPR-08047/11/0002/2122


# ବାଲୁକା ଶିଳ୍ପୀ ସତ୍ୟଙ୍କୁ ଗ୍ରାଣ୍ଡମାଷ୍ଟର ଆଖ୍ୟା



ସତ୍ୟଙ୍କ କ୍ଷୁଦ୍ର କଳାକୃତି ।

ବ୍ରହ୍ମପୁର ଅଫିସ୍,୧୬।୬

କାଠରେ ବିଭିନ୍ନ ଦେବଦେବୀଙ୍କ କ୍ଷୁଦ୍ରତମ କଳାକୃତି ନିର୍ମାଣ କରି ରେକର୍ଡ ହାସଲ କରିଥିବା ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା ବର୍ତ୍ତମାନ ଗ୍ରାଣ୍ଡ ମାଷ୍ଟର ଆଖ୍ୟା ହାସଲ କରିଛନ୍ତି। ଏସିଆ ବୁକ୍ ଅଫ୍ ରେକର୍ଡସ୍ ସତ୍ୟଙ୍କୁ ଏହି ସମ୍ମାନ ପ୍ରଦାନ କରିଛି। ଏହି ସମସ୍ତ କ୍ଷୁଦ୍ର କଳାକୃତି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଥିଲା। ବର୍ତ୍ତମାନ ଏହି କଳାକୃତି ଏସିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇବା ସହ ଗ୍ରାଣ୍ଡ ମାଷ୍ଟର ଆଖ୍ୟା ବି ସତ୍ୟ ହାସଲ କରିଛନ୍ତି। ଏ ନେଇ ସେ ଖୁସି ପ୍ରକାଶ କରିବା ସହ ଆଗାମୀ ଦିନରେ ଏଭଳି କଳାକୃତି ମାଧ୍ୟମରେ ସମାଜକୁ ସଚେତନତାର ବାର୍ତ୍ତା ଦେବେ ବୋଲି କହିଛନ୍ତି।

# ଏମ୍‌କେସିଜି ମେଡିକାଲରେ ଅଦ୍ଭୁତ ଶିଶୁ ଜନ୍ମ

ବ୍ରହ୍ମପୁର ଅଫିସ,୧୬।୬

ବ୍ରହ୍ମପୁର ବଡ଼ ମେଡିକାଲରେ ବୁଧବାର ଏକ ଅଦ୍ଭୁତ ଶିଶୁ ଜନ୍ମ ହୋଇଛି। ଶିଶୁର ନାକ ନ ଥିବା ବେଳେ ଗୋଟିଏ ଜାଗାରେ ଦୁଇଟି ଆଖି ରହିଛି। ଶିଶୁକନ୍ୟାଟି ମୃତ ଅବସ୍ଥାରେ ଜନ୍ମ ହୋଇଥିବା ଏମ୍‌କେସିଜି ମେଡିକାଲ ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡା.ସୁନୀଲ କୁମାର ଅଗ୍ରୱାଲ୍ ସୂଚନା ଦେଇଛନ୍ତି। ଏଭଳି ଅଦ୍ଭୁତ ଶିଶୁ ଜନ୍ମଗ୍ରହଣ ଏମ୍‌କେସିଜି ମେଡିକାଲରେ ପ୍ରଥମ ବୋଲି କୁହାଯାଉଛି। ଜେନେଟିକ୍ ସମସ୍ୟା ଯୋଗୁ ଶରୀର ଗଠନରେ ଅସୁବିଧା ଦେଖାଯିବା ସହ ଏଭଳି ସମସ୍ୟା ହୋଇଥାଏ ବୋଲି ଡା. ଅଗ୍ରୱାଲ କହିଛନ୍ତି। କନ୍ଧମାଳ ଜିଲା କ.ନୂଆଗାଁ ଥାନା ଅନ୍ତର୍ଗତ ଡାମେରକିଆ ଗ୍ରାମର ଗୌତମ ଦୀପ୍‌ଙ୍କ ସ୍ତ୍ରୀ ଯସ୍ମିନ୍‌ଙ୍କୁ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଭର୍ତ୍ତି କରାଯାଇଥିଲା। ବୁଧବାର ମଧ୍ୟାହ୍ନରେ ସେ ପ୍ରସବ ବେଦନା ଅନୁଭବ କରିବାରୁ ତାଙ୍କୁ ଲେବର୍ ରୁମ୍‌କୁ ନିଆଯାଇଥିଲା। ସେଠାରେ ଡାକ୍ତରଙ୍କ ପରୀକ୍ଷା ପରେ ଗର୍ଭରେ ଥିବା ସନ୍ତାନର ସେଭଳି କୌଣସି ପ୍ରତିକ୍ରିୟା ଜଣାପଡୁ ନ ଥିଲା। ଏଣୁ ଶିଶୁଟିର ମୃତ୍ୟୁ ଘଟିଥିବା ଡାକ୍ତରମାନେ ଅନୁମାନ କରିଥିଲେ। ମା'ର ଜୀବନ ବଞ୍ଚାଇବା ପାଇଁ ଶେଷରେ ଅସ୍ତ୍ରୋପଚାର କରାଯାଇଥିଲା। ପରେ ଡାକ୍ତରମାନେ ଶିଶୁକୁ ମୃତ ଘୋଷଣା କରିଥିଲେ।

**ନାକ ନାହିଁ, ଗୋଟିଏ ଜାଗାରେ ଦୁଇଟି ଆଖି**



ଏମ୍‌କେସିଜିରେ ଜନ୍ମ ହୋଇଥିବା ଅଦ୍ଭୁତ ଶିଶୁ।


ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ (ରାସ୍ତା ଓ ଗୃହ) ବିଭାଜନ ନଂ. ୧, ଭୁବନେଶ୍ୱର
OFFICE OF THE EXECUTIVE ENGINEER
BHUBANESWAR (R&B) DIVISION NO. I, BHUBANESWAR
E-mail: eebbsr1@yahoo.co.in, Phone/Fax: 06742597097

No. B-146

INVITATION FOR BIDS (IFB)

Bid Identification No. CC (R&B)-01 Tender Call Notice No. 08/2021-22

1. The Executive Engineer, Bhubaneswar (R & B) Division No. I, Bhubaneswar on behalf of Governor of Odisha invites Percentage Rate bid/s in **Single Cover System** for the work(s) as detailed below from eligible Electrical Contractors, registered with ELBO / Authorized Dealer / Manufacturer for the following works to be eventually drawn in P-1 contract.

| Sl. No. | Name of the Work | Value of the Work (in Rs.) | Class of Contractor | Bid Security (in Rs.) | Cost of Bid documents (Non-refundable) (in Rs.) | Period of Completion (in Calendar Months) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | SITC of 1 No. OTIS make 13 passenger lift at left side duct, A-1 Block, Toshali Bhawan, Satyanagar, Bhubaneswar (Lift No.- 2) (G+9) | Rs.29,48,304.00 (Excluding GST) | Electrical Contractor Authorized Dealer/ Manufacturer | 29,500/- (Online) | 6,000/- (Online) | 3 (Three) Months |
| 2 | SITC of 1 No. OTIS make 13 passenger lift at left side duct, A-2 Block, Toshali Bhawan, Satyanagar, Bhubaneswar (Lift No.- 1) (G+9) | Rs.29,46,294.00 (Excluding GST) | Electrical Contractor Authorized Dealer/ Manufacturer | 29,500/- (Online) | 6,000/- (Online) | 3 (Three) Months |

2. The bidders may submit bid/s for any one or all of the following work.
3. The bidders have to participate in **"online"** bidding only.
4. Bidding documents will be available in website **https//tendersodisha.gov.in** with effect from 11.00 hours of 21.06.2021 to 17.00 hours of 30.06.2021 and the tender will be opened on 01.07.2021 at 11.00 hrs.
5. The bidder must possess compactable Digital Signature Certificate (DSC).

**Note:** Corrigendum/ Addendum/ Amendments/ Clarifications etc. with respect to the works, if any shall be hosted in the above portal. Interested Bidders/ Agencies are advised to visit the above e-procurement site regularly as no separate information/ advertisement shall be published in the Newspaper in this regard including any postponement of tender opening date.

OIPR-34076/11/0003/2122 Executive Engineer, Bhubaneswar (R&B) Division No. I



ODISHA STATE CIVIL SUPPLIES CORPORATION LIMITED, MALKANGIRI UNIT

No.794 Date 13.06.2021

Corrigendum to the Tender Call Notice Floated vide Tender No.667 Dated- 16.05.2021

No. CAD-438:- In pursuance of Letter No. 8066 Dated- 11.06.2021 of Managing Director, OSCSC Ltd., Bhubaneswar, the closing date of E-Tender has been extended and fixed to 01.07.2021. The dateline of activities which follow the closing date has also been modified & mentioned in the table given below.

| Sl No. | Activity | Revised Schedule of Programme | Time |
|---|---|---|---|
| 1 | Last date for online submission of tender document with enclosures | 01.07.2021 | 5.00 P.M. |
| 2 | Date of Technical Bid Opening | 05.07.2021 | 11.00 A.M. |
| 3 | Date of submission of original document by the tenderers in support of scanned copies uploaded in the portal for verification by district office | 05.07.2021 | 11.00 A.M. |
| 4 | Technical bid evaluation, approval of the meeting procedings, uploading of the outcome of technical bid evaluation in the poral and declaration of date of Financial Bid Opening through portal | 07.07.2021 | 11.00 A.M. |

By Order's of Collector
Sd./- District Manager, OSCSC Ltd., Malkangiri
OIPR-07035/11/0008/2122


# ଟ୍ରେଲରକୁ ପିଟିଲା ପିକ୍‌ଅପ୍ ଭ୍ୟାନ୍: ୨ ମୃତ

ଟାଙ୍ଗୀ,(କଟକ)/ବାହାନଗା, ୧୬।୬(ଡି.ଏନ୍.ଏ.)

୧୬ନଂ. ଜାତୀୟ ରାଜପଥର ଟାଙ୍ଗୀ ଥାନା ଅନ୍ତର୍ଗତ ମଙ୍ଗୁଳି ଛକ ନିକଟ ତୃପ୍ତି ମୋଟର ସମ୍ମୁଖରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଟ୍ରେଲରକୁ ପଛପଟୁ ପିକ୍‌ଅପ୍ ଭ୍ୟାନ୍ ଧକ୍କା ଦେଇଛି। ଫଳରେ ପିକ୍‌ଅପ୍ ଭ୍ୟାନ୍‌ରେ ଥିବା ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଚାଳକ ଗୁରୁତର ହୋଇଛନ୍ତି। ମୃତକ ହେଲେ ବାଲେଶ୍ୱର ଜିଲା କଣ୍ଟାପଡାର ପିଣ୍ଟୁ କୁମାର ଗିରି(୩୪) ଓ ଗୋପାଳପୁର ଅଞ୍ଚଳର ଜିତେନ୍ଦ୍ର କୁମାର ଦେ(୩୨)। ଗୁରୁତର ଚାଳକଙ୍କ ପରିଚୟ ମିଳିପାରିନାହିଁ। ବାଲେଶ୍ୱରରୁ ମଙ୍ଗଳବାର ରାତିରେ ପିକ୍‌ଅପ୍ ଭ୍ୟାନ୍(ନଂ.ଓଡ଼ି୩୩ଏସି-୨୩୩୮)ରେ ଚାଳକଙ୍କ ସହିତ ପିଣ୍ଟୁ ଓ ଜିତେନ୍ଦ୍ର କୌଣସି କାମରେ ଭୁବନେଶ୍ୱର ଆସୁଥିଲେ। ମଙ୍ଗୁଳି ଛକ ତୃପ୍ତି ମୋଟର ସମ୍ମୁଖରେ ହୋଇଥିବାବେଳେ ପୂର୍ବରୁ ସେଠାରେ ଛିଡା ହୋଇଥିବା ଟ୍ରେଲର (ନଂ. ଏନ୍‌ଏଲ୦୧ଡି-୫୭୩୮) ପଛପଟେ ପିକ୍‌ଅପ୍ ଭ୍ୟାନ୍ ପିଟି ହୋଇଯାଇଥିଲା। ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡି ଭିତରୁ ସେମାନଙ୍କୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନା ପଠାଇଥିଲା। ସେଠାରେ ପିଣ୍ଟୁ ଓ ଜିତେନ୍ଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଟାଙ୍ଗୀ ପୋଲିସ ଟ୍ରେଲର ଓ ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ଭ୍ୟାନ୍‌କୁ ଜବତ କରି ତଦନ୍ତ ଚଳାଇଥିବା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ବଳଦେବ ପ୍ରସାଦ ଦାସ କହିଛନ୍ତି।


GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS CIRCLE, KENDRAPARA - JAJPUR
At/P.O.- Nayabazar, Cuttack - 753004, Tel. No. 0671-2444488, E-mail: serw_kpd@yahoo.com

No. Tender Online RCK-12/21 Letter No. 1483 Date: 11.06.21

e-Procurement NOTICE

No. O-337: The Superintending Engineer, R.W. Circle, Kendrapara-Jajpur on behalf of Odisha State Rural Road agency invites the percentage rate bids in electronic tendering system for construction of roads under Pradhan mantri Gram Sadak Yojana in the districts of **Kendrapara for 11 (Eleven)** numbers of packages with estimated cost totaling to Rs.33.85 Cr. (Approximately) including their maintenance for five years from the eligible contractors registered with **State PWD/CPWD/MES/Railways**. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. perferably within a month of the deadline for bid submission, but prior to signing of the contract.

**Date of release of Invitation for Bids through e-procurement : Dtd.16.06.2021.**

**Availability of Bid documents and mode of submission:** The bid document is available online and should be submitted online in **www.pmgsytenders.gov.in**. The bidder would be required to reigster in the website which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) Original Demand Draft towards the cost of bid document and (b) original bid security declaration and (c) original affidavit regarding correctness of information furnished with bid document as per provisions of Clause 4.4B (a) (ii) of ITB with **S.E., R.W. Circle, Kendrapara - Jajpur** on a date not later than three working days after the opening of technical qualification part of the Bid, either by Registered Post or by Hand, failing which the bids shall be declared non-responsive.

**summary for key dates is provided below:**

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Kendrapara - Jajpur | Tender Online RCK - 12/21 | 16.06.2021 at 11.00 A.M. | 05.07.2021 to 5.00 P.M. | 02.07.2021 upto 5.00 P.M. | 06.07.2021 at 11.30 A.M. | Will be intimated later |

**Date of submission of original documents such as Bid Security Declaration, Cost of Bid document and affidavit Dt.07.07.2021 at 11.30 A.M. to 09.07.2021 at 3.00 P.M.**

Further details can be seen from the website: **www.tendersorissa.gov.in**.

OIPR-25129/11/0009/2122 Sd./- Superintending Engineer, Rural Works Circle, Kendrapara - Jajpur



ROURKELA SMART CITY LIMITED
Rourkela, Udit Nagar, Rourkela-769012
Email: rourkelascl@gmail.com

BID ID:- 3434 DATE : 14/06/2021

NOTICE INVITING TENDER NATIONAL COMPETITVE BIDDING

No.C-399:- The Chief Executive Officer, RSCL invites bids from eligible contractors for the following projects:

| Sl. No. | Name of the Projects | Estimated cost of the Project in Rs. Lakhs |
|---|---|---|
| 1 | Procurement of Computer Hardware and Peripherals for implementation of e-Office at Rourkela Municipal Corporation, Rourkela. | 12.00 |

Tender Fees is Rs.6,720/- The complete BID documents can be viewed/downloaded from official portal of Rourkela Municipal Corporation (https://www.rmc.nic.in or e-procurement portal of Odisha https://www.tendersodisha.gov.in from 16/06/2021 to 26/06/2021 (up to 17:00 Hrs. IST). Pre- Bid Meeting will be held on 21/06/2021 at 12.30 P.M. in the Conference Hall of RSCL. For queries, intending bidder may contact General Manager (E&T) vide Phone No. 8249833105 and Email Id: rourkelascl@gmail.com.

Sd./- Chief Executive Officer, Rourkela Smart City Ltd.
OIPR-13080/11/0009/2122

## ଦେଶେଦେଶେ


ଜାମାଇକା କିନ୍‌କେଡ୍

# ପକ୍ଷବିହୀନ

ଜାମାଇକା କିନ୍‌କେଡ୍‌ଙ୍କ ଜନ୍ମ ୨୫ ମେ ୧୯୪୯ରେ, ଆଣ୍ଟିଗୁଆରେ। ଗରିବୀ କାରଣରୁ ପରିବାରକୁ ଆର୍ଥିକ ସାହାଯ୍ୟ ଦେବା ନିମନ୍ତେ ଷୋଳ ବର୍ଷ ବୟସରେ ସ୍କୁଲ ଛାଡ଼ି ନ୍ୟୁୟର୍କରେ ଆସି କାମ କଲେ ଓ ଏକ ସାନ୍ଧ୍ୟ ସ୍କୁଲରେ ପଢ଼ିଲେ। ୧୯୭୩ରେ 'ଦି ଭିଲେଜ ଭଏସ୍' ପତ୍ରିକାର ନିୟମିତ ଲେଖକ ଭାବେ ଯୋଗଦେଲେ ଓ ଅନ୍ୟ ପତ୍ରିକା ପାଇଁ ମଧ ଲେଖିଲେ। 'ଦି ନ୍ୟୁୟର୍କ'ରେ ଷ୍ଟାଫ୍ ରାଇଟର ଭାବେ ଯୋଗଦେଲେ ୧୯୭୬ରେ। ସମ୍ପ୍ରତି ସେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ଆଫ୍ରିକାନ୍ ଆମେରିକାନ୍ ଷ୍ଟଡିଜ୍‌ର ପ୍ରଫେସର। ତାଙ୍କର ପ୍ରଥମ ଗଳ୍ପ ସଂକଳନ 'ଆଟ୍ ଦି ବଟମ୍ ଅଫ୍ ଦି ରିଭର' ୧୯୮୩ରେ ପ୍ରକାଶିତ। ଏଯାବତ୍ ସେ ପାଞ୍ଚଟି ଉପନ୍ୟାସ ଓ ପାଞ୍ଚଟି ପ୍ରବନ୍ଧ ସଂକଳନର ରଚୟିତ୍ରୀ। ସେ ପାଇଥିବା ଅନେକ ପୁରସ୍କାର ମଧରେ ୧୯୯୭ର ଆନ୍ସିଫିଲ୍ଡ-ୱୁଲଫ୍ ପୁସ୍ତକ ପୁରସ୍କାର, ୧୯୯୯ର ଲେନାନ୍ ଗଳ୍ପ ପୁରସ୍କାର ଓ ୨୦୧୭ର ଡ୍ୟାନ୍ ଡେଭିଡ୍ ପୁରସ୍କାର(୧୦ ଲକ୍ଷ ଡଲାର) ଉଲ୍ଲେଖଯୋଗ୍ୟ।

ଛୋଟ ପିଲାମାନେ ସରଳ ଶବ୍ଦ ଓ ଧାଡ଼ିରେ ଲେଖା ହୋଇଥିବା ଗୋଟିଏ ବହିରୁ ପଢୁଛନ୍ତି। ଅନେକ ଦିନ ତଳେ ଚିମିନି ସଫା କରୁଥିବା ଲୋକଟିଏ ଥିଲା, ତା' ନାଁ ଟମ୍। ସେ ଅଧା ସମୟ କାନ୍ଦୁଥିଲା, ବାକି ଅଧା ସମୟ ହସୁଥିଲା। ଛାତ ଉପରେ ବସି ଚିମିନି ସଫା କଲାବେଳେ ତଳକୁ ଚାହିଁ ତୁମ ମୁଣ୍ଡ ହୁଏତ ବୁଲେଇପାରେ, କିନ୍ତୁ ଟମ୍‌ର ନୁହେଁ। ସେପ୍ଟେମ୍ବର ରାତିରେ ଛାତ ଉପରେ ଓଦା ପୋଷାକରେ ବସିଲେ ତୁମକୁ ନିଶ୍ଚିତ ଭାବେ ଥଣ୍ଡା ଲାଗିବ, କିନ୍ତୁ ଟମ୍ ଥିଲା ଜଳ-ଶିଶୁ, ତେଣୁ ମାଛକୁ ଯେତିକି ଥଣ୍ଡା ଲାଗେ ତାକୁ ତା'ଠୁ ଅଧିକା ଲାଗୁ ନ ଥିଲା।

ପିଲାମାନେ ସୁନ୍ଦର ହସ୍ତାକ୍ଷରରେ ନିଜ ନିଜର ନାଁ ଲେଖିବା ଶିଖି ସାରିଥିଲେ। କେତେ ପଇସାରେ ଗୋଟିଏ ଅଣା, କେତେ ଅଣାରେ ଗୋଟିଏ ଟଙ୍କା, ଅପ୍ରେଲ ମାସରେ କେତେ ଦିନ, କେତେ କିଲୋରେ କେତେ ଟନ୍- ପିଲାମାନେ ସବୁ ଶିଖି ସାରିଥିଲେ। ଏବେ ସେମାନେ କେତେବେଳେ ଏକାଠି ହୋଇ ପାଠ ମୁଖସ୍ଥ କରୁଛନ୍ତି ଏବଂ କେତେବେଳେ ଖେଳୁଖେଳୁ ଜଣକ ଉପରେ ଜଣେ ପଡ଼ି ଯାଉଛନ୍ତି, ଯାହାଦ୍ୱାରା ତାଙ୍କର ପିନ୍ଧିଥିବା ଘାଘରା ଚିରିଯାଉଛି। ଡଲ୍‌ସି ବୋଧହୁଏ କାନ୍ଦୁଛି, ତା' ଉପରେ ଏକାବେଳକେ ତା'ର ତେରଜଣ ସାଙ୍ଗ ବସିପଡ଼ିଛନ୍ତି। ହେଇ, ଡଲ୍‌ସି, ଶୁଣ! ଡ୍ରିଲ କ୍ଲାସ୍‌କୁ ଗଲାବେଳେ ଅନେକ ଉଦ୍ଧତ ପୁଅ ତାଙ୍କ ଓଦା ଓଠରେ ମୋତେ ଚୁମ୍ବନ ଦେଇଛନ୍ତି। ଆମ ଘରକୁ ଆସୁଥିବା ଅନେକ ଝିଅଙ୍କ ଉପରେ ମୁଁ ଓଟରେ ବସିଲା ପରି ବସିଛି। କିନ୍ତୁ ମୁଁ ଆଲୋକର ରଶ୍ମିରେ ପହଁରେ, ମୁଣ୍ଡ ତଳକୁ ଗୋଡ଼ ଉପରକୁ କରି ଏବଂ ମୁଁ ନିଜକୁ ସଂପୂର୍ଣ୍ଣ ଭାବେ ଦେଖିପାରେ ପ୍ରତ୍ୟେକ ଦିଗରୁ। ବୋଧହୁଏ ମୁଁ କୌଣସି ଏକ ତଥ୍ୟ ଆବିଷ୍କାର କରିବାର ଅତ୍ୟନ୍ତ ନିକଟରେ ଛିଡ଼ା ହୋଇଛି, ବୋଧହୁଏ ତଥ୍ୟ ଆବିଷ୍କାର କରିସାରିବା ପରେ ମୋତେ ଜଞ୍ଜିର ବାନ୍ଧି ଘରକୁ ପଠେଇ ଦିଆଯିବ। ତା'ପରେ ମୋ' ଜୀବନ ଗୋଟେ କୀଟ ପରି ହୋଇଯିବ ଏବଂ ମୁଁ ପ୍ୟୁପା ଅବସ୍ଥାରେ ରହିବି। କେତେଦିନ ସେଇ ଅବସ୍ଥାରେ ରହିବି ତା'ପରେ? ଯେଉଁ ସ୍ତ୍ରୀଲୋକ ଛିଡ଼ା ହୋଇଛି ସେଇଠି, ବିଶାଳ ନିତମ୍ବ ଯାହାର, ସେ ମୋ' ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ମୋ' ପାଖରେ ଥିବା ଛଅ ଅଣାରେ ମିଠେଇ ନ କିଣି ମୁଁ ତା' ପାଇଁ ସଞ୍ଚୟ କରି ରଖିଛି। ଏହାକୁ ଆଉ କିଛି ନ କହି ଭଲପାଇବା କୁହାଯାଇ ପାରିବ? ଏବଂ ମୁଁ ତାକୁ କି ପ୍ରକାରର କଷ୍ଟ ଦେଲି? ସେ କ'ଣ ମୋତେ ଭଲ ପାଉଛି? ମୋର ଆବଶ୍ୟକତା ଖୁବ୍ ବଡ଼, ମୁଁ ଦେଖିପାରୁଛି। କିନ୍ତୁ ଅନ୍ୟ ପିଲାମାନେ ମଧ ଅଛନ୍ତି(ସେମାନଙ୍କ ଭିତରୁ ମୁଁ ଜଣେ), ଚିତ୍କାର କରୁଛନ୍ତି, ଯନ୍ତ୍ରଣାରେ କି ଖୁସିରେ ମୁଁ ଅବଶ୍ୟ ଜାଣେନା। ତିନିଜଣିଆ ଦଳରେ ଥିବା ପିଲାମାନେ ଖୁବ୍ ଭଲ, ସେମାନେ ଗତକାଲି ରାତିରେ ତାଙ୍କ ମା'ମାନଙ୍କୁ ଗୀତ ଶୁଣେଇବାକୁ ଅନୁରୋଧ କରିଥିଲେ, ଆଜି ନିଜନିଜ ଭିତରେ ଝଗଡ଼ା କରି ଗୋଡ଼ ହାତ ଭାଙ୍ଗୁଛନ୍ତି। ସନ୍ଧ୍ୟାବେଳକୁ କୋଉ ପିଲାର ବେକ ଦରଜ ତ କାହାର ମୁଣ୍ଡ ବାଳ ଉପୁଡ଼ି ଯାଇଛି, କାହା ନଖ ଭିତରେ ମାଟି ପଶି ଯାଇଛି ତ କାହାର ପୋଷାକ ଚିରିଯାଇଛି। କାହିଁକି? ସେମାନେ ପ୍ରଥମେ ପିଲାଙ୍କ ପରି ହେବା ଉଚିତ।

ମୁଁ ଦିନେ ଲମ୍ବା, ସୌମ୍ୟା ଏବଂ ସବୁ ଦୃଷ୍ଟିରୁ ସୁନ୍ଦର ନାରୀଟିଏ ହୋଇ ବଡ଼ ହେବି। କିନ୍ତୁ ମୋର ଇଚ୍ଛାକୁ ଅନେକ ଲୋକଙ୍କ ଉପରେ ଲଦିବି। ମୋର ଯନ୍ତ୍ରଣା ମଧ ଲଦିବି ନିଜର ଚିତ୍ତ ବିନୋଦନ ପାଇଁ। ଏବେ କିନ୍ତୁ ମୁଁ ସ୍ପଷ୍ଟ ଭାବରେ ଦେଖିବାକୁ ଚେଷ୍ଟା କରିବି। ମୁଁ ଫରକ ଜାଣିବାକୁ ଚେଷ୍ଟା କରିବି। ମୁଁ ଚେଷ୍ଟା କରିବି ଦେଖିବା ପାଇଁ ସୂକ୍ଷ୍ମତମ ବିଭେଦ- ଲୁଗାରେ ଛପା ହୋଇଥିବା ବିଭିନ୍ନ ରଙ୍ଗ ମଧରେ, ଆଙ୍ଗୁଠିର ନଖଙ୍କ ମଧରେ, ଲୋକଙ୍କ ବ୍ୟବହାର ମଧରେ। ସେଇ ଯେଉଁ ସ୍ତ୍ରୀଲୋକ ଛିଡ଼ା ହୋଇଛି ସେ କ'ଣ ନିଷ୍ଠୁର? ସେ କ'ଣ ମୋତେ ଭଲପାଏ? ଯଦି ନ ପାଏ, ମୁଁ କ'ଣ ତାକୁ ବାଧ କରିପାରିବି? ମୁଁ ଏ ପର୍ଯ୍ୟନ୍ତ ଲମ୍ବା, ସୌମ୍ୟ ଓ ସୁନ୍ଦର ହୋଇନାହିଁ ଯେ ଲୋକଙ୍କ ଉପରେ ମୋ' ଇଚ୍ଛାକୁ ଲଦିପାରିବି। ଏବେ ମୁଁ ଆଲୋକ ରଶ୍ମିରେ ପହଁରୁଛି ଏବଂ ମୁଁ ନିଜକୁ ସଂପୂର୍ଣ୍ଣ ଭାବେ ଦେଖିପାରୁଛି। ହଳଦିଆ ରଙ୍ଗର ସ୍କୁଲ ଘର, ଛିଡ଼ା ହୋଇଛି ସବୁଜ ପତ୍ରରେ ଭର୍ତ୍ତି ବଡ଼ବଡ଼ ଗଛମାନଙ୍କ ମଝିରେ। ଭିତରେ ଆମର ଡେସ୍କ ସବୁ ପଡ଼ିଛି ଓ ଚଷମା ପିନ୍ଧି ଜଣେ ମହିଳା ପିଆନୋ ବଜେଉଛନ୍ତି। ଯେଉଁ ଝିଅ ବ୍ରିଟିଶ୍ ଗୀତିକାର ଥୋମାସ୍ ବେଲିଙ୍କ 'ଗେଲି ଦି ଟ୍ରୁବାଡର' ଗୀତକୁ ମଧୁର ସ୍ୱରରେ ଗାଉଛି, ସେ କ'ଣ ମୋର ସବୁଠୁ ଭଲ ସାଙ୍ଗ ହେବା ପାଇଁ ଯୋଗ୍ୟ? ସେଇ ଝିଅ, ଅପରିଷ୍କାର ଓ ଝାଲୁଆ ଦେହରେ, କଥାକୁହା ପକ୍ଷୀଙ୍କ ପାଇଁ ଯନ୍ତା ବସେଉଛି। ସେ କ'ଣ ମୋର ପ୍ରଲୋଭନ? ଓଃ, ଏ ହୁଏତ ଅନ୍ୟ ଅପେକ୍ଷା ଅଧିକ ଭଲପାଇବା ହୋଇପାରେ। କିନ୍ତୁ ଏହା କେମିତି ସମ୍ଭବ ଯେ ମୋର ଯେଉଁ ଅବୟବମାନେ ଘୃଣା କରନ୍ତି, ସେମାନେ ପୁଣି ପ୍ରେମ ମଧ କରନ୍ତି? ଏହା କେମିତି ସମ୍ଭବ ଯେ ଯେଉଁ ଅବୟବମାନେ ମୋତେ ଅନ୍ଧ କରନ୍ତି, ସେମାନେ ହିଁ ମୋତେ ଦେଖାନ୍ତି? ମୁଁ ନିରାଶ୍ରୟ ଏବଂ ନିର୍ବଳ। ମୁଁ କିନ୍ତୁ ଚେଷ୍ଟା କରିବି ସ୍ପଷ୍ଟ ରୂପେ ଦେଖିବା ପାଇଁ। ମୁଁ ଚେଷ୍ଟା କରିବି ସବୁ କଥା ଅଲଗା ଓ ବିଭାଜିତ କରିବାକୁ ସତେଯେମିତି ସମସ୍ତେ ବାନ୍ଧି ହୋଇ ରହିଛନ୍ତି, ଯେମିତି ସେମାନେ ଦୋକାନୀର ଥାକରେ ଥିବା ଲୁଗା। ସେ କ'ଣ ମୋ' ମା'? ସେ କ'ଣ ଏଠି ଅଛି ମୋତେ ଲଜ୍ଜାଜନକ ସ୍ଥିତିରେ ପକେଇବାକୁ? ସେ ଯେତେବେଳେ ଏଠି ନ ଥିବ ଓ ଅନେକ ଦିନ ପୂର୍ବରୁ ଚାଲିଯାଇଥିବ, କ'ଣ କହିବି ତା' ବିଷୟରେ? ତା' ଭଲଗୁଣ ସବୁ ତା' ହସରେ ହିଁ ଥାଏ। ମୁଁ କ'ଣ ସବୁବେଳେ ଏ କଥା ମନେ ରଖିବି? ମୁଁ କ'ଣ ସନ୍ତ୍ରସ୍ତ? ଏବଂ ମୁଁ ଯଦି ସେମିତି, ତେବେ ମୁଁ କ'ଣ ସବୁବେଳେ ସେମିତି ରହିବି? ମୁଁ ନିଜ ଇଚ୍ଛା ମୁତାବକ ରାସ୍ତା ପାଉ ନ ଥିବା ହେତୁ ମୋ' ଭିତରେ ବିରକ୍ତ ଭାବ ଆସୁଛି, ମୋ' ହାତ ମୁଠାକୁ ମୁଁ ଜୋର୍‌ରେ ଚାପି ଧରୁଛି। ମୋର ସୌନ୍ଦର୍ଯ୍ୟ ସୀମିତ ଏବଂ ମୁଁ ଏ ପର୍ଯ୍ୟନ୍ତ ହସିବା ଶିଖିନି। ମୁଁ ଅନେକ ଫୁଲ ତୋଳିଛି, କିନ୍ତୁ ସେ ସବୁକୁ ଜାଣିଜାଣି ପାଖୁଡ଼ା ପାଖୁଡ଼ା କରି ଛିଣ୍ଡେଇ ଦଳି ଫୋପାଡ଼ି ଦେଇଛି। ମୋ' ଭିତରେ ଅତ୍ୟନ୍ତ ଦୁଃଖ ସତ୍ତ୍ୱେ, ମୋ' ମୁହଁ ଝାଳରେ ଓଦା ହୋଇଥିବା ସତ୍ତ୍ୱେ, ମୁଁ ଛିଡ଼ା ହୋଇପାରେ, ଚାଲି ପାରେ ଏବଂ କଠୋର ଦଣ୍ଡ ସାମ୍ନାରେ ମିଛ ବି କହିପାରେ। ମୋର ବର୍ତ୍ତମାନର ନିରାଶ୍ରୟ ଓ ଦୟାପୂର୍ଣ୍ଣ ଅବସ୍ଥାରେ ମୁଁ ବଡ଼ ବିପଦ ଦେଖିପାରୁଛି। ମୋତେ କ'ଣ କରିବାକୁ ହେବ, ଏହା ତାହାର ଏକ ଚିଠା। ତେବେ ଯାଇ ମୋର ଜୀବନ ଏକ ପୋଷାକ ତିଆରି କରି ଶିଖୁଥିବା ପ୍ରଶିକ୍ଷଣାର୍ଥୀ ପରି ହେବ। କଣ୍ଟାଯୁକ୍ତ ପଥକୁ ଯତ୍ନର ସହିତ ଚାଲିବାକୁ କିମ୍ବା ବର୍ଜନ କରିବାକୁ ହେବ? ଭିତରେ, ଚଷମା ପିନ୍ଧି ମହିଳା ଜଣକ ପିଆନୋ ବଜେଉଛନ୍ତି, ପିଲାମାନେ ମିଳିତ ସ୍ୱରରେ ଗୀତ ଗାଉଛନ୍ତି। ପିଲାମାନଙ୍କର ସ୍ୱର: ଗୋଲାପୀ, ନୀଳ, ହଳଦିଆ, ବାଇଗଣୀ-ସବୁ ଝୁଲନ୍ତା। ସମସ୍ତେ କୋମଳ, ସମସ୍ତେ ଆଲିଙ୍ଗନବଦ୍ଧ, ସମସ୍ତେ ପରସ୍ପରକୁ ଆଶ୍ୱାସନା ଦେଉଛନ୍ତି। ଏବଂ ମୁଁ, ମୋର ଏଇ ବୟସରେ ମଧ କଷ୍ଟ ପାଉଛି। ମୋର ଲୁହ ଖୁବ୍ ବଡ଼, ମୋର ଦୁଇ ଗାଲ ଦେଇ ଅସମାନ ଧାର ହୋଇ ବୋହିଯାଉଛି- ମୋର ଲୁହ ଖୁବ୍ ବଡ଼ ଏବଂ ତାକୁ ଧରି ରଖିବାକୁ ମୋର ହାତ ଖୁବ୍ ଛୋଟ। ମୋର ଲୁହ ମୋର ନିରାଶାର ପରିଣାମ। ମୋର ନିରାଶାମାନେ ଏକାଠି ଛିଡ଼ା ହୁଅନ୍ତି ଏବଂ ଆହୁରି ଲମ୍ବା ହୋଇ ବଢ଼ନ୍ତି। ସେମାନେ ମୋ' ନିକଟରୁ ହଜି ଯିବେନି। ସେମାନେ ସେଇଠି ସବୁବେଳେ। ଏବେ ମୁଁ ତାକୁ ପିନ୍ ମାରି ଦିଏ। ନୂଆ ଗୃହପାଳିତ ପଶୁ ପରି ଏବେ ମୁଁ ସେମାନଙ୍କୁ ପଞ୍ଜିକୃତ କରେ। ଏବେ ମୁଁ ମୋର ନିରାଶାମାନଙ୍କୁ ଆପଣେଇ ନିଏ, ଚଉଡାଏ, ମୋ' ଛାତିରେ ଲଗାଏ, ଯେହେତୁ ସେମାନେ ମୋ' ପାଇଁ ମହତ୍ତ୍ୱପୂର୍ଣ୍ଣ।

କିନ୍ତୁ ପୁଣିଥରେ, କିନ୍ତୁ ମୁଁ ଆଲୋକର ରଶ୍ମିରେ ପହଁରେ, ମୁଣ୍ଡ ତଳକୁ ଗୋଡ଼ ଉପରକୁ କରି, ଏବଂ ମୁଁ ନିଜକୁ ସଂପୂର୍ଣ୍ଣ ଭାବେ ଦେଖିପାରେ, ପ୍ରତ୍ୟେକ ଦିଗରୁ। ସେଇଠି, ମୁଁ କୌଣସି ଏକ ତଥ୍ୟ ଆବିଷ୍କାର କରିବାର ଅତ୍ୟନ୍ତ ନିକଟରେ ଛିଡ଼ା ହୋଇଛି ଏବଂ ଏହା ସମ୍ଭବ ଯେ ଇତିହାସର ଏକ ପ୍ରାଚୀନ ତଥ୍ୟ ପରି, ମୋର ଉପସ୍ଥିତି କୌଣସି ସିଦ୍ଧାନ୍ତ ପାଇଁ କିଛି ସ୍ଥାନ ଛାଡ଼ିଦେବ। କିନ୍ତୁ କିଏ କହିବ? ଅନେକ ଦିନ ଧରି ମୋ' ଶରୀର ପାଣି ସଂଗ୍ରହ କରୁଛି, ତଥାପି ମୁଁ କାନ୍ଦିବିନି। ତା'ର ଅର୍ଥ କ'ଣ? ଅବାଞ୍ଛିତ ବୋଝ ବୋହି ଚାଲୁଥିବା ନାରୀ ମୁଁ ନୁହେଁ। ମୁଁ କୌଣସି ନିଷ୍ଠୁର ଓ ପ୍ରେମରହିତ ମାଲିକର କୁକୁର ନୁହେଁ। ମୁଁ ବଞ୍ଜର ଜମିର ବୃକ୍ଷ ନୁହେଁ। ମୁଁ କାଳକୋଠରିର ଅନ୍ଧାର ମଧ ନୁହେଁ। କେଉଁଠି? କ'ଣ? କାହିଁକି? କେମିତି ତା'ହେଲେ? ଓଃ, ତା! ମୁଁ ପ୍ରାଚୀନ ଓ ପକ୍ଷବିହୀନ।

– ଅନୁବାଦ: ସତ୍ୟ ପଟ୍ଟନାୟକ

## କବିତା

### ବାଲୁରି ଝିଅ

ସ୍ୱୟମ୍ବରା ପଟ୍ଟନାୟକ

ମୁଣ୍ଡ ବାଳ ଆଲୁରୁବାଲୁରୁ
କପାଳ ଦେଇ ଛୁଇଁ ଯାଉଥାଏ
ଆଖି ଉପରକୁ
କେବେକେବେ ହାତରେ ଆଡ଼େଇଦିଏ
ଅମାନିଆ ବାଳ କେରାକ ପୁଣି ଥରେ
ଝୁଲି ଆସେ ମୁହଁ ଉପରକୁ।

ଦେହରେ ହାତରେ କେଉଁଠି
କାଳି ମେଞ୍ଚାଏ ତ କେଉଁଠି
କାଦୁଅ ମେଞ୍ଚାଏ
ବୋଳି ହୋଇ ଯାଇଥାଏ
ନିଘା ନଥାଏ ସେଥିକୁ
ବସ୍ତାନିରେ ବହି ଦି' ଖଣ୍ଡ
ଖଡ଼ି ସିଲଟ ଧରି ସ୍କୁଲ୍‌କୁ ଧାଉଁ ଧାଉଁ
କାନ୍ଧରୁ ଖସି ପଡୁଥିବା ଫ୍ରକ୍‌କୁ
ହାତ ଉଠାଇ ଉପରକୁ ଟେକି ଦେବାର
ପ୍ରୟାସ କରୁଥାଏ ଥରକୁ ଥର।

ଏମିତିରେ ଧଇଁସଇଁ ହୋଇ
ସ୍କୁଲ୍‌ରେ ପହଞ୍ଚି ଯାଉଥିବା ଝିଅଟିର
ଅଲରା ବାଳକୁ ସଜାଡ଼ି ଦେଇ
କାନ୍ଧରୁ ଖସି ଯାଉଥିବା ଫ୍ରକ୍‌ର
ବୋତାମ ଲଗାଇ ଦେଇ
ତା' ଗାଲକୁ ଗେହ୍ଲାରେ ଟିକେ
ଟିପ ମାରିଦେଇ ମୁଁ କହେ ବାଲୁରି ଝିଅ
କିଛି ବୁଝି ନପାରି ସେ ଖାଲି ହସିଦିଏ
ଭଲ ଲାଗେ ଦେଖିବାକୁ ତା' ହସ।

ବାଲୁରି ଝିଅ ପଢୁଥିଲା ଭଲ ପାଠ
ଶୁଣିଥିଲି ଅଧା ରାସ୍ତାରେ
କେଉଁ ଚୋରା ବାଲିରେ
କେମିତି କେଜାଣି
ଖସି ଯାଇଥିଲା ତା' ପାଦ।

ଝିଅଟିର ନାଁଟିକୁ ମୁଁ ଭୁଲି ନଥିଲି
ନିଶିଗନ୍ଧା, ଏତେ ସୁନ୍ଦର ନାଁଟିଏ
ଭୁଲି ଥା'ନ୍ତି ବା କିପରି?

ଅନେକ ଦିନ ପରେ
ଦେଖିଥିଲି ଝିଅଟିକୁ
ଏକ ନ ଦେଖିବା ଜାଗାରେ
ରେଲୱେ ପ୍ଲାଟ୍‌ଫର୍ମର
ଅନ୍ଧାରୁଆ ସ୍ଥାନରେ
କାଖରେ ରୁଗ୍ଣ ଶିଶୁଟିଏ
ଚାହିଁଥିଲା କିଛି ସାହାଯ୍ୟ ଆଶାରେ
ପାଖକୁ ଯାଇ ମୁଁ ପଚାରିଲି
ନିଶିଗନ୍ଧା କି?

ମୁହଁ ବୁଲାଇ ଲୁଚିଗଲା ଅନ୍ଧାର ଭିତରେ
ଛାଇଟିଏ ପରି ବିନା ଉତ୍ତରରେ।

ମୋ: ୯୯୩୭୫୬୧୫୯୩

### ଅନସୂୟା

ଯଶୋବନ୍ତ ସେଠୀ

ଏଇ ତ କିଛିକ୍ଷଣ ପୂର୍ବରୁ
ମୁଁ ସମାଧି ଦେଇ ଆସିଛି
ତା' ସହିତ ମୋର
ସମସ୍ତ ଅନ୍ତରଙ୍ଗ ମୁହୂର୍ତ୍ତର ଉଦ୍ଦାମତା
ଇଚ୍ଛାମାନଙ୍କର ମୁହୁର୍ମୁହୁଃ ଉଦ୍‌ବେଳନ
ସରାଗମାନଙ୍କର ଅନାବିଳତା
ଅସୂୟାମାନଙ୍କର ଅକଥ୍ୟ ନିର୍ମମତା।

ତମେସବୁ ମୋ' ହାତରେ
ତ୍ରିପିଟକଟିଏ ଦେଖି
ଆଶ୍ଚର୍ଯ୍ୟାନ୍ୱିତ ହେଉଥାଇପାର;
କିନ୍ତୁ କେଉଁଠୁ, କେବେ, କେମିତି, କାହିଁକି
ଏହା ମୋର ହସ୍ତଗତ ହେଲା,
ଜଣେ କେହି ଥରେ ହେଲେ ତ ପଚାର!

ସତରେ ମୁଁ ବି ଜାଣେନା
ସେ ଥିଲା କେଉଁ ବେହିସାବି ରାତ୍ରିର
କେଉଁ ନିଃଶବ୍ଦ ପ୍ରହର।
ଏବଂ ସେତେବେଳେ
ମୋ' କାନକୁ କାହିଁକି ଶୁଭିନଥିଲା
କୁଢ଼କୁଢ଼ ଝରାଶେଫାଳୀ
ଶତଶତ ଅଭିଶପ୍ତା ପାଷାଣୀ
ଅହଲ୍ୟାଙ୍କର
ବେଦନାର ଉଚ୍ଚାଟ ଅନ୍ତଃସ୍ୱର।

ନିର୍ବାଣାର୍ଥେ ମୋର ଏ ଯାତ୍ରା;
ମତେ କେହି ପଛରୁ ଡାକନା।
ଅବିଶ୍ୱାସ ହେଉଥିଲେ
ମୋର ପେଡ଼ିପୁଟୁଳା ଖୋଲି
ଦେଖିପାର।
ବୁଦ୍ଧ, ଧର୍ମ, ସଂଘର
ଦୁର୍ବାର ଆକର୍ଷଣ ଛଡ଼ା
ଆଉ କିଛି ମିଳିଗଲେ
ହାତଗୋଡ଼ ବାନ୍ଧି ସର୍ବସମ୍ମୁଖରେ
ମତେ ତମେ ହତ୍ୟା କରିପାର।

ମୋ: ୯୪୩୭୩୪୩୪୫୭

### ବାଲିଘର

ସ୍ୱାଗତିକା ଜେନା

ସାରା ସହରଟା ଶୋଇଗଲା ପରେ
ନୀରବ ନିଥର ମନ ମୋର
ସାଉଁଟୁଥାଏ ଅତୀତକୁ
ଖଦ୍ୟୋତର ଆଲୋକରେ,
ଚାହିଁଥାଏ ତୁମ ଫେରିବା ବାଟକୁ
ଆକାଶର ତାରାମେଳେ
ଅବା କେଉଁ ଅଶରୀରୀର
ଧୂସର ଛାଇ ହେଉ,
ତୁମ ସାନ୍ନିଧ ଟିକିଏ ପାଇବା ପାଇଁ।

ଡହଡହ ତତଲା ଝାଞ୍ଜିରେ
ଦଗ୍‌ଧ ହୃଦୟରେ ମୋର
ସାଇତା ସ୍ମୃତି ସବୁ ପରସ୍ତ ପରସ୍ତ
ତରଳ ଲାଭା ହୋଇ ଆଖିରୁ ମୋ
ବୋହିଯାଏ ଚିବୁକ ଦେଇ।

ବେଳେବେଳେ ଇଚ୍ଛାହୁଏ
ଗପିବାକୁ ଅତୀତର ସେଇ
ଖଟାମିଠା ଅନୁଭୂତି ସବୁ,
ପାହାନ୍ତି ତାରାର ଚିକିମିକି ଆଲୁଅରେ
ଭିଜା ଆଖି ମୋର ଖୋଜିବୁଲେ
ତୁମର ସେ କମନୀୟ ଛବି।

କେମିତି ଭୁଲିଗଲ, ସାଥିହୋଇ
ତୋଳିଥିବା ସେଇ ବାଲିଘର କଥା!
ସେଥିରେ ଖଞ୍ଜିଥିବା ଛୋଟଛୋଟ
ଶାମୁକା ଦୁଇଟିର ଖିଲିଖିଲି ହସ!
ଆଉ ଘରଚଟିଆର କିଚିରିମିଚିରି
ଶବ୍ଦ ସବୁ ଧୋଇଗଲା
ମହାମାରୀର କରାଳ ଢେଉରେ।

ମୋ: ୯୦୯୦୪୭୨୧୭୩

## ପୁସ୍ତକ ପରିଚୟ

### ମନର ବୈଜ୍ଞାନିକ ପରିଭାଷା




**ଲେଖିକା:** ପ୍ର. ସଂଗୀତା ରଥ
**ପ୍ରକାଶକ:** ବୁକ୍‌ମେଟ୍, କଟକ
**ପ୍ରଥମ ପ୍ରକାଶ:** ୨୦୧୮, **ମୂଲ୍ୟ:** ଟ.୧୫୦/-

ମୋଟ ୧୭ଟି ମନୋବୈଜ୍ଞାନିକ ନିବନ୍ଧକୁ ନେଇ ଆଲୋଚ୍ୟ ନିବନ୍ଧ ଗ୍ରନ୍ଥଟି ପରିକଳ୍ପିତ। ଗ୍ରନ୍ଥାରମ୍ଭରେ ଥିବା ଗଦ୍ୟଲେଖ ''କଥା ଦି'ପଦ''ରେ ଲେଖିକା ଗ୍ରନ୍ଥସ୍ଥ ନିବନ୍ଧଗୁଡ଼ିକର ପ୍ରାସଙ୍ଗିକତା ଓ ବିଶେଷତ୍ୱକୁ ଅତି ସରଳ ଭାବେ ବିଶ୍ଳେଷଣ କରିଛନ୍ତି। ତାଙ୍କ ବିଚାରରେ ମଣିଷର ମନ ଚିର ରହସ୍ୟମୟ ଓ ଏହା ଶରୀରକୁ ନାନା ଭାବେ ପ୍ରଭାବିତ କରିଥାଏ। ମନକୁ ବୁଝିପାରିଲେ ଜୀବନର ନାନା ଜଟିଳ ସମସ୍ୟାର ସମାଧାନ ସହଜ ହୋଇଥାଏ। ବାର୍ଦ୍ଧକ୍ୟ ସହିତ ଶରୀର ନୁହେଁ, ମନ କିପରି ଅଧିକ ସଂଶ୍ଳିଷ୍ଟ, ତା'ର ବିଶ୍ଳେଷଣ କରାଯାଇଛି 'ବାର୍ଦ୍ଧକ୍ୟ: ଶାରୀରିକ ନୁହେଁ ମାନସିକ' ନିବନ୍ଧରେ। ସେହିପରି ଆତ୍ମହତ୍ୟା ଭଳି ଗୁରୁତର ସମସ୍ୟାକୁ ନେଇ ମନସ୍ତତ୍ତ୍ୱର ଅବଧାରଣାକୁ ଲେଖିକା 'ସାହାଯ୍ୟ ପାଇଁ ନିବେଦନ'ରେ ବ୍ୟାଖ୍ୟା କରିଛନ୍ତି। ଅବସାଦଗ୍ରସ୍ତ ବ୍ୟକ୍ତି ଆତ୍ମହତ୍ୟା ପୂର୍ବରୁ ଅନ୍ୟମାନଙ୍କର ସାହାଯ୍ୟ ପାଇବାକୁ ଚାହେଁ, ଯାହା ସାଧାରଣତଃ ଅଣଦେଖା ହେବାରୁ ମୃତ୍ୟୁ ହିଁ ଅବସାଦିତ ବ୍ୟକ୍ତିର ପରିଣତି ହୋଇଉଠେ। ଏହି ପ୍ରସଙ୍ଗରେ ଗ୍ରନ୍ଥସ୍ଥ 'ମାନସିକ ଅବସାଦରୁ ମୁକ୍ତି ଆତ୍ମହତ୍ୟା କି?' ନିବନ୍ଧ ତାତ୍ପର୍ଯ୍ୟପୂର୍ଣ୍ଣ ମନେହୁଏ। ଗ୍ରନ୍ଥରେ ସ୍ଥାନିତ 'ମାନସିକ ଚାପର ନିୟନ୍ତ୍ରଣ', 'ମନ ଓ ଶରୀର: ଭିନ୍ନ ଅଥବା ଅଭିନ୍ନ', 'ରୋଗ, ରୋଗୀ ଓ ଚିକିତ୍ସା ବିଜ୍ଞାନ', 'ସୁଖ ଏକ ଅନ୍ତର୍ନିହିତ ମାନସିକ ପ୍ରକ୍ରିୟା', 'ସମଲିଙ୍ଗୀ ଯୌନ ସମ୍ପର୍କ: ଏକ ମନସ୍ତାତ୍ତ୍ୱିକ ବିଶ୍ଳେଷଣ', 'ନାରୀର ସୌନ୍ଦର୍ଯ୍ୟ ସଚେତନତା: ମନୋବୈଜ୍ଞାନିକ ବିଚାର', 'ପ୍ରେମ ଏକ ଜୈବ ରାସାୟନିକ ପ୍ରକ୍ରିୟା' ଓ 'ଯୁକ୍ତିହୀନ ବିଶ୍ୱାସ ଓ ବିଜ୍ଞାନ' ଆଦି ନିବନ୍ଧ କେବଳ ଶିକ୍ଷଣୀୟ ହୋଇ ନାହିଁ, ପରିବେଷଣଗତ ସୌକର୍ଯ୍ୟ ଯୋଗୁଁ ପାଠକୀୟ ଶ୍ରଦ୍ଧାର ଭାଜନ ହୋଇପାରିଛି।

### ମଝି ଆକାଶର ଖରା




**କବି:** ନରେଶ ମଣ୍ଡଳ
**ପ୍ରକାଶକ:** ଟାଇମ୍ ପାସ୍, ବରମୁଣ୍ଡା, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ.୧୨୫/-

୫୫ଟି କବିତା ଆଲୋଚ୍ୟ କବିତା ଗ୍ରନ୍ଥରେ ସ୍ଥାନିତ ଓ ପ୍ରତ୍ୟେକଟି କବିତା କଳେବର ଦୃଷ୍ଟିରୁ ସ୍ପୃହଣୀୟ ଭାବେ ସଂକ୍ଷିପ୍ତ। କେତେକ କବିତା ଭାଷା ଦୃଷ୍ଟିରୁ ଖୁବ୍ ସରଳ ଓ ଆଉ କେତେକ ଇଙ୍ଗିତଧର୍ମୀ। 'ତାତି' ଓ 'ମାଧ୍ୟମ'କୁ ଏହାର ଉଦାହରଣ ଭାବେ ନିଆଯାଇପାରେ। 'ଶବ୍ଦପ୍ରୀତି' କବିତାରେ କବି କହନ୍ତି- ''ମୋର ଏକାକୀତ୍ୱକୁ କେବଳ ସେଇମାନେ ହିଁ ଚିହ୍ନନ୍ତି।'' 'ଶବ୍ଦ' କବିର 'ଏକାକୀତ୍ୱ'କୁ ଚିହ୍ନେ- ଏହା କିଛି କମ୍ କଥା ନୁହେଁ। ଶବ୍ଦ ଭିତରେ ନ ବୁଡ଼ିଲେ ଏପରି ଅନୁଭବ କବିର ଆସେ ନାହିଁ। 'ସୋନାଗାଛି' ବହିର ଶେଷ କବିତା ଓ ଖୁବ୍ ଦୀର୍ଘ। କବିତାଟି ପଢ଼ିଲେ ମନେହୁଏ, କବି ନିଜର ସମଗ୍ର ଏକାଗ୍ରତାକୁ ଏକାଠି କରି ଏଇଟିକୁ ଲେଖିଛନ୍ତି। ଏହାର ବହୁ ଧାଡ଼ି ଫାଙ୍କରେ ଅଭାବୀ ନାରୀ ଜୀବନର କାରୁଣ୍ୟ ଉଙ୍କିମାରି ମୁହୂର୍ତ୍ତକେ ଅଦୃଶ୍ୟ ହୋଇଯାଉଛନ୍ତି। ସୋନାଗାଛିର ଗଣିକାଟି 'ଗୋଟାଏ ଅସହାୟା ବନ୍ଦୀ ଚଇତାଳି'- ଏଇ ଅର୍ଦ୍ଧବାକ୍ୟଟି ଭିତରେ ଅଛି ଯୌନତା, ଯାହା ଅନେକ ଦୀର୍ଘଶ୍ୱାସକୁ ଲୁଚାଇ ରଖିବାର କଳା ଶିଖିଛି। 'ନିଜ କଥା'ରେ କବି କହନ୍ତି: ''ମୋର ପ୍ରତିଟି କବିତାରେ ଅନୁଭବ କରିହୁଏ କିଛି ସ୍ୱପ୍ନ, କିଛି ସୃଜନ ଏବଂ କିଛି ସମ୍ଭାବନା।'' ବିଶିଷ୍ଟ କବି ହୃଦାନନ୍ଦ ପାଣିଗ୍ରାହୀ 'ମୁଖବନ୍ଧ'ରେ କହନ୍ତି: ''କବିତା ଦରଦ ଉଚ୍ଛୁଳାଏ।'' ଏହି ଉଭୟ ବକ୍ତବ୍ୟର ପ୍ରମାଣ ବହିର ବହୁ କବିତାରୁ ମିଳେ। ତେବେ 'ଛାତି ତଳେ କଟାଦାଗ', 'ତାତି', 'ଅନୁଚ୍ଚାରିତ ଉଚ୍ଚାରଣ' ଓ 'ଶେଷ ହସ' ଭଳି କବିତା ଏହି ପ୍ରସଙ୍ଗରେ ବିଶେଷ ଉଲ୍ଲେଖ ଦାବି କରନ୍ତି। 'ମଝି ଆକାଶର ଖରା' ଶୀର୍ଷକରେ କୌଣସି କବିତା ଗ୍ରନ୍ଥରେ ସ୍ଥାନିତ ହୋଇ ନ ଥିବାବେଳେ କବି ବହିଟିର ଏହି ଶୀର୍ଷକ ହିଁ ରଖିଛନ୍ତି। ନାମକରଣଟିରେ ଲୁଚି ରହିଛି କବିତା ଓ ସର୍ବୋପରି ଜୀବନର ରହସ୍ୟ, ଯାହାର ଉଦ୍‌ଘାଟନ ପାଇଁ ପାଠକ ବିବଶ ହେବାକୁ ବାଧ୍ୟ।

## କାଳକାଳକୁ

''ଆମ ପ୍ରତ୍ୟେକଙ୍କ ଜୀବନ
ହଜାରେ ଗୁଣ ବଡ଼
ଏକ ଏକ ସେକ୍ସପିୟରୀୟ ନାଟକ''
– ଆନ୍ନା ଆଖ୍‌ମାତୋଭା



**ଆନ୍ନା ଆଖ୍‌ମାତୋଭାଙ୍କ** ଜନ୍ମ ୨୩ ଜୁନ୍ ୧୮୮୯ରେ ଓ ପରଲୋକ ୫ ମାର୍ଚ୍ଚ ୧୯୬୬ରେ। ବିଂଶ ଶତକର ରୁଷୀୟ କବିତାରେ ଆନ୍ନା ହେଉଛନ୍ତି ଅତ୍ୟନ୍ତ ଉଲ୍ଲେଖନୀୟ କବୀ। ମିତବାକ୍ ଏହି କବୟିତ୍ରୀଙ୍କ କବିତାରେ ଆବେଗ ହୋଇଥାଏ ବଶ୍ୟ। ମୌଳିକ ତାଙ୍କ ଚିନ୍ତନ। ଦୃଢ଼ ଓ ପରିଚ୍ଛନ୍ନ ନାରୀସ୍ୱରଟିଏ ପାଠକ ପାଏ ତାଙ୍କ କବିତାରୁ। କବିତା ସାଙ୍ଗକୁ ଅନୁବାଦ ଓ ସ୍ମୃତିଲେଖ ରଚନାରେ ତାଙ୍କ ସିଦ୍ଧହସ୍ତତା ବିଶ୍ୱପ୍ରସିଦ୍ଧ। ୧୯୬୫ରେ ନୋବେଲ ପୁରସ୍କାର ପାଇଁ ସେ ହୋଇଥିଲେ ସଂକ୍ଷିପ୍ତ ତାଲିକାଭୁକ୍ତ।

## ଗଳ୍ପ

# ଘର ତିଆରି

ସତ୍ୟ ରଞ୍ଜନ ମିଶ୍ର

ବ୍ୟାଙ୍କ ମ୍ୟାନେଜର ରୂପେ ଚାକିରିରୁ ଅବସର ନେଲା ପରେ ରାଜକିଶୋର ବାବୁ ନିଷ୍ପତ୍ତି ନେଲେ ଯେ, ସେ ସାରାଜୀବନ ପରିଶ୍ରମ କରି ଅର୍ଜନ କରିଥିବା ପୁଞ୍ଜି ଅର୍ଥକୁ ଦାନଧର୍ମରେ ବିନିଯୋଗକରି ପୁଣ୍ୟ ଅର୍ଜନ କରିବେ। ଏକମାତ୍ର ପୁତ୍ର ଏବେ ନିଜ ପତ୍ନୀ ଓ ସନ୍ତାନ ସମେତ ଆମେରିକାର ସ୍ଥାୟୀ ବାସିନ୍ଦା। ଭାରତ ଫେରିବା ଆଉ ସେଠି ବସବାସ କରିବାର ସମ୍ଭାବନା ବହୁତ କମ୍। ଅର୍ଥାଭାବଜନିତ ସମସ୍ୟା ବି ନାହିଁ ସେମାନଙ୍କର। ତେଣୁ ଅଯଥା ଧନସଞ୍ଚି କୌଣସି ଲାଭ ନାହିଁ, ବରଂ ତାକୁ ଗରିବ ଶ୍ରେଣୀର ଲୋକଙ୍କ ମଧରେ ଦାନସୂତ୍ରରେ ବାଣ୍ଟିଦେବା ଉଚିତ ହେବ ଭାବି ରାଜକିଶୋର ବାବୁ ଏପରି ନିଷ୍ପତ୍ତି ନେଲେ।

ପତ୍ନୀ ଶକୁନ୍ତଳା କିନ୍ତୁ ଏଥିରେ ଆଦୌ ରାଜି ହେଲେନି। ସେ ରାଜକିଶୋର ବାବୁଙ୍କୁ କହିଲେ, ''ବୁଝିଲ, ଉକ୍ତ ଅର୍ଥକୁ ହାତକୁ ହାତ ଦାନ କରିବା ବଦଳରେ ଗୃହନିର୍ମାଣରେ ବିନିଯୋଗକର ଏବଂ ଘରକୁ ଚାହିଁ ଦାମୀ ଗାଡ଼ିଟିଏ ଆଣ। ସେଥିରେ ଅଧିକ ପୁଣ୍ୟ ପ୍ରାପ୍ତି ହବ।''

ଏକଥା ଶୁଣି ରାଜକିଶୋର ବାବୁ ଆଶ୍ଚର୍ଯ୍ୟାନ୍ୱିତ ହେଇ ପଚାରିଲେ, ''ଯେ କ'ଣ ଶକୁନ୍ତଳା, ସାରାଜୀବନ ଯିଏ ଧର୍ମପ୍ରାଣା ସ୍ତ୍ରୀ ରୂପେ ମୋ' ଆଖିରେ ଦୃଶ୍ୟମାନ ହେଉଥିଲା, ସେ ଆଜି ଦାନଧର୍ମ ଆଦିରୁ ମୋତେ ବିଚ୍ୟୁତ କରି ଗୃହନିର୍ମାଣ ଓ ଯାନବାହନ କ୍ରୟ ଆଦି ସ୍ଥୂଳକାର୍ଯ୍ୟ ପ୍ରତି ଆସକ୍ତି ବ୍ୟକ୍ତ କରୁଛି ତଥା ସେଥିରେ ପୁଣ୍ୟ ହବ ବୋଲି କହୁଛି? ମୁଁ ତ କିଛି ବୁଝିପାରୁନି! ତା'ଛଡ଼ା ଆମର ଏବେ ନୂତନ ଗୃହର କ'ଣ ଆବଶ୍ୟକତା ଅଛି? ପୁରୁଣା ଘରର ତ ବିଶେଷ କିଛି କ୍ଷୟକ୍ଷତି ହେଇନି। ଆଉ ପୁଣି ଏ ବୟସରେ ଦାମୀ ଗାଡ଼ି କ'ଣ ହବ? ଏ ସବୁରେ ଅର୍ଥ ବିନିଯୋଗର ମାନେ ହେଲା ଅର୍ଥର ଦୁରୁପଯୋଗ। ଏଥିରୁ ପୁଣ୍ୟ ମିଳିବ କୁଆଡୁ?''

ଶକୁନ୍ତଳା ଦେବୀ ହସିହସି ଉତ୍ତର ଦେଲେ, ''ଭାବିଲ ଦେଖି, ଗୃହନିର୍ମାଣ ଦ୍ୱାରା କେତେ ଲୋକଙ୍କ ରୋଜଗାର ବଢ଼ିବ! ପ୍ରଥମେ ତ ମୂଲ ଲାଗି ପେଟପୋଷୁଥିବା ମୂଲିଆ ମିସ୍ତ୍ରିମାନେ ମଜୁରି ଲାଭ କରିବେ। ତା'ପରେ ବାଲି, ଗୋଡ଼ି, ଇଟା, ସିମେଣ୍ଟ, ଲୁହା ରଡ୍ ଆଦି ପ୍ରସ୍ତୁତିରେ ସହଯୋଗ କରୁଥିବା ହଜାର ହଜାର ଲୋକ ନିଜର ପାରିଶ୍ରମିକ ପାଇବେ। ଘରେ ରଙ୍ଗ ଦେବାକୁ ହେଲେ ରଙ୍ଗ ପ୍ରସ୍ତୁତକାରୀ ଲୋକ ଏବଂ ରଙ୍ଗ ଲଗେଇବା କାମ କରୁଥିବା ରଙ୍ଗମିସ୍ତ୍ରି ରୋଜଗାରକ୍ଷମ ହବ। ଜଳ ନିଷ୍କାସନ ତଥା ଜଳ ସଂଯୋଗ ବ୍ୟବସ୍ଥା କରୁଥିବା ପାଇପ୍ ମିସ୍ତ୍ରି ଉପକୃତ ହବ। ବୈଦ୍ୟୁତିକ ସଂଯୋଗ କରୁଥିବା ମିସ୍ତ୍ରି କିଛି ପଇସା କମେଇବ। ନୂତନ ଘର ପ୍ରତିଷ୍ଠା କାମରେ ବ୍ରାହ୍ମଣ ପୂଜକଟିଏ ଧନ ଲାଭ କରିବ। ନୂତନ ଘରର ଆସବାବପତ୍ର କ୍ରୟ ଦ୍ୱାରା ଉକ୍ତ ଦୋକାନୀ ଲାଭବାନ ହବ। ତା'ଛଡ଼ା, ଆମେ ନୂଆ ଘରେ ନ ରହିଲେ ବି ସେଇ ଘରକୁ ଦୋକାନ ରୂପେ ବ୍ୟବହାର କରିବା ପାଇଁ ଭଡ଼ାସୂତ୍ରରେ ତ ଦେଇପାରିବା, ଯାହାଦ୍ୱାରା କିଛି ଲୋକ ରୋଜଗାରକ୍ଷମ ହେବେ। ସେହିପରି ନୂତନ ଯାନ କ୍ରୟ ଦ୍ୱାରା ସେଥିରେ ନିଯୁକ୍ତ କେତେ କେତେ ଯନ୍ତ୍ରୀ ଲାଭବାନ ହେବେ ଭାବିଲ ଦେଖି! ଯନ୍ତ୍ରାଂଶ ପ୍ରସ୍ତୁତ କରୁଥିବା ସଂସ୍ଥାର ଶହଶହ କର୍ମୀଙ୍କଠୁ ଯାନ ପ୍ରସ୍ତୁତି ତଥା ଯାନର ମରାମତି ଆଦି କାର୍ଯ୍ୟରେ ନିଯୁକ୍ତ ହଜାର ହଜାର କର୍ମୀ ରୋଜଗାର ପାଇବେ। ପେଟ୍ରୋଲ ଡିଜେଲ ଆଦି କ୍ରୟ ଦ୍ୱାରା କେତେ କର୍ମଚାରୀ ଉପକୃତ ହେବେ। ଏଥର କୁହ ତ ପରିଶ୍ରମ ବିନିମୟରେ ଅର୍ଥ ଖର୍ଚ୍ଚ ଆଉ ବିନା ପରିଶ୍ରମରେ ଅର୍ଥର ବଣ୍ଟନ ମଧରୁ କୋଉଟା ଅର୍ଥର ସଦୁପଯୋଗ? ବିନା ପରିଶ୍ରମ ମୂଲ୍ୟରେ ମାଗଣା ଅର୍ଥ ବଣ୍ଟନ ଦ୍ୱାରା ସେମାନେ ତା'ର ମୂଲ୍ୟ ବୁଝିବେ ତ? ନା କେବଳ ଅଳସୁଆପଣର ବେମାରି ସୃଷ୍ଟି ହବ? ଆଉ ହଁ, ତୁମ ଧର୍ମପ୍ରାଣା ପତ୍ନୀଠାରେ ଆଦୌ ପରିବର୍ତ୍ତନ ଆସିନାହିଁ। ଗୃହନିର୍ମାଣ ଆଉ ଯାନ କ୍ରୟ ତ ମୁଁ କେବଳ ଉଦାହରଣ ସ୍ୱରୂପ କହୁଥିଲି। ତୁମେ ଚାହିଁଲେ ଏଥିସହିତ ବିଦ୍ୟାଳୟ, ଶିଶୁ ଆଶ୍ରମ, ଜରାଶ୍ରମ, ଦାତବ୍ୟଖାନା ଆଦି ନିର୍ମାଣ କରିପାରିବ ତଥା ଉକ୍ତ ସ୍ଥାନମାନଙ୍କୁ ଯିବାଆସିବାରେ ସୁବିଧା ପାଇଁ ଯାନ କ୍ରୟ କରି ଦାନସୂତ୍ରରେ ପ୍ରଦାନ କରିପାରିବ। ଏହାହିଁ ହବ ଅର୍ଥର ପ୍ରକୃତ ସଦୁପଯୋଗ।

ରାଜକିଶୋର ବାବୁ ପତ୍ନୀଙ୍କ ବୁଦ୍ଧିମତ୍ତାକୁ ମନେମନେ ଖୁବ୍ ପ୍ରଶଂସା କରିବା ସହ ତାଙ୍କ କଥାର ଅସଲ ତାତ୍ପର୍ଯ୍ୟ ବୁଝିପାରି ଶେଷରେ ନିଜର ସମ୍ମତି ଜଣାଇଲେ।

ମୋ: ୮୭୫୮୪୧୨୭୮୩



## ମହିଳାଙ୍କ ବେକରୁ ଝାମ୍ପିନେଲେ ସୁନାହାର

**ସୋର, (ଡି.ଏନ.ଏ.):** ସୋର ଥାନା ଅନ୍ତର୍ଗତ ଜାତୀୟ ରାଜପଥ ଦହିସଡା ଛକରେ ବୁଧବାର ସ୍କୁଟିରେ ସ୍ୱାମୀଙ୍କ ସହ ଯାଉଥିବା ଜଣେ ମହିଳାଙ୍କ ବେକରୁ ଦୁଇ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ଦେଢଭରି ଓଜନର ସୁନାଚେନ୍ ଝାମ୍ପି ନେଇଛନ୍ତି। ଉକ୍ତ ମହିଳା ହେଲେ ଖଇରା ଥାନା ଅଧୀନ ରାଇକୁଳା ଗ୍ରାମର ମୁକ୍ତିକାନ୍ତ ମହାଳିକ ସ୍ତ୍ରୀ ଅନୀତା। ଦୁର୍ବୃତ୍ତମାନେ ଝାମ୍ପିବା ବେଳେ ମୁକ୍ତିକାନ୍ତ ଭାରସାମ୍ୟ ହରାଇ ସ୍କୁଟି ସହ ଓଲଟି ପଡିବାରୁ ଅନୀତା ଗୁରୁତର ହୋଇଥିଲେ। ସୋର ଡାକ୍ତରଖାନାରେ ଅନୀତାଙ୍କ ଚିକିତ୍ସା କରାଇ ମୁକ୍ତିକାନ୍ତ ଥାନାରେ ଅଭିଯୋଗ କରିଥିଲେ।



## ସଂକ୍ଷେପରେ

### ବାଲିଆପାଳର ବିଭିନ୍ନ ସ୍ଥାନରେ ଚଢ଼ାଉ, ୨ ଗିରଫ

**ବାଲିଆପାଳ, ୧୬।୬(ସ୍ୱ.ପ୍ର.):** ବସ୍ତା ଅବକାରୀ ବିଭାଗ ପକ୍ଷରୁ ବୁଧବାର ବାଲିଆପାଳ ବ୍ଲକର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୨ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଦୁଇଜଣ ହେଲେ ବାଲିଆପାଳ ଅଞ୍ଚଳର ବିଷ୍ଣୁପୁର ଗ୍ରାମର ନିହାର ରଞ୍ଜନ ପାତ୍ର (୩୯) ଓ ଲଙ୍ଗଳେଶ୍ୱର ଅଞ୍ଚଳର ବାସୀ ବେଶରା (୪୫)।

### ୩୦ ଯାଏ ବିଶ୍ରାମ ଦିବସ

**ଭଦ୍ରକ ଅଫିସ, ୧୬।୬:** ଭାରତୀୟ ଜୀବନ ବୀମା ଅଭିକର୍ତ୍ତା ମହାସଂଘ, କଟକ ମଣ୍ଡଳ ପରିଷଦ ପକ୍ଷରୁ ବୁଧବାରଠାରୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ବିଶ୍ରାମ ଦିବସ ପାଳନ କରାଯିବ। ସମସ୍ତ ଶାଖା ଓ ସାଟେଲାଇଟର ସମସ୍ତ ଅଭିକର୍ତ୍ତାଙ୍କୁ ଅଫିସ ନ ଆସି ଘରେ ଦୟାକରି ବିଶ୍ରାମ ନିଅନ୍ତୁ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏ ପର୍ଯ୍ୟନ୍ତ ସର୍ବଭାରତୀୟ ସଭାପତି ଦେବୀଶଙ୍କର ଶୁକ୍ଳା ମ୍ୟାନେଜମେଣ୍ଟକୁ ପାଖାପାଖି ୧୦୦ ପତ୍ର ଲେଖି ସାରିଛନ୍ତି। ଅଭିକର୍ତ୍ତା କାର୍ଯ୍ୟ କ୍ଷେତ୍ରକୁ ଯାଇ କୋଭିଡ୍‌ରେ ସଂକ୍ରମଣ ହୋଇ ମୃତ୍ୟୁ ହେଲେ ୧ କୋଟିର ସହାୟତା ଅଭିକର୍ତ୍ତା ପରିବାରକୁ ପ୍ରଦାନ, ଅଭିକର୍ତ୍ତାଙ୍କର କରୋନାରେ ମୃତ୍ୟୁ ପରେ ନାବାଳକ କିମ୍ବା ନାବାଳିକା ସନ୍ତାନର ସମସ୍ତ ପାଠପଢ଼ା ଖର୍ଚ୍ଚ ନିଗମ ବହନ କରିବା, ତାଙ୍କ ପରିବାର ପ୍ରତିପୋଷଣ ବାବଦକୁ ପ୍ରତି ମାସ ୧୦,୦୦୦ ମାସିକ ଭତ୍ତା ପ୍ରଦାନ ଆଦି ଦାବି ଉଲ୍ଲେଖ ରହିଛି। କଟକ ମଣ୍ଡଳ ପରିଷଦର ସମ୍ପାଦକ ଗୋବର୍ଦ୍ଧନ ପଣ୍ଡା, ସଭାପତି ଚିତ୍ତରଞ୍ଜନ ନାୟକ, ଉପସଭାପତି ଦୁର୍ଗା ପ୍ରସାଦ ମିଶ୍ର, କାର୍ଯ୍ୟକାରିଣୀ ସଦସ୍ୟ ଅରବିନ୍ଦ ଚନ୍ଦ୍ର ଦାସ, କୋଷାଧକ୍ଷ ଗୌତମ କୁମାର ପଣ୍ଡା ପ୍ରମୁଖ ସମସ୍ତ ଶାଖାର ପଦାଧିକାରୀ ଭର୍ଚ୍ଚୁଆଲ ସଭାରେ ଉପସ୍ଥିତ ରହି ବିଶ୍ରାମ ଦିବସ ପାଳନ ନେଇ ଆଲୋଚନା କରିଥିଲେ।

### ଯୌତୁକ ପାଇଁ ସ୍ତ୍ରୀଙ୍କୁ ଗୋଡ଼ାଇ ହାଣିଲେ ସ୍ୱାମୀ

**ସୋର, ୧୬।୬(ଡି.ଏନ୍.ଏ.):** ବାଲେଶ୍ୱର ଜିଲା ସୋର ଥାନା ମୁଲିସିଂ ଗ୍ରାମରେ ବୁଧବାର ଜଣେ ବ୍ୟକ୍ତି ଅଧିକ ଯୌତୁକ ଦାବି କରି ସ୍ତ୍ରୀଙ୍କୁ ଗୋଡାଇ ହାଣିଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ଉଦୟ ଦାସ ୧୩ବର୍ଷ ତଳେ ବାହାନଗା ବ୍ଲକ ଅଧୀନ ବିଷ୍ଣୁପୁର ଗ୍ରାମର ଅନୀତାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ଉଦୟ ବିବାହ ପରଠାରୁ ଅଧିକ ଯୌତୁକ ଦାବିରେ ଅନୀତାଙ୍କୁ ନିର୍ଯାତନା ଦେଇଆସୁଥିଲେ। ବୁଧବାର ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଅନୀତାଙ୍କୁ ଲହୁଲୁହାଣ କରିଥିଲେ। ପଡୋଶୀଙ୍କଠାରୁ ଖବର ପାଇ ସୋର ପୋଲିସ ଅନୀତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

### ଦେବ ଦମ୍ପତିଙ୍କ ଶୁଭ ପରିଣୟ

**ପାଟଣା, ୧୬।୬ (ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ସ୍ଥିତ ଗିରିଜାଶଙ୍କର ମହାଦେବ ମନ୍ଦିରରେ ଶୀତଳ ଷଷ୍ଠୀ ଅବସରରେ ମଙ୍ଗଳବାର ରାତିରେ ଶିବବିବାହ କୋଭିଡ୍ କଟକଣା ମଧରେ ଅନୁଷ୍ଠିତ ହୋଇଥିଲା। କେବଳ ବିଧି ଅନୁଯାୟୀ ଗିରିଜାଶଙ୍କରଙ୍କ ମାତା ପାର୍ବତୀଙ୍କ ସହ ଶୁଭ ପରିଣୟ ବିବାହ ସମ୍ପନ୍ନ ହୋଇଛି। ବର ପିତାମାତା ଭାବେ ସୁନନ୍ଦ କୁମାର ସାହୁ ଓ ଦୀପାଞ୍ଜଳି ସାହୁ ଏବଂ କନ୍ୟା ପିତାମାତା ଭାବେ ସୁଦାମ ଚରଣ ବେହେରା ଓ ରଶ୍ମିଲତା ବେହେରା ବିବାହ କାର୍ଯ୍ୟ ତୁଲାଇଥିଲେ।

### ମଲା ଛେଳି ଆଣିବାକୁ ଯାଇ ଜୀବନ ଗଲା

**ଖୁଣ୍ଟା, ୧୬।୬(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ମାହାଲିବସା ଗ୍ରାମର ଜଣେ ବ୍ୟକ୍ତି ଏକ ମଲା ଛେଳିକୁ ଉଦ୍ଧାର କରିବାକୁ ଯାଇ ପ୍ରାଣ ହରାଇଛନ୍ତି। ସେ ହେଲେ ଶ୍ୟାମସୁନ୍ଦର ସୋରେନ। ବୁଧବାର ଅପରାହ୍ନରେ ଗ୍ରାମରେ ଥିବା ପରିତ୍ୟକ୍ତ କୂଅରେ ଏକ ଛେଳି ପଡ଼ି ମରିଯାଇଥିଲା। ଶ୍ୟାମସୁନ୍ଦର ଉକ୍ତ ଛେଳିକୁ ଉଦ୍ଧାର କରିବା ପାଇଁ କୂଅ ମଧକୁ ପଶିଥିବା ବେଳେ ଶ୍ୱାସରୁଦ୍ଧ ହୋଇ ପଡ଼ିଥିଲେ। ଖବରପାଇ ଖୁଣ୍ଟା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ଡୁକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ।

### ନଦୀରେ ଭାସି ବୃଦ୍ଧ ନିଖୋଜ

**ବାରିପଦା ଅଫିସ, ୧୬।୬:** ମୟୂରଭଞ୍ଜ ଜିଲା ଯଶିପୁର ଥାନା ଜିଆଣୀ ଗ୍ରାମର ଜଣେ ବୃଦ୍ଧ ଖଇରୀଭଣ୍ଡନ ନଦୀ ସୁଅରେ ଭାସି ନିଖୋଜ ହୋଇଯାଇଛନ୍ତି। ସେ ହେଲେ ବୁଧୁରାମ ହୋ। ଦମକଳ ବାହିନୀ ପହଞ୍ଚି ଖୋଜାଖୋଜି କରିଥିଲେ ମଧ ବୃଦ୍ଧଙ୍କୁ ଉଦ୍ଧାର କରିପାରିନାହିଁ।

# କ୍ରିଷ୍ଣା, ଓମ୍‌ଙ୍କ ଦାୟିତ୍ୱ ନେବାକୁ ଆଗେଇ ଆସିଲେ

**ଭୋଗରାଇ, ୧୬।୬(ଡି.ଏନ.ଏ.)**


ଦେଢ଼ମାସର ଭାଇକୁ କାନ୍ଧରେ ଧରି କ୍ରିଷ୍ଣା ବୁଲାଉଛନ୍ତି।

- କରୋନାରେ ମା' ବାପାଙ୍କୁ ହରାଇଛନ୍ତି ଭଉଣୀଭାଇ
- ବଡ଼ ହେଲା ପରେ ଜଣଙ୍କୁ ରେଲୱେରେ ଚାକିରି, ଅନୁକମ୍ପା ସହାୟତା

ମହାମାରୀ କରୋନାରେ ମା' ବାପାଙ୍କୁ ହରାଇ ଅନାଥ ହୋଇଥିବା ଭୋଗରାଇ ବ୍ଲକ ନିମାତପୁର ଗାଁର ୭ ବର୍ଷର ଝିଅ କ୍ରିଷ୍ଣା ଓ ଦେଢମାସର ପୁଅ ଓମ୍‌ଙ୍କ ପାଇଁ ଏବେ ବିଭିନ୍ନ ମହଲରୁ ସମବେଦନାର ସୁଅ ଛୁଟୁଛି। ଅଭାବ ଅନାଟନ ରହିଲେ ବି ଦୁଇ ପିଲାର ଲାଳନପାଳନ, ଶିକ୍ଷା ଏବଂ ସେମାନଙ୍କ ଭବିଷ୍ୟତ ଦାୟିତ୍ୱ ନେବାକୁ ପଛାଇବେ ନାହିଁ ବୋଲି କହିଛନ୍ତି କ୍ରିଷ୍ଣାଙ୍କ ବଡବାପା ଦେବାଶିଷ ପଣ୍ଡା ଓ ତାଙ୍କ ବଡ ମା'। ଏହି ଖବର ପ୍ରଚାରିତ ହେବା ପରେ ବାଲେଶ୍ୱର ଜିଲା ଯୋଜନା ବୋର୍ଡ଼ ଅଧକ୍ଷ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସ ତାଙ୍କ ଘରକୁ ଯାଇ ମା'-ବାପା ଛେଉଣ୍ଡ ଦୁଇପିଲାର ସମସ୍ତ ଦାୟିତ୍ୱ ନେବାକୁ ପରିବାରକୁ ଆଶ୍ୱାସନା ଦେବା ସହିତ ରେଡ୍‌କ୍ରସ୍ ପକ୍ଷରୁ ୧୦ହଜାର ଟଙ୍କା ପ୍ରଦାନ କରିଛନ୍ତି। ଏହାସହ ମଧୁବାବୁ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବାକୁ ପ୍ରକ୍ରିୟା କରାଯାଉଥିବା କହିଛନ୍ତି। ବୁଧବାର ଜିଲା କଂଗ୍ରେସ ଓ ଭୋଗରାଇ କଂଗ୍ରେସ ଶାଖା ପକ୍ଷରୁ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସାକ୍ଷାତ୍ କରାଯାଇ ଦୁଇ କଅଁଳ ପିଲାର ଭବିଷ୍ୟତ ଦାୟିତ୍ୱ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷରେ ରେଲୱ୍ୱେ ପକ୍ଷରୁ ଦୁଇ ପିଲାଙ୍କ ନାମରେ ୧୦ ଲକ୍ଷ ଲେଖାଏଁ ଅନୁକମ୍ପା ମୂଳକ ସହାୟତା ସହ ପିଲା ବଡ଼ ହେଲେ ଜଣଙ୍କୁ ରେଲୱ୍ୱେରେ ଚାକିରି ଦେବାକୁ ବିଭାଗ ପକ୍ଷରୁ କୁହାଯାଇଥିବା ପରିବାରର ମୁଖ୍ୟ ପ୍ରକାଶ କରିଛନ୍ତି।

ଉଲ୍ଲେଖଯୋଗ୍ୟ, କଟକ କର୍କଟ ହସ୍ପିଟାଲରେ ଷ୍ଟାଫନର୍ସ ଭାବେ କାର୍ଯ୍ୟ କରୁଥିବା ସ୍ମିତା ପଣ୍ଡା (୨୮) ଗତ ୨ତାରିଖରେ କରୋନାରେ ମୃତ୍ୟୁବରଣ କରିଥିଲେ। ତାଙ୍କ ସ୍ୱାମୀ କମଳେଶ ଭୁବନେଶ୍ୱର ପୂର୍ବତଟ ରେଳପଥ କାର୍ଯ୍ୟାଳୟର ସେଫ୍ଟି ବିଭାଗର କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ସ୍ତ୍ରୀଙ୍କ ମୃତ୍ୟୁରେ ସେ ଗଭୀର ଭାବେ ଭାଙ୍ଗିପଡ଼ିଥିଲେ। ଏହାପରେ ସେ ମଧ କରୋନାରେ ଆକ୍ରାନ୍ତ ହୋଇଥିଲେ। ଦୁଇ ପିଲାଙ୍କୁ ଧରି ସେ ଗାଁକୁ ଫେରି ବୃଦ୍ଧ ବାପା, ବଡ଼ଭାଉଜ ଓ ଭାଇଙ୍କ ହାତରେ ଦୁଇପିଲାଙ୍କୁ ସମର୍ପି ଦେଇ ଗତ ୯ତାରିଖରେ ସେ ମଧ ଆଖି ବୁଜିଦେଇଥିଲେ। ମା' କ୍ଷୀର ଖାଉଥିବା ଦେଢ଼ମାସର ଶିଶୁପୁତ୍ରକୁ ୭ବର୍ଷର ଭଉଣୀ କ୍ରିଷ୍ଣା କେତେବେଳେ ବଡ ମା' ଓ ବଡ଼ବାପା ଆଣିଦେଉଥିବା କ୍ଷୀରକୁ ଖୁଆଉଥିବା ବେଳେ ଗୀତ ଗାଇ ଦୋଳିରେ ଝୁଲାଇ ଦେଉଥିବା ଦୃଶ୍ୟ ବିଭିନ୍ନ ଗଣମାଧମରେ ଦେଖିବାକୁ ମିଳିଥିଲା। ଏହି ଦୃଶ୍ୟ ସମସ୍ତଙ୍କ ହୃଦୟକୁ ଆନ୍ଦୋଳିତ କରିଥିଲା। ବୋହୂପୁଅକୁ ହରାଇଥିବା ଅବସରପ୍ରାପ୍ତ ବୃଦ୍ଧ ଶିକ୍ଷକ ରାମନାରାୟଣ ପଣ୍ଡା ସହାୟତା ଲାଗି କୋହଭରା କଣ୍ଠରେ ଗୁହାରୀ କରିଛନ୍ତି। କ୍ରିଷ୍ଣା ନିଜେ ପାଠ ପଢ଼ିବା ସହ ସାନଭାଇଙ୍କୁ ପାଠ ପଢ଼ାଇ ଭଲ ମଣିଷ କରିବେ। ବଡ଼ମା', ବଡ଼ବାପା ଓ ଜେଜେବାପାଙ୍କ ପାଖରେ ଭାଇ ରହିବ ଏବଂ ସେ ବାହାରକୁ ପାଠ ପଢ଼ିବାକୁ ଯିବେ ବୋଲି କହିଛନ୍ତି।

# ଲୁହାପଥର ଚୋରା ଚାଲାଣ: ୩ ଗିରଫ


ଗିରଫ ୩ ଅଭିଯୁକ୍ତ।

**ଯୋଡା, ୧୬।୬(ଡି.ଏନ.ଏ)**

କେନ୍ଦୁଝର ଜିଲା ବାମେବାରୀ ଥାନା ଅଧୀନ ପଳସା ସ୍ଥିତ ଏକ ଖଣି ନିକଟରୁ ପୋଲିସ ଲୁହାପଥର ଚୋରା ଚାଲାଣ ବେଳେ ଏକ ଟ୍ରକ୍ ଓ ୨ଟି ଟ୍ରେଲର ଜବତ କରିଛି। ଏଥିରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଝାଡ଼ଖଣ୍ଡ ରାଜ୍ୟ ହଜାରିବାଗ ଅଞ୍ଚଳର ଏସ୍.କେ ଓସାମା, ପଞ୍ଜାବର ପରମଜିତ ସିଂ ଓ ସୁପ୍ରିତ ସିଂ। ସେମାନେ ୩ ଗାଡ଼ିର ଡ୍ରାଇଭର ବୋଲି ପୋଲିସ କହିଛି।

ସୂଚନା ଅନୁଯାୟୀ, ଉକ୍ତ ଖଣିରେ ଦୀର୍ଘଦିନ ଧରି ଲୁହାପଥର ଗୁଣ୍ଡ ଗଚ୍ଛିତ ରହିଛି। ଏହାକୁ ଚୋରା ଚାଲାଣ କରିବା ପାଇଁ ଟ୍ରକ୍ ଓ ଟ୍ରେଲରରେ ବୋଝେଇ କରାଯାଉଥିବା ଖବର ପାଇ

### ଟ୍ରକ୍, ଟ୍ରେଲର ଜବତ

ପୋଲିସ ଚଢ଼ାଉ କରି ଅଧା ବୋଝେଇ ହୋଇଥିବା ୩ ଗାଡ଼ିକୁ ଜବତ କରିଥିଲା। ବୋଝେଇ ହୋଇଥିବା ଲୁହାପଥର ଗୁଣ୍ଡର ପରିମାଣ ପ୍ରାୟ ୨୫ ଟନ୍ ଏବଂ ଏହାର ଆନୁମାନିକ ବଜାର ମୂଲ୍ୟ ଦେଢ଼ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ଉକ୍ତ ଖଣି ନିକଟରୁ ବ୍ୟାପକ ଲୁହାପଥର ଚୋରା ଚାଲାଣ ହେଉଛି। ଅନେକ ସମୟରେ ପୋଲିସ ଓ ବନ ବିଭାଗ ମଧ ଚୋରା ଖଣିଜ ବୋଝେଇ ଟ୍ରକ୍ ଜବତ କରୁଛି। ଏଣୁ ଉକ୍ତ ଖଣି ଉପରେ ସାଧାରଣରେ ସନ୍ଦେହ ଉପୁଜିଛି। ବିଭାଗୀୟ ଯାଞ୍ଚ କରାଗଲେ ଚୋରା ଚାଲାଣର ରହସ୍ୟ ଲୋକଲୋଚନକୁ ଆସିପାରନ୍ତା ବୋଲି ସାଧାରଣରେ ଦାବି ହେଉଛି।

# ଦୁର୍ନୀତିର ତଦନ୍ତ ନ ହେଲେ ଆନ୍ଦୋଳନ

**ଭଣ୍ଡାରିପୋଖରୀ, ୧୬।୬(ଡି.ଏନ.ଏ)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ (ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ଅନ୍ୟାନ୍ୟ ଯୋଜନାରେ ଦୁର୍ନୀତି ନେଇ ଅଭିଯୋଗ ହେଉଛି। ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀଙ୍କ ସମେତ କ୍ଷମତାସୀନ ନେତା ଓ ଲୋକପ୍ରତିନିଧି ଏଥିରେ ସମ୍ପୃକ୍ତ ଥିବା ବୁଧବାର ମୋରଡ଼ା ଗ୍ରାମଠାରେ ଭାଜପା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରି ଉଚ୍ଚସ୍ତରୀୟ ତଦନ୍ତ ଦାବି କରାଯାଇଛି। ବିଭିନ୍ନ ଯୋଜନାରେ ନିମ୍ନମାନର କାମ କରାଯାଇଥିବା ନେଇ ଗ୍ରାମବାସୀଙ୍କ ଅଭିଯୋଗ ସତ୍ତ୍ୱେ ବିଭାଗୀୟ ଅଧିକାରୀ କୌଣସି ପଦକ୍ଷେପ ନେଉ ନ ଥିବାରୁ ଦଳୀୟ ନେତା ବଦ୍ରିନାରାୟଣ ଧଳ ଉଦ୍‌ବେଗ ପ୍ରକାଶ କରି ସରକାରୀ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ମୋ ଗୁହାଳ, ମୋ ପୋଖରୀ, ମୋ ବଗିଚା, ପାଇଖାନା, ପ୍ରଧାନମନ୍ତ୍ରୀ ଆବାସ ଆଦି ଯୋଜନାରେ ଦୁର୍ନୀତି ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ସମ୍ପୃକ୍ତ ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି। ନଚେତ୍ ଭାଜପା ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଭାଜପା ନେତା ପ୍ରକାଶ ମହାପାତ୍ର, ତରଣୀସେନ ପଣ୍ଡା, ଭାସ୍କର ଖଣ୍ଡାୟୀ, ଶ୍ୟାମସୁନ୍ଦର ଖଣ୍ଡାୟୀ, ରତ୍ନାକର ଖଣ୍ଡାୟୀ, ଶ୍ୟାମସୁନ୍ଦର ପଣ୍ଡା ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଗଛକଟାକୁ କେନ୍ଦ୍ରକରି ଥାନାରେ ମାମଲା

**ଭଦ୍ରକ ଅଫିସ, ୧୬।୬**

ଭଦ୍ରକ ଜିଲା ଧୂଷୁରୀ ଥାନା ଅଧୀନ ଫତେପୁରର ନେଞ୍ଚରା ଗ୍ରାମରେ ଗଛକଟାକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ଏ ନେଇ ଅଭିଯୋଗ କ୍ରମେ ଧୂଷୁରୀ ଥାନା ପୋଲିସ ମାମଲା (ନଂ.୧୩୪/୨୧) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ଗ୍ରାମର ପ୍ରମିଳା ମଳିକ ଅଭିଯୋଗ କରିଛନ୍ତି ଯେ, ଗଛକଟାକୁ କେନ୍ଦ୍ରକରି ତାଙ୍କ ଦିଅରଙ୍କ ପରିବାର ସହ ବିବାଦ ଚାଲିଥିଲା। ତାଙ୍କ ସ୍ୱାମୀଙ୍କୁ ମାଡ଼ ମରାଯାଇଥିବା ବେଳେ ପକେଟରେ ଥିବା ୧୫ ଶହ ଟଙ୍କା ଓ ମୋବାଇଲ ଛଡ଼ାଇ ନିଆଯାଇଛି। ଅଭିଯୋଗ ଆଧାରରେ ପୋଲିସ ପ୍ରମିଳାଙ୍କ ଦିଅର, ଯାଆ, ପୁତୁରା ଓ ଝିଆରୀଙ୍କ ନାଁରେ ମାମଲା ରୁଜୁ କରିଛି।

# ବୃଦ୍ଧଙ୍କୁ ଖଟିଆରେ ଆଣିଲେ ଗ୍ରାମବାସୀ

**ରାସ୍ତା ଖରାପ, ଆସିପାରିଲାନି ଆମ୍ବୁଲାନ୍ସ**

**ଖଇରା, ୧୬।୬(ଡି.ଏନ.ଏ.)**


ଅସୁସ୍ଥ ଦାଶିନଙ୍କୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନିଆଯାଉଛି।

ବାଲେଶ୍ୱର ଜିଲା ଖଇରା ବ୍ଲକ ସାରଡାଙ୍ଗ ପଞ୍ଚାୟତ ଅଧୀନ ବାରାକୁଟି ଆଦିବାସୀ ସାହିକୁ ବହୁ ଦାବି ପରେ ମଧ ଯାତାୟାତ ଉପଯୋଗୀ ରାସ୍ତାଟିଏ ନିର୍ମାଣ ହୋଇପାରିଲାନି । ଫଳରେ ଏବେ ସାମାନ୍ୟ ବର୍ଷା ପରେ ଗ୍ରାମବାସୀଙ୍କୁ ଦୁର୍ଦ୍ଦଶା ଭୋଗିବାକୁ ପଡୁଛି। ଗାଁରେ କାହାର ଦେହ ଖରାପ ହେଲେ ଆମ୍ବୁଲାନ୍ସଟିଏ ଆସିପାରୁନାହିଁ। ଲୋକମାନେ ରୋଗୀଙ୍କୁ ୨କି.ମି. ପର୍ଯ୍ୟନ୍ତ ଖଟିଆରେ ଟେକି ଟେକି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିବାକୁ ପଡୁଛି । ବୁଧବାର ଗ୍ରାମର ଦାଶିନ ମାଝି(୬୮) ହଠାତ୍ ଅସୁସ୍ଥ ହୋଇ ପଡିବାରୁ ଆମ୍ବୁଲାନ୍ସକୁ ଖବର ଦିଆଯାଇଥିଲା। ମିର୍ଜାପୁର ନିକଟରେ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇଥିବାରୁ ଆମ୍ବୁଲାନ୍ସ ଅଟକି ରହିଥିଲା। ଗ୍ରାମବାସୀ ଖଟିଆରେ ଦାଶିନଙ୍କୁ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିଥିଲେ । ଏବେ ଗ୍ରାମରେ ଆହୁରି ଗର୍ଭବତୀ ଅଛନ୍ତି । ଆଗକୁ ପରିସ୍ଥିତି ଅସମ୍ଭାଳ ହେବାର ଆଶଙ୍କା ଥିବାରୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ବୋଲି ମିର୍ଜାପୁର ଗ୍ରାମର କେଶବ ନାୟକ କହିଛନ୍ତି ।

# ଇସ୍ରୋ ବୈଜ୍ଞାନିକ ଅଭିଷେକଙ୍କୁ ସମ୍ବର୍ଦ୍ଧନା


ଅଭିଷେକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଖଇରା, ୧୬।୬(ଡି.ଏନ.ଏ.)**

ଖଇରା ବ୍ଲକ କୁପାରୀ ପଞ୍ଚାୟତ ଅଧୀନ କବର ଗ୍ରାମର ଅଭିଷେକ ପରିଡା ଜାତୀୟ ମହାକାଶ ଗବେଷଣା କେନ୍ଦ୍ର( ଇସ୍ରୋ)ରେ ବୈଜ୍ଞାନିକ ଭାବେ ଯୋଗଦେବା ଲାଗି ମନୋନୀତ ହୋଇଥିବାରୁ ରବିବାର କୁପାରୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଖଇରା ବ୍ଲକ ଉପାଧ୍ୟକ୍ଷ ଜୟନ୍ତ କୁମାର ରାଉତ ସମ୍ବର୍ଦ୍ଧନା ସଭାରେ ପୌରୋହିତ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମରେ କୁପାରୀ ଅଞ୍ଚଳର ଜନସାଧାରଣ, ଗଡ଼ଚଣ୍ଡୀ ସାଂସ୍କୃତିକ ପରିଷଦ, ମା' ଅମ୍ବିକା ବିଶ୍ୱକଲ୍ୟାଣ ସାହିତ୍ୟ ସଂସଦ, ଶୂନ୍ୟମଣ୍ଡପ ପରିଚାଳନା କମିଟି, ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘ ଓ ଖଇରା ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତାମାନେ ଯୋଗଦେଇ ଏଭଳି ସଫଳତା ଖଇରା ପାଇଁ ଗର୍ବ ଓ ଗୌରବର କଥା ବୋଲି କହିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ଶିଳ୍ପପତି ପ୍ରଦୀପ ବଳବନ୍ତରାୟ, କୁପାରୀ ପଞ୍ଚାୟତର ସମିତିସଭ୍ୟା ସୁନୀତା ସାହୁ, ଉମେଶ ଚନ୍ଦ୍ର ମହାନ୍ତି, ସୁଦର୍ଶନ ମହାପାତ୍ର, ଅକ୍ଷୟ କୁମାର ଜେନା, ସୁମନ୍ତ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ଅଭିଷେକଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଗଡ଼ଚଣ୍ଡୀ ସାଂସ୍କୃତିକ ପରିଷଦ ସଭାପତି ଶରତ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋରୁଗାଡ଼ି ଅଟକାଇବାରୁ ଆକ୍ରମଣ

**ରେମୁଣା, ୧୬।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସେରଗଡ଼ ବ୍ରିଜ୍ ଉପରେ ବୁଧବାର ଭୋର୍ ସମୟରେ ଏକ ଗୋରୁ ଗାଡ଼ିକୁ ଅଟକାଇବାକୁ ଉଦ୍ୟମ କରି ଜଣେ ଯୁବକ ଆକ୍ରମଣର ଶିକାର ହୋଇଛନ୍ତି। ଭୁଜାଲିରେ ତାଙ୍କ ମୁଣ୍ଡ, ବେକକୁ ୮ଥର ହଣାଯାଇଥିବାରୁ ପ୍ରବଳ ରକ୍ତସ୍ରାବ ସହ ବାମହାତ ଭାଙ୍ଗିଯାଇଛି। ସ୍ଥାନୀୟ ଲୋକମାନେ ତାଙ୍କୁ ପ୍ରଥମେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଉକ୍ତ ଯୁବକ ହେଲେ ରେମୁଣା ଶିଳ୍ପାଞ୍ଚଳ ଥାନା ସୋମନାଥପୁର ଅଞ୍ଚଳର ଗୋସୁରକ୍ଷା ବାହିନୀ କର୍ମକର୍ତ୍ତା କପିଳେଶ କପିଳେଶ୍ୱର ରାଉତ(୩୮)। ଖନ୍ତାପଡ଼ା ଥାନା ଅଧିକାରୀ ତଦନ୍ତ ଆରମ୍ଭ କରିଛନ୍ତି। ବାରମ୍ବାର ଗୋଚାଲାଣ କରାଯାଉଥିବା ବେଳେ ଏହାକୁ ରୋକାଯାଇପାରୁନାହିଁ।

# ଜିଲାପାଳଙ୍କୁ ଶ୍ରୀଜଗନ୍ନାଥ ବାହିନୀର ଦାବିପତ୍ର

**ରଥଯାତ୍ରା ପାଇଁ ଦାବି କଲା ଭାଜପା**

**ବାରିପଦା ଅଫିସ, ୧୬।୬**

ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ହରିବଳଦେବଜୀଉଙ୍କ ରଥଯାତ୍ରା କୋଭିଡ୍ କଟକଣା ମଧରେ କରିବା ପାଇଁ ଶ୍ରୀଜଗନ୍ନାଥ ବାହିନୀ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। କୋଭିଡ ଗାଇଡଲାଇନ ଅନୁଯାୟୀ ଏଠାରେ ରଥଯାତ୍ରା କରିବାକୁ ଶ୍ରୀଜଗନ୍ନାଥ ବାହିନୀ ଦାବି କରିଛି ।

ସେହିପରି ବାରିପଦାଠାରେ ସେବାୟତ ଓ ପୋଲିସ ପ୍ରଶାସନ ଦ୍ୱାରା ରଥଯାତ୍ରା କରିବାକୁ ଜିଲା ଭାଜପା ପକ୍ଷରୁ ଜିଲାପାଳଙ୍କଠାରେ ଦାବି କରାଯାଇଛି। ଜିଲା(ପୂର୍ବ) ସଭାପତି କାନ୍ଦରା ସରେନଙ୍କ ସଭାପତିତ୍ୱରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଦଳର ରାଷ୍ଟ୍ରୀୟ ସମ୍ପାଦକ ତଥା ମୟୂରଭଞ୍ଜ ଏମ୍‌ପି ଇଂ. ବିଶ୍ୱେଶ୍ୱର ଟୁଡୁ, ଜିଲାପରିଷଦ ଅଧକ୍ଷା ସୁଜାତା ମୁର୍ମୁ, ଭାଜପା (ପଶ୍ଚିମ) ସାଙ୍ଗଠନିକ ସଭାପତି ତଥା ବିଧାୟକ ନବଚରଣ ମାଝୀ, ଉଦଳା ବିଧାୟକ ଭାସ୍କର ମଢ଼େଇ, ବଡ଼ସାହି ବିଧାୟକ ସନାତନ ବିଜୁଳି, ସାରସକଣା ବିଧାୟକ ଡା.ବୁଢାନ ମୁର୍ମୁ, ଡ.କୃଷ୍ଣଚନ୍ଦ୍ର ମହାପାତ୍ର, ନିହାର ମୋଦି, ଶୁକଦା ମୁର୍ମୁ, ସଞ୍ଜୀବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଘର ଭାଙ୍ଗି ଧାନ ଚାଉଳ ଖାଇଗଲେ ହାତୀପଲ

**କେନ୍ଦୁଝର, ୧୬।୬ (ଡି.ଏନ.ଏ.)**

କେନ୍ଦୁଝର ଜିଲା ଭୂୟାଁ ଜୁଆଙ୍ଗ ପୀଢ ବନାଞ୍ଚଳର ଶଙ୍ଖାରୀଠାରେ ବୁଧବାର ସକାଳେ ହାତୀପଲ ପଶି ଘର ଭାଙ୍ଗି ଧାନ ଚାଉଳ ଖାଇ ଯାଇଛନ୍ତି। ସକାଳେ ୨ଟି ଦନ୍ତା, ୨ଟି ମାଈ ହାତୀ ଏବଂ ୨ଟି ଛୁଆ ହାତୀକୁ ମିଶାଇ ୬ଟି ହାତୀ ଶଙ୍ଖାରୀ ଗାଁ ଭିତରକୁ ପଶି ଆସିଥିଲେ। ପରେ ଗାଁର ଭାଗୀରଥି ଘଣାଙ୍କ ଘରକୁ ହାତୀପଲ ଭାଙ୍ଗି ଦେଇଥିବା ବେଳେ ସାଇତା ହୋଇ ରଖାଯାଇଥିବା ଧାନ ଓ ଅନ୍ୟ ଖାଦ୍ୟଶସ୍ୟ ଖାଇ ଦେଇଛନ୍ତି। ଗାଁରେ ହାତୀ ପଶିଥିବା ଖବର ପାଇ ବନ ବିଭାଗ କର୍ମଚାରୀମାନେ ପହଞ୍ଚି ଜଙ୍ଗଲକୁ ଘଉଡ଼ାଇ ଦେଇଛନ୍ତି।

# ଜିଲାପାଳଙ୍କୁ ଭେଟିଲା ଭାଜପା ପ୍ରତିନିଧି ଦଳ

**ବାଲେଶ୍ୱର ଅଫିସ, ୧୬।୬**

'ୟାସ୍' ବାତ୍ୟା ପରବର୍ତ୍ତୀ କ୍ଷୟକ୍ଷତି ଆକଳନରେ ଅନିୟମିତତା, ଜିଲାରେ କୃଷି ଓ କୃଷକଙ୍କ ସମସ୍ୟା ଉପରେ ଆଲୋଚନା କରିବା ପାଇଁ ବୁଧବାର ଭାଜପାର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଜିଲାସଭାପତି ଉମାକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଭେଟିଛନ୍ତି। ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ ଓ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୋଭନା ମହାନ୍ତି ଓ ଶୁଭଙ୍କର ମହାପାତ୍ର, ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ଭୋଗରାଇ ଭାଜପା ନେତା ଅଂଶୁମାନ ମହାନ୍ତି, ସୋର ଭାଜପା ନେତା ରାକେଶ ମଲ୍ଲିକ ଓ ଜିଲା ମିଡ଼ିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏନେଇ ପ୍ରତିବାଦ କରିବା ସହିତ ଅନ୍ୟ ବିଷୟରେ ଆଲୋଚନା କରିଥିଲେ। ଭବିଷ୍ୟତରେ ଏସବୁର ପୁନରାବୃତ୍ତି ହେବ ନାହିଁ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ସରକାରୀ ବିଧି ନିର୍ଦ୍ଦେଶ ମୁତାବକ କାମ ହେବ ବୋଲି କହିଛନ୍ତି। ଆଲୋଚନାରେ ଭାଜପା ପ୍ରତିନିଧି ଦଳ ଜିଲାପାଳଙ୍କ ପ୍ରତିଶ୍ରୁତିରେ ସମ୍ପୂର୍ଣ୍ଣ ସନ୍ତୁଷ୍ଟ ନୁହନ୍ତି, ତାଙ୍କ ପରବର୍ତ୍ତୀ ପଦକ୍ଷେପ ଓ କାର୍ଯ୍ୟଶୈଳୀ ଅନୁଧ୍ୟାନ ପରେ ଜଣାପଡ଼ିବ। ପ୍ରତିନିଧି ଦଳରେ ପୂର୍ବତନ ଜିଲା ସଭାପତି ଲମ୍ବୋଧର ନାୟକ, ଜିଲା ଉପସଭାପତି କମଳା ବିନ୍ଧାଣୀ, କରୁଣାକର ପଣ୍ଡା, ପ୍ରଦୀପ କୁମାର ପଣ୍ଡା, ଗଙ୍ଗାଧର ମିଶ୍ର ଓ କମଳଲୋଚ ଦାସ, ଜିଲା ସମ୍ପାଦକ ଆଶିଷ ଘୋଷ, ମହିଳା ମୋର୍ଚ୍ଚା ସଭାପତି ମନୀଷା ବେହେରା, କୃଷକମୋର୍ଚ୍ଚା ସଭାପତି କୈଳାସ ଚନ୍ଦ୍ର ବାରିକ ପ୍ରମୁଖ ଥିଲେ।

# ସବୁ ମଣ୍ଡି ଆଗରେ ବସିଲେ ଚାଷୀ


ନାମ୍ପୋ ସେବା ସମବାୟ ସମିତି ସମ୍ମୁଖରେ ଚାଷୀଙ୍କ ଧାରଣା।

**ଜଳେଶ୍ୱର, ୧୬।୬(ଡି.ଏନ.ଏ.)**

ସବୁ ଚାଷୀଙ୍କଠାରୁ ଧାନ କିଣିବା, ଲାପ୍‌ସ ଟୋକନ୍‌କୁ କାର୍ଯ୍ୟକାରୀ କରିବା, ଟୋକନ ଅବଧି ୧ମାସ କରିବା, ଅଖାର ଦାମ ମିଲର ଦେବା, ବାଦ୍ ପଡିଥିବା ଚାଷୀଙ୍କୁ କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ କରିବା ଓ ଭାଗଚାଷୀଙ୍କୁ ସମସ୍ତ ସୁବିଧା ସୁଯୋଗ ଦେବା ଆଦି ଦାବି ନେଇ ବାଲେଶ୍ୱର ଜିଲାର ଜଳେଶ୍ୱର ନିର୍ବାଚନମଣ୍ଡଳୀ ସମସ୍ତ ସେବା ସମବାୟ ସମିତି ସମ୍ମୁଖରେ ବୁଧବାର ଧାରଣା ଓ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ନାମ୍ପୋ, ଜ୍ୟୋତିଜଙ୍ଗମ, ଇକଡା, ଲକ୍ଷ୍ମଣନାଥ, ପଶ୍ଚିମବାର୍ଡ, ପାଇକସିଦା, କଳାମ, ଖୁଆଡ, ରାଇବଣିଆ, ଓଲମରା, ଘୁଳେଇ, ଚାଫଲା, ଡିପିପୁର, ଆର୍.ଆର୍.ପୁର, ବର୍ଡନା, ଅଲାଲପୁର, ଆମ୍ବଳିଅଠା, ପାଉଁଶକୁଲି ଆଦି ସେବା ସମବାୟ ସମିତି ସମ୍ମୁଖରେ ଶହ ଶହ ଚାଷୀ ସକାଳ ୭ଟାରୁ ୧୨ଟା ପର୍ଯ୍ୟନ୍ତ ଧାରଣା ଦେଇଥିଲେ ।

**ଜଳେଶ୍ୱର ନିର୍ବାଚନମଣ୍ଡଳୀ**

ପ୍ରତ୍ୟେକ ମଣ୍ଡିର ସମ୍ପାଦକଙ୍କ ଜରିଆରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । କଂଗ୍ରେସ ଦଳର ଡାକରାରେ ଅନୁଷ୍ଠିତ ଧାରଣା ଓ ବିକ୍ଷୋଭରେ କଂଗ୍ରେସ ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ, ବ୍ଲକ ସଭାପତି ରାଜୀବ ପରିଡା, କିଷାନ ସଭାପତି ସୁଦାମ ପାତ୍ର, ସବ୍ୟସାଚୀ ଦାସ, ଗିରିଜା ଶଙ୍କର ଦାସ, ସତ୍ୟନାରାୟଣ ଗୁପ୍ତା, ରାଧାରାଣୀ ପାତ୍ର, ଚିତ୍ତରଞ୍ଜନ ପରିଡା, ହେମନ୍ତ ଗିରି, ଗୋପାକୃଷ୍ଣ ଜେନା, ନୟନ ପାଠୀ, ଜୟନ୍ତ ଦେ, ପଦ୍ମଲୋଚନ ବେହେରା, ବରେନ୍ଦ୍ର ପ୍ରଧାନ, ସୁଜିତ୍ ଗିରି, ଗୁଲା ଗିରି, ସୁଶାନ୍ତ ସେଠୀ, ମଦନ ପାତ୍ର, ଅଜୟ ସାହୁ, ରବୀନ୍ଦ୍ର ଭଞ୍ଜ ଓ ଅମିତ୍ ସେଠୀ ପ୍ରମୁଖ ନେତୃତ୍ୱ ନେଇଥିଲେ ।

## ସଂକ୍ଷେପରେ

### ଟିଟିକେ ପ୍ରେଷ୍ଟିଜ ପକ୍ଷରୁ ସହାୟତା

**ଭୁବନେଶ୍ୱର,୧୬।୬:** ପ୍ରମୁଖ କିଚେନ୍ ଆପ୍ଲାଏନ୍ସ ବ୍ରାଣ୍ଡ ଟିଟିକେ ପ୍ରେଷ୍ଟିଜ ପକ୍ଷରୁ କୋଭିଡ୍-୧୯କୁ ଧ୍ୟାନରେ ରଖି କର୍ମଚାରୀ ସହାୟତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଭଳି କାର୍ଯ୍ୟକ୍ରମ କମ୍ପାନୀର ଷ୍ଟାଫ୍ ଏବଂ ପରିବାର ସଦସ୍ୟଙ୍କ ଲାଗି ଗ୍ରହଣ କରାଯାଇଛି। କରୋନାର ଦ୍ୱିତୀୟ ଲହର ଯୋଗୁ ଲୋକମାନେ ବର୍ତ୍ତମାନ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। କୌଣସି କର୍ମଚାରୀଙ୍କ ଦେହାନ୍ତରେ ପରିବାରକୁ ସହାୟତା, କୋଭିଡ୍ ରିଲିଫ ଏବଂ ଇନ୍‌ହାଉସ ଭାକ୍ସିନ ପ୍ରଦାନ କାର୍ଯ୍ୟକ୍ରମ କମ୍ପାନୀ ହାତକୁ ନେଇଛି। ଏହାବାଦ କମ୍ପାନୀ ପକ୍ଷରୁ କୋଭିଡ୍ ଟେଷ୍ଟିଂ, ହୋମ୍ କ୍ୱାରାଣ୍ଟାଇନ ପ୍ରୋଗ୍ରାମ, ୨୪ ଘଣ୍ଟିଆ ଟେଲି ହେଲ୍‌ଥ ସର୍ଭିସ, ମେଡିକାଲ ଏମର୍ଜେନ୍ସିରେ ସହାୟତା ଏବଂ ଆମ୍ବୁଲାନ୍ସ ଆକ୍ଟିଭେଶନ ଭଳି କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି। ଏମ୍ପ୍ଲଇ ୱେଲ୍‌ନେସ ଆସିଷ୍ଟାନ୍ସ କାର୍ଯ୍ୟକ୍ରମରେ କାଉନସେଲିଂ କାର୍ଯ୍ୟକ୍ରମ, ଆପ୍ ଭିତ୍ତିକ ମାଇଣ୍ଡଫୁଲନେସ ପ୍ରୋଗ୍ରାମ, ମେଣ୍ଟାଲ ହେଲ୍‌ଥ ଆୱାରନେସ୍ ପ୍ରୋଗ୍ରାମ ମଧ୍ୟ ଏହା ମଧ୍ୟରେ ସାମିଲ ରହିଛି। ଏହି ପରିପ୍ରେକ୍ଷରେ ଟିଟିକେ ପ୍ରେଷ୍ଟିଜର ଅଧ୍ୟକ୍ଷ ଟି.ଟି.ଜଗନ୍ନାଥନ କହିଛନ୍ତି, ବର୍ତ୍ତମାନର କଠିନ ସମୟରେ ଅଂଶୀଦାରଙ୍କ ଲାଗି ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଉଛି।

### ପ୍ରତ୍ୟକ୍ଷ ଟିକସ ସଂଗ୍ରହ ୨ ଗୁଣ ବଢ଼ିଲା

**ନୂଆଦିଲ୍ଲୀ,୧୬।୬:** ଚଳିତ ଆର୍ଥିକ ବର୍ଷ ଅଦ୍ୟାବଧି ପ୍ରତ୍ୟକ୍ଷ ଟିକସ ସଂଗ୍ରହ ବେଶ୍ ଉନ୍ନତ ରହିଛି। ଆୟକର ବିଭାଗ ସୂଚନା ମୁତାବକ, ପ୍ରତ୍ୟକ୍ଷ ଟିକସ ସଂଗ୍ରହ ୨ ଗୁଣ ବୃଦ୍ଧି ଘଟି ୧.୮୫ ଲକ୍ଷ କୋଟି ଟଙ୍କା ଛୁଇଁଛି। ଏହା ଗତ ବର୍ଷ ସମାନ ଅବଧିରେ ୯୨,୭୬୨ କୋଟି ଟଙ୍କା ରହିଥିଲା। ଏହାକୁ ଦେଖିଲେ ଟିକସ ସଂଗ୍ରହରେ ୧୦୦% ଅଭିବୃଦ୍ଧି ହୋଇଛି। ରିପୋର୍ଟ ମୁତାବକ ଏପ୍ରିଲ ପହିଲାରୁ ଜୁନ୍ ୧୫ ମଧ୍ୟରେ ପ୍ରତ୍ୟକ୍ଷ ଟିକସ ଆଦାୟ କ୍ଷେତ୍ରରେ ଏଭଳି ବୃଦ୍ଧି ପରିଲକ୍ଷିତ ହୋଇଛି। ଏହା ମଧ୍ୟରେ କର୍ପୋରେଟ ଆୟକର ସଂଗ୍ରହ ୭୪,୩୫୬ କୋଟି ଏବଂ ବ୍ୟକ୍ତିଗତ ଆୟକର ବାବଦ ୧.୧୧ ଲକ୍ଷ କୋଟି ଟଙ୍କା ରହିଛି।

# ଡିଏପି ସାର ସବ୍‌ସିଡି ୭୦୦ ଟଙ୍କା ବୃଦ୍ଧି

**ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ**

**ନୂଆଦିଲ୍ଲୀ,୧୬।୬**



କେନ୍ଦ୍ର ସରକାର ଡିଏପି ସାର ଉପରେ ବ୍ୟାଗ୍ ପିଛା ସବ୍‌ସିଡିକୁ ୭୦୦ ଟଙ୍କା ବଢ଼ାଇଛନ୍ତି। ବୁଧବାର କେନ୍ଦ୍ର କ୍ୟାବିନେଟ୍ ଏ ସଂକ୍ରାନ୍ତ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛି। ଏଭଳି ନିଷ୍ପତ୍ତି ଦ୍ୱାରା ରାଜକୋଷ ଉପରେ ଅତିରିକ୍ତ ୧୪,୭୭୫ କୋଟି ଟଙ୍କାର ବୋଝ ପଡ଼ିବ। ଅନ୍ତର୍ଜାତୀୟ ବଜାରରେ ବିଭିନ୍ନ ଇନ୍‌ପୁଟ୍ ଖର୍ଚ୍ଚ ବଢ଼ିଥିବା ବେଳେ କୃଷକ ଯେଭଳି ସୁଲଭ ମୂଲ୍ୟରେ ସାର କ୍ରୟ କରିପାରିବେ ତାକୁ ଧ୍ୟାନରେ ରଖି ସରକାର ଏଭଳି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ୟୁରିଆ ପରେ ଡିଏପି ସାର ଦେଶରେ କୃଷକଙ୍କ ଦ୍ୱାରା ବହୁଳ ଭାବେ ବ୍ୟବହୃତ ହୋଇଥାଏ। ଗତ ମାସରେ କେନ୍ଦ୍ର ସରକାର ଡିଏପି ସବ୍‌ସିଡି ପ୍ରାୟ ୧୪୦% ବୃଦ୍ଧି କରିବା ନେଇ ନିଷ୍ପତ୍ତି ଗ୍ରହଣ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଏ ନେଇ ନିଷ୍ପତ୍ତି ହୋଇଥିଲା।

ଏ ସଂକ୍ରାନ୍ତରେ ସୂଚନା ଦେଇ ରସାୟନ ଏବଂ ସାର ରାଷ୍ଟ୍ରମନ୍ତ୍ରୀ ମନସୁଖ ମାଣ୍ଡବୀୟ କହିଛନ୍ତି, ସରକାରଙ୍କ ଏଭଳି ନିଷ୍ପତ୍ତି ଦ୍ୱାରା କୃଷକମାନେ ଲାଭବାନ ହୋଇପାରିବେ। କୃଷକମାନେ ପୁରୁଣା ରେଟ୍ ବ୍ୟାଗ୍ ପିଛା ୧୨ ଶହ ଟଙ୍କାରେ ଡିଏପି କ୍ରୟ କରିପାରିବେ। ଗୋଟିଏ ବ୍ୟାଗ୍ ଉପରେ ସବ୍‌ସିଡି ପୂର୍ବରୁ ୫୦୦ ଟଙ୍କା ରହିଥିଲା। ଏହା ବର୍ତ୍ତମାନ ୭୦୦ ଟଙ୍କା ବୃଦ୍ଧି ହେବାରୁ ୧୨ ଶହ ଟଙ୍କା ଛୁଇଁଛି। ଯାହାଦ୍ୱାରା କୃଷକ ଲାଭବାନ ହୋଇପାରିବେ। ଗତ ବର୍ଷ ଡିଏପି ବ୍ୟାଗ୍ ପିଛା ୧୭୦୦ ଟଙ୍କା ରହିଥିଲା। ଏହା ଉପରେ କେନ୍ଦ୍ର ସରକାର ୫୦୦ ଟଙ୍କାର ସବ୍‌ସିଡି ଦେଉଥିଲେ। ଫଳରେ କମ୍ପାନୀଗୁଡିକ କୃଷକଙ୍କୁ ଏହାକୁ ୧୨ ଶହ ଟଙ୍କାରେ ବିକ୍ରି କରୁଥିଲେ।

ବିଶ୍ୱ ବଜାରରେ ଦର ବଢ଼ିବାରୁ ଏହା ବର୍ତ୍ତମାନ ୨୪ ଶହ ଟଙ୍କା ଛୁଇଁଛି। ଲୋକଙ୍କୁ ସେହି ୧୨ ଶହ ଟଙ୍କାରେ ସାର ଯୋଗାଣ ଲାଗି ସବ୍‌ସିଡିକୁ ବ୍ୟାଗ୍ ପିଛା ୧୨ ଶହ ଟଙ୍କାକୁ ବଢ଼ାଇଥିବା ସରକାର କହିଛନ୍ତି। ସେହିଭଳି ୟୁରିଆ ଉପରେ ସରକାର ୯୦୦ ଟଙ୍କା ସବ୍‌ସିଡି ଦେଉଥିବା ମାଣ୍ଡବୀୟ ସ୍ପଷ୍ଟ କରିଛନ୍ତି।

# ଦୂତୀ ଚାନ୍ଦ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଏମଣ୍ଡର ବ୍ରାଣ୍ଡ ଆମ୍ବାସାଡର

**ଭୁବନେଶ୍ୱର,୧୬।୬**





ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଧାବିକା ଦୂତୀ ଚାନ୍ଦ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଏମଣ୍ଡର ନୂଆ ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ ହୋଇଛନ୍ତି। କମ୍ପାନୀର ନୂଆ ଲାଇଟୱେଟ୍ ଜୁଏଲେରି ଏଲଭରଲାଇଟକୁ ସେ ପ୍ରମୋଶନ କରିବେ। ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଏମଣ୍ଡ ପକ୍ଷରୁ ପ୍ରାଇଡ୍ ମାସ ପାଳନ ସ୍ୱରୂପ ଏଲ୍‌ଜିବିଟି ସମ୍ପ୍ରଦାୟକୁ ସମ୍ମାନ ଜଣାଯାଇଛି। ଏହି ଆଧାରରେ ନୂଆ ଅଭିଯାନ ମୋର୍ ପାୱାର ଟୁ ପ୍ରାଇଡ୍, ଲଭ୍ ଇଜ୍ ଲଭ୍ ଏହି ଅବସରରେ ଆରମ୍ଭ କରାଯାଇଛି। ଏକ ଭର୍ଚୁଆଲ କାର୍ଯ୍ୟକ୍ରମରେ କମ୍ପାନୀର ସିଇଓ ଶୁଭଙ୍କର ସେନ୍ ଏବଂ ବ୍ରାଣ୍ଡ ଆମ୍ବାସାଡର ଦୂତୀ ଚାନ୍ଦ ନୂଆ 'ଲଭ୍ ଇଜ୍ ଲଭ୍' କଲେକ୍ସନକୁ ଉନ୍ମୋଚନ କରିଥିଲେ। ଲଭ୍ ସମ୍ଭାରରେ ଗ୍ରାହକ ସିଗ୍ନେଚର ବର୍ଗରେ ସୁନା ଓ ହୀରା ରିଙ୍ଗ୍, ଇୟର ଷ୍ଟଡ, ଚେନ୍ ଓ ପେଣ୍ଡାଣ୍ଟ ଭଳି ଗହଣା ପାଇପାରିବେ। ଏହା ଦୈନନ୍ଦିନ ଏବଂ ପାର୍ଟିରେ ପିନ୍ଧିବା ଲାଗି ବ୍ୟବହାର କରାଯାଇପାରିବ। ଏହି ସମ୍ଭାରରେ ଥିବା ସୁନା ଏବଂ ହୀରା ଗହଣାଗୁଡିକ ୧୨ ହଜାର ଟଙ୍କାରୁ ଆରମ୍ଭ ହେଉଛି। ଦୂତୀ ଚାନ୍ଦଙ୍କୁ ବ୍ରାଣ୍ଡ ଆମ୍ବାସାଡର ଭାବେ ପାଇ ଅତ୍ୟନ୍ତ ଖୁସି ବୋଲି ସିଇଓ ସେନ୍ କହିଛନ୍ତି। ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଏମଣ୍ଡର ବ୍ରାଣ୍ଡ ଆମ୍ବାସାଡର ହେବା ଅତ୍ୟନ୍ତ ଆନନ୍ଦ ପ୍ରଦାନ କରିଥିବା ଦୂତୀ କହିଛନ୍ତି।

# ଆମ୍ବୁଲାନ୍ସ ଦେଲା ଖିମ୍‌ଜୀ ଫାଉଣ୍ଡେଶନ





**ପୁରୀ ଅଫିସ, ୧୬।୬**

ଖିମ୍‌ଜୀ ଫାଉଣ୍ଡେଶନ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ଏକ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ଖିମ୍‌ଜୀ ଫାଉଣ୍ଡେଶନର ଡାଇରେକ୍ଟର ମିତେଶ୍ ଖିମଜୀ ବୁଧବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାରଙ୍କୁ ଏହି ଆମ୍ବୁଲାନ୍ସ ପ୍ରଦାନ କରିଛନ୍ତି। ଶ୍ରଦ୍ଧାଳୁ, ପର୍ଯ୍ୟଟକ, ତୀର୍ଥଯାତ୍ରୀ, ସେବାୟତ ଏବଂ ଶ୍ରୀମନ୍ଦିର ପ୍ରଶାସନର କର୍ମଚାରୀଙ୍କୁ ଜରୁରୀ ସ୍ୱାସ୍ଥ୍ୟସେବା ପାଇଁ ଏହି ଆମ୍ବୁଲାନ୍ସ ଯୋଗେ ତୁରନ୍ତ ଡାକ୍ତରଖାନା ନିଆଯାଇପାରିବ। ୨୮ଲକ୍ଷ ଟଙ୍କାରେ କ୍ରୟ ହୋଇଥିବା ଏହି ଆମ୍ବୁଲାନ୍ସରେ ବେସିକ୍ ଲାଇଫ୍ ସପୋର୍ଟ ସିଷ୍ଟମ ରହିଛି। ଶ୍ରୀମନ୍ଦିର ପ୍ରଶାସନ ପାଖରେ ପୂର୍ବରୁ ଦୁଇଟି ଆମ୍ବୁଲାନ୍ସ ରହିଥିଲା। ବିଶେଷ ପର୍ବପର୍ବାଣିରେ ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେଉଥିବାବେଳେ ଅନେକେ ବିଭିନ୍ନ କାରଣରୁ ଆହତ ହେଉଥିଲେ। ତେବେ ଏଣିକି ନୂତନ ଆମ୍ବୁଲାନ୍ସ ମାଧ୍ୟମରେ ତୁରନ୍ତ ସ୍ୱାସ୍ଥ୍ୟସେବା ମିଳିପାରିବ ବୋଲି ଆଶା କରାଯାଉଛି।

### ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ଖର୍ଚ୍ଚ ହୋଇପାରେ ୫୦ ହଜାର କୋଟି

**ନୂଆଦିଲ୍ଲୀ,୧୬।୬**

ଦେଶର ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ୫୦ ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇପାରେ। କ୍ରେଡିଟ୍ ଇନସେନଟିଭ ବା ଋଣ ପ୍ରୋତ୍ସାହନ ଭାବେ ଏହାକୁ ଖର୍ଚ୍ଚ କରାଯିବ। ଏହି ଯୋଜନାରେ କମ୍ପାନୀ ଗୁଡିକ ଦ୍ୱାରା ନୂଆ ହସ୍ପିଟାଲ ସ୍ଥାପନ କରିବା, ଏହାର ବିସ୍ତାର ଏବଂ ମେଡିକାଲ ସପ୍ଲାଇ ଲାଗି କ୍ରେଡିଟ୍ ଫଣ୍ଡ ବ୍ୟବସ୍ଥା କରାଯିବାକୁ ଯୋଜନା ରହିଛି। କ୍ୟାବିନେଟ ନିକଟରେ ଏହି ପ୍ରସ୍ତାବ ରହିଥିବା ବେଳେ ଏହାକୁ ଶୀଘ୍ର ମଞ୍ଜୁରୀ ମିଳିପାରେ ବୋଲି କୁହାଯାଉଛି। ଏହା ଦ୍ୱାରା ଦେଶର ଟାୟାର ୨ ସହରଗୁଡିକୁ ଫୋକସ କରାଯିବ। ଏହି ଯୋଜନାରେ ହସ୍ପିଟାଲଗୁଡ଼ିକୁ ବିନା କୌଣସି ଗ୍ୟାରେଣ୍ଟିରେ ୨ କୋଟି ଟଙ୍କାର ଋଣ ମିଳିବ। ଅନସାଇଟ୍ ଅକ୍ସିଜେନ ପ୍ଲାଣ୍ଟ ଲାଗି ମଧ୍ୟ ୨ କୋଟି ଟଙ୍କାର ପାଣ୍ଠି ବ୍ୟବସ୍ଥା କରାଯିବ। ଏହାର ସମ୍ପୂର୍ଣ୍ଣ ଗ୍ୟାରେଣ୍ଟି ସରକାର ନେବେ। ଏଭଳି ବ୍ୟବସ୍ଥା ଦ୍ୱାରା କୋଭିଡ ସମ୍ପର୍କିତ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ମଧ୍ୟ ସରକାରଙ୍କ ନଜର ରହିବ।

# ବଜାରରେ ନୂଆ ସ୍କୋଡା ଅକ୍ଟାଭିଆ



**ନୂଆଦିଲ୍ଲୀ,୧୬।୬**

ସ୍କୋଡା ଅଟୋ ଇଣ୍ଡିଆ ପକ୍ଷରୁ ନୂଆ ଅକ୍ଟାଭିଆ ମଡେଲ ଭାରତ ବଜାରରେ ପ୍ରବେଶ କରିଛି। ଲକ୍ସ୍ୟୁରି କାର୍ ବର୍ଗରେ ଏହା ଗ୍ରାହକଙ୍କ ଲାଗି ଏକ ମୂଲ୍ୟଯୁକ୍ତ ବିକଳ୍ପ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ମଡେଲଟିର ଏକ୍ସଶୋ'ରୁମ୍ ବଜାର ଦର ୨୫.୯୯ ଲକ୍ଷ ଟଙ୍କା ରହିଛି। ଏହା ଷ୍ଟାଇଲ ଆଣ୍ଡ ଲରିନ ଓ କ୍ଲିମେଣ୍ଟ ଭାରିଆଣ୍ଟରେ ଉପଲବ୍ଧ ହେଉଛି। ଏହା ଅକ୍ଟାଭିଆର ୪ର୍ଥ ପିଢ଼ିର ଯାନ। ଏଥିରେ ୨.୦ ଟିଏସ୍‌ଆଇ ଇଞ୍ଜିନ, ୧୯୦ ପିଏସ୍ ପାୱାର, ୩୨୦ ଏନ୍‌ଏମ୍ ଟର୍କ, ଲିଟର ପିଛା ୧୫.୮୧ କି.ମି.ର ଇନ୍ଧନ ଦକ୍ଷତା ଗ୍ରାହକ ପାଇପାରିବେ। ସେହିଭଳି ସିଫ୍ଟ ବାଏ ୱେର ଟେକ୍ନୋଲୋଜି, ୭ ସ୍ପିଡ୍ ଡିଏସ୍‌ଜି ଗିୟର ବକ୍ସ ଏବଂ ଅତ୍ୟାଧୁନିକ ନିରାପତ୍ତା ଫିଚର ମଧ୍ୟ ଏଥିରେ ସ୍ଥାନିତ କରାଯାଇଛି। 'ୱାନ୍ ନେଶନ ୱାନ୍ ପ୍ରାଇସ୍' ନୀତିରେ ଏହାକୁ ପ୍ରସ୍ତୁତ କରାଯାଇଛି। ନୂଆ ମଡେଲଟି ଭାରତ ବଜାରରେ କମ୍ପାନୀର ଅଭିବୃଦ୍ଧି ଦିଗରେ ଯୋଗଦାନ ରଖିବ ବୋଲି ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ଡାଇରେକ୍ଟର ଜ୍ୟାକ୍ ହୋଲିସ କହିଛନ୍ତି।

### ଛାତ୍ରଙ୍କୁ ଫେସ୍‌ବୁକ ଦେଲା ୨୨ ଲକ୍ଷ

**ମୁମ୍ବାଇ:** ସୋସିଆଲ ମିଡିଆ ପ୍ଲାଟଫର୍ମ ଇନ୍‌ଷ୍ଟାଗ୍ରାମର ଏକ ତ୍ରୁଟି ବାହାର କରିଥିବା ଜଣେ ଭାରତୀୟ ଛାତ୍ରଙ୍କୁ ଫେସ୍‌ବୁକ ୨୨ ଲକ୍ଷ ଟଙ୍କା ପୁରସ୍କାର ଦେଇଛି। ମହାରାଷ୍ଟ୍ରରେ ରହୁଥିବା ୨୧ବର୍ଷୀୟ ମୟୁର ନାମକ ଜଣେ ଡେଭେଲପର ଏହି ପୁରସ୍କାର ରାଶି ପାଇଛନ୍ତି। ଯେତେବେଳେ ଦୁଇ ଆକାଉଣ୍ଟଧାରୀ ପରସ୍ପରକୁ ଫଲୋ କରନ୍ତି ସେତେବେଳେ ହିଁ ବ୍ୟକ୍ତିଗତ ଆକାଉଣ୍ଟକୁ ସେମାନେ ଇନ୍‌ଷ୍ଟାଗ୍ରାମରେ ଦେଖିପାରନ୍ତି। କିନ୍ତୁ କୌଣସି ବ୍ୟକ୍ତିଙ୍କୁ ବିନା ଫଲୋ କରି ଅନ୍ୟ ଆକାଉଣ୍ଟର ଗୋପନୀୟତାକୁ ସହଜରେ ଦେଖିହେଉଥିବା ନେଇ ମୟୁର ଇନ୍‌ଷ୍ଟାଗ୍ରାମର ତ୍ରୁଟିକୁ ବାହାର କରିଥିଲେ। ଏଥିଯୋଗୁ ୟୁଜର୍ସମାନଙ୍କ ଗୋପନୀୟତା ସୁରକ୍ଷିତ ରହୁ ନ ଥିବା ନେଇ ଏପ୍ରିଲ ୧୬ରେ ମୟୁର ଫେସ୍‌ବୁକ୍‌କୁ ସୂଚନା ଦେଇଥିଲେ। ଇନ୍‌ଷ୍ଟାର ଏହି ସମସ୍ୟାକୁ ଫେସ୍‌ବୁକ୍ ସ୍ୱୀକାର କରିବା ସହ ତାହାକୁ ସଂଶୋଧିତ କରାଯାଇଛି। ମୟୁରଙ୍କ ଏହି କାର୍ଯ୍ୟ ପାଇଁ ଫେସ୍‌ବୁକ୍ ତାଙ୍କୁ ୩୦ ହଜାର ଡଲାର ପୁରସ୍କାର ଦେଇଛି।

## ଫୁରସତ୍

# ୫ ଦେଶକୁ ଛୁଇଁନି କରୋନା

**ନୂଆଦିଲ୍ଲୀ:** ଦୀର୍ଘ ଦେଢ଼ ବର୍ଷରୁ ଅଧିକ ସମୟ ହେଲା କରୋନା କବଳରେ ପଡ଼ିଛି ପୃଥିବୀ। ଚାଇନାରୁ ଆରମ୍ଭ ହୋଇଥିବା ଏହି ଘାତକ ରୋଗରେ ଊଣା ଅଧିକେ ପ୍ରଭାବିତ ହୋଇଛନ୍ତି ଅଧିକାଂଶ ଦେଶ। ଆମେରିକା, ୟୁକେ ଭଳି ସୁଦୃଢ଼ ସ୍ୱାସ୍ଥ୍ୟ ଭିତ୍ତିଭୂମି ଥିବା ରାଷ୍ଟ୍ର ଅଦୃଶ୍ୟ ଭୂତାଣୁ ଆଗରେ ଆଣ୍ଠେଇବାକୁ ବାଧ ହୋଇଛନ୍ତି। ପ୍ରଥମ ଲହରରେ କମ୍ ପ୍ରଭାବିତ ହୋଇଥିବା ଭାରତ ଦ୍ୱିତୀୟ ଲହରରେ ସର୍ବାଧିକ କରୋନା ପ୍ରଭାବିତ ଦେଶ ତାଲିକାରେ ସାମିଲ ହୋଇଛି। ତେବେ ଭୂତାଣୁ ଆସିବା ଦିନରୁ ଅଦ୍ୟାବଧି ପୃଥିବୀର ୫ ଦେଶକୁ ଛୁଇଁପାରିନି କରୋନା। ଠିକ୍ ସମୟରେ ଉଚିତ ପଦକ୍ଷେପ, ଆବଶ୍ୟକତାଠାରୁ ଅଧିକ ସତର୍କତା ଏବଂ କଠୋର ଅନୁଶାସନ ଯୋଗୁ ଏହା ସମ୍ଭବପର ହୋଇପାରିଛି।

**ଉତ୍ତର କୋରିଆ:** ପୃଥିବୀର ସବୁଠାରୁ ରହସ୍ୟମୟ ଦେଶ ହେଉଛି ଉତ୍ତର କୋରିଆ। ଏଠାରେ କରୋନାର ପ୍ରଥମ ସନ୍ଦିଗ୍ଧ ମାମଲା ଆସିଥିଲା ୨୦୨୦ ଜୁଲାଇ ୨୬ରେ। ହେଲେ ପରୀକ୍ଷାନିରୀକ୍ଷାରୁ ସଂକ୍ରମିତଙ୍କ ଶରୀରରୁ କରୋନା ଭୂତାଣୁ ଠାବ ହୋଇ ନ ଥିବା ସରକାର ସ୍ପଷ୍ଟ କରିଥିଲେ। ଚାଇନାରେ କରୋନା ସଂକ୍ରମଣ ଆରମ୍ଭ ହେବା ପରେ ୨୦୨୦ ଜାନୁୟାରୀ ୨୧ରେ ଉତ୍ତର କୋରିଆ ନିଜର ସମସ୍ତ ସୀମା ସିଲ୍ କରିଦେଇଛି। ଅଦ୍ୟାବଧି ଏହି କଟକଣା ଲାଗୁରହିଛି। ବାହାରୁ ଆସୁଥିବା ବ୍ୟକ୍ତିଙ୍କୁ ସର୍ବନିମ୍ନ ୧ରୁ ୨ ମାସ ଯାଏ କ୍ୱାରାଣ୍ଟାଇନ୍‌ରେ ରହିବା ବାଧ୍ୟତାମୂଳକ କରାଯାଇଛି। ଦେଶରେ ଅଦ୍ୟାବଧି ଗୋଟିଏ ହେଲେ କରୋନା ସଂକ୍ରମିତ ବାହାରି ନ ଥିବା ଦାବି କରାଯାଇଛି।

**ତୁର୍କମେନିସ୍ତାନ:** କାଜାଖସ୍ତାନ, ଉଜବେକିସ୍ତାନ, ତାଜିକସ୍ତାନ, ଇରାନ ଏବଂ ଆଫଗାନିସ୍ତାନ ଭଳି ଦେଶ ତୁର୍କମେନିସ୍ତାନକୁ ଘେରି ରହିଛନ୍ତି। ପଡ଼ୋଶୀ ଦେଶରେ କରୋନା ଆତଙ୍କ ସୃଷ୍ଟି କରିଥିଲେ ହେଁ ତୁର୍କମେନିସ୍ତାନକୁ ଛୁଇଁପାରିନାହିଁ ଭୂତାଣୁ। ପଡ଼ୋଶୀ ଦେଶରେ କୋଭିଡ୍-୧୯ ସଂକ୍ରମଣ ବୃଦ୍ଧି ପାଇବାର ଯଥେଷ୍ଟ ପୂର୍ବରୁ ତୁର୍କମେନିସ୍ତାନ ସରକାର ଦେଶର ସୀମା ସିଲ୍



କରିଦେଇଥିଲେ। ଏପରି କି ଦେଶବାସୀଙ୍କୁ କରୋନା ଶବ୍ଦର ବ୍ୟବହାର ଉପରେ କଟକଣା ଜାରି କରାଯାଇଥିଲା। ତେଣୁ ଦେଶ କରୋନା ମହାମାରୀ କବଳରୁ ବଞ୍ଚିଯାଇଥିବା ସେଠାକାର ସରକାର ଦାବି କରିଛନ୍ତି। ହେଲେ ଏହି ଦାବିକୁ ଅନେକ ଦେଶ ଗ୍ରହଣ କରୁନାହାନ୍ତି। ସରକାର ନିଶ୍ଚିତ ଭାବେ ତଥ୍ୟ ଲୁଚାଉଛନ୍ତି ବୋଲି ସେମାନେ ଜୋର୍ ଦେଇ କହୁଛନ୍ତି। ତଥାପି ସରକାରୀସ୍ତରରେ ତୁର୍କମେନିସ୍ତାନରେ ଅଦ୍ୟାବଧି ଗୋଟିଏ ହେଲେ କରୋନା ସଂକ୍ରମଣ ଆସିଥିବା ସ୍ପଷ୍ଟ କରାଯାଇନାହିଁ।

**କିରିବାଟି:** ଭୌଗୋଳିକ ଗଠନ ଯୋଗୁ କେନ୍ଦ୍ରୀୟ ପ୍ରଶାନ୍ତ ମହାସାଗର ମଧ୍ୟରେ ଅବସ୍ଥିତ ଏହି କ୍ଷୁଦ୍ର ଦେଶ ନିଜକୁ କରୋନାଠାରୁ ଦୂରରେ ରଖିପାରିଛି। ହାରାହାରି ୧ ଲକ୍ଷ ୨୦ ହଜାର ଜନସଂଖ୍ୟା ବିଶିଷ୍ଟ ଏହି ଦେଶରେ ଗତ ଦେଢ଼ବର୍ଷ ମଧ୍ୟରେ ଭାଇରସ୍ ସଂକ୍ରମଣରେ ଗୋଟିଏ ବି ମାମଲା ସାମ୍ନାକୁ ଆସିନାହିଁ। ପୃଥିବୀରେ କରୋନା ଆତଙ୍କ ସୃଷ୍ଟି କରିଥିବାବେଳେ ଏଠାରେ ପ୍ରଥମରୁ ଲକ୍‌ଡାଉନ୍ ଜାରି ରହିଛି। ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ କରିଦିଆଯାଇଛି। ସ୍ଥାନୀୟ ପ୍ରଶାସନ ଜନସାଧାରଣଙ୍କୁ ଭୂତାଣୁ କବଳରୁ ଦୂରେଇ ରଖିବାକୁ ଆବଶ୍ୟକ ସମସ୍ତ ପ୍ରକାର ପ୍ରତିଷେଧକମୂଳକ ବ୍ୟବସ୍ଥା ହାତକୁ ନେଇଛନ୍ତି।

**ଟୋଙ୍ଗା:** ପ୍ରଶାନ୍ତ ମହାସାଗରୀୟ ଅତ୍ୟତମ ଦ୍ୱୀପ ରାଷ୍ଟ୍ର ଟୋଙ୍ଗା ଅଦ୍ୟାବଧି କରୋନା କବଳରୁ ମୁକ୍ତ ଥିବା ଦାବି କରିଛି। ନିକଟତମ ଦେଶ ଫିଜିରେ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ଗତ ବର୍ଷ ମାର୍ଚ୍ଚ ୨୯ରେ ଦେଶକୁ ଲକ୍‌ଡାଉନ୍ କରିଦିଆଯାଇଥିଲା। ଫସିଥିବା ବିଭିନ୍ନ ଦେଶର ପର୍ଯ୍ୟଟକମାନଙ୍କୁ ସେମାନଙ୍କ ସୁବିଧା ଅନୁଯାୟୀ ଯିବା ଲାଗି ଅନୁମତି ପ୍ରଦାନ କରାଯାଇଥିଲା। ଜୁଲାଇରେ ଫିଜିରେ ଫସିଥିବା ନିଜ ଦେଶର ନାଗରିକଙ୍କୁ ଆଣିବା ଲାଗି ଟାଙ୍ଗୋ ପକ୍ଷରୁ ବିମାନ ଚଳାଚଳ ଆରମ୍ଭ ହୋଇଥିଲା। ଏଥିରେ ଥରକେ ମାତ୍ର ୬୦ ଜଣଙ୍କୁ ଅନୁମତି ଦିଆଯାଇଥିଲା। ଆସିବା ପରେ ସେମାନଙ୍କ ରହିବା ଲାଗି ସ୍ୱତନ୍ତ୍ର ହୋଟେଲରେ କ୍ୱାରାଣ୍ଟାଇନ୍ ବ୍ୟବସ୍ଥା କରାଯାଇଥିଲା। ଉକ୍ତ ହୋଟେଲଗୁଡ଼ିକ ସମେତ ଆଖପାଖ ଅଞ୍ଚଳ, ରାସ୍ତାକୁ ସିଲ୍ କରି ଦିଆଯାଇଥିଲା।

**ପାଲାଉ:** ପଶ୍ଚିମ ପ୍ରଶାନ୍ତ ମହାସାଗର ଭିତରେ ଅବସ୍ଥିତ ପାଲାଉ କରୋନା କବଳରୁ ନିଜକୁ ସୁରକ୍ଷିତ ରଖିବାରେ ସକ୍ଷମ ହୋଇଛି। ଗତ ଦେଢ଼ ବର୍ଷ ଭିତରେ ବାହାରୁ ଆସିଥିବା ଜଣେ ବ୍ୟକ୍ତିଙ୍କ ନିକଟରେ କରୋନା ଲକ୍ଷଣ ଦେଖାଦେଇଥିଲା। ତେବେ ପରୀକ୍ଷା ନିରୀକ୍ଷା ପରେ ତାଙ୍କ ରିପୋର୍ଟ ନେଗେଟିଭ୍ ଆସିଥିଲା। ଗତ ବର୍ଷକ ଭିତରେ ଏଠାରୁ ଜଣେ କେହି କରୋନା ସଂକ୍ରମିତ ବାହାରି ନାହାନ୍ତି। ଦେଶ କରୋନା ବିରୋଧୀ ଲଢେଇକୁ ଅତି ସତର୍କତାର ସହ ଲଢ଼ିବାରେ ସକ୍ଷମ ହୋଇଛି।

**ବିବାହର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ଅଜସ୍ର ଶୁଭେଚ୍ଛା**



ଶ୍ରୀମତୀ କୁମୁଦିନୀ ସିଂହ ସାମନ୍ତ
ଶ୍ରୀଯୁକ୍ତ ହୃଦାନନ୍ଦ ସିଂହ ସାମନ୍ତ
ମଙ୍ଗଳପୁର, ସୁକିନ୍ଦା, ଯାଜପୁର

ବିଶ୍ୱନିୟନ୍ତାଙ୍କ ଅପାର କରୁଣାରୁ ଦୀର୍ଘ ପଚାଶ ବର୍ଷ ଧରି ଆପଣଙ୍କର ସାନ୍ନିଧ୍ୟ, ସ୍ନେହ, ଶ୍ରଦ୍ଧା, ଶୁଭକାମନା ସମସ୍ତଙ୍କୁ ଏକାଠି କରି ଚାଲିବାର ସଦିଚ୍ଛା, ଯୌଥପରିବାରର ବହୁ ବାଧାବିଘ୍ନ ସହି ଜୀବନର ଚଲାପଥରେ ନୀରବପଥିକ ପରି ଜୀବନ ଯାତ୍ରା ପ୍ରେରଣାର ଉତ୍ସ ହୋଇ ଆମ୍ଭମାନଙ୍କୁ ପ୍ରତିଟି ମୁହୂର୍ତ୍ତରେ ଅନୁପ୍ରାଣିତ କରିଆସୁଛି। ଆପଣଙ୍କ ସକୁଶଳ ଦାମ୍ପତ୍ୟ ସହଯାତ୍ରା ଚିରନ୍ତନ ହେଉ, ଏହାହିଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା। *ଅକୁଣ୍ଠ ଶୁଭେଚ୍ଛା ସହ:* ପୁତ୍ର, କନ୍ୟା, ପୁତ୍ରବଧୂ, ଜାମାତା, ନାତି, ନାତୁଣୀ, ଭଉଣୀ, ଭାଇ, ପୁତୁରା, ଝିଆରୀ, ନଣନ୍ଦ, ନଣଦେଇ, ଦିଅର, ଯା'ମାନେ।

ଧ-୭୦୭୦୯

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**✓ଦୁର୍ଗାଚରଣ ପ୍ରଧାନ**
ବୁଦ୍ଧେଶ୍ୱରୀ, ଭୁବନେଶ୍ୱର
ଆବିର୍ଭାବ : ୦୨.୦୬.୧୯୪୭
ତିରୋଧାନ : ୦୮.୦୬.୨୦୨୧

ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା

**ଶୋକସନ୍ତପ୍ତ:**
ପତ୍ନୀ : ସାବିତ୍ରୀ ପ୍ରଧାନ
ପୁତ୍ର : ସୀତଲ୍ କୁମାର ଏବଂ କମଳ ପ୍ରଧାନ
ପୁତ୍ରବଧୂ: ଜ୍ୟୋତ୍ସ୍ନାରାଣୀ ଏବଂ ଗାୟତ୍ରୀ ପ୍ରଧାନ
ଝିଅ: କଲ୍ୟାଣୀ, ଜ୍ୱାଇଁ: ଚିତ୍ତ ରଂଜନ,
ନାତି, ନାତୁଣୀ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ

ଧ-୭୦୯୨୭

# ସ୍କେଟିଂରେ ସଚେତନତା



**ଲକ୍ଷ୍ନୌ:** ଶାଢ଼ି ପିନ୍ଧି ସ୍କେଟିଂ କରି ଗାଁ ଦାଣ୍ଡରେ ଲୋକଙ୍କୁ ଟିକା ନେବା ପାଇଁ ପ୍ରବର୍ତ୍ତାଉଛନ୍ତି ଶ୍ରୀଗୁପ୍ତା। ଉତ୍ତରପ୍ରଦେଶ ସୀତାପୁରର ରାମକୋଟ ଗାଁରେ ରୁହନ୍ତି ୧୧ ବର୍ଷର ବାଳିକା ଶ୍ରୀଗୁପ୍ତା। ଏଇ ବୟସରେ ସେ ଶାଢ଼ି ପିନ୍ଧି ଗାଁର ଗଳିକନ୍ଦି ରାସ୍ତାରେ ସ୍କେଟିଂ କରୁଛନ୍ତି। ଗାଁ ଭିତର ରାସ୍ତାରେ ସେ ଏତେ ସୁନ୍ଦରଭାବରେ ସ୍କେଟିଂ କରୁଛନ୍ତି ଯେ ଲୋକେ ଦେଖି ଆଶ୍ଚର୍ଯ୍ୟ ହୋଇଥାନ୍ତି। ଶ୍ରୀଗୁପ୍ତା ଏଭଳିଭାବେ ଲୋକଙ୍କ ଦୃଷ୍ଟି ଆକର୍ଷଣ କରି ସେମାନଙ୍କୁ ସଚେତନ କରାଇବାକୁ ଚେଷ୍ଟା କରୁଛନ୍ତି। ଲୋକଙ୍କୁ ଭାକ୍ସିନ ନେବା ପାଇଁ ସେ ବାରମ୍ବାର ବୁଝାଉଛନ୍ତି। କାହିଁକି ନା ତାଙ୍କ ଅଞ୍ଚଳରେ ଏବେ ବି ଅନେକ ଲୋକ ଅଛନ୍ତି ଯେଉଁମାନେ ଭାକ୍ସିନ ନେବା ପାଇଁ ଭୟ କରୁଛନ୍ତି। ଗାଁ ଲୋକଙ୍କର ଏହି ମାନସିକତା ପାଇଁ ସ୍ୱାସ୍ଥ୍ୟକର୍ମୀମାନେ ମଧ୍ୟ ଚିନ୍ତିତ ହୋଇ ପଡ଼ିଛନ୍ତି। ଶ୍ରୀଗୁପ୍ତା ତାଙ୍କ ଜେଜେ ମା' ଓ ଜେଜେ ବାପାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବାବେଳେ ଲୋକଙ୍କର ଏଭଳି ମାନସିକତା ସମ୍ପର୍କରେ ଜାଣି ପାରିଥିଲେ। କାରଣ ଟିକା ନେବା ପାଇଁ ଢେର୍ ସମୟ ଅପେକ୍ଷା କରିଥିଲେ ବି ତାଙ୍କ ଜେଜେ ମା' ଓ ଜେଜେ ବାପା ଫେରି ଆସିଥିଲେ। କାହିଁକିନା ଗୋଟିଏ ଫାଇଲ୍ ଟିକାକୁ ଏକ ସମୟରେ ଖୋଲିବା ମାତ୍ରେ ୧୦ ଜଣଙ୍କୁ ହିଁ ଦିଆଯାଇଥାଏ। ନଚେତ୍ ଅନ୍ୟ ସମସ୍ତ ଫାଇଲ୍ ଖରାପ ହୋଇଯିବ। କିନ୍ତୁ ସାରା ଦିନ ଅପେକ୍ଷା ପରେ ବି ଗାଁର ୧୦ ଜଣ ଲୋକ ବି ଟିକା ନେବାକୁ ଯାଇ ନ ଥିଲେ। ଏହି ଘଟଣା ପରେ ଶ୍ରୀଗୁପ୍ତା ଆସି ନିଜେ ଗାଁ ଲୋକଙ୍କୁ ବୁଝାଇବା ଆରମ୍ଭ କରିଥିଲେ। ଗାଁ ଲୋକଙ୍କୁ ସଚେତନ କରିବା ପାଇଁ ସେ ଏବେ ଏଭଳି ଢଙ୍ଗରେ ଶାଢ଼ି ପିନ୍ଧି ସ୍କେଟିଂ କରି ଘର ଘର ବୁଲୁଛନ୍ତି। ଗୀତାଙ୍କ କଥା ଶୁଣିବା ପରେ ଲୋକେ ତ କିଛି ମାତ୍ରାରେ ସଚେତନ ହୋଇଛନ୍ତି, ଏହା ସହିତ ତାଙ୍କର ଏଭଳି ସଚେତନତାର ପ୍ରଭାବ ଏବେ ସବୁଆଡେ ପଡ଼ିଛି। ସୋସିଆଲ ମିଡିଆରେ ବି ଶ୍ରୀଗୁପ୍ତାଙ୍କର ଏଭଳି ସଚେତନତାକୁ ନେଇ ଚର୍ଚ୍ଚା ହେଉଛି। ସେଥିପାଇଁ ତାଙ୍କର ଏହି ଭିଜୁଆଲ ଏବେ ଭାଇରାଲ ହେବାରେ ଲାଗିଛି।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ବାବା ଅମିଲ୍ ସୁଫି**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସୈଁପତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9911436726
8800979262

**»»ଚମତ୍କାରକୁ ନମସ୍କାର««**
ଆପଣ ବିବ୍ରତ ହୁଅନ୍ତୁ ନାହିଁ, ଆପଣଙ୍କର ସବୁ ସମସ୍ୟାର 2 ଘଣ୍ଟାରେ ଘରେ ବସି ସମାଧାନ
ବ୍ୟବସାୟ, ପ୍ରେମବିବାହ, ଗୃହକ୍ଳେଶ ମନପସନ୍ଦ ବିବାହ, ବିଦେଶ ଯାତ୍ରା, କୋର୍ଟ କେସ୍, ସଉତୁଣୀ/ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୁଣିଗାରେଡ଼ି, କ୍ୟାରିୟରରେ ବାଧା, ଔଷଧ କାମ ନ କରିବା, ବଶୀକରଣ, ମୁଠକରଣୀ ଇତ୍ୟାଦି
ଯଦି କାହାର ସ୍ୱାମୀ, ପ୍ରେମିକ କିମ୍ବା ପୁଅ ଅନ୍ୟ କାହାର ବଶରେ ଆଆନ୍ତି ତେବେ ଆମକୁ ନିଶ୍ଚୟ କଲ୍ କରନ୍ତୁ
21 ବିଦ୍ୟା ଓ ଅଲୌକିକ ଶକ୍ତିର ସମ୍ରାଟ
ବିଶ୍ୱପ୍ରସିଦ୍ଧ ତାନ୍ତ୍ରିକ ବାବା
ମକବୁଲ ଖାନ୍ ବଙ୍ଗାଲୀ
9520764524

**ଖର୍ଚ୍ଚ ଋଣରୁ କଟିବ**
**KUBER FINANCE**
ନ୍ୟାଶନାଲ ଆୱାର୍ଡ ଭାରତର ନଂ.1 କମ୍ପାନୀ
ଲୋନ୍
24 ଘଣ୍ଟାରେ ଘରେ ବସି ଲୋନ୍ ପ୍ରାପ୍ତ କରନ୍ତୁ
ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
ଆଧାରକାର୍ଡ ଲୋନ୍, ଏଜୁକେଶନ ଲୋନ୍, ହୋମ୍ ଲୋନ୍, ପ୍ରପର୍ଟି ଲୋନ୍, ପର୍ସନାଲ ଲୋନ୍, ବିଜନେସ୍ ଲୋନ୍
1% ସୁଧ | 50% ଛାଡ଼
ମହିଳା, ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ।
*T&C
076830-42752

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଭୂମିକା

ରିଲିଜ ଅପେକ୍ଷାରେ..

# ମନ ମୋର କାଗଜ ଗୁଡ଼ି

ସୁମିତ୍ରା ଏଣ୍ଟରଟେନମେଣ୍ଟ ବ୍ୟାନରରେ ପ୍ରସ୍ତୁତ ନୂଆ ଓଡ଼ିଆ ସିନେମା 'ମନ ମୋର କାଗଜ ଗୁଡ଼ି' ରିଲିଜ ଅପେକ୍ଷାରେ ରହିଛି। ନବାଗତ ପ୍ରଯୋଜକ ଶିବିର ପରିଡ଼ା ଏବଂ ଲକ୍ଷ୍ମୀପ୍ରିୟା ପରିଡ଼ାଙ୍କ ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଦେବଜ୍ୟୋତି ପାତ୍ର (ଦୀପୁ)। ଏହାପୂର୍ବରୁ ସେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଓଡ଼ିଆ ସିନେମାର ମୁଖ୍ୟ ସହକାରୀ ନିର୍ଦ୍ଦେଶକ ଭାବରେ କାମ କରିସାରିଛନ୍ତି। ଏହାର ନାୟକ ଭୂମିକାରେ ଦେଖାଦେବେ ରାକେଶ ଏବଂ ତାଙ୍କର ନାୟିକା ସାଜିଛନ୍ତି ବୁଲବୁଲି ଭୂମିକା। ବିବେକାନନ୍ଦ ବାରିକ ଏବଂ ପାର୍ବତୀ ବାରିକଙ୍କ ସହ ପ୍ରଯୋଜନାରେ ଏଥିରେ ସଂଯୋଜିତ ତଥା ବସନ୍ତରାଜ ସାମଲ ଏବଂ ସୁବ୍ରତ ସ୍ୱାଇଁଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଜାପାନୀ ଭାଇ। ଦିବ୍ୟସିଂହ ରାୟଙ୍କ କାହାଣୀକୁ ଆଧାର କରି ସଂଳାପ ଲେଖିଛନ୍ତି ମାନସ ପଡ଼ିହାରୀ। ଜିତୁ, ସୀମା, ଲିପୁନ୍, ସଞ୍ଜୟ, ଭକ୍ତି, ଜ୍ଞାନ, ପ୍ରୀତି, ନାଗେଶ, ଗୁଡି ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ। କୋଭିଡ୍ ଗାଇଡ ଲାଇନ ଅନୁସାରେ ପ୍ରେକ୍ଷାଳୟ ଖୋଲିଲେ ଏହାର ମୁକ୍ତିଲାଭ ତାରିଖ ଫାଇନାଲ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ସଙ୍ଗୀତ ନିଶାରେ ଅଭିଜିତ

ସଙ୍ଗୀତ ସତେ ଯେମିତି ତାଙ୍କର ନିଶା ପାଲଟି ଯାଇଛି। ପିଲାଟି ଦିନରୁ କୌଣସି ଗୀତ ଶୁଣିବା ପରେ ତାହାକୁ ଗୁଣୁଗୁଣେଇ ଗାଇବାକୁ ଚେଷ୍ଟା କରନ୍ତି। ଗୀତ ଗାଇବା ପ୍ରତି ତାଙ୍କର ଏପରି ଆଗ୍ରହ ଦେଖି ତାଙ୍କର ପରିବାର ସଦସ୍ୟମାନେ ତାଙ୍କୁ ଆହୁରି ଉତ୍ସାହିତ କରିଥିଲେ। ସେ ହେଲେ ପୁରୀ ଜିଲା ନିମାପଡାରେ ଜନ୍ମିତ ଅଭିଷେକ ମହାନ୍ତି। ଶେଷରେ ପ୍ରଗାଢ଼ ଉଦ୍ୟମ ବଳରେ ଆଜି ସେ ନିଜକୁ ଜଣେ ଗାୟକ ଭାବରେ ପରିଚିତ କରାଇପାରିଛନ୍ତି। ବେଶ୍ କେତୋଟି ଷ୍ଟେଜ୍ ଶୋ' ଏବଂ ବିଭିନ୍ନ ଚ୍ୟାନେଲରେ ପ୍ରସାରିତ ସଙ୍ଗୀତଭିତ୍ତିକ ରିୟାଲିଟି ଶୋ'ରେ ଅଂଶଗ୍ରହଣ କରି ସେ ସାଉଁଟିଛନ୍ତି ଅନେକ ପ୍ରଶଂସା। ଏ ନେଇ ଅଭିଜିତ କହନ୍ତି, 'ସ୍କୁଲରେ ପଢ଼ିବା ସମୟରେ ମୁଁ ଗୀତ ଗାଇବା ଆରମ୍ଭ କରିଥିଲି। ସେ ସମୟରେ ମୋତେ ଯେଉଁ ପ୍ରୋତ୍ସାହନ ମିଳିଥିଲା ତାକୁ ପାଥେୟ କରି ମୋ ଗାୟକ ଜୀବନକୁ ମୁଁ ଆଗେଇ ନେଉଛି। ୨୦୦୮ରେ କର୍ନାଟକରେ ଆୟୋଜିତ ଇଣ୍ଡିଆନ୍ ଆଇଡଲ କାର୍ଯ୍ୟକ୍ରମରେ ମୁଁ ନିଜକୁ ଶ୍ରେଷ୍ଠ ୩୦ ଜଣ ଗାୟକଙ୍କ ମଧ୍ୟରେ ରଖିବାରେ ସମର୍ଥ ହୋଇଥିଲି। ଦିନତମାମ ଯେତେ ବ୍ୟସ୍ତ ଥିଲେ ମଧ୍ୟ ସଙ୍ଗୀତ ଅଭ୍ୟାସ କରିବାକୁ ମୁଁ କେବେ ଭୁଲି ନ ଥାଏ।' ଓଡ଼ିଆ ସଙ୍ଗୀତ ଜଗତର ବେତାଜ ବାଦଶାହା ଅକ୍ଷୟ ମହାନ୍ତି ହେଉଛନ୍ତି ତାଙ୍କର ରୋଲ୍ ମଡେଲ। ଅଭିଜିତଙ୍କ ପ୍ରଥମ ମ୍ୟୁଜିକ ଆଲବମ 'ସବୁଜାଣି ଅଜଣା' ନିକଟରେ ରିଲିଜ ହୋଇଛି। ବିଶ୍ୱଜିତ ମହାପାତ୍ରଙ୍କ ସ୍ୱର ସଂଯୋଜନାରେ ସେ ଗାଇଥିବା ଗୀତଗୁଡିକ ଶ୍ରୋତାଙ୍କୁ ବେଶ୍ ପ୍ରଭାବିତ କରିଛି।



# ଚିତ୍ରଶିଳ୍ପୀ ସୋନମ୍



ସୋନମ୍ କପୁର ଏବେ ଚିତ୍ର ଆଙ୍କିବାରେ ବ୍ୟସ୍ତ ଅଛନ୍ତି। ଶୁଟିଂ ତ ନାହିଁ। ସେପଟେ କରୋନା ପାଇଁ ବାହାରକୁ ଅଧିକାଂଶ ସମୟ ଯାଇ ହେଉନି। ତେଣୁ ଘରେ ବସି ରହିବା ଅପେକ୍ଷା ସେ ଏହି କାମରେ ମନ ଦେଇଛନ୍ତି। ଆଉ ସେପଟେ ପତ୍ନୀଙ୍କର ଏଭଳି ପ୍ରୟାସକୁ ପ୍ରଶଂସା କରିଛନ୍ତି ତାଙ୍କର ସ୍ୱାମୀ ଆନନ୍ଦ ଆହୁଜା। 'ଥରେ ଏମିତି ବସିଥିବା ବେଳେ ଚିତ୍ରଟିଏ ଆଙ୍କିବାକୁ ଇଚ୍ଛା ହେଲା। ଏ ନେଇ ଯେତେବେଳେ ମୁଁ ଆନନ୍ଦଙ୍କୁ କହିଲି ସେ ମୋର ଆଗ୍ରହ ଦେଖି କେବଳ ପ୍ରଶଂସା କରି ନ ଥିଲେ ବରଂ ମୋତେ ଚିତ୍ର ଆଙ୍କିବାକୁ ଉତ୍ସାହିତ କରିଥିଲେ। ମୁଁ ଯେତେବେଳେ ବାହାରକୁ ଯାଏ ସେତେବେଳେ ସାଙ୍ଗରେ କ୍ୟାମେରା ନେଇଥାଏ। ଯେଉଁଠି ପ୍ରାକୃତିକ ଦୃଶ୍ୟରାଜି ମୋତେ ପ୍ରଭାବିତ କଲା ତାହାର ଫଟୋ ଉଠାଇବାକୁ ପଛାଇ ନ ଥାଏ। ଏବେ ସେହି ଫଟୋଗୁଡ଼ିକୁ ଦେଖି ଚିତ୍ର ଆଙ୍କୁଛି। ମୋତେ କେତେ ଜଣ ସାଙ୍ଗ ମଧ୍ୟ ମୁଁ ଆଙ୍କିଥିବା ଚିତ୍ର ଦେଖି ସେଗୁଡିକୁ ପ୍ରଶଂସା କରିଛନ୍ତି। କୋଭିଡ୍ ଲକଅନ ଖୋଲା ହେଲେ ଏକ ପେଣ୍ଟିଂ ଏକ୍ଜିବେଶନ କରିବାକୁ ମନସ୍ଥ କରିଛି।'

# ସ୍ମରଣେ ବୁଦ୍ଧଦେବ



ଭାରତୀୟ ସମାନ୍ତରାଳ ସିନେମା ନିର୍ମାତା ଓ ନିର୍ଦ୍ଦେଶକ ବୁଦ୍ଧଦେବ ଦାସଗୁପ୍ତାଙ୍କ ଚଳିତ ମାସ ୧୦ ତାରିଖରେ ପରଲୋକ ହେଲା। ମାତ୍ର ତାଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ର ସଚେତନ ଚିତ୍ରପ୍ରେମୀଙ୍କ ନିକଟରେ ଅମର ହୋଇ ରହିବ। ସେ ଜଣେ ଭଲ ଓ ନିଷ୍ପାପର ବ୍ୟକ୍ତିତ୍ୱ ଥିଲେ। ବୁଦ୍ଧଦେବ ଦାସଗୁପ୍ତାଙ୍କ 'ବାଘ ବାହାଦୁର' ଚଳଚ୍ଚିତ୍ର ୧୯୮୯ ମସିହାରେ ଶ୍ରେଷ୍ଠ ଭାରତୀୟ ସିନେମା ଭାବରେ ପୁରସ୍କାର ହାସଲ କରିଥିଲା। ଭୁବନେଶ୍ୱର କଳିଙ୍ଗ ଷ୍ଟୁଡିଓରେ ଅଧା ଶୁଟିଂ ସେଟ୍ ମାଧ୍ୟମରେ ସେ ଏହାର ଶୁଟିଂ କରିଥିଲେ। ବିଶିଷ୍ଟ କଳା ନିର୍ଦ୍ଦେଶକ ନିଖିଲ ବରଣ ସେନଗୁପ୍ତା ଓରଫ ନିଖିଲ ଦା' ଏହାର କଳା ନିର୍ଦ୍ଦେଶନା ଦେବା ସହ ଏଥିରେ ଅଭିନୟ ମଧ୍ୟ କରିଥିଲେ। କେବଳ ସେତିକି ନୁହେଁ, ଏହାର ଉଦଘାଟନୀ ଉତ୍ସବ ଭୁବନେଶ୍ୱରସ୍ଥ କେଶରୀ ଟକିଜ୍‌ରେ ଅନୁଷ୍ଠିତ ହେବା ସହ ଚିତ୍ରଟି ଏଠାରେ ପ୍ରଦର୍ଶିତ ହୋଇଥିଲା। ଶସ୍ତା ମନୋରଞ୍ଜନର ପ୍ରଭାବ ଏବଂ ଆକ୍ରମଣ ଫଳରେ ଲୋକଙ୍କର ପରମ୍ପରା କିପରି ଦୟନୀୟ ଅବସ୍ଥା ହୋଇଛି ତାହା ଏହି ଚଳଚ୍ଚିତ୍ରରେ ଦେଖିବାକୁ ମିଳିଥିଲା। ସେହି ସମୟରେ ରାଜ୍ୟ ଚଳଚ୍ଚିତ୍ର ଉନ୍ନୟନ ନିଗମ ଏବଂ ଓଡ଼ିଶା ସିନେକ୍ରିଟିକ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଏକ ପାଞ୍ଚଦିନିଆ ଆଲୋଚନାଚକ୍ର କେଶରୀ ପ୍ରେୟାଳୟରେ ମଧ୍ୟ ଅନୁଷ୍ଠିତ ହୋଇ ଥିଲା। ଏଥିରେ ଅଂଶଗ୍ରହଣ କରି ବୁଦ୍ଧଦେବ କହିଥିଲେ ଯେ, ସମାଜରେ ସୁନ୍ଦର ରୁଚିସମ୍ପନ୍ନ ଓ ସାମାଜିକ ଚିତ୍ର ବହନ କରୁଥିବା ଆମୋଦଦାୟକ କଳାତ୍ମକ ଚଳଚ୍ଚିତ୍ର ନିର୍ମାଣ କରାଯିବା ଆବଶ୍ୟକ। ତା'ସହ ଏଗୁଡିକ କିପରି ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରଦର୍ଶିତ ହୋଇପାରିବ ସେ ନେଇ ରାଜ୍ୟ ସରକାର ପଦକ୍ଷେପ ନେବା ଦରକାର। ଭାରତବର୍ଷରେ ଏଭଳି ସିନେମା ଦେଖିବାକୁ ଦର୍ଶକଙ୍କର ଅଭାବ ନାହିଁ। ଓଡ଼ିଶାରେ ନୀରଦ ମହାପାତ୍ର, ମନମୋହନ ମହାପାତ୍ରଙ୍କ ପରି ଚିତ୍ର ନିର୍ମାତାଙ୍କୁ ଅଧିକ ପ୍ରୋତ୍ସାହନ ମିଳିବା ଦରକାର। କଳିଙ୍ଗ ଷ୍ଟୁଡିଓରେ ଶୁଟିଂ ଚାଲିଥିବା ସମୟରେ ଏଭଳି ମହାନ ବ୍ୟକ୍ତିତ୍ୱଙ୍କ ସଂସ୍ପର୍ଶରେ ଆସିବାରେ ସୁଯୋଗ ମୋତେ ମିଳିଥିଲା। ତାଙ୍କର ପ୍ରତିଟି କଥାରେ ସତେଯେମିତି ଦିଗଦର୍ଶନ ଭରି ରହିଥାଏ। ତାଙ୍କର ଚିନ୍ତାଧାରା, କୌଣସି କାହାଣୀକୁ ଉପସ୍ଥାପନା କରିବାର ନିଖୁଣ କୌଶଳ ଅନ୍ୟମାନଙ୍କଠାରୁ କେତେ ଭିନ୍ନ ତାହା କହିବା ବାହୁଲ୍ୟ। କୌଣସି ବିଷୟ ନେଇ ଯଦି କିଏ ତାଙ୍କୁ କିଛି ପରାମର୍ଶ ଦିଅନ୍ତି ସେ ତାହାକୁ ଥଣ୍ଡା ମିଜାସରେ ବିଚାର କରନ୍ତି। ନିଖିଲ ଦା'ଙ୍କ ସହ ତାଙ୍କର ବିଚାର ବିମର୍ଶ ପରେ ସେ ତାଙ୍କୁ ଏ ନେଇ ବେଶ୍ ପ୍ରଶଂସା କରିଥାଆନ୍ତି।

ନିର୍ଦ୍ଦେଶକ ବୁଦ୍ଧଦେବ ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ଜଣେ ସଫଳ ବ୍ୟକ୍ତିତ୍ୱ। ତାଙ୍କ ନିର୍ଦ୍ଦେଶିତ ପ୍ରମୁଖ ଚଳଚ୍ଚିତ୍ରଗୁଡିକ ମଧ୍ୟରେ 'ଚାରାଚାର', 'ଲାଲ୍ ଦରଜା', 'ମନ୍ଦ ମେଁ', 'କାଳପୁରୁଷ', 'ଦୂରତ୍ୱ', 'ଉତ୍ତର', 'ସ୍ୱପ୍ନର ଦିନ' ଅନ୍ୟତମ। ଭଲ ସିନେମା ନିର୍ମାତା ଇହଧାମରୁ ଗଲେ ମଧ୍ୟ ତାଙ୍କର ସୃଜନଶୀଳତାର ପ୍ରତିଛବି ପ୍ରତି ସମୟରେ ଦୃଷ୍ଟିଗୋଚର ହୋଇ ଠିକ୍ ମାର୍ଗଦର୍ଶନର ଖୋରାକ ଯୋଗାଇଥାଏ।

**–ଦିଲୀପ ହାଲି,** ବଡ଼ଗଡ଼, ଭୁବନେଶ୍ୱର,ମୋ: ୯୮୬୧୦୦୯୨୫୨



ଅନନ୍ୟା

# ସୋସିଆଲ ମିଡିଆରେ ମନ

ନବାଗତା ଅନନ୍ୟା ପାଣ୍ଡେ ଏବେ ନିଜକୁ ସୋସିଆଲ ମିଡିଆରେ ନିୟୋଜିତ ରଖିଛନ୍ତି। ନିଜର ପୁରୁଣା ଫଟୋ ଏବଂ ନୂଆ ଶୁଟ୍ ହୋଇଥିବା ଫଟୋ ସେ ନିଜ ସୋସିଆଲ ମିଡିଆରେ ଅପଲୋଡ୍ କରୁଛନ୍ତି। ଏହା ସହ ନିଜର ପେଟ୍ ଡଗି ସହ ଖେଳୁଛନ୍ତି। ବିଶେଷଭାବରେ ପେଟ୍ ଡଗି ସହ ତାଙ୍କର ଫଟୋ ଏବେ ବେଶି ଭାଇରାଲ ହୋଇଛି। ଏ ନେଇ ଅନନ୍ୟା କହନ୍ତି, 'ମୋ ପେଟ୍ ଡଗି ହେଉଛି ମୋ ଜୀବନ। ଯେତେ ବ୍ୟସ୍ତ ରହିଲେ ମଧ୍ୟ ମୁଁ ତାହା ସହ କିଛି ସମୟ ଖେଳେ। ଏପରି କି ଶୁଟିଂରୁ ଲେଟ୍ ନାଇଟ୍‌ରେ ଫେରିବା ପରେ ତା' ପାଖକୁ ଯାଇ କଥା ହୁଏ। ଏସବୁ ବ୍ୟତୀତ ଆଉ ଏକ କଥା ପ୍ରତି ଗୁରୁତ୍ୱ ଦେଉଛି। ତାହା ହେଲା ମୋ ଫିଟ୍‌ନେସ୍। ପ୍ରତିଦିନ ସକାଳେ ଏବଂ ସନ୍ଧ୍ୟାରେ ଏକ୍ସରସାଇଜ କରୁଛି। ଏବେ ତ ଶୁଟିଂ ନାହିଁ। ତେଣୁ ପରିବାର ସଦସ୍ୟଙ୍କ ସହ ସମୟ କିପରି କଟିଯାଉଛି ତାହା ଜଣାପଡୁନାହିଁ।'

# ଲଗାନ୍: କିଛି କଥା

**୨୦୦୧ ମସିହା ଜୁନ୍ ୧୫ରେ ରିଲିଜ ହୋଇଥିଲା ଆମୀର ଖାଁଙ୍କ ଅଭିନୀତ ତଥା ଆଶୁତୋଷ ଗୋୱାରିକରଙ୍କ ନିର୍ଦ୍ଦେଶିତ ସୁପରହିଟ୍ ଫିଲ୍ମ 'ଲଗାନ୍'। ନିକଟରେ ଏହି ସିନେମା ବଲିଉଡ୍‌ରେ ୨୦ବର୍ଷ ପୂରଣ କରିଛି। ଉକ୍ତ ଚଳଚ୍ଚିତ୍ର ବିଷୟରେ କେତୋଟି ରୋଚକ କଥା...**

➔ସ୍ପୋର୍ଟସ ଇପିକ୍ 'ଲଗାନ୍'ର ଶୁଟିଂ ସମୟରେ କେବଳ ୟୁନିଟ୍‌ର ସଦସ୍ୟ ନୁହନ୍ତି କଳାକାରମାନଙ୍କୁ ସମୟାନୁବର୍ତ୍ତୀ କରାଇବାରେ ସଫଳ ହୋଇଥିଲେ ପ୍ରଯୋଜକ-କମ୍-ଅଭିନେତା ଆମୀର। ପ୍ରତିଦିନ ଭୋର ୪.୩୦ରେ ସମସ୍ତଙ୍କୁ ସବୁ କାମ ଶେଷ କରି ହୋଟେଲ ଛାଡିବାକୁ ପଡୁଥିଲା। ଠିକ୍ ପାଞ୍ଚଟା ବେଳେ ସମସ୍ତେ ଶୁଟିଂ ସେଟ୍‌ରେ ପହଞ୍ଚି ଯାଉଥିଲେ।

➔ଏହି ଫିଲ୍ମରୁ ଆମୀର ପ୍ରଥମ ଥର ପାଇଁ ପ୍ରଯୋଜକ ସାଜିଥିଲେ। ହୋମ୍ ବ୍ୟାନର ଆମୀର ଖାଁ ପ୍ରଡକ୍ସନରେ ଉକ୍ତ ସିନେମା ନିର୍ମିତ ହୋଇଥିଲା, ଯାହାର ବଜେଟ୍ ଥିଲା ୨୫ କୋଟି ଏବଂ ବକ୍ସ ଅଫିସରେ ଫିଲ୍ମଟି ପ୍ରାୟ ୬୫ କୋଟି ଆୟ କରିଥିଲା।

➔୨୨୪ ମିନିଟ୍ ସମୟ ଅବଧିବିଶିଷ୍ଟ 'ଲଗାନ୍'ର କଳାକାର ଚୟନ ପାଇଁ ଅଡିସନ ବମ୍ବେସ୍ଥିତ ଆମୀରଙ୍କ ଘରେ ଆୟୋଜିତ ହୋଇଥିଲା।

➔ଏହି ଫିଲ୍ମରେ ଅଭିନୟ କରିଥିବା ବ୍ରିଟିଶ କଳାକାର ରାଚେଲ ସେଲି ଏବଂ ପଲ୍ ବ୍ଲାକ୍‌ଥ୍ରୋନ୍ ଯେମିତି ଭଲ ଭାବରେ ହିନ୍ଦୀ ସଂଳାପ କହି ପାରିବେ ସେଥିପାଇଁ ଜଣେ ହିନ୍ଦୀ ଟ୍ୟୁଟରଙ୍କ ଅଧୀନରେ ସେମାନେ ଛଅ ମାସ ଟ୍ରେନିଂ ନେଇଥିଲେ।



ଆମୀର

➔ ଏଥିରେ 'ବାଘା' ଭୂମିକାରେ ଅଭିନୟ କରିଥିବା ଆମୀନ ହାଜି ନିଜର ଅଭିନୟ ବଳରେ ଦର୍ଶକଙ୍କୁ ଏତେ ପ୍ରଭାବିତ କରିଥିଲେ ଯେ ବାହାରେ ତାଙ୍କୁ ପ୍ରଶଂସକମାନେ 'ବାଘା' ବୋଲି ସମ୍ବୋଧନ କରୁଥିଲେ।

➔ଏହି ଫିଲ୍ମରେ ସଂଯୋଜିତ 'ଚଲୋ ଚଲୋରେ' ଗୀତର ଶୁଟିଂ ସମୟରେ ତାପମାତ୍ର ଥିଲା ୫୦ ଡିଗ୍ରୀ। କଳାକାରମାନଙ୍କ ଶରୀରରୁ ଯେମିତି ନ୍ୟାଚୁରାଲ ଭାବରେ ଝାଳ ବୋହିବ ସେଥିପାଇଁ ଆମୀର ସେହି ସମୟରେ କୌଣସି ଛତାର ବ୍ୟବସ୍ଥା କରି ନ ଥିଲେ।

➔ଉକ୍ତ ସିନେମାର 'ଦେବା' ଚରିତ୍ର ପାଇଁ ପ୍ରଥମେ ମୁକେଶ ଋଷିଙ୍କୁ ଯୋଗାଯୋଗ କରାଯାଇଥିଲା। କିନ୍ତୁ ଡେଟ୍ ନ ଥିବାରୁ ସେ ମନା କରିଦେଇଥିଲେ। ଶେଷରେ ଏହି ଭୂମିକା ପାଇଁ ପ୍ରଦୀପ ସିଂଙ୍କୁ ସାଇନ୍ କରାଯାଇଥିଲା।

➔'ମଦର ଇଣ୍ଡିଆ' (୧୯୫୭), 'ସଲାମ ବମ୍ବେ' (୧୯୮୮) ପରେ ଲଗାନ୍ (୨୦୦୧) ଥିଲା ତୃତୀୟ ହିନ୍ଦୀ ସିନେମା ଯାହାକୁ ସମ୍ମାନଜନକ ଓସ୍କାର ପୁରସ୍କାର ଶର୍ଟ ଲିଷ୍ଟରେ ସାମିଲ କରାଯାଇଥିଲା।



# ଜ୍ୟାକ୍‌ଲିନ୍ ଯାହା ଖୋଜୁଥିଲେ

କଥାରେ ଅଛି– ଏମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି, ଯେଉଁଭଳି ଘରଟିଏ ସେ ଖୋଜୁଥିଲେ ତାହା ତାଙ୍କୁ କେମିତି ସହଜରେ ମିଳିଗଲା। କଥା କ'ଣ କି ଶ୍ରୀଲଙ୍କା ସୁନ୍ଦରୀ ଜ୍ୟାକ୍‌ଲିନ୍ ଫର୍ନାଡିସ ବମ୍ବେର ଜୁହୁ ଏରିଆରେ ଏକ ସୁନ୍ଦର ଆପାର୍ଟମେଣ୍ଟ ଖୋଜୁଥିଲେ। ପୁଣି ଏମିତି ଯେ, ଝରକା ଖୋଲିବା ମାତ୍ରେ ଆରବ ସାଗରର ମନୋଲୋଭା ଦୃଶ୍ୟ ଯେମିତି ସେ ଦେଖିପାରିବେ। ଯାହାହେଉ ଶେଷରେ ତାହା ପୂରଣ ହୋଇଛି। ଜୁହୁ ଅଞ୍ଚଳରେ ସେ ନିକଟରେ ଏକ ଦାମୀ ଆପାର୍ଟମେଣ୍ଟ କିଣିଛନ୍ତି। ଏବେ ତାହାର ଇଣ୍ଟେରିୟର କାମ ଚାଲୁ ରହିଛି। ଫ୍ରାନ୍ସର ଏକ ନାମୀ ଇଣ୍ଟରେିୟର କାମ କରୁଥିବା ସଂସ୍ଥାକୁ ଏହି ଦାୟିତ୍ୱ ଦିଆଯାଇଛି। ଏ ସମ୍ପର୍କରେ ଜ୍ୟାକ୍‌ଲିନ୍ କହନ୍ତି, 'ମନ ପସନ୍ଦର ଘରଟିଏ ମିଳିଯାଇଛି। ଇଣ୍ଟେରିୟର କାମ ଆଉ ଅଳ୍ପ ବାକି ଅଛି। ଏବେ ତ କରୋନା ଭୟ ରହିଛି। ଏହା ଆଉ ଟିକେ ଦୂର ହେଲେ ଶୁଭ ଦିନ ଦେଖି ଗୃହ ପ୍ରବେଶ କରିବି।' ତେବେ ଜ୍ୟାକ୍‌ଲିନ୍‌ଙ୍କ ପାଇଁ ଏହି ଶୁଭ ଦିନ କେବେ ଆସୁଛି ତାହା ଦେଖିବାକୁ ବାକି ରହିଲା।

# ମିରାନଚୁକ୍‌ଙ୍କ ଗୋଲରେ ଜିତିଲା ରୁଷିଆ

**ସେଣ୍ଟ ପିଟର୍ସବର୍ଗ, ୧୬।୬**

ଆଲେକ୍ସି ମିରାନଚୁକ୍‌ଙ୍କ ଗୋଲ ବଳରେ ରୁଷିଆ ଚଳିତ ୟୁରୋ ଫୁଟବଲ ଚାମ୍ପିୟନଶିପ୍‌ରେ ବିଜୟ ସ୍ୱାଦ ଚାଖିଛି। ବୁଧବାର ଅନୁଷ୍ଠିତ ମ୍ୟାଚରେ ରୁଷିଆ ୧-୦ ଗୋଲରେ ଫିନ୍‌ଲାଣ୍ଡକୁ ପରାସ୍ତ କରିଛି। ମ୍ୟାଚର ୪୫+୨ମିନିଟରେ ରୁଷିଆ ପକ୍ଷରୁ ମିରାନଚୁକ୍ ଏକମାତ୍ର ଗୋଲଟି ସ୍କୋର କରିଥିଲେ। ଗ୍ରୁପ୍ 'ବି'ରେ ୨ ମ୍ୟାଚରୁ ରୁଷିଆର ଏହା ପ୍ରଥମ ବିଜୟ। ପୂର୍ବ ମ୍ୟାଚରେ ଦଳ ୦-୩ ଗୋଲରେ ବେଲଜିୟମଠାରୁ ପରାଜିତ ହୋଇଥିଲା। ରୁଷିଆ ଏହାର ଶେଷ ଲିଗ୍ ମ୍ୟାଚରେ ଡେନ୍‌ମାର୍କକୁ ୨୧ ତାରିଖରେ ଭେଟିବ। ସେହିଦିନ ଫିନ୍‌ଲାଣ୍ଡ ଓ ବେଲଜିୟମ ମଧ୍ୟରେ ମୁକାବିଲା ହେବ। ପୂର୍ବ ମ୍ୟାଚରେ ଡେନ୍‌ମାର୍କକୁ ୧-୦ ଗୋଲରେ ହରାଇଥିବାରୁ ଫିନ୍‌ଲାଣ୍ଡ ମଧ୍ୟ ରୁଷିଆ ସମକକ୍ଷ ୩ ପଏଣ୍ଟ ପାଇଛି।

**ୟୁରୋକପ୍ ଫୁଟ୍‌ବଲ**



ଆଲେକ୍ସି ମିରାନଚୁକ୍

## ଆତ୍ମଘାତୀ ଗୋଲରେ ହାରିଲା ଜର୍ମାନୀ

ମ୍ୟୁନିକ୍: ୟୁରୋକପ୍ ଫୁଟ୍‌ବଲରେ ବିଶ୍ୱ ଚାମ୍ପିୟନ ଫ୍ରାନ୍ସ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଫ୍ରାନ୍ସ ତା'ର ପ୍ରଥମ ମ୍ୟାଚ୍‌ରେ ଶକ୍ତିଶାଳୀ ଜର୍ମାନୀକୁ ୧-୦ ଗୋଲରେ ପରାସ୍ତ କରିଛି। ତେବେ ଏକ ଆତ୍ମଘାତୀ ଗୋଲ କାରଣରୁ ଜର୍ମାନୀ ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ପରାସ୍ତ ହୋଇଛି। ଅଭିଜ୍ଞ ଡିଫେଣ୍ଡର ମ୍ୟାଟ୍ସ ହୁମେଲ୍ସ ଦୀର୍ଘ ଦିନ ପରେ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ ମଧ୍ୟ ତାଙ୍କର ଏହି ଆତ୍ମଘାତୀ ଗୋଲ ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଜର୍ମାନୀ କୋଚ୍ ଜୋଆଚିମ ଲୋ ହୁମେଲ୍ସଙ୍କ ପ୍ରତିଭା ଓ ନେତୃତ୍ୱର କଳାରେ ପ୍ରଭାବିତ ହୋଇ ତାଙ୍କୁ ଦଳରେ ସାମିଲ କରିଥିଲେ। ୟୁରୋପର ଦୁଇ ଫୁଟ୍‌ବଲ ମହାଶକ୍ତି ମଧ୍ୟରେ ଏହି ମୁକାବିଲା ଥିଲା ବୋଲି ଫ୍ରାନ୍ସ କୋଚ୍ ଡିଡିଏର ଡେସଚାମ୍ପ୍ସ କହିଛନ୍ତି। ୧୪,୦୦୦ ଦର୍ଶକଙ୍କ ଉପସ୍ଥିତିରେ ଏହି ମ୍ୟାଚ୍ ଖେଳାଯାଇଥିଲା।

ମ୍ୟାଚ୍‌ର ୨୦ତମ ମିନିଟ୍‌ରେ ଫ୍ରାନ୍ସ ସେଣ୍ଟର ବ୍ୟାକ୍ ଲୁକାସ ହେର୍ନାଣ୍ଡିଜଙ୍କ ଏକ ଶଟ୍‌କୁ ଫ୍ରାନ୍ସ ଫରୱାର୍ଡ କିଲିଆନ ଏମ୍‌ବାପ୍ପେଙ୍କ ପାଖକୁ ଯିବା ପୂର୍ବରୁ ହୁମେଲ୍ସ ରୋକିବାକୁ ପ୍ରୟାସ କରିଥିଲେ। ତେବେ ବଲ୍ ସିଧା ଜର୍ମାନୀର ନେଟ୍‌କୁ ଯାଇଥିଲା। ଏହା ନିଶ୍ଚିତ ଭାବେ ଦୁର୍ଭାଗ୍ୟଜନକ ଥିଲା। ତେବେ ଏଥିପାଇଁ ହୁମେଲ୍ସଙ୍କୁ ଦାୟୀ କରାଯିବା ଠିକ୍ ନୁହେଁ ବୋଲି ଲୋ କହିଛନ୍ତି। ବଲ୍ ଦ୍ରୁତଗତିରେ ଆସିଥିଲା ଓ ନିୟନ୍ତ୍ରଣ ବାହାରେ ଥିଲା। ତେଣୁ ଏଥିପାଇଁ କାହାକୁ ଦାୟୀ କରାଯିବା ଉଚିତ ନୁହେଁ ବୋଲି ସେ କହିଛନ୍ତି। ଏହି ବିଜୟ ସହ ଫ୍ରାନ୍ସ ୩ ପଏଣ୍ଟ ପାଇ ପର୍ତ୍ତୁଗାଲ ପଛକୁ ରହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। କିନ୍ତୁ ବଲ୍ ପଜେଶନ, ପାସ ଓ ପାସ୍ ଆକ୍ୟୁରେସିରେ ଜର୍ମାନୀ ଫ୍ରାନ୍ସଠାରୁ ଯଥେଷ୍ଟ ଆଗରେ ଥିଲା। ଉଭୟ ଦଳ ଏକାଧିକ ସୁଯୋଗ ହାସଲ କରିଥିଲେ। ଜର୍ମାନୀ ଅଧିକ ସୁଯୋଗ ହାତଛଡ଼ା କରିଥିଲା। ଜର୍ମାନୀର ଇଲକେ ଗୁଣ୍ଡୋଗାଁ ପ୍ରଥମାର୍ଦ୍ଧରେ ଏକ ନିଶ୍ଚିତ ଗୋଲ ସୁଯୋଗ ହାସଲ କରିଥିଲେ। ତେବେ ଏହା ପୋଷ୍ଟରେ ପହଞ୍ଚିପାରି ନ ଥିଲା। ସେହିପରି ଏମ୍‌ବାପ୍ପେ ଇ କରିମ୍ ବେଞ୍ଜାମା ମଧ୍ୟ ଗୋଲ କରିବାର ସମ୍ଭାବନା ସୃଷ୍ଟି କରିଥିଲେ ମଧ୍ୟ ଏଥିରେ ବିଫଳ ହୋଇଥିଲେ। ୨୦୧୪ ଫିଫା ବିଶ୍ୱକପ୍‌ରେ ଜର୍ମାନୀଠାରୁ କ୍ୱାର୍ଟର ଫାଇନାଲରେ ହାରିବା ପରେ ବେଞ୍ଜାମା ଫ୍ରାନ୍ସ ପାଇଁ ପ୍ରଥମ କମ୍ପିଟିଟିଭ ମ୍ୟାଚ୍ ଖେଳିଥିଲେ।

ୟୁରୋକପ୍‌ରେ ପୂର୍ବରୁ ଜର୍ମାନୀ କେବେ ବି ଗ୍ରୁପ୍ ପର୍ଯ୍ୟାୟରେ ପ୍ରଥମ ମ୍ୟାଚ୍‌ରେ ପରାସ୍ତ ହୋଇ ନ ଥିଲା। ଏହାପୂର୍ବରୁ ଅନ୍ତିମ ଅଭ୍ୟାସ ମ୍ୟାଚ୍‌ରେ ଜର୍ମାନୀ ୭-୧ ଗୋଲରେ ଲାଟଭିଆକୁ ପରାସ୍ତ କରିଥିଲା। ତେବେ ଜର୍ମାନୀ ଏହି ସଫଳତାକୁ ଫ୍ରାନ୍ସ ବିପକ୍ଷରେ ଦୋହରାଇପାରି ନ ଥିଲା।

## ରୋନାଲ୍ଡୋଙ୍କ ରେକର୍ଡ

**ବୁଦାପେଷ୍ଟ, ୧୬।୬:** ଅଧିନାୟକ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ଡବଲ୍ ଗୋଲ ବଳରେ ପର୍ତ୍ତୁଗାଲ ୟୁରୋକପ୍‌ରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ ୩-୦ ଗୋଲ ବୃହତ୍ ବ୍ୟବଧାନରେ ହଙ୍ଗେରୀକୁ ହରାଇଛି। ରୋନାଲ୍ଡୋ ଏହି ମ୍ୟାଚ୍‌ରେ ଦୁଇଟି ଗୋଲ ସ୍କୋର କରିଥିଲେ। ସେ ୮୭ତମ ମିନିଟ୍‌ରେ ପେନାଲ୍ଟି ଜରିଆରେ ଗୋଲ ଦେବା ପରେ ଇଞ୍ଜୁରି ଟାଇମର ଦ୍ୱିତୀୟ ମିନିଟ୍‌ରେ ଏକ ଚମତ୍କାର ଫିଲ୍ଡ ଗୋଲ ପ୍ରଦାନ କରିଥିଲେ। ତେବେ ଏହାପୂର୍ବରୁ ୮୪ତମ ମିନିଟ୍‌ରେ ରାଫାଏ ଗୁଏରେଇରୋ ପ୍ରଥମ ଗୋଲ ଦେଇ ଡିଫେଣ୍ଡିଂ ଚାମ୍ପିୟନ ପର୍ତ୍ତୁଗାଲକୁ ଅଗ୍ରଣୀ କରାଇଥିଲେ। ମ୍ୟାଚ୍‌ରେ ପର୍ତ୍ତୁଗାଲ ସମ୍ପୂର୍ଣ୍ଣରୂପେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଟୁର୍ନାମେଣ୍ଟର ପଞ୍ଚମ ଦିବସରେ ପୂରା ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯାଇଥିଲା। ପୁସ୍କାସ ଏରେନାରେ ୬୭,୨୧୫ ଦର୍ଶକ ଉପସ୍ଥିତ ଥିଲେ ଓ ଏମାନଙ୍କ ମଧ୍ୟରେ ଅଧିକାଂଶ ପ୍ରଶଂସକ ହଙ୍ଗେରୀର ଥିଲେ। ୧୦ଟି ଦେଶ ମଧ୍ୟରୁ ହଙ୍ଗେରୀ ଏକମାତ୍ର ଦେଶ ଯେଉଁଠି ପୂରା ଷ୍ଟାଡିୟମରେ ମ୍ୟାଚ୍ ଆୟୋଜନ ହେଉଛି। ପୂରା ଷ୍ଟାଡିୟମରେ ରୋନାଲ୍ଡୋଙ୍କ ପ୍ରଦର୍ଶନ ଐତିହାସିକ ଥିଲା। ୟୁରୋପିଆନ ଚାମ୍ପିୟନଶିପ୍‌ରେ ରୋନାଲ୍ଡୋ ସର୍ବାଧିକ କ୍ୟାରିୟର ଗୋଲ ସ୍କୋର କରି ରେକର୍ଡ କରିଛନ୍ତି। ଜୁଭେଣ୍ଟସର ଏହି ଫରୱାର୍ଡ ୨୦୦୪ ପରଠାରୁ ପଞ୍ଚମ ୟୁରୋପିଆନ ଚାମ୍ପିୟନଶିପ୍ ଖେଳୁଛନ୍ତି। ମାଇକେଲ ପ୍ଲାଟିନି ଓ ରୋନାଲ୍ଡୋ ସମାନ ୯ଟି ଗୋଲ କରି ଏହି ଟୁର୍ନାମେଣ୍ଟରେ ପ୍ରବେଶ କରିଥିଲେ। ଏବେ ରୋନାଲ୍ଡୋ ୧୧ ଗୋଲ ସ୍କୋର କରି ଆଗରେ ରହିଛନ୍ତି। ୩୬ ବର୍ଷୀୟ ରୋନାଲ୍ଡୋ ଏକମାତ୍ର ଖେଳାଳି ଭାବେ କ୍ରମାଗତ ୫ଟି ୟୁରୋ କପ୍‌ରେ ଗୋଲ ସ୍କୋର କରିବାର ଗୌରବ ଅର୍ଜନ କରିଛନ୍ତି।



# ଆଂଶିକା, ପ୍ରିୟାଂଶ ଚାମ୍ପିୟନ

**ଭୁବନେଶ୍ୱର, ୧୬।୬(କ୍ରୀଡ଼ା ପ୍ରତିନିଧି)**

**ରାଜ୍ୟ ୧୨ ବର୍ଷରୁ କମ୍ ଅନ୍‌ଲାଇନ୍ ଚେସ୍**

ରାଜ୍ୟ ୧୨ ବର୍ଷରୁ କମ୍ ଅନ୍‌ଲାଇନ୍ ଚେସ୍ ଅନୁଷ୍ଠିତ ହୋଇଯାଇଛି। ଏହାର ବାଳିକା ବର୍ଗରେ ଖୋର୍ଦ୍ଧାର ଆଂଶିକା ପାଣ୍ଡେ ଚାମ୍ପିୟନ ଏବଂ ଆରୁଶି ଶ୍ରୀଚନ୍ଦନ ରନର୍ସଅପ୍ ହୋଇଛନ୍ତି। ସେହିପରି ଓପନ ବର୍ଗରେ ଯାଜପୁରର ପ୍ରିୟାଂଶ ଦାସ ଚାମ୍ପିୟନ ଏବଂ କଟକର ପ୍ରତ୍ୟୁଷ ନାୟକ ରନର୍ସଅପ୍ ହୋଇଛନ୍ତି। ବାଳିକା ବର୍ଗର ୫ ରାଉଣ୍ଡ ବିଶିଷ୍ଟ ଟୁର୍ନାମେଣ୍ଟରେ ଆଂଶିକା ୪.୫ ଏବଂ ଆରୁଶି ୪ ପଏଣ୍ଟ ପାଇ ପ୍ରଥମ ଦୁଇସ୍ଥାନ ଅଧିକାର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୃଷ୍ଟି ପ୍ରଧାନ, ସାଇ ସମ୍ପ୍ରଦା ମହାନ୍ତି (ଉଭୟେ ୪ ପଏଣ୍ଟ), ପ୍ରତ୍ୟାଶା ଜେନା, ଈଶାନି ଦାସ (ଉଭୟେ ୩.୫), ସନ୍ଦିପା ପ୍ରିୟଦର୍ଶିନୀ ସାହୁ, ଶ୍ରଦ୍ଧା ସ୍ମରଣିକା ନନ୍ଦ, ଜୟଲକ୍ଷ୍ମୀ ସାହୁ ଓ ଜୟଶ୍ରୀ ବାରିକ (ସମସ୍ତେ ୩ ପଏଣ୍ଟ) ଟପ୍-୧୦ ଫିନିଶ୍ କରିଥିଲେ। ସେହିପରି ୭ ରାଉଣ୍ଡ ବିଶିଷ୍ଟ ବାଳକ ବର୍ଗରେ ପ୍ରିୟାଂଶ ଓ ପ୍ରତ୍ୟୁଷ ୬ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ହୋଇଥିଲେ। ଜ୍ୟୋତିସ୍ମାନ ତାଲୁକଦାର, ବିକାଶ କୁମାର ଲେଙ୍କା, ଶ୍ରୀହନ ସାବତ, ବିଶ୍ୱପ୍ରୀତ ରାୟ(ସମସ୍ତେ ୫.୫), ଶ୍ରୀୟାଂଶ ଦାସ, ତ୍ରିଦେବ ତୀର୍ଥଙ୍କର, ଶ୍ରୀୟାଂଶ ଦେ (ସମସ୍ତେ ୫) ଏବଂ ତନ୍ମୟ ତଲିନ ବେହେରା (୪.୫) ଟପ୍-୧୦ରେ ରହିଥିଲେ।




ଆଂଶିକା ପାଣ୍ଡେ ଓ ପ୍ରିୟାଂଶ ଦାସ।

# ଓସିଏ ଆପେକ୍ସ କାଉନସିଲର ଭର୍ଚୁଆଲ ବୈଠକ

**ଭୁବନେଶ୍ୱର, ୧୬।୬(ସ୍ପୋର୍ଟ୍ସ ବ୍ୟୁରୋ)**

ଅଧ୍ୟକ୍ଷ ପଙ୍କଜ ଲୋଚନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ବୁଧବାର ସନ୍ଧ୍ୟାରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆପେକ୍ସ କାଉନସିଲ୍‌ର ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଛି। ବୈଠକ ଆରମ୍ଭରେ ଦିବଂଗତ ପୂର୍ବତନ କ୍ରିକେଟର ତଥା ସିନିୟର ଚୟନ କମିଟି ସଦସ୍ୟ ରବି ନାରାୟଣ ପଣ୍ଡା ଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମ୍ୟାଚ୍ ରେଫରି ପ୍ରଶାନ୍ତ ମହାପାତ୍ରଙ୍କୁ ସମ୍ମାନ ଜଣାଇ ଗୋଟିଏ ମିନିଟର ନିରବ ପ୍ରାର୍ଥନା କରାଯାଇଥିଲା। କୋଭିଡ୍-୧୯ ଦ୍ୱାରା ସଂକ୍ରମିତ ହୋଇ ଏହି ଦୁଇ ପୂର୍ବତନ କ୍ରିକେଟର ପ୍ରାଣ ହରାଇଥିଲେ।

ଏଥିସହ ରାଜ୍ୟ ସରକାର ଓ ବିସିସିଆଇ ଗାଇଡ ଲାଇନ ଅନୁସାରେ କ୍ରିକେଟ ଆରମ୍ଭ କରିବା ନେଇ ମଧ୍ୟ ଏହି ବୈଠକରେ ଆଲୋଚନା ହୋଇଥିଲା। ପଞ୍ଜିକୃତ ଖେଳାଳି ଓ ଅଫିସିଆଲଙ୍କ ପାଇଁ ଏକ ଟୀକାକରଣ ଅଭିଯାନ ଆରମ୍ଭ କରିବା ନେଇ ଏକ ଯୋଜନା ପ୍ରସ୍ତୁତ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। କ୍ରିକେଟର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ବାରବାଟୀ ଷ୍ଟାଡିୟମରେ ଟୀକାକରଣ କେନ୍ଦ୍ର ଆୟୋଜନ କରିବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ଓସିଏ ୱେବ୍‌ସାଇଟ୍ (www.odish-acricket.in)ଲଞ୍ଚ କରାଯାଇଛି। ସୋସିଆଲମିଡିଆରେ ମଧ୍ୟ ଓସିଏର ସୂଚନା ଉପଲବ୍ଧ ହୋଇପାରିବ। ଟୁଇଟର- @cricket odi-sha, ଇନଷ୍ଟାଗ୍ରାମ- @ cricketodisha, ଫେସବୁକ- @odishacrick-etassociation।

ଏହି ବୈଠକରେ ପଙ୍କଜ ଲୋଚନ ମହାନ୍ତିଙ୍କ ସମେତ ଓସିଏ ଉପ- ସଭାପତି ଅକ୍ଷୟ କୁମାର ସାମନ୍ତ, ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ମେହତାବ ଖାଁ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନସିଲ ସଦସ୍ୟ ସୁଭାଶିଷ ସେନାପତି, ଦୀପକ ରଘୁ, ମେମ୍ବର ଅଫ୍ ପ୍ଲେୟାର୍ସ ଆସୋସିଏଶନ ଅବକାଶ ଖଟୁଆ, ରଶ୍ମିତା ମହାନ୍ତି, ସୁବ୍ରତ କୁବାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଭର୍ଚୁଆଲ ବୈଠକରେ ଯୋଗ ଦେଇଥିବା ଅଧିକାରୀମାନେ।

# ରୋନାଲ୍ଡୋଙ୍କ ପାଇଁ କୋକା କୋଲାର ବଡ଼ କ୍ଷତି

**ବୁଦାପେଷ୍ଟ, ୧୬।୬ (ପି.ଟି.)**

ୟୁରୋକପ୍‌ରେ ପର୍ତ୍ତୁଗାଲ ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ ହଙ୍ଗେରୀ ବିପକ୍ଷ ମ୍ୟାଚ୍ ପୂର୍ବରୁ ଏକ ଖବରଦାତା ସମ୍ମିଳନୀରେ ତାଙ୍କ ଆଗରେ ରଖାଯାଇଥିବା କୋକା କୋଲା ବୋତଲ ହଟାଇ ଦେଇଥିଲେ। ଏହା କୋକା କୋଲା କମ୍ପାନୀର ପ୍ରଭୁତ କ୍ଷତି ଘଟାଇଛି। ରୋନାଲ୍ଡୋଙ୍କ ଏହି ଆଚରଣ ଦ୍ୱାରା କମ୍ପାନୀ ୪ ବିଲିୟନ ଅମେରିକୀୟ ଡଲାର ଅର୍ଥାତ ୨୯.୩୪ ହଜାର କୋଟି ଟଙ୍କାର କ୍ଷତି ସହିଛି। ଏହି ଘଟଣା ପରେ ଶେୟାର ବଜାରେ କମ୍ପାନୀର ଶେୟାର ପ୍ରାଇସ୍ ୫୬.୧୦ ଡଲାରରୁ ୧.୬ ପ୍ରତିଶତ ଅବନତି ହୋଇ ୫୫.୨୨ ଡଲାରରେ ପହଞ୍ଚିଛି। ଏହାଦ୍ୱାରା କମ୍ପାନୀର ମାର୍କେଟ ଭେଲ୍ୟୁ ୨୪୨ରୁ କମି ୨୩୮ ଡଲାରରେ ପହଞ୍ଚିଛି। ଉଲ୍ଲେଖଥାଉ କି, କୋକା କୋଲା ୟୁରୋପର ୧୧ଟି ଦେଶରେ ଖେଳାଯାଉଥିବା ୟୁରୋକପ୍‌ର ଅଫିସିଆଲ ସ୍ପୋନ୍ସର ରହିଛି। ଏ ସଂପର୍କିତ ଏକ ଭିଡିଓ ମଧ୍ୟ ଭାଇରାଲ ହୋଇଛି। କୋକା କୋଲା ବୋତଲ ବଦଳରେ ସେ ଏକ ପାଣି ବୋତଲକୁ ଧରିଥିଲେ ଓ କୋଲ୍ଡ ଡ୍ରିଙ୍କ୍ସ ବଦଳରେ ପାଣିକୁ ବ୍ୟବହାର କରିବାକୁ ସେ କହୁଥିବା ସମ୍ମିଳନୀରେ ଲକ୍ଷ୍ୟ କରାଯାଇଥିଲା। ୩୬ ବର୍ଷୀୟ ରୋନାଲ୍ଡୋ ପୂର୍ବରୁ ମଧ୍ୟ ଏଭଳି କୋଲ୍ଡ ଡ୍ରିଙ୍କ୍ସ ପିଇବା ନେଇ ଅସହଜ ମନେ କରୁଥିବା ଏକାଧିକ ବାର କହିଛନ୍ତି। ମଙ୍ଗଳବାର ଫ୍ରାନ୍ସ ମିଡ୍ ଫିଲ୍ଡର ପଲ ପୋଗବା ମଧ୍ୟ ଏଭଳି ଘଟଣା ଘଟାଇଛନ୍ତି।

# ୱିଲିୟମସନଙ୍କୁ ହଟାଇଲେ ସ୍ମିଥ



ଷ୍ଟିଭେନ ସ୍ମିଥ

**ଦୁବାଇ, ୧୬।୬(ପି.ଟି.)**

ବୁଧବାର ପ୍ରକାଶିତ ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍ ବ୍ୟାଟ୍ସମ୍ୟାନ ତାଲିକାର ନମ୍ବର ୱାନ ସ୍ଥାନରୁ ନ୍ୟୁଜିଲାଣ୍ଡର କେନ୍ ୱିଲିୟମସନଙ୍କୁ ହଟାଇଛନ୍ତି ଅଷ୍ଟ୍ରେଲିଆର ଷ୍ଟିଭେନ ସ୍ମିଥ। ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି ୪ର୍ଥ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ସାଉଥାମ୍ପଟନଠାରେ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ଭାରତୀୟ ଦଳର ନେତୃତ୍ୱ ନେବାକୁ ଯାଉଥିବା କୋହଲିଙ୍କର ପଏଣ୍ଟ ସଂଖ୍ୟା ୮୧୪ ରହିଛି। ସ୍ମିଥ ୮୯୧ ପଏଣ୍ଟ ସହିତ ଶୀର୍ଷକୁ ଫେରିଥିବାବେଳେ ୱିଲିୟମସନ ୮୮୬ ପଏଣ୍ଟରେ ରହି ଦ୍ୱିତୀୟକୁ ଖସିଛନ୍ତି। ଅନ୍ୟତମ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ ମାର୍ନସ ଲାବୁସେନ ୮୭୮ ପଏଣ୍ଟ ପାଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଟପ୍-୧୦ରେ ସ୍ଥାନ ପାଇଥିବା ଅନ୍ୟ ଦୁଇ ଭାରତୀୟ ଖେଳାଳି ହେଲେ ରୋହିତ ଶର୍ମା ଓ ରିଷଭ ପନ୍ତ। ଏ ଦୁହେଁ ୭୪୭ ପଏଣ୍ଟ ପାଇ ଯୁଗ୍ମଭାବେ ୬ଷ୍ଠ ସ୍ଥାନ ବଜାୟ ରଖିଛନ୍ତି।

ବୋଲିଂ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ସିନିୟର ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ (୮୫୦ ପଏଣ୍ଟ) ଦ୍ୱିତୀୟ ସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି। ଅଷ୍ଟ୍ରେଲିଆନ ଫାଷ୍ଟ ବୋଲର ପ୍ୟାଟ୍ କମିନ୍ସ (୯୦୮) ଶୀର୍ଷରେ ରହିଛନ୍ତି। ଏକମାତ୍ର ଭାରତୀୟ ଭାବେ ଅଶ୍ୱିନ ଟପ୍-୧୦ରେ ରହିଛନ୍ତି।

# ଦ୍ୱିତୀୟ ସିଡ୍‌ଙ୍କୁ ହରାଇଲେ ବୋପାନ୍ନା-ଶରନ

**ହାଲେ (ଜର୍ମାନୀ), ୧୬।୬(ପି.ଟି.)**

ଭାରତର ରୋହନ ବୋପାନ୍ନା ଓ ଡିଭିଜ ଶରନ ଯୋଡ଼ି ଏଠାରେ ଚାଲିଥିବା ନୋଭେଣ୍ଟି ଓପନ ଟେନିସ ଟୁର୍ନାମେଣ୍ଟରେ ଦ୍ୱିତୀୟ ସିଡ୍ ଲୁକାଜ କୁବୋଟ ଓ ଏଡୁଆର୍ଡ ରୋଜର ଭାସେଲିନଙ୍କୁ ପରାସ୍ତ କରିଛନ୍ତି। ଫଳରେ ଭାରତୀୟ ଯୋଡ଼ି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଟୋକିଓ ଅଲିମ୍ପିକ୍ସ ଖେଳିବା ଆଶାରେ ଥିବା ବୋପାନ୍ନା-ଶରନ ଏହି ୟୁରୋ ଟୁର୍ନାମେଣ୍ଟର ଦ୍ୱିତୀୟ ରାଉଣ୍ଡରେ ପୋଲାଣ୍ଡ-ଫ୍ରେଞ୍ଚ୍ ଯୋଡ଼ିଙ୍କୁ ୭-୬(୧୧), ୬-୪ ସେଟ୍‌ରେ ପରାସ୍ତ କରିଥିଲେ। ର୍‍ୟାଙ୍କିଙ୍ଗ୍ ଅନୁସାରେ ଟୋକିଓ ଅଲିମ୍ପିକ୍ସ ପାଇଁ ଜୁନ ୧୪କୁ କଟ୍ ଅଫ୍ ଡେଟ୍‌ଭାବେ ଧରାଯାଉଛି। ଏହି ମଧ୍ୟରେ ବୋପାନ୍ନା (୩୮) ଓ ଶରନ (୭୫) ମିଳିତଭାବେ ୧୧୩ ର୍‍ୟାଙ୍କ ପଏଣ୍ଟ ପାଇଛନ୍ତି। ତେଣୁ ଅନ୍ୟ କୌଣସି ଦେଶର ପ୍ରତିଯୋଗୀ ଓହରିଲେ ଯାଇ ଭାରତୀୟ ଯୋଡ଼ିଙ୍କ ପାଇଁ ଅଲିମ୍ପିକ୍ସ ସୁଯୋଗ ସୃଷ୍ଟି ହେବ।

# ବିମଣ୍ଟ, ନାଇଟଙ୍କ ପ୍ରଭାବୀ ବ୍ୟାଟିଂ

**ବ୍ରିଷ୍ଟଲ, ୧୬।୬**

ଭାରତ ଓ ଇଂଲଣ୍ଡ ମଧ୍ୟରେ ଏକମାତ୍ର ମହିଳା କ୍ରିକେଟ ଟେଷ୍ଟ ମ୍ୟାଚ ବୁଧବାର ଆରମ୍ଭ ହୋଇଛି। ପାଖାପାଖି ୭ ବର୍ଷ ବ୍ୟବଧାନରେ ଭାରତୀୟ ମହିଳା ଏକ ଟେଷ୍ଟମ୍ୟାଚ ଖେଳିବା ସୁଯୋଗ ପାଇଛନ୍ତି। ଏଥିରେ ଭାରତର ୫ ଖେଳାଳି ଦୀପ୍ତି ଶର୍ମା, ପୂଜା ବସ୍ତ୍ରକାର, ଶେଫାଳି ବର୍ମା, ସ୍ନେହ ରାଣା ଓ ତାନିୟା ଭାଟିଆ ଟେଷ୍ଟ କ୍ୟାରିୟର ଆରମ୍ଭ କରିଛନ୍ତି। ସେହିପରି ଇଂଲଣ୍ଡ ପକ୍ଷରୁ ସୋଫିଆ ଡଙ୍କଲେ କ୍ୟାରିୟରର ପ୍ରଥମ ଟେଷ୍ଟ ଖେଳିଛନ୍ତି। ପ୍ରଥମ ଦିବସରେ ରିପୋର୍ଟ ଲେଖା ହେବାବେଳକୁ ଇଂଲଣ୍ଡ ୫ ଉଇକେଟ ହରାଇ ୨୪୪ ରନ ସଂଗ୍ରହ କରିଛି। ଓପନର ଟାମି ବିମଣ୍ଟ ଓ ଅଧିନାୟିକା ହିଥର ନାଇଟ ପ୍ରଭାବୀ ବ୍ୟାଟିଂ କରି ଇଂଲଣ୍ଡକୁ ମଜଭୁତ ସ୍ଥିତିରେ ପହଞ୍ଚାଇଛନ୍ତି। ନାଇଟ ୯୫ (୧୭୫ ବଲ, ୯ ଚୌକା)ରନ କରି ଆଉଟ ହୋଇଛନ୍ତି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଇଂଲଣ୍ଡ। ଦୁଇ ଓପନର ଲୌରେନ ୱିନ୍‌ଫିଲ୍ଡ-ହିଲ୍ ଏବଂ ଟାମି ବିମଣ୍ଟ ଓପନିଂ ଯୋଡ଼ିରେ ୧୨୪ ବଲ୍‌ରୁ ୬୯ ରନ ଯୋଗ କରି ଦଳପାଇଁ ଦୃଢ଼ ଭିତ୍ତି ପକାଇଥିଲେ। ମ୍ୟାଚର ୨୧ତମ ଓଭରର ୩ୟ ବଲ୍‌ରେ ହିଲ୍‌ଙ୍କୁ ତାନିଆ ଭାଟିଆଙ୍କ ହାତରେ କ୍ୟାଚ କରାଇ ଭାରତକୁ ପ୍ରଥମ ବ୍ରେକ୍ ଥ୍ରୁ ଦେଇଥିଲେ ପୂଜା ବସ୍ତ୍ରକାର। ହିଲ୍ ୩୫ ରନ କରିଥିଲେ। ବିମଣ୍ଟ ଆତ୍ମବିଶ୍ୱାସର ସହ ଖେଳି ଅର୍ଦ୍ଧଶତକ ପୂରଣ କରିଥିଲେ। କ୍ରିଜ୍‌ରେ ଜମିରହି ବଡ଼ ସ୍କୋର ଆଡ଼କୁ ଅଗ୍ରସର ହେଉଥିବା ବିମଣ୍ଟ କିନ୍ତୁ ୧୪୪ ବଲ୍‌ରୁ ୬୬ ରନ (୬ ଚୌକା) କରିଥିବାବେଳେ ସ୍ନେହ ରାଣାଙ୍କ ବଲ୍‌ରେ ଶେଫାଳି ବର୍ମାଙ୍କୁ ଏକ ଲୋ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ରାଣାଙ୍କ ବଲ୍‌କୁ ବିମଣ୍ଟ ଡିଫେଣ୍ଡ କରିବାକୁ ଯାଇଥିଲେ। ମାତ୍ର ବଲ୍ ଇନ୍‌ସାଇଡ୍ ଏଜ୍ ହୋଇ ପ୍ୟାଡ୍‌ରେ ବାଜି ଶର୍ଟଲେଗ୍‌କୁ ଯାଇଥିଲା। ସିଲି ମିଡ୍-ଅନ୍‌ରେ ଥିବା ଶେଫାଳି ଦ୍ରୁତ ବେଗରେ ଆଗକୁ ଆସି ଗୋଟିଏ ହାତରେ ଚମତ୍କାରଭାବେ ଲୋ କ୍ୟାଚ ନେଇଥିଲେ। ଫଳରେ ବିମଣ୍ଟଙ୍କ ଇନିଂସର ପରିସମାପ୍ତି ଘଟିଥିଲା। ନାତାଲି ସ୍କିଭର ୭୫ ବଲ୍‌ରୁ ୬ ଚୌକା ସହାୟତାରେ ୪୨ ରନ କରିଥିଲେ। ନାଇଟ ଓ ସ୍କିଭର ୩ୟ ଉଇକେଟରେ ୧୪୯ ବଲ୍‌ରୁ ୯୦ ରନର ଭାଗୀଦାରି ଗଢ଼ିଥିଲେ। ଭାରତ ପକ୍ଷରୁ ଦୀପ୍ତି ଶର୍ମା ଓ ସ୍ନେହ ରାଣା ୨ଟି ଲେଖାଏ ଏବଂ ପୂଜା ବସ୍ତ୍ରକାର ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୨୪୪/୫ (ହିଥର ନାଇଟ-୯୫, ଟାମି ବିମଣ୍ଟ-୬୬, ନାତାଲି ସ୍କିଭର-୪୨, ଲୌରେନ ୱିନଫିଲ୍ଡ ହିଲ୍-୩୫, ସ୍ନେହ ରାଣା-୨/୬୯, ଦୀପ୍ତି ଶର୍ମା-୨/୩୮, ପୂଜା ବସ୍ତ୍ରକାର-୧/୪୩)।



ଶଟ୍ ଖେଳିବା ଅବସରରେ ହିଥର ନାଇଟ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ